

# ଚଳଗାଳ ଡ଼ାକେ

'ସେବା-ସାହିତ୍ୟ-ମନ୍ଦିର''ର ଷଷ୍ଠ ଅବଦାନ :—

# ଚଳମାନ ଡାକେ

"ମିନତି", "ଅଭିଯୋଗ", "ସେବା-ସଦନ",
"ବଡ଼ଘରର ଝିଅ" ଓ "ବିପ୍ଳବ"ର
ଲେଖକ :—

ନରସିଂହ ସାହୁ

ପ୍ରକାଶକ :—

**ଶ୍ରୀମାନ୍ ବିକ୍ରମସେନ ସାହୁ ।**

ପଦ୍ମପୁର—କଟକ

**ଘଟଣା ଗୁଡ଼ିକ କାଳ୍ପନିକ**

ପ୍ରଥମ ପ୍ରକାଶ—**ସେପ୍‌ଟେମ୍ବର, ୧୯୫୨**

ଏକହଜାର

ମୂଲ୍ୟ—ଏକଟଙ୍କା ଦଶଅଣା ମାତ୍ର

ମୁଦ୍ରାକର :—

**ଶ୍ରୀ ସାଧୁଚରଣ ପଟ୍ଟନାୟକ**

**ଓରିଏଣ୍ଟ ପ୍ରେସ**

କଟକ

# ଉତ୍ସର୍ଗ

ସ୍ନେହର ଭାଇ **ଦିବାକର !**

ଏମ୍. ବି. ବି. ଏସ୍ ପାଶ୍ କରି ତମେ ଯେ ଦିନେ ଧୋବ-ଧାଉଳିଆ କଟକ ଛାଡ଼ି ଏ ନିପଟ ମଫସଲର ମାଟି କାଦୁଅ ଭିତରେ ଆସି ଘାଣ୍ଟି ହେବ, ସ୍ୱା' କିଏ ଭାବିଥିଲା ? ଡାକ୍ତରଙ୍କ କଥା ତ ଛାଡ଼, ଆଜିକାଲି ସାମାନ୍ୟ ଖଣ୍ଡିଏ ମ୍ୟାଟ୍ରିକ୍ ପାଶ୍ କରିଥିବା ଲୋକ ବି ମଫସଲକୁ ଆଉ ଆଖିରେ ଅନାଉ ନାହାଁନ୍ତି—ଗାଁ ଗହଳର ଗରିବଙ୍କୁ ଛୁଇଁବା ମଳମୂତ୍ରିଆଙ୍କୁ ମଣୁଛନ୍ତି ବିଲେଇ କୁକୁରଙ୍କଠାରୁଁ ହୀନ । ଆଉ ଡାକ୍ତର ? ଡାକ୍ତରୀ ଖଣ୍ଡିକ ପାଶ୍ କଲା ବାସୀଦିନ ସେ ଚଙ୍ଗଚଙ୍ଗ ଯୁବକଦଳ ଲମ୍ବା ପେଣ୍ଟ୍ ଉପରେ ହାଓ୍ୱାଇନ୍ ଖଣ୍ଡେ ଲେଖାଏ ଗଳେଇ ଦେଇ ଭାବୁଛନ୍ତି, ସତେ ଯେମିତି ସିଏ କୋଉ ସ୍ୱର୍ଗଭୁବନକୁ ଉଠିଗଲେ—ମଫସଲର ପଲ୍ଲୀ ଗାଁଗୁଡ଼ାକ ଗୋଟାଏ ଗୋଟାଏ ପୂତିଗନ୍ଧମୟ ନର୍କ, ଯଦିବା ସେଇ ଯୁବକଙ୍କ ଭିତରୁ ଶତକଡ଼ା ଅଶୀ ଜନମ ହୋଇଥିବେ ସେହି ନର୍କରେ—ବଢ଼ିଥିବେ ସେହି ନର୍କରେ—ପାଣି ପବନ ଖାଇ ପାଠଶାଠ ପଢ଼ି ଆଜି ବଡ଼ ହୋଇଛନ୍ତି ସେହି ନର୍କରେ ।

ତମେ ଯାହା ଭାବ ଦିବାକର—ସେମାନେ ବରଂ ମୋତେ ଫାସୀ ଦେଇ ଦିଅନ୍ତୁ, ତଥାପି ମୁଁ କହିବ ସେମାନେ ଦେଶଦ୍ରୋହୀ—ସେମାନେ ହୀନ କୃତଘ୍ନ—ସେମାନେ ବେ-ଇ-ମା-ନ୍ ।

ଦେଶ ବୋଇଲେ ସହରର ଆବର୍ଜନା ନୁହେଁ, ଗାଁ ଗହଳର ସମଷ୍ଟି । ଜାତି କେବଳ କେତେଜଣ ହାତଗଣତି ଡୋପଟି, କଲେକ୍ଟର ବା ମନ୍ତ୍ରୀ, ଏମ୍. ଏଲ୍. ଏଙ୍କୁ ନେଇ ଗଢ଼ା ହୁଏନା, ମଫ-ସଲରେ ଥିବା ଲକ୍ଷଲକ୍ଷ, କୋଟି କୋଟି ମଲ୍ଲ ଦରମଲ୍ଲ ଚାଷୀ ମୂଲିଆଙ୍କ ପ୍ରକୃତରେ ଏ ଜାତିର ମୂଳପିଣ୍ଡ । ଅଥଚ ଆଜି ସେମାନଙ୍କ ଅବସ୍ଥା ଯାହା—ସହରଠାରୁ ଶହଶହ ମାଇଲ ଦୂର ଗାଁ ଗହଳରେ

ରହୁ ଆଜ ସେମାନେ ଯେପରି ଔଷଧ ଟିକିଏ ନପାଇ, ଶକଶ୍ରା ଟିକିଏ ନପାଇ ହଇଜାରେ, ବସନ୍ତରେ, ମେଲେରିଆରେ ପୋକ-ମାଛି ଭଳି କଲବଲ ହୋଇ ମରୁଛନ୍ତି, ତା' ଏଇ ସହରର ଫମ୍ପା ସଭ୍ୟତା ଭିତରେ ଆସି ଦି'ଦିନ ମାତ୍ର ରହିଥିବା ସେହି ମଫସଲର ଯୁବକ ଯଦି ବୁଝି ନ ପାରିଲା, ତା'ହେଲେ ତା'କୁ ବେଇମାନ ନକନ୍ମ ଆଉ କ'ଣ କହିବ କୁହ

ତରୁଣ ଡାକ୍ତର ପାଶ୍ କରି ସାରି ଖାଲି ସହରରେ ମୁହଁ ମାଡ଼ି ପଡ଼ି ରହେ କାହିଁକି ? ବେଶୀ ଟଙ୍କା ପାଇଁ, ବେଶୀ ମାନ-ସମ୍ମାନ ଆଶାରେ ତ। ଅଥଚ ସେ ବୁଝେନା ହୃଦୟ—ଅନୁଭବ କରେନା ଲକ୍ଷ ଲୋକଙ୍କର ଆକୁଳ ଡାକ—ବିକଳ କ୍ରନ୍ଦନ। ଗାଁରେ ତା'ର ବାପ, ତା'ର ଭାଇ ମରନ୍ତି ହଇଜାରେ; ତାର ପଡ଼ିଶା-ଲୋକେ ମେଲେରିଆ ଭୋଗିଭୋଗି ଶେଷରେ ହାଡ଼ମାଳ ହୋଇ ଯାଆନ୍ତି ମଶାଣିକି: ତା'ର ଭଉଣୀ, ଭାଉଜ, ଝିଆରୀ କେତେ ଯୌବନର ପ୍ରଥମ ସୋପାନରେ ପ୍ରଥମ ପିଲାଟି ପ୍ରସବ କରି ନପାରି ଝଲକା ଝଲକା ରକ୍ତ ବାନ୍ତି କରି ଶେଷରେ ମାଟି କାମୁଡ଼ନ୍ତି। ଗାଁରେ ଖପରଗଦା, ପାଉଁଶଗଦା ତ୍ର। ତରୁଣ ଡାକ୍ତର କଟକରେ ବସି ହୁଇଷ୍ଟ୍ ପିନ୍ଧେ, ସିନେମା ଦେଖେ, ଷ୍ଟେଥିସ୍କୋପ୍ ବେକରେ ପକାଇ ବଡ଼ଘରେ ଯାଇଁ ତାଙ୍କ ଝିଅ ଝିଆରୀଙ୍କ ପ୍ରେମ କରେ। 'ଇଏ ତମ ଡାକ୍ତର ! 'ଇଏ ତାଙ୍କ କୀର୍ତ୍ତି !!

ଅଥଚ ତାଙ୍କ ଭିତରେ ତମେ ? ଲକ୍ଷାରେ ହରିଶଙ୍କ ? ଅଳିଆ ଅସନା ଖତଗଦା ଭିତରେ ଶୁଭ୍ର, ସ୍ୱଚ୍ଛ ପଦ୍ମଟିଏ ଫୁଟିଲା କି ଆଉ !!!

ଦିବାକର ! ତଳପଟି ଆଲରେ ତମ ଘର—ଯୋଉଠିକି ପଁ'ବର୍ଷ ଆଗେ ବଡ଼ି; ଦି' ବର୍ଷ ଆଗେ ଧୋଇ, ମ-ଡ଼ି, ମଉକ,

ମହାମାରୀ; ମେଲେରିଆରେ ଶହଶହ ଲୋକ ମରନ୍ତି ; ହଜାର ହଜାର ଲୋକ କଙ୍କାଳ ସାଜି, କାଙ୍ଗାଳ ହୋଇ କୁଲିଗିରି କରିବାକୁ ଗାଁ ଛାଡ଼ି ପଳାନ୍ତି କଲିକତା । ଦବାକର ! ତମେ ସେମାନଙ୍କ ଦୁଃଖ ବୁଝିଛ—ସେମାନଙ୍କ ଅନ୍ତରତଳୁ ଉଠୁଥିବା କଲିଜାଥରା କରୁଣ କ୍ରନ୍ଦନର ସନ୍ଧାନ ପାଇଛ । ସେଇଥିପାଇଁ ଆଜ ସହର ଛାଡ଼ି ପଳେଇଛ ଗାଁକୁ—ବିଜୁଳି ଆଲୁଅ, ମଟରଗାଡ଼ି, ତିନିମହଲା କୋଠା ଛାଡ଼ି ହସିହସି ବାଛି ନେଇଛ ପାଣିକାଦୁଅ, ଭୋକ ଉପାସ, ଭଙ୍ଗା ଦଦରା କୁଡ଼ିଆ । ପଇସା ପାଇଁ ତମେ ଲୋଭ କରିନା—ମାନସମ୍ମାନ ପାଇଁ ତମେ ଲାଳାୟିତ ହୋଇନା—ଆପଣାର ଉତ୍ତରୋତ୍ତର ଉନ୍ନତି ପାଇଁ ତମେ ମନ ଦେଇନା—ସଙ୍କୀର୍ଣ୍ଣ ସ୍ୱାର୍ଥ ଛାଡ଼ି ବରି ନେଇଛ ଦେଶର ସମୂହ ହିତ, ପରସେବା—ଦୁଃଖୀ ସେବା, —ଦୀନ, ଦୁଃସ୍ଥ, ଦଳିତ, ମଥିତଙ୍କ ସେବା ।

ଆଜି ମୋର ଗର୍ବ ଯେ ତମଭଳି ପ୍ରାଣରେ, ନିଃସ୍ୱାର୍ଥପର ଲୋକମାନଙ୍କ ସେବକ ହାତରେ ମୁଁ ମୋର କ୍ଷୁଦ୍ର ପୁସ୍ତିକାଟି ଟେକି ଦେବାର ସୁଯୋଗ ପାଇଛି । ଅନ୍ୟ କିଛି ନୁହେଁ—କେବଳ ତମ ଗାଁମାଳ କଥା—ତଳପଡ଼ି ଲୋକଙ୍କ ଦୁଃଖ, ଦୁର୍ଦ୍ଦଶା, ସମସ୍ୟା ଓ ତା'ର ସମାଧାନ । ଆଶାକରେ, ତମେ ଠିକ୍ ଅନ୍ତରର ସହିତ କଥାଗୁଡ଼ିକ ଶୁଣିବ ।

ଶେଷରେ ତମର ଉଚ୍ଚ ଆଦର୍ଶ ପାଇଁ ଲକ୍ଷେବାର ଅନ୍ତରର ଅଭିନନ୍ଦନ ଜଣାଉଛି ମୁଁ ଅକିଞ୍ଚନ—ଆଶୀର୍ବାଦ କର ଏ ଦେଶର ଅଧା ତରୁଣତରୁଣୀ ସେହି ସେବା ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସହର ଛାଡ଼ି ଗାଁଗହଳକୁ ଫେରିଯାନ୍ତୁ—ତା'ହେଲେ ଯାଇ ଦେଶରେ ଶାନ୍ତି ଆସିବ, ସୁଖ ଆସିବ, ବାପୁଜୀଙ୍କ ପରିକଳ୍ପିତ ରାମରାଜ୍ୟ ଫେରି ଆସିବ ।

ସ୍ନେହର

ନରସିଂହ ।

— ଏକ —

ବଡ଼ ହାଣ୍ଡିକପାଳିଆ ସେମାନେ । ଇତିହାସ ତାଙ୍କ ଖବର ରଖେ ନାହିଁ । ଖବରକାଗଜରେ ତାଙ୍କ ରୋଗ ବଇରାଗ, ଶୋକ-ଉପାସ କଥା ବାହାରେ ନାହିଁ । ବଢ଼ି, ବୁଡ଼ିରେ ମଣିହଙ୍କ ପୋକମାଛି ଭଳି ମିଳେଇଗଲେ ବି ଦେଶବାସୀ ତାଙ୍କକଥା ଭାବନ୍ତି ନାହିଁ । ସେମାନେ ଗରିବ—ନୁଖୁରା—ମଳିମୁଣ୍ଡିଆ ।

କଟକ ଜିଲ୍ଲାର ସେଇ ଆଳି, ଚଟ୍ଟାମୁଣ୍ଡେଇର ଧୋଇଆ ଅଞ୍ଚଳ । ବଡ଼ା ପତରରୁ ଭାତ ଦି'ଟା ଖାଇବା ବି ସେଠି ଲୋକଙ୍କ ଭାଗ୍ୟରେ ଜୁଟେନା । ଥରେ ବଢ଼ି ଆସିଲେ ଗହୀରକୁ ଗହୀର ପାଚିଲା ଧାନ ପଦା ହୋଇଯାଏ । ସାତପୁରୁଷ ଖାନ୍‌ଦାନ୍‌ଘର ଦିନ ଦି'ଟାରେ ତଳିତଳାନ୍ତ ହୁଅନ୍ତି—ଚୁଲିଚୁଲରେ ବାସ ରହେ ନାହିଁ ।"

ସେଇଠି ସେ ଗାଁଟି—ସହ୍ୱରା ବାଟିପଡ଼ା । ସେଇ କାଦୁଅ ପଚପଚ ବାଉଁଶବଣୁଆ ଗାଁ ଭିତରେ କେଉଁ ଏକ ଫଟା କାନ୍ଥ, ଦଦରା ଚାଳତଳେ ଜନମ ହୋଇଥିଲେ ଭାଇ ଦୋ'ଟି । ବାଜା ବାଜ

ନାହିଁ ; ପଞ୍ଚୁଆତି ଗୁଡ଼ିଲ ବଣ୍ଟାହୋଇ ନାହିଁ କି ଏକୋଇଶିଆକୁ ସତ୍ୟନାରାୟଣ ପୂଜା ହୋଇ ବଇଁଳା ପାଲି ବୋଲାହୋଇ ନାହିଁ । କାରଣ ବାପା ଘନ ରାଉତେ ଥିଲେ ଅତି ଗରିବ । ମୂଲଲାଗି କୋଉଠୁ ପାଞ୍ଚସେର ଆଣିଲେ ସଂଜବେଳକୁ ଯାଇଁ ଚୁଲିରେ ଠେକେଇ ବସେ । ଦିନ ଗୋଟାଏ ଜରବାଧକାରେ ପଡ଼ି କାମକୁ ଯାଇ ନପାରିଲେ ଘରେ ଏଣେ ଖାଡ଼ା ଖାଡ଼ା ଉପାସ । ଏପରି ଅବସ୍ଥାରେ ପୁଅ ଜନମରେ ମଉଚ୍ଛବ କରିବାକୁ ସେ କାହୁଁ ପାଇବେ ? ଖୁଦ ମକୁଣ ଦି'ଟା ନପାଇ ଯା'ର ପେଟ ପୋଡ଼ିଯାଉଛି, ସେ ଖିରିପୁରି କରି ବନ୍ଧୁବାନ୍ଧବଙ୍କୁ ପରଶିବ କେମିତି ? ସୁତରାଂ କେବଳ ଟିକିଏ ଡାଳ କେଇଖଣ୍ଡ ଆଣି ଦାଣ୍ଡପଟ ଓଳତଳେ ଠାଙ୍ଗିବା ଛଡ଼ା ନୂଆ ଅତିଥିମାନଙ୍କୁ ସଙ୍ଗୋଳିବା ପାଇଁ ସେ ଆଉ କିଛି କରି ପାରି ନଥିଲେ ।

ବାପଅଜା ଅମଳର ଦଶ ଜାଗାଜମି କିଛି ନଥିଲା, ପରି ନୁହେଁ । କିନ୍ତୁ ସେ ଜମିର ନାମ ସାର୍ଥକ କରି ନପାରିଲ ତା'ଉପରେ ଏତେ ଜମି ଯାଉଥିଲା ଯେ ମାସମାସ ଧରି ସ୍ଥଳଭାଗ ଦେଖାଯିବା ସେଠି ମୁସ୍କିଲ । ହାଡ଼ଭଙ୍ଗି ଚାଷୀ ଚାଷକରେ । ବୈଶାଖ ଜ୍ୟେଷ୍ଠ ମାସର ଉହୁଉହିଆ ଖରାରେ ରକତ ପାଣି ଫଟେଇ ଘଇତାମାରି ପାଟରେ ହଳବୁଲାଏ ତଳଘଟି ଚଷା । ଓରେ, ଦି'ଓରେ, ତିନିଓରେ— ତା'ପରେ ଖତ ବୁହେ, ଖତ ବୁଣେ, ଗୁଳା ଭାଙ୍ଗେ । ଶେଷରେ ଅକ୍ଷୟତୃତୀୟାଦିନ ଅଖି ମୁଠିଧରି ସକାଳରେ ଛିଟିଦିଏ ସେ ଧାନ—ଧଳା, ନାଲି,କଳା—କେତେ ଜାତିକା···ଦିନ କେଇଟାରେ ମାଟି ପେଟ ଚିରି ଉଠିଆସେ ଟିକିଟିକି ସବୁଜ ଗଛ । ଚାଷୀ ପେଟ ପୂରିଉଠେ ଆନନ୍ଦରେ । ମନେ ମନେ କେତେ ସୁଖର ସପନ ଦେଖେ—ଆଶାର ଚନ୍ଦ୍ର ଉଦିଆ ଜାଳି ବସେ ।

ଆଷାଢ଼ ଆସେ । ଆକାଶରେ ଘୋଟିଆସେ କଳାବଉଦ । ଷୋଳବରଷିଆ ନୂଆ ଭୂଆସୁଣୀର ରୂପଯୌବନ ଉପୁଚି ଉଠିଲା ଭଳି ସରଗ ରାଇଜର ରାଜକୁମାରୀ "ମେଘମାଳା"ର ଫୁଟିଉଠେ ପୂରିଲା ପୂରିଲା ଦେହ—ଫାଟିପଡେ ଫୁଲିଲା ଫୁଲିଲା ଛାତି । ସାରା ଅଙ୍ଗରେ ଭରିଯାଏ ରଙ୍ଗ ରଙ୍ଗ ତରଙ୍ଗଭାବ । ମନ ହୁଏ—ଦେଶକାଳ ନମାନି, ଲାଜସଙ୍କୋଚ ନରଖି ଗୋଟିପଣେ ଅଜାଡ଼ି ହୋଇ ପଡ଼ିବ ଏହି ପୃଥିବୀ-ପ୍ରିୟର ଛାତିଉପରେ ଆଉ ଏକାଠିବେଳକେ ହଜେଇ-ଦେବ ଆପଣାର ଶେଷ ଅସ୍ତିତ୍ୱ ଟିକକ । ସତକୁ ସତ ଅମାନିଆ ମନ ତା'ର ଆଉ ସମ୍ଭାଳି ହୋଇ ପାରେନା । ହସିହସି ଧାଇଁଆସେ ପ୍ରିୟ କୋଳକୁ—ସରଗ ଛାଡ଼ି ଝରିପଡ଼େ ମରତ ଉପରେ ।

ମାଟିର ଧରାରେ ଜୀବନ ସଞ୍ଚରିଯାଏ । ଅମୃତର ପରଶପାଇ କଅଁଳିଆ ଗଛଗୁଡ଼ିକ ହସନ୍ତି, ଖେଳନ୍ତି, ନାଚନ୍ତି—ଦିନକୁଦିନ ବଢ଼ିଉଠନ୍ତି ଛନଛନିଆ ହୋଇ । ମାଟି ଲୁଚିଯାଏ । ଗଛ ଉଠିଯାଏ ଉପରକୁ । ଆଖି ପାଉ ନଥିବା ଏତେବଡ ପାଟରେ କୋଉଠି ଟିକିଏ ଫାଙ୍କ ଦିଶେନା । ସତେକି ଏକ ବିରାଟ ସବୁଜ ଗାଲିଚା ବିଛେଇ ହୋଇଯାଏ ଆପଣାଛାଏଁ । ତା'ଉପରେ ପୁଣି ପବନ ବହିଯାଏ ଥରିଥରି ହୋଇ । ଦୋହଲି ଦୋହଲି ନାଚିଉଠନ୍ତି ଗଛ-ଗୁଡ଼ିକ । ଅଙ୍କାବଙ୍କା ଲହରୀମାଳା ସତେକି ପହଁରିଯାଆନ୍ତି ସାଗର କୋଳରେ ।

ହିଡ଼ମୁଣ୍ଡରେ ଠିଆ ହୋଇ ତଳମାଳର ଝାଳବୁହା ଚଷା ସବୁ ଦେଖେ । ଆଖି ଆଗରେ ଭାସିଉଠେ ସପନ ରାଇଜର ସୁଖଚିତ୍ର । ମନ ଗହନରେ ଉଙ୍କିମାରେ ଆଶା, ଆନନ୍ଦର ଅସରନ୍ତି ଢେଉ । ସେ ଭାବେ—ପ୍ରଭୁ ଆଖଣ୍ଡଳମଣିଙ୍କ ଦୟାରୁ ଏ ସାଲର ଫସଲ

ଭଲେ ଭଲେ ଉତ୍ତୁରିଲେ ସେ ଆଗ ସାହୁକାରର ଦେଢ଼ି ସୁଝିଦେବ । ଜମିଦାରର ଝଜଣାଗଣ୍ଡାକ ବାନ୍ଧିରଖିବ ମାଣବସା ଖଟୁଲି ଉପରେ । ତା'ପରେ ବରଷକମାନଆ ଖାଇବାରଖି ବାକି ଧାନ ମପେଇଦେବ କଟକିଆ ବେପାରୀଙ୍କି । ଆଉ ସେଇ ଟଙ୍କାରେ କରିବ ଝିଅ ପାଇଁ ରୁପାସରି, ବଟଫଳ, ଚାଉଁରିଭୁଣ୍ଡି—ମାଇପ ପାଇଁ ଆଣିବ ଖଣ୍ଡେ କେନ୍ଦୁପାଟଣିଆ କସ୍ତା—ପୁଅ ବାହା ହେଇ କୁଣିଆଁ ପଠେଇବ 'ଏରଣ୍ଡ ହଳନ୍ଦିଆଁ'ର ଝଦେଇ ବରିଲଙ୍କ ଘରକୁ···ଏମିତି କେତେ କଥା, କେତେ ଆଶା, କେତେ ରଙ୍ଗୀନ୍ ସ୍ୱପ୍ନ ।

କିନ୍ତୁ ତା'ମନକଥା ମନରେ ରହେ । ଆଖଣ୍ଡଳମଣିଙ୍କ ଦୟା ହୁଏନା । ଏ କଳିଯୁଗରେ ଦିଅଁ ପଥର ପାଲଟି ଗଲେଣି । ଆଜି ମଣିଷ ତ ମଣିଷର କାକୁତି ଶୁଣୁ ନାହିଁ, ନିଦା ପଥରର ଦିଅଁ ଦେବତା ଶୁଣିବେ କ'ଣ ?·····ଆଷାଢ଼ ଯାଇଁ ମାଡ଼ିଆସେ ଧାରି ଶ୍ରାବଣ । ମୂଷଳଧାରାରେ ବରଷିଯାଏ ଇନ୍ଦ୍ରରାଜାଙ୍କ ଗୃହମେଘ—ଆବର୍ତ୍ତିକ, ସମ୍ବର୍ତ୍ତିକ, ଦ୍ରୋଣ, ପୁଷ୍କର । ଉପର ମୁଣ୍ଡରେ କେଡ଼େ ସୁଆଳିଆ ମୋଟରେ ମେଘ ଡାକେ କେଳାଣି, ବ୍ରାହ୍ମଣୀନଈରେ ମାଡ଼ିଆସେ ଗଅଗଇଆ ବଢ଼ି । ବଗଡ଼ରି ବୁଡ଼ିଯାଏ ନିମିଷକେ । ତାଳଗଛ ଉଞ୍ଚରେ ପାଣି ଆସି ଗଛ, ବୁରୁଛ, ପଠା, କାନ୍ଥିଆ ସବୁ ବୁଡ଼େଇଦିଏ ରାତାରାତି । ଆଉ ତା'ସାଙ୍ଗରେ ବୁଡ଼େଇଦିଏ ହଜାର ହଜାର କୃଷୀଙ୍କର ଆଶା ଭରସାର ଥଳି, ଭାତହାଣ୍ଡି "ଘଇତାମାରି ପାଟ"ଟିକ । ନୂଆଁଉ ଚିଲିକାମୟ ହୁଏ । ଯୋଉ ଶହଶହ ଏକର ଜମିରେ ଧାନଗଛ ସବୁ ହାତେ, ଦେଢ଼ହାତ ଉଞ୍ଚ ହେଇ ଯାଇଥାଏ, ତା'ଉପରେ ସାପମୁଣ୍ଡ କଟିଲାଭଳି ସୁଅ ଚୁଟେ—ଅଣ୍ଟାଏ ଉଞ୍ଚର ପାଣି ଜମି ରହେ ମାସ ମାସ ଧରି । ସୁତରାଂ ବେଉଷଣ କରିବାପାଇଁ ପାଣିହଳ ଯୋଗିବାକୁ ଆଉ କୃଷୀକୁଳଙ୍କୁ ପଡ଼େନା । ଲହଲହ ଜଉ

ବୁଲେଇ ଦିନ କେଇଟାରେ ମୂଳପୋଛ କରିଦିଏ ବଢ଼ନ୍ତା ନଈ । ଠାଏଠାଏ ପୁଣି ପାହାଡ଼-ଭଳିଆ ବାଲି ଚଢ଼ିଯାଏ କେତେ ହତଭାଗ୍ୟ ଗରିବଙ୍କ ଜମିରେ । ଫଳରେ ସେ ବର୍ଷ ତ ଫସଲ ହୁଏନା, ଆଉ ପନ୍ଦର କୋଡ଼ିଏ ବରଷ ପାଇଁ ନହେବାର ଯୋଗାଡ଼ କରିଯାଏ ।

ଏମିତି ବର୍ଷ ପରେ ବର୍ଷ ନଈବଢ଼ି ଆସେ । ଏବେ ଚଟାମୁଣ୍ଡେଇ ନୂଆହାଁ, ଆଳି, କନିକା, ଚେଣ୍ଡାକୁଡ଼ା, ପାଟକୁରା, କେନ୍ଦ୍ରାପଡ଼ାର ବହୁ ଅଂଚଳ ସମୂଳେ ଯାଏ ଧୋଇ ହୋଇ । ସୁନା ଫଳନ୍ତା ଜମିକୁ ବାଲିଦେଇ କରିଦିଏ ବାଲିକଡ଼ାର । ଶହେ ଦେଢ଼ଶ'ଟଙ୍କା ଗୁଣ୍ଠର ଅଉଲ ନମ୍ବର ଜମିସବୁ ଆଖି ପିଛୁଳାକେ ପରିଣତ ହୁଏ ଧୂ ଧୂ ମରୁଭୂଇଁରେ । ଫଳରେ ଗରିବ କୃଷୀଭାଇମାନେ ଭାସିଯାଆନ୍ତି ସେଇ ସୁଅରେ—ଲାଗିପଡ଼ନ୍ତି ସେଇ ଗୋଟିଏ ଗୋଟିଏ ଧକ୍କାରେ । ମଶୁଣୁର ମାସର ସକାଳ କୁହୁଡ଼ି ଭଳି ସୁଖସପନ ତାଙ୍କର କୁଆଡ଼େ ମିଳେଇଯାଏ ଦଣ୍ଡକେ । ମୁଣ୍ଡରେ ସତେକି ଛିଡ଼ିପଡେ ଉପରର ବିଶାଳ ଆକାଶଟା । ଆଖିରୁ ଧାରଧାର ପାଣି ବହିଯାଏ ।

ନେଡ଼ାଳିରୁ ପୁରୁଣାଧାନ ସରିଆସେ । ଖଣିଧାନ ବି ଶେଷ ହୋଇଯାଏ । କାର୍ତ୍ତିକ ଅଧାଅଧିକ । ପିଲାଛୁଆ ଗୁଡ଼ାଙ୍କର ଭୋକରେ ହଂମା ଉଡ଼େ । ନଜର ବି ଉପାସ ରହିରହି ଉଦଳବିକଳ ହେଇଉଠେ ପେଟ । ଧାନ ଗୌଣିକ ପାଇଁ କେତେ କାହାପାଖରେ ଗୋଡ଼ହାଙ୍କି ଠିଆହେବେ ? ତା'ପୁଣି ଅଘାଟରେ ଜଳବଢ଼ିଆ ପଇସା ଅଛି କେଉଁଠି ? ମନ ତଡ଼ିଯାଏ । ଛୁଆଙ୍କ ବିକଳ ଆଉ ସହି ହୁଏନା । ଭବିଷ୍ୟତ ବି ଅନ୍ଧାର । ପୁଷମାସରେ ଏବର୍ଷ ଅଗୀର ମୁଣ୍ଡିଟିଏ ବି ଅମଳ ହେବାର ଆଶା ନାହିଁ । ସବୁ ବର୍ଷ ତ ନଈ ଏମିତି ଅଳପେ ବଢ଼ୁରେ ଖାଉଛି । ଆଉଦା ସନକୁ ଯେ ଛାଡ଼ଦେବ

ତା'ର କ'ଣ ମାନେ ଅଛି ? ନାଁ, ଗାଁ ଭୂଇଁର ମମତା ରଖି ମଶାଣି କୋଳକୁ ସେ କେବେ ସଜହୋଇ ଯାଇବ ନାହିଁ । ପୁଣି ପିଲାଛୁଆ-କୂଳର ଘର, ତାଙ୍କୁ ଏମିତି ଗୁହୁଁ ଗୁହୁଁ ଶୋକଉପାସରେ ମାରିଦେବ ନା ? ନା, ନା, ଯା' ଗୁ' ତା' ହେଉ ପଛକେ, ସେ ଗାଁ ଛାଡ଼ିବ ।......ଦହିଁଆର ଦିନ ବନ୍ଧା ହୁଏ ଗଣ୍ଠି । ସେ ଜନମ ମାଟିର ମୋହ ତେଜି ବାହାରିଯାଏ କଲିକତା, ଢାକମାଟି, ରେଙ୍ଗୁନ ।

ଜଣେ ଦି'ଜଣ ନୁହେଁ, ଦଶ ପନ୍ଦର ନୁହେଁ, ଭଲପଟି ଅଂଚଳର ଶହ ଶହ, ହଜାର ହଜାର ଲୋକ ଏମିତି ଚଳେଇଯା'ନ୍ତି ବିଦେଶ । ଆପଣା ମା' କୋଳରେ ରହି ପେଟ ପୁଷିଣ୍ଡିକ ନ ପୂରିବାରୁ ସାବତମା' କୋଳକୁ ଯା'ନ୍ତି ଶାଗମୁଗ ଦି'ଟା ଗୋଟା ଗୋଟି କରିବାକୁ । ଗାଁ ଚଦା ହୋଇଯାଏ । ଭେଣ୍ଡା ଭେଣ୍ଡା ଗଜା ଟୋକାଙ୍କଠଉଁ ଆରମ୍ଭ କରି ବୁଢ଼ା ଦରବୁଢ଼ା ଯାଏ ସଭିଏଁ ଧରନ୍ତି ସେହି ବାଟ । ଆଜି କଲିକତା କରପୋରେସନରେ ବା ବେଙ୍ଗଲ, ଭଲବାଡ଼ିଆ, ଫୁଲେଶ୍ବର, ମାଟିଆ ବୁରୁଜର ଚଟକଲମାନଙ୍କରେ ଯେତେ ଓଡ଼ିଆ କାମ କରନ୍ତି, ତା'ର ଅଧିକରୁ ବୋଧେ ବେଶୀ ହେବେ ଏହି ପଟାମୁଣ୍ଡେଇ, ଆଳି ଅଂଚଳର ଲୋକ । ବ୍ରାହ୍ମଣୀ ନଈର ଉତ୍ପାତରେ ଅସ୍ତବ୍ୟସ୍ତ ହୋଇ ଶାନ୍ତି ପାଇବାପାଇଁ ଚଳେଇ ଯାଉଛନ୍ତି ଗଙ୍ଗା ନଈକୂଳକୁ ।.........

ଯାହାହେଉ, ସେହି ନଈଖିଆ, ଧୋଇଆ ଅଂଚଳରେ ଯେତେବେଳେ ଧନ ଗାଉନ୍ତଙ୍କ ଘର, ସେତେବେଳେ ତାଙ୍କର ଜମିଥିଲା କି ନଥିଲା ବୁଝି ଲାଭ କ'ଣ ? ପୁଣି ଯୋଉ ଜମିରେ ଫି ବର୍ଷ ଆସେ ବଢ଼ି—ଫି' ବର୍ଷ ଚରିଯାଏ ନୂଆ ନୂଆ ବାଲିପଠା,

ସେ ଜମିର ପରିମାଣ ଜାଣିବା ଦରକାର କ'ଣ ? ଜମି ଥାଇ ନଥିଲା ଭଳି । ଗାଉଁରେ ଏଠି ସେଠି ମୂଲପାଣ୍ଡି ଲାଗି ବାରସ୍ଥାନସ୍ତା ହୋଇ ଚଳନ୍ତି । ଖାଉମୁଠିକ ଛୁଆଙ୍କ ମୁହଁରେ ଦେଇ ନିଜେ ପେଜ ତୋରାଣି ପିଇ କୌଣସିମତେ ଦିନ କାଟିଦିଅନ୍ତି । ତେବେ ଏତେ ଦୁଃଖକଷ୍ଟ ଭିତରେ ଥାଇଁ ଯେ ସେ କାହିଁକି ଦ'ଦ'ଥର ଛନ୍ଧ ହୋଇଥିଲେ, ତା'ଅନେକଙ୍କୁ ବଡ଼ କୌତୁହଳ ଲାଗେ । କିନ୍ତୁ ମୁଖ କରିବାକୁ ସେ କେବେ ଛନ୍ଧହୋଇ ନାହାଁନ୍ତି । ଦୁଃଖର ବୋଝ ହାଲୁକା କରିବା ପାଇଁ ସେ ଧରିଛନ୍ତି ଗୋଟିକ ପରେ ଆଉ ଗୋଟିକର ହାତ, ଆଉ ତା'ପଛରେ ଅଛି ଏକ ଗ୍ଲାନିଥରା କରୁଣ ଇତିହାସ ।

—ଦୁଇ—

ସେ ବର୍ଷ ନଈରେ ଆସିଥାଏ ଗାମୁଲା ବଢ଼ି । ଅକାତକାତ ପାଣି ଚୁଲଥାଏ ଘଇତାମାରି ପାଟରେ । ଗାଁଗଣ୍ଡାସବୁ ଭାସିବା ଉପରେ । ଶହ ଶହ ଲୋକ ପିଲାଛୁଆ ଧରି ଆସି ଠୁଳ ହୋଇଥାନ୍ତି ନଈବନ୍ଧରେ । ହରିବୋଲ, ହୁଳହୁଳିରେ କାନଅତରା ପଡ଼ୁଥାଏ । କାଲେ କୋଉଠି ବନ୍ଧ ଭାଙ୍ଗିବ, ସେଥିପାଇଁ ଆଲୁଅ ଧରି ଖିଦ୍ ଖାଇଆ ହୋଇ ଏଣେତେଣେ ଦଉଡୁଥାନ୍ତି ଜୁଆନ୍ ଜୁଆନ୍ ଟୋକାଏ । ସହସା ବାଟିପଡ଼ାର ଖଣ୍ଡେ ଦୂର ଆଗକୁ ନୂଆପଡ଼ା—ମସ୍ତ ଏକ ଗୁଷିବସ୍ତି । ସେଇଠି ଆଗ ବନ୍ଧ ଜକେଇଲା । ଟ୍ରେଣ୍ଟ ଟ୍ରେଣ୍ଟ ଘଳଆ ପଡ଼ିବାର ଦେଖାଗଲା । ଗୋରୁଗାଈ ଫିଟେଇ ଦେଇ ଘରଦ୍ୱାର ଛାଡ଼ିଦେଇ ଜୀବନ ବିକଳରେ ଲୋକେ କଏ କୁଆଡ଼େ ପଳେଇଗଲେ । ନଈବନ୍ଧ, ଉଞ୍ଚକୁଦ, ଗଛଡ଼ାଳରେ ଶହ ଶହ, ହଜାର

ହଜାର ଲଣ୍ଠନ ଆଲୁଅ ଦେଖାଗଲା । ଜୀବର ଆଶଙ୍କାରେ ଲୋକେ ଆର୍ତ୍ତନାଦ କରିବାକୁ ଲାଗିଲେ ।

ରାତିଅଧ । କଳାରାତିର ସାଇଁ ସାଇଁ ଗର୍ଜନକୁ ବୁଡ଼େଇ ଦେଇ ବୁଢ଼ୀ ଅସୁରୁଣୀ ଭଳି ଗର୍ଜିଉଠୁଛି ବଢ଼ନ୍ତା ନଈ । ଲକ୍ଷେ ଅଜଗର ସତେକି ଏକାବେଳକେ ସୁ ସୁ ଗର୍ଜନ ଛାଡ଼ୁଛନ୍ତି ପାହାଡ଼ ଗୁହାରୁ । ସେଥିରେ ପୁଣି ଉପରୁ ଝୁ ଝୁ ବର୍ଷା, ତିନଦିନ ହେଲା ଝଞ୍ଜା । ହଠାତ୍......ହଠାତ୍ ନଈଭିତରେ ଗୋଟାଏ ଗୁମ୍‌ଗୁମ୍ ଶବ୍ଦହେଲା । ଭୂଇଁକଂପରେ ମାଟି ଦୋହଲିଗଲା ଭଳି କୋଡ଼ିଏ ହାତ ଚଉଡ଼ାର ନଈବନ୍ଧ ଅତି ଭୟଙ୍କର ଭାବେ ହଲଚଲ ହେଇଉଠିଲା । ଲୋକେ ବୁଝିଗଲେ । ହରିବୋଲ, ହୁଳହୁଳିରେ ଆକାଶ ଫାଟି ପଡ଼ିଲା । କୋଡ଼ି, କୋଦାଳ, ଗାଣ୍ଡୁଆ, ଟୋକେଇ ଧରି ଧାଇଁ ଆସିଲେ ହଜାର ହଜାର ଲୋକ । ପକେଇଲେ ମାଟି ଉପରେ ମାଟି—ବୋହି ଆଣିଲେ ବୋଝ ବୋଝ, ଖାର ଖାର, ଓଦର ଓଦର ମାଟି । ଗୋଟାଏ ପାହାଡ଼ଟାକୁ ଯେମିତି ଘଡ଼ିକେ ବୋହିଆଣି ଅଜାଡ଼ି ଦେବେ ବନ୍ଧ ଉପରେ । କିନ୍ତୁ ଦୈବୀବଳ ପାଖରେ ମଣିଷ ବଳ !! ଛି, ଛି, ଖାଲି ସମୁଦ୍ରକୁ ଟେକା ପକେଇଲାଭଳି । ଲକ୍ଷ କାନଉଚ୍ଛୁଳା ହରିଶବଦ ସେହି କୂଳ ଉଚ୍ଛୁଳା ନଈ ଭିତରେ କୁଆଡ଼େ ମିଳେଇଗଲା । ସ୍ୱୟଂ ହରି ବି ବୋଧେ ଭାସିଗଲେ ସେହି ତୋଡ଼ ମୁହଁରେ ।......ଗୋଟାଏ କରୁଣ ଚିତ୍କାରରେ ମେଦିନୀ କଂପି ଉଠିଲା—ଧାଇ ଭାଙ୍ଗିଲା ।

ଭୁସ୍‌ଭୁସ୍ ହେଇ ପାଣି ପଶିଗଲା ଗାଁ ଭିତରେ । ଘଡ଼ିକ ଭିତରେ ଗାଁ ଦାଣ୍ଡରେ ହେଲା ପୁରୁଷେ ପାଣି । କାନ୍ଥ ପଡ଼ିଗଲା । ଗାଈଗୋରୁ ଭାସିଗଲେ । ପିଲାକବିଲା ଜୀବନ ବିକଳରେ ହାଉଳି

ମାଉଲ୍ ହେଇ କଏ କୁଆଡ଼େ ଗଲେ । ପାଣି ପାଇଁ ଆସ୍ତେ ଆସ୍ତେ ମଥାନରେ ଲାଗିଲା ।

ଖାଲି ନୂଆପଡ଼ା ବୁଡ଼ିଲା ନାହିଁ, ନୂଆପଡ଼ା ତଳକୁ ବାଲୁରିଆ, ସଅଁସିଦା, ପତରଙ୍ଗୁର ବୁଡ଼ି ସହିସବୁ ବାଟିପଡ଼ା ବୁଡ଼ି ଆସିଲା । ତା' ତଳକୁ ତଳକୁ କଣ୍ଟଣିଅଣ୍ଟା ଆଦି ଗାଁରେ ବି ମାଡ଼ିଗଲା ପାଣି । ଚାରିଆଡ଼େ ହୋଇଗଲା ଜଳାର୍ଣ୍ଣବ—ଏକାକାର ।

ତଳଘଟି ଗାଁରେ ପାଣି ପଶିବା ଗୋଟାଏ କିଛି ନୂଆକଥା ନୁହେଁ । ପ୍ରତି ବର୍ଷ କୋଉଠି ନା କୋଉଠି ବନ୍ଧ ଭାଙ୍ଗେ । ଅଳପେ ବହୁତେ ଗାଁ ଭିତରେ ପାଣି ପଶେ । ସୁତରାଂ ଲୋକମାନେ ଏଭଳି ଘଟଣାରେ ଏକପ୍ରକାର ଅଭ୍ୟସ୍ତ । ପାଣି ଆସିବା ଦେଖିଲେ କନା-କପଡ଼ା, ଓଳିଆ, ପେଟରାଠାରୁଁ ଆରମ୍ଭ କରି ଆମ୍ବୁଲ ମାଠିଆ ନୁଣକାଠିଆ ପର୍ଯ୍ୟନ୍ତ ସବୁ ନେଇ ସଂପାଦ ରଖନ୍ତି ଉପରର ବାଉଁଶ ସଙ୍ଗାତରେ । ଶିଳ, ଚକି, ଠେକ କାଂଚୁଲି, ଘୁଣ୍ଡୁଣି ପହଁରା ଆଦି ଅଗାଡ଼ଙ୍ଗା ବଗାଡ଼ଙ୍ଗା ଚିଜ ସବୁ ସାଇତା ହୁଏ ଭାଡ଼ି ଉପରେ । ସଙ୍ଗାତରେ ଝୁଲୁଥିବା ଶିକା ଦେହରେ ଟଙ୍ଗା ହୁଏ ଭାତହାଣ୍ଡି । ତା' ଉପରେ ଉଗୁଡ଼ା ହୁଏ ଏକ ପଆସର ପଲମ । ଛୋଟ ଛୋଟ ଡଙ୍ଗା ବାନ୍ଧି ତଳେ ରହନ୍ତି ପିଲାଛୁଆ, ବୁଢ଼ାବୁଢ଼ୀ, ବୋହୂ-ଭୁଆସୁଣୀ । ଘର ଭିତରେ କୋଉଠି ଅଣ୍ଟାଏ, କୋଉଠି ଗୁଣ୍ଡାଏ, କୋଉଠି ପୁରୁଷେ ପାଣି । ସେହି ଡଙ୍ଗା ଉପରେ ରୋଷେଇବାସ ହୁଏ; ଖିଆପିଆ ହୁଏ; ଶୁଆବସା ହୁଏ । ଡଙ୍ଗା ନେଇ ଲୋକେ ଏ ଘରୁ ସେ ଘରକୁ ଯାଆନ୍ତି—ଦୋକାନକୁ ଯାଇଁ ତେଲ ଲୁଣ ସଉଦା ଆଣନ୍ତି—ଗାଁ ବାହାରକୁ ଡଙ୍ଗା ନେଇ ଟିକିଏ ଉଚ୍ଚାଳରେ ରହି ସେହି ଡଙ୍ଗାଏ ଡଙ୍ଗାଏ ଝୋଡ଼ାଝାପଟ କାମ ସାରି ଆସନ୍ତି ।

ସେଥିପାଇଁ ଘରପିଚ୍ଛା ତିନି ଚାରି ଖଣ୍ଡ ଲେଖା ହୁଲ ଡଙ୍ଗା ସଭିଙ୍କର ଥାଏ ।······

ଚାରି ଆଠଦିନ ପରେ ପାଣି ଛାଡ଼ିଗଲେ ପୁଣି ଘରକରଣା ଆରମ୍ଭ ହୁଏ—ପୁଣି ଆମ୍ଭୁଲ ମାଟିଆ, ମାଣ୍ଡିଆ ଖୁସୁକି ତଳକୁ ଆସେ । ନାହିଁ ଯଦି ପାଣି ନ ଛାଡ଼ି ଉପରକୁ ଉପରକୁ ଉଠି ଶେଷରେ ମଥାନ ଛୁଏଁ, ତେବେ ସେ ତିନି ପୁରୁଷର ଘର, ଚଉଦପୁରୁଷର ଭିଟାମାଟିର ଆଶା ଛାଡ଼ି ମଣିଷ ପଳେଇ ଯାଏ ଦୂରକୁ—ସେହି ଡଙ୍ଗାରେ କାତ ମାରି ମାରି, ଆହୁଲା ପକେଇ ପକେଇ ଚାଲିଯାଏ କୌଣସି ଏକ ଉଞ୍ଚା, ଶୁଖିଲା, ନିରାପଦ ଜାଗାକୁ । ତା' ପରେ ?···ତା' ପରେ ଘରଦ୍ୱାର, ଜମିବାଡ଼ି ଛାଡ଼ି ପିଲାଛୁଆଙ୍କୁ ଧରି ସେ ସେହି ନୂଆ ଜାଗାରେ କେମିତି ଚଳେ, ତା' କେବଳ ଭଗବାନହିଁ ଜାଣନ୍ତି—ତଳଘଟିର ଧୂଆଁ ଆଖଣ୍ଡଳମଣି ଜାଣିଥିବେ ।

ସେଦିନ ସନ୍ଧ୍ୟା ବାଟିପଡ଼ାରେ ଯେ ପାଣି ପଶିଲା ଲୋକେ ଭାବୁଥିଲେ ବେଶୀ ହେବ ନାହିଁ । ଚାରିଆଡ଼େ ପାଣି ଖେଳେଇ ହୋଇ ଗଲାଣି । ଖୁବ୍ ହେଲେ ଅଣ୍ଟାଏ ଯାକେ ହୋଇପାରେ ।··· ସେଇଆ ହିଁ ହୋଇଥାନ୍ତା । କିନ୍ତୁ ମଝିରେ ଭୂଇଁପୁର ପାଖରେ ଭାଙ୍ଗିଲା ପୁଣି ଗୋଟାଏ ଘାଇ । ହୁ ହୁ କରି ପାଣି ମାଡ଼ି ଆସିଲା । ସମୁଦାୟ ଗାଁଟା ଭାସିଯିବା ଉପରେ । ସବୁ ଆଶାଭରସା ଛାଡ଼ି ଲୋକେ ଯେଝା ଯେଝା ଡଙ୍ଗା ଧରି ତଳକୁ ତଳକୁ ଚାଲିଗଲେ । ଘନରାଉତେ ଆପଣା ସ୍ତ୍ରୀ ଓ ପୁଅଟିକି ନେଇ ମଧ୍ୟ ସେହି ଅନିଶ୍ଚିତ ପଥରେ ସଭିଙ୍କ ସାଥିରେ ଚାଲିଲେ ।

"ଦିଗ"ଟିକି ସେତେବେଳେ ମାତ୍ର ଅଢ଼େଇ ବର୍ଷ । ବୋଉର କୋଳରେ ବସି ଦୁଧ ଖାଉଥିଲା । ବାପା କାତ ମାରୁଥାନ୍ତି । ହଠାତ୍

ତା'ର ଆଖି ପଡ଼ିଲା ଗୋଟାଏ ଝିଙ୍କକାଠି ଉପରେ । ମେଞ୍ଚାଏ ଅଳଆ କୁଟାକାଠି ସାଙ୍ଗରେ ଭାସି ଯାଉଥିଲା କେତୋଟି ଝିଙ୍କକାଠି । ସକାଳର କଅଁଳ ଖରାରେ ଚକ୍‌ଚକ୍ କରୁଥିଲା ତା'ର ଚକଣିଆ ରୂପ । ଧଗ କିଦ୍ କଲା—"ବୋଉ ! ମତେ ଗୋଟା ସେଥିରୁ ଦେ···ଦେ··· ।" ଯେତେ ବୁଝେଇଲେ ବୁଝିଲା ନାହିଁ । ଯେତେ 'ଭ' କହି ଡରେଇଲେ ବି ଡରିଲା ନାହିଁ ସେହି ଅମାନିଆ ଛୁଆଟା । ଶେଷରେ ସେହି ଅଳଆ ଜାଲମେଞ୍ଚାକ ନିକଟକୁ ବାପା ନେଇଗଲେ ଉଙ୍ଗାଟିକ । ଝିଙ୍କକାଠି ଆଣି ପୁଅକୁ ଦେବାପାଇଁ ବୋଉ ପାଣିକି ହାତ ବଢ଼େଇଲା ।···କାଂଭୁ···କାଂଭୁ ସେଇ ଯେ ବଢ଼େଇଲା ଆଉ ଉଠେଇ ନାହିଁ । ଅନନ୍ତ ଅନନ୍ତ ମୁହୂର୍ତ୍ତକ ଭିତରେ ବୁଡ଼ିଗଲା ଡେଙ୍ଗା । ସେହି ଡଙ୍ଗା ଉପରେ ବୋଉ ଢଳିପଡ଼ିଲା । ଯେତେ ଝିଙ୍କାଫୁଙ୍କା କଲେ ବି ଆଉ ଶବଦ ମାନିଲା ନାହିଁ । ପାଟିରୁ ବୋହି ଆସିଲା ଗରଳ······ବାପା ଦୂରକୁ ଚାହିଁ ଦେଖିଲେ, ସେହି ଅଳଆ ମେଞ୍ଚାକ ଭିତରୁ ଗୋଟାଏ ମସ୍ତବଡ଼ ସାପ କଲବଲ ହୋଇ ପାଣି ଭିତରେ ଚାଲିଯାଉଛି । ବୋଉ ଗୋଡ଼ହାତ ସେତେବେଳକୁ କଞ୍ଚା-ପାଣି ହୋଇଗଲାଣି ।

ଘର ଗଲା, ଜମି ଗଲା, ଖୁଦମଲୁଖ କରି ଘରେ ଯାହା ଦି'ଟା ସାଇତି ଥିଲେ, ସେତକ ଛିନ୍‌ଛତର ହୋଇଗଲା । ଗାଈଗୋରୁ ଆପଣାଛାଏଁ କେଁ କୁଆଡ଼େ ପଳେଇଲେ । ଆଉ ଶେଷରେ ଯୋଉ ସାମାନ୍ୟ କୁଟାଖିଅଟିଏ ରହିଯାଇଥିଲା ଘରପୋଡ଼ିରୁ, ସେତକ ବି ହୁହୁଁହୁହୁଁ ଆଗି ପିଣ୍ଡିଡ଼ାକେ ଜଳିଗଲା ।···ଷ୍ଟେଟସ୍ଟାକୁ ହରେଇ ଘନ ଘଉଡ ଭେଁ ଭେଁ କାନ୍ଦି ଉଠିଲେ ।···ଏଣେ ମୁଣ୍ଡ ଗୁଂଜିବାକୁ ଆଶ୍ରା ନାହିଁ—ଟୋକେ ତୋରାଣି ମୁହେଁ ପିଇବାକୁ ସମ୍ବଳ ନାହିଁ, ତେଣେ ଅଢ଼େଇ ବରଷର ଗୋଟିଏ କଅଁଳା ଛୁଆ ବେକରେ

କନ୍ଧା । କେଁ କେଁ ହୋଇ ସବୁବେଳେ ଜୀବନ ଖାଉଛନ୍ତି । ରାତିରେ ଆଖି ବୁଲେଇଲେ, କେହି ବଂଧୁବାଂଧବ ଘରେ ହେଲେ ଛୁଆଟିକି ଦେଇ ଦେବେ । କିନ୍ତୁ କିଏ ନେବ ? ଗରିବ ଘରେ କ'ଣ ଛୁଆର ଅଭାବ ? ତା'ଙ୍କୁ ବଡେଇ କୁଢ଼େଇ ମଣିଷ କରିବା ପାଇଁ ଧନର ଅଭାବ ସିନା, ଛୁଆ ତ ଯାହାକୁ ଲୋଡେ । ରାତିରେ ଦି'ଟୁର ଯାଗା ମୁହଁ ପକେଇ ସବୁଠୁ ନିରାଶ ହୋଇ ଫେରିଲେ !

ଛୁଆର ବିକଳ ଦିନକୁଦିନ ବଢ଼ିଲା । ମା'କୁ ଝୁରିଝୁରି କତରାରେ ଲାଗିଗଲା ଶେଷକୁ । ନିଜେ ବି ଖାଇବା ମୁଠାକ ପାଇଁ ରାଉତେ ବଡ଼ ହାନସ୍ତକରା ହେଲେ । ଛୁଆକୁ ଏକୁଟିଆ ଛାଡ଼ି କୁଆଡ଼େ କାମଧନ୍ଦାକୁ ଯାଇପାରିଲେ ନାହିଁ । ଶେଷରେ ଅନ୍ୟ ଉପାୟ ନ ଦେଖି ଦିନେ ବାଧ ହୋଇ ଛନ୍ଦ ହେଲେ ଆଉ ଗୋଟିଏ —ବାହା ନୁହେଁ ଦୁଉଅ ।

## —ତିନ—

ମୋତି କେନଉଣୀର ସେଇ ଗୋଟିଏ ବୋଲି ଝିଅ—ମାଳ । ପେଟରେ ଥିଲାବେଳୁ ବାପ ମରିଥିଲା । ମୋତି ଧାନକୁଟି, ପତର ଗୋଟେଇ, ଘସିପାରି କେତେ କଷ୍ଟରେ ପାଳି ଆଣିଥିଲା ସେଇଟିକି । ଆପଣା ଘର ଡ଼ିହଟିକି ବନ୍ଧା ପକେଇ ଶେଷରେ ବାହାଦେଲା ବାଲିପାଟଣା ନିଧି ପଧାନଙ୍କ ଘରେ । ହେଲେ ତା'ର ବି କପାଳ ଫୁଟ । ଛ'ମାସର ଛୁଆଟିଏ କୋଳରେ ଦେଇ ତା' ଭେଣ୍ଡା ବରଟା ବସନ୍ତରେ ଆଖି ବୁଜିଲା । କାନ୍ଦ ବୋବେଇ ମାଳ ଫେରି ଆସିଥିଲା ବୋଉ ପାଖକୁ । ସେଇ ଛୁଆବକଟକୁ ଧରି କୌଣସିମତେ ଦିନ କଟି ଯାଉଥିଲା । କଟି ଯାଉଥାନ୍ତା ବି, କିନ୍ତୁ ନିଷ୍ଠୁର

ଭଗବାନ—ପଥର ଗୁଡ଼ ତାଙ୍କର । ଶେଷରେ ସେ ଟୁଆଟିକୁ ବି ନେଇଗଲେ । ମାଳ ମୁଣ୍ଡ ପିଟି ବାଡ଼େଇ କରୁଣ ହେଇ ମର୍ଯ୍ୟ ଦାଗିଥିଲା ।·····ତା'ର ଟୁଆଥିବାରୁ ତା'କୁ ଅକଲିଆ ହେଇଥିଲା, ସ୍ୱା'ର ଟୁଆ ଯିବାରୁ ଇଏ ପାଗଳ ହେଇ ଯାଇଥିଲା । ଗାଁବାଲା ଧରା ଧରି କରି ଦୁହିଁଙ୍କୁ ଛାଡ଼ ଦେଲେ । ଫଞ୍ଚା କାନ୍ଥରେ ପୁଣି କାହୁଅ ନେଶା ହେଲା ।

ବଡ଼ଘରେ ସିନା ସବୁ ବାଛବଗୁର, ସବୁ ଲୁଚୁକାଳି ଖେଳ, ଗରିବ ଘରେ କିନ୍ତୁ ସେ ସବୁ ନଥାଏ । ଗରିବର ଭିତର ବାହାର ସବୁ ସମାନ । ବଡ଼ଘର ଝିଅଙ୍କ ଭଳି ସେ ବାହାରେ ସତୀ ଶିରୋ-ମଣୀ ହେଇ ଭିତରେ ଭିତରେ ପର ପୁରୁଷଙ୍କୁ ପ୍ରେମପତ୍ର ଲେଖେନା କି ଏଣେ ବିଧବାର ନିରାହାର ଏକାଦଶୀ ପାଳନା କରି ତେଣେ ପୂଜାରୀ, ଗୁରୁ, ଡ୍ରାଇଭର, ଟିଉସନ ମାଷ୍ଟରଙ୍କ ସଙ୍ଗେ ଲଠରି ପଠର ହୁଏନା । ସେ ଯାହାକରେ, ସବୁ ଡ଼ାକବକେଇ, ଖୋଲା ଖୋଲି, ପାଞ୍ଚଜଣଙ୍କ ଆଗିଆଗରେ । ସେ ଦୁତଅ ହୁଏ, କିନ୍ତୁ ବଜାରୀ ଟୋକାଙ୍କ ପାଲରେ ପଡ଼ି ଲୁଚି ଲୁଚି ଘରୁ ବାହାରିଯାଏ ନାହିଁ କି ବିଫଳ ମନୋରଥ ହେଇ ଶେଷରେ ଆତ୍ମହତ୍ୟା କରେ ନାହିଁ ।·····ମାଳ ପଛକଥା ଭୁଲି, ପିଛୁଲା ସ୍ମୃତି ପାସୋରି ପୁଣି ଘନର ହାତ ଧରିଲା । କାରଣ ବଂଚି ରହିବାକୁ ହେଲେ ମଣିଷକୁ ଗଲାକଥାକୁ ନିଶ୍ଚୟ ଭୁଲିଯିବାକୁ ହେବ । ଯାବୁଡ଼ି ଧରିଲେ ଖାଲି ନକେ ମୁହଁମାଡ଼ି ପଡ଼ିବ ସିନା, ଜୀଇ ବଂଚି ଆଗେଇ ଯାଇ ପାରିବ ନାହିଁ ।

ସେହି ଟୁଆରକୁଣୀ ମାଳ କୋଡ଼ରେ ମା'ଙ୍କେଉଣ୍ଡ 'ଦ୍ୱାଗ'ଟିକୁ ଛାଡ଼ଦେଇ ଘନରାଉତେ ଗଲେ କଲିକତା । ଜମିବାଡ଼ି ଭ ଇଙ୍କର୍ଣ୍ଣୀ

କିଛି ନଥିଲା । ଯାହା ବା ଥିଲା,ତା’ ନଈବଢ଼ିରେ ଗଲା ବାଲିତର । ପେଟ ପୋଷିବାର ଅନ୍ୟ ପନ୍ଥା ନ ଦେଖି ଗାଉଁତେ ଠିକଠ କାଟିଲେ ହାବୁଡ଼ା········ବର୍ଷପରେ ବର୍ଷ ବିତି ଯାଉଛି । ଗାଉଁତେ ଦୋଳ, ଦଶରା, ରଜ, ବଡ଼ଓଷାକୁ ଘରକୁ ଆସିଛନ୍ତି ଯାଉଛନ୍ତି । ମାତ୍ର କେଇଟି ଦିନ୍ଯା ଗାଁରେ କଟିଛି ସିନା, ବର୍ଷର ଦଶମାସ, ଏଗାରମାସ କଟିଛି ସେହି ଗଙ୍ଗା କେଠୀରେ, ଚଟକଲରେ, ମାଛୁଆଲୀ ଘଟିରେ । ମୋଟ ବୋହି ବୋହି ପିଠି ଆବୁ ହେଉଛି, ଜୀବନ ମୂହୁର୍ତ୍ତ ଖଟି ଖଟି ଶେଷକୁ କୁରୁମ ହେଉଛନ୍ତି—ତଥାପି ଗାଁକୁ ଫେରି ନାହାଁନ୍ତି, କାରଣ ଗାଁରେ ଭାତ ନାହିଁ, ଲୁଗା ନାହିଁ, ପିଲାଛୁଆଙ୍କୁ ବଂଚେଇ-ବାର ସମ୍ବଳ ନାହିଁ ।

ସମସ୍ତେ କହୁଥିଲେ ଆଉ ହବନାହିଁ । କିନ୍ତୁ ଅଜଗବ କଥା, ବୁଢ଼ାଦିନେ ଗାଉଁତଙ୍କର ହେଲା ଆଉ ଗୋଟିଏ ପୁଅ । ‘ଦିଗ’କୁ ସେତେବେଳକୁ ଚଉଦ ପୁରି ପନ୍ଦର । ବାପ ମା’ ଶରଧାରେ ନାଁ ଦେଲେ ଦିଗମ୍ବର ସାଙ୍ଗକୁ ଦିବାକର ।

ଦିଗମ୍ବର ସଉଁତୁଣୀର ପୁଅ—ଶମ୍ଭୁ । ହେଲେ ମାଳ ଦିନେ ସପନରେ ବି ତା’କୁ ପର ବୋଲି ଭାବି ନାହିଁ । ଦିନ ହାତଧରି ଏଘରକୁ ଆସିବାଦିନୁ ସେ ଭୁଲିଯାଇଛି ସବୁ ପଛକଥା । ଏହି କୁଲୁକୁଲିଆ ଟିକି ପୁଅଟିକୁ କୋଳକୁ ଟେକି ନେଇ ସେ ଆପଣାର ମଲା ସ୍ୱାମୀ, ମଲାପୁଅ, ଜଳିଲା ପୋଡ଼ିଲା ସ୍ମୃତି—ସବୁ ପାଶୋରି ଦେଇଛି ମନରୁ । ହୃଦୟର ସମସ୍ତ ସ୍ନେହ, ପ୍ରୀତି, ମାୟା, ମମତା ନିଗାଡ଼ି ଦେଇ ଦିନରାତି ଛାତିରେ ଜାକି ଧରିଛି ଏଇ ଛୁଆଟିକି । ଆଉ ତା’ ଫଳରେ ଛୁଆଟି ବି ଏକାବେଳକେ ଭୁଲିଯାଇଛି ତା’ ଜନ୍ମିତି ମା’ କଥା । ମାଳକୁ ଗୋଟିପଣେ ଆଦରି ଯାଇଛି, ଏବଂ

ଏହି ଖୋଲାମନ, ଖଲଖଲିଆ ସ୍ୱଭାବର ଶେଷ ପରିଣତି ଏଇଆ ହୋଇଛି ଯେ ମାଳ ଯେମିତି ଦିଗମ୍ବରଙ୍କୁ ପ୍ରାଣଠୁଁ ଅଧିକ ଭଲ ପାଉଥିଲା, ଦିଗମ୍ବର ସେମିତି ତା' ଟିକିଭାଇ ଦିବାକରକୁ ଅଧିକ ତୋଳି ଧରିଲା—ସ୍ନେହ ଶରଧାରେ ଦଣ୍ଡକ ପାଇଁ ତଳେ ଥୋଇ ଦେଲା ନାହିଁ ।

ବୁଢ଼ା ଧନ ରାଉତଙ୍କ ଆଖିରୁ ପାଣି ଗଡ଼ି ଆସିଲା । ଶେଷ-ବେଳେ ଯେ ଏମିତିକା ଗୁଣର ଘରଣୀଟିଏ ପାଇବେ ଏବଂ ପିଲାମାନଙ୍କର ଏଭଳି ହସ ହସ ସୁଖର ସଂସାର ଦେଖି ଆଖି ବୁଜିବେ, ଏହା ସେ କେବେ ଆଶାକରି ନଥିଲେ ।···ଦିଗମ୍ବରଙ୍କୁ କ୍ରମେ ଅଠର ପୂରି ଉଣେଇଶ ପଶିଲା । ଜଣେ ପାରି ଉଠିଲା ବେଳକୁ ଆଉ ଜଣେ ଗଲା ନଇଁ । ବୁଢ଼ା ଆଉ କାମକୁ ପାରିଲେ ନାହିଁ । ଶେଷରେ ବିଦାୟ ନେବା ଆଗରୁ ଚଟକଲ ସାହାବଙ୍କୁ କହି, ବଡ଼ବାବୁଙ୍କୁ ଧରାଧରି କରି ସେହି କାମରେ ଭରତି କରିଦେଲେ ପୁଅକୁ । ବୁଢ଼ା ଆସିଲା ମରିବାକୁ—ଭେଣ୍ଡା ଗଲା ସେମିତି ଜୀବନ ମୁ ନ୍ଦ୍ରୁ ଖଟି ଖଟି, ଅଣ୍ଟାପିଠି କୁଜା କରି ଅଳପ ଦିନେ ବୁଢ଼ା ହେବାକୁ । ଏହା ତଳଘଟିର ନିତିଦିନିଆ ଧରାବନ୍ଧା ଗତି । ନୂଆକଥା କିଛି ନୁହେଁ ।

ଅଭାବରେ ପଡ଼ି ରାଉତେ ଦିଗମ୍ବରକୁ ଗାଁ ଚଟଶାଳୀରୁ ଆଉ ଅଧିକ ପଢ଼େଇ ପାରି ନଥିଲେ । ଅବକା ଗାଁକୁ ଆସି ପାକୁଆ ପାଟିରେ "କମଳଲୋଚନ", "କେଶବ କୋଇଲି" ଆଉଡ଼େଇଲା-ବେଳେ ମନ ହେଲା, ଦିବାକରକୁ ଟିକିଏ ବେଶୀ ପଢ଼େଇବେ । ତାଙ୍କ ଦିହାନ୍ତ ତ ଏମିତି କୁଲି ମୂଲିଆ ହୋଇ କଟିଲା, 'ଦିଗ' ତ ସେମିତି ଘରଦୁଆରେ ଖଟି ଖଟି ସଢ଼ିବ, ଏଇ 'ଦିବ'ଟି ହେଉଲ

ଦ'ଅକ୍ଷରର ପଢ଼ୁ । ସେହି ହେଲେ ଏ ବଡ଼ଁଶରେ ବାବୁ ହବ—ନାଁ ରଖିବ ।

ଦବାକର ସ୍କୁଲରେ ବସିଲୁ । କିନ୍ତୁ ତା' ବାବୁହବା ଦେଖିବାକୁ ବାପା ବେଶୀଦିନ ରହିଲେ ନାହିଁ । ସେ ବର୍ଷ ଅନେକ ଦିନ ବର୍ଡି ପାଣି ରହି ଛୁଡ଼ିଯିବା ପରେ ପରେ ହଠାତ୍ ମାଡ଼ିଆସିଲା ହଇଜା । ପେଟ ବିକଳରେ ଲୋକେ ଏଣୁତେଣୁ ଖାଇ ବହୁତ ମଲେ । ଗାଁକୁ ଗାଁ ପଦା ହେଇଗଲା । ଅକସ୍ମାତ କାହିଁକ ଦିଗମ୍ବର ଆସିଥାଏ ଘରକୁ । ପିଲାମାନେ କାଳେ ଡରିବେ, ସେଥିପାଇଁ ତା'ଙ୍କୁ ଘରେ ପୂରେଇ ବାପାବୋଉ ଦୁଆର ମୁହଁରେ ଜଗି ବସିଥାନ୍ତି । ନିଶବଦ ରାତିରେ—ଗାଁ ମୁଣ୍ଡରେ ହଠାତ୍ ଅବତାର ବାଜା ବାଜିଉଠିଲା । ପିଲାମାନେ ଡରିଲେ କି ନାହିଁ କେଜାଣି ବୁଢ଼ା ଡରିଗଲେ । ସାଙ୍ଗେ ସାଙ୍ଗେ ହେଲା ଝାଡ଼ା । ତା' ପରେ ପରେ ହେଲା ବୋଉର । ବହୁତ ସେବା ଶୁଶ୍ରୂଷା ପରେ ବୋଉ ଭଲ ହେଇଗଲା । କିନ୍ତୁ ବାପା ଠାକଲେ ନାହିଁ । ଗଲାବେଳେ ଖାଲି 'ଦିଗ'କୁ ଏତିକି କହିଗଲେ—"ବାପା ! ଦିବ ନାଗିଲା । ତା'କୁ ମଣିଷ କରିବୁ", ମାଳକୁ ତୁହିଁ କ'ଣ କହି ଆସୁଥିଲେ , କିନ୍ତୁ କହିପାରିଲେ ନାହିଁ ! କୋରଡ଼ ଆଖିରୁ ଠପ୍ ଠପ୍ ହେଇ ଲୁହଧାର ଗଡ଼ି ଆସିଲା ।......

## —ଗ୍ରୂଷ—

ଚଳଘଟିରେ ଖାଲି ବଢ଼ି ଆସେ ନାହିଁ, ତା' ସାଙ୍ଗେ ସାଙ୍ଗେ ଆସେ ବୁଢ଼ୀ—ଆସେ ବସନ୍ତ, ମେଲେରିଆ, ପିଳେହି, ପାଳିଜର । ମାସ ମାସ କାଳ ଗାଁଗଣ୍ଡା ସବୁ ବଢ଼ି ପାଣିରେ ବୁଡ଼ିରହିବା ପରେ ଯେତେବେଳେ ଆସ୍ତେ ଆସ୍ତେ ପାଣି ଛୁଡ଼ିଯାଏ, ସେତେବେଳେ

ଘୁରିଆଡ଼ି ହେଉଥିଲେ ଅତି ସନ୍ତସନ୍ତିଆ । ସ୍ଲେଟ ସ୍ଲେଟ ଗଛ, ବୁଦା, ଘାସ, କଅାବଣ ଆଦି ସଢ଼ି ପଚି ସତ୍ୟାନାଶ ହୁଅନ୍ତି । କ୍କ ଏକ ବକଟ ଦୁର୍ଗନ୍ଧ ତହିଁରୁ ବାହାରି ଗାଁସାରା ଖେଳେଇ ହେଇଯାଏ । ଯେତେ ପୋଖରି ଖାଲଖମା, ଗାଡ଼ିଆ ପୋଖରୀ ଥାଏ, ସବୁଥିରେ ପୁଣି ଭରିଯାଏ ଏଇ ମାଟି ଗୋବର ମିଶା ଅସନା ପାଣି । ଉପରୁ ମେଞ୍ଚା ମେଞ୍ଚା ବାଉଁଶପତର, ଆମ୍ବପତର ଝିଙ୍କ ତା'ଉପରେ ଜମା ହୁଏ । ତଳେଥିବା କଲକତ ଦଳ, ବୋଉଷାଂଜ ଦଳ ଆସ୍ତେ ଆସ୍ତେ ପଚେ । ଫଳରେ ସେଥିରୁ ଜନ୍ମହୁଅନ୍ତି ଲକ୍ଷ ଲକ୍ଷ କୋଟି କୋଟି 'ଆନୋଫେଲସ୍'ର ବଂଶ । ଗୁଣୁ ଗୁଣୁ ଶଢକରି ମାଡ଼ି ଯାଆନ୍ତି ଗାଁକୁ ଗାଁ । ମଶାରୀ ବ୍ୟବହାର ତ ଆମ ଲୋକେ ଜାଣନ୍ତି ନାହିଁ । ଆଉ ଜାଣିଲେ ବା କେତେଜଣଙ୍କର ସେଥିପାଇଁ ସମ୍ବଳ ଅଛି ? ତେଣୁ ସେହି ଯେ ଆନୋଫେଲସ୍ ଦଳ ( ମଶା ) ନବବଧୂ ଭଳି ପ୍ରେମଗୁଂଜନ କରି ଧାଇଁ ଆସନ୍ତି, ସେମାନେ ଜଣେ ହେଲେ କାହାକୁ ଆଲିଙ୍ଗନ, ଚୁମ୍ବନ ନକରି ଛାଡ଼ନ୍ତି ନାହିଁ । ଆଉ ପ୍ରେମର ଆତିଶଯ୍ୟ ଶେଷରେ ଏତେ ବେଶୀ ହୁଏ ଯେ ଲୋକେ ଆଉ ସମ୍ଭାଳି ହୋଇ ବସି ପାରନ୍ତି ନାହିଁ—ଲମ୍ବ ହୋଇ ବଛଣା ଧରନ୍ତି ।

ପଟାଳି ଭଳି ପଡ଼ିଯାନ୍ତି ଗାଁକୁ ଗାଁ । ପାଳିଜର, ଏକୋଇ ଜର, ପିଲେହି ଜର—ଭିନ୍ନ ଭିନ୍ନ ରୂପରେ ଆସି ଭିନ୍ନ ଭିନ୍ନ ଯାଗାରେ ଦେଖାଦିଏ ମେଲେରିଆ । ମାସ ମାସ କାଲ ଭୋଗି ଭୋଗି ଲୋକଙ୍କର କଣ୍ଠା ହୋଇଗଲେ—ପଂଜରା ହାଡ଼ ଦିଶେ । ସବୁ ସବୁ ଗୋଡ଼ହାତରେ ଓଲଆ ଭଳି ପିଲେହି ପେଟମାନ ବାହାରି ପଡ଼ି କ ଏକ କୁତ୍ସିତ, କଦାକାର ସଂକ୍ରାନ୍ତ ପୁରୁଷର ଚେହେରା କରିଦିଏ ଶେଷକୁ । ଔଷଧ ବୁଝିଏ ତ ସେଠି ମିଳିବା ସାତସପନ । ରାନ୍,

ମିଶ୍ରି, ବାର୍ଲି, ଶାଗୁ ବା କମଳା, ଅଙ୍ଗୁରର ପ୍ରଶ୍ନ ସେଠି ଉଠୁନାହିଁ । କାରଣ ସେମାନେ ଗରିବ—ମଲାମୁଣ୍ଡିଆ । ଖାଲି ଲୁଣ, ପଖାଳ ଭାତହିଁ ତାଙ୍କର ଜୀବନ ।......ଫଳରେ ଦିଆଲି ଅମେଇସିଆ ଦିନ ମେଞ୍ଚା ମେଞ୍ଚା ପୋକଯୋକ ମଲା ଭଳି ଦିନ କେଇଟାରେ ପୋଛି ହୋଇଯାନ୍ତି ଶହ ଶହ ଲୋକ ।

ପୁଣି ବେଳେ ବେଳେ ସେହି ଲୁଣ, ପଖାଳ ବି ମିଳେ ନାହିଁ । ନଈ ହଟ କଲେ ସେଇ ଭାତମୁଠାକ ପେଇଁ ନାଗିଯାଏ କେତେ ନାଟ । ପିଲାଛୁଆଙ୍କୁ ଅପନ୍ତରାରେ ବସେଇଦେଇ କେତେ ଦେଶାନ୍ତରୀ ହୁଅନ୍ତି—କେତେ ବାପଅଜାର ସାତ ପୁରୁଷି ମାନମହତରେ ଜଳାଂଜଳି ଦେଇ ଯାଆନ୍ତି କଲିକତାରେ କୁଲିଗିରି କରିବାକୁ । ଯିଏ ରହନ୍ତି, ସିଏ ପେଟ ବିକଳରେ ଖାଆନ୍ତି କଇଁଆପତର, କଇଁମୂଳ, କାନସିରି ଶାଗ । ଭୋକରେ ପେଟ ହୁ ହୁ ଜଳୁଥାଏ । ସେଥିରେ ଏମିତି ଆଡ଼ୁ ସାଡ଼ୁ ପଡ଼ିବା ଫଳରେ, ଏଠୁ ସେଠୁ ପୋଖରୀ ଗାଡ଼ିଆରୁ ପାଣି ପିଇବା ଫଳରେ ଆରମ୍ଭ ହୋଇଯାଏ ଝାଡ଼ା । ମାଡ଼ିଆସେ କଲେରା—ମହାମାରୀ । ପୁଣି ଖାଲିପେଟକୁ ତ ହଇଜା ବାଇ । ଜଣକର ହେଲେ ପରୁଶ ଜଣଙ୍କର ହୁଏ । ସାହିକି ସାହି ସଫା ହୋଇଯାଏ ରାତାରାତି । ହେଲେ ତା'ର ପ୍ରତିକାର ସେଠି କିଛି ନାହିଁ । ସୁଟ୍‌ରେ କାଦୁଅ ନାଗିବା ଡରେ କୌଣସି ଡାକ୍ତର ସେଠିକି ଯା'ନ୍ତି ନାହିଁ—ମଟର ଯିବାଭଳି ପିଚୁରାସ୍ତା ନଥିବାରୁ କୌଣସି ନେତାଙ୍କ କାର୍ ସେଠିକି ଯାଏ ନାହିଁ । ଖାଲି ସେହି ହତଭାଗ୍ୟ ଲୋକଙ୍କର ଦାରିଦ୍ର୍ୟକୁ ଉପହାସ କରି ବର୍ଷିବେଳେ ମୁଠାଏ ମୁଠାଏ ଚୂଡ଼ା ଗୁଡ଼ଲ ନେଇ ବାଣ୍ଟନ୍ତି କଟକର ଧୋବଧାଉଳିଆ ବାବୁମାନେ । ଲୋକଙ୍କର ଦୁଃଖ ପ୍ରକୃତରେ ଲାଘବ ହୁଏ କି ନାହିଁ କେଜାଣି, ଦାତାଙ୍କର ଗୁଣଗାରିମା, ଦାନ, ଉଦାରତା ଶତମୁଖରେ

ପ୍ରକାଶିତ ହୁଏ ଖବରକାଗଜ ସ୍ତମ୍ଭରେ—ପ୍ରଚାରିତ ହୁଏ ଟାଉନ୍-ହଲ୍‌ର ଗୁରୁଗମ୍ଭୀର ବକ୍ତୃତାରେ ।

ସେତକରେ ସେଠାର ଦୁଃଖ ସରେ ନାହିଁ । ସାପ ଆସେ, କୁମ୍ଭୀର ଆସେ—ସମୁଦ୍ରରୁ ସାଙ୍କୁଚ ମଗର ଉଠିଆସନ୍ତି । ବେଳେ-ବେଳେ ବଡ଼ ବଢ଼ି ଆସିଲେ ବାଘଭାଲୁ ବି ଭାସିଆସନ୍ତି ବଣଜଙ୍ଗଲରୁ । ଫଳରେ ଗାଈଗୋରୁ, ଛେଳି ମେଣ୍ଢା ତ କେତେ ଯାଆନ୍ତି, ତା' ଛଡ଼ା ଏହି ମଣିଷର କେତେ ଦୁର୍ଲଭ ଜୀବନ ବି ଯାଇଁ ସ୍ଥାନପାଏ ସେହି ଜନ୍ତୁଜାନୁଆରଙ୍କ ପେଟରେ । ଅବଶ୍ୟ ସେହି ଲୋକମାନଙ୍କ ଭିତରେ କେହି ପାଠୁଆ, ପେଟୁଆ ବା ମୋଟୁଆ ଲୋକ ନଥାନ୍ତି, ତେଣୁ ତାଙ୍କ ଜୀବନକୁ ଦୁର୍ଲଭ କୁହାଯାଇ ନପାରେ (?), କିନ୍ତୁ ତଥାପି ଜୀବନ ତ ! ମଣିଷର ଜୀବନ ତ !! କିଏ ଖବୁଛି ? ସରକାର ନା ସାଧାରଣ—କାହାର ଏ ଆଡ଼କୁ ଦୃଷ୍ଟିଅଛି ?

ତଳମାଳର ଲୋକେ ଏହି ବିଂଶ ଶତାବ୍ଦୀର ଆଲୁଅ ଯୁଗରେ ଏମିତି ମଶାମାଛି ଭଳି ସାଲୁବାଲୁ ହୋଇ ବଢ଼ିରେ, ବୁଡ଼ିରେ, ମହାମାରୀରେ, ମେଲେରିଆରେ, ସାପ ଗୋଟରେ, କୁମ୍ଭୀର ପେଟରେ କଲବଲ ହୋଇ ମରନ୍ତି—ସମଗ୍ର ଜାତି ମୁଖରେ କଳଙ୍କ ବୋଳି ପେଟବିକଳରେ ଯାଇଁ ପଡ଼ୋଶୀ ଦୁଆରେ ହାତ ପତାନ୍ତି-ମୋଟ ବୁହନ୍ତି, ତଥାପି ଆମେ ସ୍ୱାଧୀନ ! ତଥାପି ଆମେ ସୁଖରେ ଅଛୁ ବୋଲି ମନ୍ତ୍ରୀମାନେ ଆସେମ୍ବ୍ଲି କଂପେଇ ବକ୍ତୃତା ଦିଅନ୍ତି !!

ବଡ଼ଲୋକଙ୍କ କୁକୁରକୁ କାଶହେଲେ ଖବରକାଗଜରେ ଭୁହାଇ ଭୁହାଇ ବାହାରେ, କିନ୍ତୁ ଶହେହଟା ଗରିବ ଏକାବେଳକେ ମରିଗଲେ କେହି ଆହା ବୋଲି ପଦେ କହେ ନାହିଁ । ସାତବରଷର

ଛୁଆ 'ଦବ' ଟିକ ଦାଣ୍ଡଧୂଳିରେ ବସେଇଦେଇ ବୋଉ ଆଖି ବୁଜିଲା ।......ଆଠମାସ ହେଲା ପାଳଜରରେ ଘାଣ୍ଟି ହେଉଥିଲା । ଶୁଖିଶୁଖି ହାଡ଼ କେଇଖଣ୍ଡ ଶେଷକୁ କଡଘରେ ନାଗିଗଲା । ହେଲେ ଏ ଆଠମାସ ଭିତରେ ଆଠପାନ ବ ଔଷଧ ସେ ଖାଇ ନାହିଁ । କୋଉଠୁ ବା ଔଷଧ ପାଇବ ? ଏଇ ଗାଁର ନାରଣ ସୁବୁଦ୍ଧିଏ ଚାଚା କଂପାନୀରେ ମୂଳମକୁଲି ଲାଗି ବହୁତକଷ୍ଟରେ ସାନଭାଇଟିକି ଡାକ୍ତରୀ ପଢ଼େଇଥିଲେ ଯେ ପାଶ୍‌କଲା ବାସୀଦନ ସେ ଯାଇଁ ରହିଲ କଟକରେ । ବେଶୀ ଆୟ ହେବ, ବେଶୀ କଲ୍ ମିଳିବ, ସମ୍ମାନ ପ୍ରତିପତ୍ତି ବ ଦିନକୁଦିନ ବଢ଼ି ଉଠିବ ସେଠି । ଏ ମକମୁଣ୍ଡି ଆ ମଫସଲରେ ରହିଲେ ଉନ୍ନତି ହେବ କେମିତି ? ପାଠପଢ଼ାର ଖର୍ଚ୍ଚଟା ବ ଉଠିବା ଏଠି ଅସମ୍ଭବ ।......ଏଇ ହେଲା ଏ ଯୁଗର ମତିଗତି । ସବୁବେଳେ ଖାଲି ବେପାରବୁଦ୍ଧି—ଲାଭକ୍ଷତିର ହିସାବ । ଲକ୍ଷ ଲକ୍ଷ ଲୋକଙ୍କର ବହୁମୂଲ୍ୟ ଜୀବନର ଭାର ଦିଆ ହୋଇଛି ଯା' ଉପରେ, ତା'ର ପୁଣି ଏଇ ପଇସାର ମୋହ ! କ୍ଷମତାର ମୋହ !! ହୃଦୟ ଏଠି କାହିଁ ? ସଭ୍ୟତା ଯେ ଏଠି ହାଡ଼ାବେପାରୀ ।

ସମସ୍ତେ ଯେମିତି ମରୁଛନ୍ତି, ବୋଉ ସେମିତି ମଲା । ଔଷଧ, ପଥ୍ୟ, ପାଚନ, ଫଳରସ—କୌଣସିଟା ବ ପାଇଲା ନାହିଁ ସେ । ତାର ପାଇ ତିନିମାସ ଆଗରୁ ଦଗମ୍ବର ଆସିଥିଲା । ବହୁତ ଖିରତୋରାଣି ଯେଇଛି—ବହୁତ ନାଜିଆମଣ୍ଡ ଖୋଇଛି । ସିଙ୍ଗଡ଼ାହାର ପତର ରସରେ ମହୁ ଅନୁପାନ ଦେଇ ଜଗୁ ବଇଦଙ୍କର କେତେ କେତେ ନାଲି ବଟିକା ତା'କୁ ଚଟେଇଛି, ହେଲେ ସବୁ ବୃଥା । ଶୋଥ, କାମଳ, ପିଳେହି, ରକ୍ତହୀନତା ସବୁ ଯୋଉଠି ଏକାକାର, ସେଠି ଏ ଅନାଡ଼ି ଅବଧାନଙ୍କର ଝୁଣ୍ଟୁ ଝୁଣ୍ଟୁକା ଚେରମୂଳ କ'ଣ ବା'

କରିବ ? ଖାଲି ଗୁଡ଼ାଏ ପିଠା, କଷା, ଘିଅ, ଆମ୍ବିଳା ଖାଇଖାଇ ପାଟି ଅରୁଚି ବଢ଼ିଲା ସିନା, ରୋଗ ଦବିଲା ନାହିଁ ।

ଦିଗମ୍ବର ଘରର ସବୁ ଯାନଆସନ ବିକି, କଂସାକୁଣ୍ଡ ବନ୍ଧା ପକେଇ, ଶେଷରେ ଘରଡ଼ିହ ଖଣ୍ଡିକ ବି ସାହୁକାର ଘରେ ବନ୍ଧକ ଦେଇ ବହୁତ ପଇସା ବୋଉପିଠି ଖର୍ଚ୍ଚ କଲା । ରାତିରାତି ଅନିଦ୍ରା ହୋଇ ବିଛଣାରେ ବସି କେତେ ସେବା, ଶୁଶ୍ରୂଷା କଲା । ଗୋଡ଼ ମୋଡ଼ିଦେଲା, ଦେହ ଝାଡ଼ିଦେଲା, ମୁଣ୍ଡ ଆଉଁସି ଦେଲା । ଶେଷକୁ ନିର୍ବିକାର ଚିତ୍ତରେ ଛେଳୁଆ ଛେଳୁଆ ମଳମୂତ୍ର କାଢ଼ି ଆପଣା ହାତରେ ସଫା କଲା ।......ବୋଉ ଆଉ ଥୟ ଧରି ପାରିଲା ନାହିଁ । ଭୋ ଭୋ କାନ୍ଦଉଠି କୁଣ୍ଢେଇ ପକେଇଲା ଦିଗମ୍ବରକୁ । ଦିବାକର ସେତେବେଳେ ରହିଗଲା କୋଉ ପଛରେ । ବାହୁନି ବାହୁନି ବୋଉ କହିଲା—"ଦିଗରେ ! କିଏ କହେ ତୁ ମୋର ସଉତୁଣୀର ପୁଅ ? କିଏ କହେ, ତୁ ଗଣ୍ଡମୂର୍ଖ ? ତୁ ଆଜି ଯାହା କରୁଛୁ, ଲକ୍ଷେ ପାଠୁଆ ତ ତା' କରିବେ ନାହିଁ—ଲକ୍ଷେ ନିଜର ପୁଅ ବି ତ ତା' ପାଖେ ପଶିବେ ନାହିଁ । ଠାକୁରେ ତତେ କୋଟି ପରମାୟୁ ଦିଅନ୍ତୁରେ—ପିଲାଛୁଆ ନେଇ ସୁଖରେ ତୁ ଘରଦୁଆର କର ।" ଦିଗର ଆଖି ଛଳଛଳ ହୋଇ ଆସିଲା । ସାତ ବରଷର ପୁଅ ଦିବ ବୋଉର ବିକଳ ସହି ନପାରି କାଇଁ କାଇଁ ହୋଇ କାନ୍ଦଉଠିଲା ।

ବୋଉ ଚାଲିଗଲା । ଘରର ଜିନିଷପତ୍ର ସବୁ ଯାଇଥିଲା । ଆଉ ଯାହା ଯେମିତି ପେଡ଼ି, ପେଟରା, ଖଡ଼ପଟା, ଗୁରୁବାର-ମେଢ଼ୁଲି ଆଦି ଥିଲା, ସେ ସମସ୍ତ ବିକି ଖର୍ଚ୍ଚି ଦିଗମ୍ବର କଲା ବୋଉର ଶୁଦ୍ଧି । ବାକି ରହିଲା ଭଙ୍ଗା ଦଦରା ଚାଳର ଶୂନ୍ୟ ଘରଟି । ଚୁରିକଣା

ଖରିକ ଆଣିଲେ ବି ଅଗାରି ଝଗୁପାଟିଏ ବାହାରିବ ନାହିଁ । ଉହିଁ ପୁଣି ପଡ଼ିଛି ସାହୁଘରେ ବନ୍ଧା । ଆଉ ତା' ପ୍ରତି ମମତା ରଖି ବସି ରହିଲେ ହବ କଣ ? ନିଜେ ତ ମରିବ – ଏ ଟିକି ଛୁଆଟିକି ଭୋକ-ଉପାସରେ ଦହଗଂଜ କରି ମାରିବ ସିନା । ନା, ନା, ଆଉ ବିଳମ୍ବ କରିବା ଉଚିତ ନୁହେଁ । ସେହି ମେଲା ଘରଟିରେ ତାଲାଟିଏ ପକେଇ ଦିବାକରକୁ ସାଙ୍ଗରେ ଧରି ଦିଗମ୍ବର ବାହାରିଲା କଲିକତା ।

× × ×

ଆମ ଓଡ଼ିଆ ପିଲା – ପୁଣି ବିଶେଷତଃ ତଳଘଟି ଭଳି ନିପଟ ମଫସଲ ଅଂଚଳର ଛୋଟ ପିଲାଟିଏ ପହିଲେ କଲିକତା ସହର ଦେଖି ଆବାକାବା ହୋଇଯିବା ସ୍ୱାଭାବିକ । କୁଆଡ଼େ ଯିବ, କ'ଣ କରିବ, କାହା ସାଙ୍ଗରେ କଥା କହିବ — କିଛି ସ୍ଥିର କରି ପାରିଲା ନାହିଁ । ଯୁଆଡ଼େ ଦେଖୁଛି, ସାଡ଼େ ମଣିଷ ହାଉଯାଉ । ଗାଡ଼ିଘୋଡ଼ା, ମଟର, ଟ୍ରାମରେ ରାସ୍ତା ଦୁଲୁଦୁଲୁ କଂପୁଛି । ଘରଗୁଡ଼ାକ ପୁଣି ଏଡ଼େ ବଡ଼ବଡ଼ ଯେ ତା ଅଗ ଯାଏଁ ସରଗରେ ନାଗିଗଲା ଭଳି ଲାଗୁଛି । କଳଘର ଭିତରେ ଆହୁରି ବେଶୀ ହୁଲସ୍ଥୁଲ କାଣ୍ଡ । ସବୁବେଳେ ଧମ୍‌ଧମ୍, ଫସ୍‌ଫସ୍, ଭୁସ୍‌ଭୁସ୍ ହୋଇ ରାକ୍ଷସଭଳିଆ କଳ ଚାଲିଛି । ଦିବାକରର ମନେ ହେଲା, ସତେ ଯେମିତି କେତେବେଳେ ସେ କୋଉଠି ଗାଡ଼ିତଳେ ଚାପା ପଡ଼ିଯିବ ବା କଳତଳେ ପେଷି ହୋଇଯିବ । ତେଣୁ ସବୁବେଳେ ସେ ଡରିଡରି ଭାଇର ହାତ ଧରି ବା ଭାଇକି କୁଣ୍ଢେଇ ମୁଣ୍ଢେଇ ବାଟ ଚାଲେ । ବସାରେ ଶୋଇଥିଲା-ବେଳେ ବି ବେଳେବେଳେ ଚିରିଚିରେଇ ଉଠି ଭାଇକି କୁଣ୍ଢେଇ ପକାଏ ।

ବସା ଦୁଆରମୁହଁରେ ନିର୍ଜନରେ ବସିଥିଲାବେଳେ ଦିବାକରର ବରାବର ଗାଁକଥା ମନେପଡ଼େ । ସାଙ୍ଗଛୁଆମାନଙ୍କ ହସ ହସ ମୁହଁ ଆସି ଆଖି ଆଗରେ ନାଚିଯାଏ । ଶ୍ୟାମ, ବାସୁ, ପହଲି, ଦାଶରଥି—ସମସ୍ତେ ଯେମିତି ଆସି ଡାକୁଛନ୍ତି ତାକୁ—"ଆ'ରେ ଦିବ ! ଲୁଚକାଳି ଖେଳିବା, ବୋହୂଚୋରି ଖେଳିବା, ଡାଳିମାଙ୍କୁଡ଼ି ଖେଳିବା—ନଇଲେ ଯାଇଁ ନଈପଠାରେ ବୋଳିବା ଭୁଇଁ ବରକୋଳି, ପିତାଶାଗ, କୁଣ୍ଡିପୋଡ଼ା ପତର ଆଉ ତା' ନହେଲେ ଚୋରି କରିବା ଯାଇଁ ବାଲିପାଟଣା ନାୟକ ଘର ପଠାରୁ କାକୁଡ଼ି, ଫୁଟି, ତରଭୁଜ ।"......ଶୁଣିକିନା ଚମକିପଡ଼େ ଦିବାକର । ମନ ଛଟପଟ ହୁଏ ଗାଁକୁ ଫେରିଯିବାକୁ । ଠିକ ଚଢ଼େଇ ଭଳି ତା'ର ଯୋଡ଼ିଏ ପର ଥାଆନ୍ତା କି ସେ ଏଇ ମୁହୂର୍ତ୍ତରେ ଉଡ଼ି ଉଡ଼ି ଚାଲିଯାଆନ୍ତା ଗାଁକୁ—କୁଣ୍ଢେଇ ପକାନ୍ତା ଯାଇଁ ଦାଶ, ବାସୁ, ପହଲିଙ୍କୁ ।

ଭାଇ ବୁଝାନ୍ତି—"ଆମେ ଗରିବ ଲୋକ । ଆମର ଜମିବାଡ଼ି ନାହିଁ, ଘରଦ୍ୱାର ନାହିଁ, ସେଠି ରହିଲେ ଆମେ ଖାଇବା କ'ଣ ? ତୁ ପାଠଶାଠ ପଢ଼ି ବଡ଼ ହୋ କି, ସେଠି ଘର କରିବା, ଜମି କିଣିବା, ସମସ୍ତେ ଯାଇଁ ସେଠି ରହିବା ।" ଦିବାକର ବୁଝେ—ସତକଥା, ସେମାନେ ଗରିବ । ମହାଜନ ଘର ପୁଅ ବୋଲି କୃପାସିନ୍ଧୁ ପଟ୍ଟାମୁଣ୍ଡେଇରେ ପଢ଼ିଲା, ଅନନ୍ତ କଟକରେ ପଢ଼ିଲା, ଗଦାଧର ଯାଇଁ କେନ୍ଦ୍ରାପଡ଼ାରେ ନାଁ ଲେଖେଇଲା, ଅଥଚ ଗରିବ ବୋଲି ତା'କୁ ଛାଡ଼ିବାକୁ ହେଲା ଗାଁ । ସେହି ଅତିପ୍ରିୟ ସାଙ୍ଗସାଥୀମାନଙ୍କଠାରୁ ବିଦାୟ ନେଇ ତା'କୁ ଆସିବାକୁ ହେଲା ଏଇ ସୁଦୂର ବିଦେଶ ।......ଗାଁର ନଈ, ପୋଖରୀ, ଦେଉଳ, ଆମ୍ବତୋଟା, ଜାମୁକୋଳି ଗଛ, କଣ୍ଟେଇକୋଳି ବୁଦା ଏପରିକି ଦାଣ୍ଡଧୂଳି

ସ୍ୱପ୍ନୀଯନ୍ତ୍ର-ସବୁ ଆସି ଗୋଟି ଗୋଟି ହୋଇ ଉଭା ହୁଏ ତା' ଆଗରେ । ଆଖି ଲୋତକମୟ ହୁଏ ।

ଆପଣା ହାତରେ ଲୁହ ପୋଛି ଦେଇ ଦିଗମ୍ବର କହେ—"କାନ୍ଦ୍ ନାରେ—ବାପା ବୋଉ ମରିଛନ୍ତି ସିନା, ମୁଁ ତ ମରି ନାହିଁ, ମୁଁ ଥିବାଯାଏ ତୋ' ଅଗଗୋଡ଼ରେ କଣ୍ଟାଟିଏ ବି ବୋହିବ ନାହିଁ । ଆଉ ଗାଁ ? ନିଶ୍ଚେ ଆମେ ଫେରିଯିବାରେ ଗାଁକୁ, ଯୋଉ ଗାଁର ପାଣିପବନ ଖାଇ ଆମେ ମଣିଷ ହେଲେ, ସେହି ଗାଁକୁ କି ଛାଡ଼ି ପାରିବା କେବେ ? ସେହି ମାଟିରେ ମିଶିଛି ଆମ ବାପାଙ୍କ ଦେହ; ସେହି ପବନରେ ମିଳେଇଛି ବୋଉର ନିଃଶ୍ୱାସ—ତା'ଠଉଁ ପବିତ୍ର ଭୂମିକି ଆଉ କୋଉଠି ଥାଇପାରେ ? କିନ୍ତୁ ଦିବ ! ଚିରକାଳ କ'ଣ ଆମେ ଏମିତ ମୂଲିଆ, ମୂରୁଖ ହୋଇ ସେହି ଗାଁରେ ପଡ଼ିଥିବା ? କୁଲିକାବାଡ଼ି ହୋଇ ସମସ୍ତଙ୍କଠଉଁ ନିନ୍ଦା, ଅପମାନ ପାଉଥିବା ? ନା, ତୁ ମନଦେଇ ପାଠପଢ଼ । ଦିନେ ବାବୁ ହବୁ—ଶହ ଶହ ଟଙ୍କା କମେଇବୁ—ତା'ପରେ ସେହି ଗାଁରେ ଯାଇଁ ତୋଳେଇବୁ କୋଠା—ରହିବୁ ସୁଖଶାନ୍ତିରେ । ସବେ ହେଲେ କେହି କହିବାକୁ ନ ଥିବ ।"

ଦିବାକରକୁ ନୀରବ ରହିବା ଦେଖି ଭାଇ ପୁଣି କହିଲେ—"ବୁଝିଲୁ ଦିବ ! ମନ ମୁତାବକ ଗାଁକୁ ଫେରିଯାଇଁ ଘରଦ୍ୱାର କରି ରହିବାକୁ ହେଲେ ପାଖରେ ଜଜବଜିଆ ଧନ ଥିବା ଦରକାର । ଆଉ ଧନ କମେଇବା ପାଇଁ ହେଲେ ପେଟରେ ପାଠ ରହି—ମୁଣ୍ଡରେ ବୁଦ୍ଧି ରହି । କଲିକତାରେ ଯେ ଏତେ ଏତେ ହାକିମ ହୁକୁମା, ସାଇବସୁବା ଦେଖୁଛୁ—ସବୁବେଳେ ମଟର ଚଢ଼ି ବୁଲୁଛନ୍ତି, ସିନେମା ବାଇସ୍କୋପ୍ ଦେଖୁଛନ୍ତି, ଭଲ ଭଲ ଦାମୀ

ପୋଷାକ ପିନ୍ଧୁଛନ୍ତି, ସେମାନେ ସମସ୍ତେ କ'ଣ ପଢ଼ିଛନ୍ତି ଜାଣୁ ? ଇଂରେଜୀ ପାଠ । ସିନା ପାଠରେ କେହି କେବେ ବାବୁ ହେଇଛି । କିଏ ବି. ଏ. ପାଶ କରିଛି, କିଏ ଏମ୍. ଏ. ପାଶ୍ କରିଛି, କିଏ ବା ବିଲାତକୁ ଯାଇଁ ଆହୁରି ଆହୁରି ବଡ଼ ପାଶକରି ଆସିଛି, ଆମ ଦେଶର ଲୋକେ ଯେ କଲିକତାରେ ନାହାନ୍ତି, ତା' ନୁହେଁ । କିନ୍ତୁ ସେମାନେ ସମସ୍ତେ ମୂରୁଖ । ତେଣୁ ସେମାନେ ଦିନସାରା ଗଧ ଖଟଣି ଖଟି ଯେତେ ରୋଜଗାର କଲେ ବି, ତା' ତାଙ୍କ ପେଟକୁ ନଅଣ୍ଟ, ବାବୁଗିରି କରିବାକୁ ସୁବିଧା କାହିଁ ? ଅନ୍ୟମାନେ ସୁଖ ଆନନ୍ଦରେ ଶୋଇ ହାଇ ମାରିଲାବେଳେ ଏମାନେ ବର୍ଣ୍ଣ ଜଙ୍ଗଲର ପଶୁ ଭଳି ପଡ଼ିଛନ୍ତି···ତୁ ପାଠ ପଢ଼ି ଦିବ—ଆମ ଭଳିଆ ମୂରୁଖ ନହେଇ ତୁ ବାବୁ ହୋ ।"

ଏତେକଥା ଦିବାକର କିଛି ବୁଝିଲା ନାହିଁ, ସେ ଖାଲି ଏତିକି ବୁଝିଲା—ଭାଇ କହୁଛନ୍ତି, ସେ ପାଠ ପଢ଼ିବ । ଅନ୍ୟ କୌଣସି ଆଡ଼େ ମନକୁ ବାରଗୁଡ଼ିଜିଆ ନ କରି ପଢ଼ାରେ ଏଣିକି ଷୋଳଅଣା ମନ ଦେବ ।···ସେଇଆହିଁ ହେଲା । ସେଇଦିନରୁ ପାଠପଢ଼ା ହେଲା ତା'ର ଏକମାତ୍ର ଚିନ୍ତା ।

କଲିକତାର କୌଣସି ଏକ ସ୍କୁଲରେ ଭାଇ ତା'ର ନାଁ ଲେଖାଇ ଦେଲେ ।

## —ପାଞ୍ଚ—

ସେ ଅନେକଦିନ ତଳର କଥା, କେନ୍ଦ୍ରାପଡ଼ାର ପି. ଡବ୍ଲୁ. ଡି. ଏସ୍. ଡି. ଓ ସେଦିନ ଆସିଥାନ୍ତି ଚଉଦକୁଲାଠ ସେକ୍‌ସନ୍ ଭିଜିଟ୍ କରି । ଉଳମାଳ ଅଞ୍ଚଳ । ଉପର ହାକିମଙ୍କର ଜନାଯିବା ସେଠି ବେଶୀ ନାହିଁ । ତେଣୁ ଦିନକ ପାଇଁ ଆସିଲେ ଏସ୍. ଡି. ଓ ସେଠି

ଭିନଦାନ ରହିଯାନ୍ତି । କାମ ତ ଯାହା ଦେଖନ୍ତି ଦେଖନ୍ତି, ପାଣ୍ଠିକର ଟେବଲ୍ ବାଡ଼ାନ୍ତି ତା'ର ଚଉଗୁଣରେ । ଯୋଉଠି ହଜାର ହଜାର ବୋହିଯାଏ, ସେ ଆଡ଼କୁ ତ ତାଙ୍କର ଦୃଷ୍ଟି ନଥାଏ, କାରଣ ସେଠି ଫଣ୍ଡ ଟେକିଲା ବେଳକୁ ଗଦ ଆଣି ସୁଏଇ ଦିଏ କାନତରାଣି କେଳା । ହାଣ୍ଡି ଚୁଲିଯାଏ; ଆଉ ପିମ୍ପୁଡ଼ି ଗଳିବାକୁ ବାଟ ନଥାଏ । ମାଖୁନାକୁ ଓଭରେସର ଉପରେ ଆସି ହୁଅନ୍ତି ରବେଇ ଖବେଇ ।··· ଯାହାହେଉ ଏସ୍. ଡ଼ି. ଓ—ଠାକୁରାଣୀଙ୍କ ଏ ଭୈରବୀ କାଳୀମୂର୍ତ୍ତି ଦେଖି ସମସ୍ତେ ଭିଟମଣ ଧାଁ ଦଉଡ଼ କରନ୍ତି ଷୋଡ଼ଶୋପଚାରର ପାଇଁ । ଧୁଂଜା ଧୁଂଜା ଧଳା କୁକୁଡ଼ା, କଳା କୁକୁଡ଼ା ଆଣି ବଳି ପକାଯାଏ । ଗଣ୍ଡା ଗଣ୍ଡା ଛେଳି, ମେଣ୍ଢାଙ୍କର ତରଲ ରକ୍ତରେ ଦିଆଯାଏ ନୈବେଦ୍ୟ । ମା-ଠାକୁରାଣୀ କାନତରାଣିଙ୍କ ମୁଣ୍ଡରେ ହାତ ବୁଲେଇ ଶେଷକୁ ବଳୁଚ ଓଭରେସର ବାବୁଙ୍କ ପିଲାଛୁଆଙ୍କ ଥାଳୀରୁ ଛଡ଼େଇ ଆଣି ଖାଇଯାନ୍ତି ।

ଆଜିକାଲି ହାକିମ ହୁକୁମାନ୍ତୁଁ ମା' ବୋଲି କହିଲେ ଯେ ବେଶୀ କିଛି ଦୋଷ, ତା' ନୁହେଁ, କାରଣ ଗାଁ ଗହଳର ଗରିବ ଗୁରୁବା ଲୋକେ ହାକିମମାନଙ୍କୁ "ହଜୁର ! ମା' ବାପ" ବୋଲି ନ କହିଲେ, ହାକିମେ ରାଗି ମୁସ୍ତାପୋର ହେଇ ଯାଉଛନ୍ତି ।······ ଶେତା ଶେତା ସାହେବ ସବୁ କୋଉଦିନୁ ଜାହାଜ ଚଢ଼ି ତାଙ୍କ ଦେଶକୁ ଗଲେଣି । ଅଥଚ ଆଜିକାଲି ବି ଆମର ଏଇ କଳା ହାକିମଙ୍କୁ "ସାହେବ" ବୋଲି ନ ଡ଼ାକିଲେ ତାଙ୍କ ମୁହଁ ଏଡ଼େ । ଗୋଟାଏ ଗୋଟାଏ କଲମ ଗାରରେ କିରାନି ଚପରାସୀଙ୍କ ଚାକିରି ଖାଇଦେବାକୁ ତିଆର । ଦେଶର ଜନସାଧାରଣ ହୁଏତ ଯା'ଙ୍କୁ "ଗୋଲାମିର ଚରମ ନିଦର୍ଶନ" ବୋଲି କହିବେ କିନ୍ତୁ ହାକିମ-ମାନଙ୍କ ପାଖରେ ଏହା ଏକ ଆଭିଜାତ୍ୟ—ସମ୍ମାନାସ୍ପଦ ଗୌରବ ।

ସେ ଯାହାହେଉ, ମା'ପଛକେ ନ ହୁଅନ୍ତୁ, ହାକମେ ସେ ପ୍ରକୃତରେ ଗଡବଙ୍କ ବାପ, ତା' ଜଣାପଡ଼ିଲା ସେଦିନ ଚଉଦ କୁଲାଠ ସେକ୍‌ସନ୍ ଅଫିସ ଆଗରେ, ଯେତେବେଳେ ନାଲ ଇଲାକା ଟେପଟଗୋଲ "ଏଗାସୁଁ"ର ରକ୍ଷିତା ସ୍ତ୍ରୀ ଲକ୍ଷ୍ମୀ ଆଣି ଦ୍'ବରଷର କଅଁଳା ଛୁଆଟିଏ ଶୁଆଇ ଦେଲା ଏସ୍. ଡ଼. ଓ ସାହେବଙ୍କ ଗୋଡ଼ ତଳେ । ସୁନାକଣ୍ଢେଇ ଭଳି ଗୋରା ତକତକ ଝିଅଟି କୁଆଁ କୁଆଁ ହେଇ କାନ୍ଦିଉଠିଲା ।······

ଥାଟପଟ୍ଟାଳି ପରି ମଣିଷ ଜମିଗଲେ । ଘଟଣା କ'ଣ ଜାଣିବା ପାଇଁ କୁତୁହଳ ହେଇ ପିଲାଛୁଆ, ଟୋକା ବୁଢ଼ା ସଭିଏଁ ଧାଇଁ ଆସିଲେ ଗୁଚିଆଡ଼ୁ । ଏପରିକ ବା'ଦଉଡ଼ ଧରି, ଧୂଆଁ ପତର ପିଙ୍କାର ନଆଁ ଗୁଳ ପାଟିରେ ପୂରେଇ ଯୋଉ ବାଉରୁଣୀ, କଣ୍ଡୁରୁଣୀମାନେ ହଡ଼େ ହଡ଼େ ଘାସକାଟି ଯାଉଥିଲେ, ସେମାନେ ବି ଏ ଦଉଡ଼ାଦଉଡ଼ି ଦେଖି ଗୋଟିଏ ଦୁଇଟିଏ ହେଇ ଆଡ଼କୁ ଗଡ଼ିଲେ । ଅଧା ଖିଅର ହେଇ ଭଣ୍ଡାରିକି ଗୁଡ଼ଉଛି ବି ଏ ଆସିଲା । ଦରଗାଧିଆ ହେଇ ସେହି ଓଦାନୁସାରେ ନସ୍‌ର ପଞ୍ଝଭ ହେଇ କିଏ ଦଉଡ଼ିଲା । କିଏ ଖାଡ଼ା ଯାଉଥିଲା, ନଣ୍ଡଭଣ୍ଡ ହେଇ ଉଠି ଆସି ବାଆଁ ଗୁଆଁ ପାଣିସାରି ଦେଇ ଦେ ଦଉଡ଼ । ମାଟିହାତ କରି ନାହିଁ । କଣ୍ଠ ମାରିବାକୁ ବି ଫୁରୁସତ ନାହିଁ ତା'ର । ଗୁହୁଁ ଗୁହୁଁ ଆଖି ପିଞ୍ଚୁଡ଼ାକେ ସେ ଯାଗା ଅଣ୍ଟିକ ହେଇଗଲା ଲୋକାରଣ୍ୟ । ସତେକି ସେଠି ଲହଙ୍ଗା ରଘୁନାଥପୁରିଆଙ୍କ ଭିତରେ ନଟେଇ ନାଟ ହେଉଛି କି ହରିନାଥ ବୈଷ୍ଣବ ପ୍ରଧାନଙ୍କ ଭିତରେ ବାଘାପାଲା ହେଉଛି ।

ଏସ୍. ଡ଼. ଓ ସାହେବ ଦେଖି ତଟସ୍ଥ । ଲକ୍ଷ୍ମୀ ଆଡ଼କୁ ଥରଟିଏ ଗୁହିଁ ଦେଲାକ୍ଷଣି ତାଙ୍କର ପଞ୍ଚଭୂତ ଆତ୍ମା ଏକାବେଳକେ

ଥର ଉଠିଲା । ମୁହଁ ଶୁଖି କଳାକାଠ ପଡ଼ିଗଲା । ଘଡ଼ିକ ଆଗର ସେ ଡମ୍ଫି କଥା, ଦମ୍ଭ ଗୁହାଁଣୀ, ଗର୍ବିତ ବାକ୍‌ଗୃତୁରୀ ସବୁ କୁଆଡ଼େ ମିଳେଇଗଲା ମୁହୂର୍ତ୍ତକେ । ଏଇ ଟିକ ଆଗରୁ ଓଭରସିୟର, କଣ୍ଟ୍ରାକ୍‌ଟରଙ୍କ ଉପରେ ରାଗିମାଗି ଟେବୁଲ କରୁଡ଼ ଅତି ଉତ୍ତେଜିତ ସ୍ୱରରେ ଗାଳିବର୍ଷଣ କରୁଥିଲେ, ଅଥଚ ବର୍ତ୍ତମାନ ? ବର୍ତ୍ତମାନ କୁଆଡେ ଗଲା ସେ ରାଗ ? ନିସ୍ତେଜ, ନିର୍ଜୀବ ମେଣ୍ଢାକୁଆଟି ଭଳି ଲଥ୍‌କିନା ଚଉକି ଉପରେ ବସି ପଡ଼ିଲେ । ଝକମକ ହୋଇ ଫୁଟୁଥିବା ତରଳ ରକ୍ତ ସତେକି ଦଣ୍ଡିକ ଭିତରେ ହୋଇଗଲା ଜମାଟବନ୍ଧା ବରଫ ।

ତଥାପି ସିଏ ସାହେବ—ଛଳନା, ପ୍ରତାରଣା, ମିଥ୍ୟା, ପ୍ରବଞ୍ଚନାର ଏକ ମୂର୍ତ୍ତିମନ୍ତ ଜୀବନ୍ତ ଅବତାର । ଭିତରେ ଶତ ହଳାହଳ ରଖି ବାହାରେ ସେ ଅମୃତ ବର୍ଷଣ କରିପାରନ୍ତି । ଭିତରେ ଶତ ବ୍ୟଭିଚାରକୁ ଘୋଡ଼େଇ ଦେଇ ବାହାରେ ସାଧୁ, ସଚ୍ଚୋଟ, ନିଷ୍କଳଙ୍କ ହୋଇ ପାରନ୍ତି । ସେଥିପାଇଁ ବିଦ୍ୟା ଅଛି, ବୁଦ୍ଧି ଅଛି, ଧନଅଛି, କ୍ଷମତା ଅଛି । କିଏ ତା'ର ବିରୁଦ୍ଧାଚରଣ କରିବ ? କିଏ ସେହି ଉପରର ଧୋବ ଧାଉଳିଆ ମୋଟା ପରଦା ନିଟକି ଭିତରର ଅସଲ ରୂପ ଦେଖିବାକୁ ସମର୍ଥ ହୋଇପାରିବ ?

ସାହେବ ଘଡ଼ିକେ ମୁଖର ଭାବ ବଦଳେଇ ପୁଣି ଓଭରସିୟରଙ୍କ ଉପରେ ରାଗିଉଠିଲେ ! ସରକାରୀ ଦପ୍ତରରେ କାହିଁକି ଏ ଝାଣ୍ଡିପାଳା ଲଗେଇଛ ବୋଲି ତାଙ୍କୁ ମାଗିବସିଲେ ଲମ୍ବା ଚଉଡ଼ା କଇଫତ୍ । ଓଭରସିୟର ବି ଏ ପର୍ଯ୍ୟନ୍ତ କିଛି ବୁଝିପାରୁ ନାହାଁନ୍ତି । ଚପରାସୀ ଜଣେ ଚଉକି ପଛରେ ଠିଆହୋଇ ସାହେବଙ୍କୁ ପଙ୍ଖା କରୁ କରୁ ହାତଠାରି ଏରାସ୍ପାକୁ ନିର୍ଦ୍ଦେଶ ଦେଉଛି ଜଲ୍‌ଦି ସେଠୁ ସ୍ତ୍ରୀକୁ ନେଇଯିବାକୁ । ଉପସ୍ଥିତ ଜନତା ଏ ଗୋପନ ରହସ୍ୟ ଭେଦ

କରିବାକୁ ପ୍ରାଣପଣେ ଚେଷ୍ଟାକରେ ଗମ୍ଭୀର ଉଦ୍‌ବେଗର ସହିତ ଶକ୍ତି ରହିଛନ୍ତି ସେହି ସ୍ତ୍ରୀ ଲୋକଟିଆଡ଼େ । କାହାର ତୁଣ୍ଡରେ ବଚନ ନାହିଁ ।

ଓଭରସିୟରବାବୁ ଗଂଜାମୀଲୋକ, ଏରାଯ୍ଯାଙ୍କୁ ଡାକି କହିଲେ—"କାହିଁକରେ ? ଦୋରା ଗାରୁ ( ସାହେବ ) ଆଗଟେ ଏ ଆଲସ୍ ପାଇଟି କାହିଁକରେ ?"—ଏରାଯ୍ଯା ଟିକିଏ ବୟସ୍କଲୋକ, ଏଇ ପି ଡବ୍ଲୁ. ଡ଼ି ରେ ଗ୍ୟାଙ୍ଗ କାମ କରି ସତର ବରଷ ହେଲାଣି ! ବଦଳି ହେଇହେଇ ଓଡ଼ିଶାର ସବୁ ଜିଲ୍ଲା ପ୍ରାୟ ଦେଖି ଆସିଲାଣି ସେ । କେତେ ହାକିମଙ୍କର ସେ ରାଗ ଦେଖିଛି । କେତେ ହାକିମଙ୍କର ବି ଭିତର ରୂପ ଦେଖିଛି । ସୁତରାଂ ଏ ମାଈକିନା ମୁହଁ ଝୁରୁଡ଼ିରେ ତରିହର ଲୁଗାପଟାରେ ମୁଣ୍ଡ ପକେଇବା ଲୋକ ସ ନୁହେଁ । ସାମାନାକୁ ବାହାରିପଡି ସେ ଏସ୍. ଡ଼ି. ଓ ସାହେବଙ୍କ ଗୋଡ଼ତଳେ ପଡ଼ିଲା ଆଉ ଧୀରେ ଧୀରେ କହିଲା—"ବାବୁ ! ଚିହ୍ନୁଚୁ ନା ? ଆପଣ ଯେତେବେଳେ କି, ଉଦୟଗିରିରେ ଓଭରସର ଥିଲୁ, ସେତେବେଳେ ଏ ଲଛମୀ ତୋ' ବଙ୍ଗଳାରେ ବାସନ ମାଜୁଥିବାର ଏକା । ତୁ ସେତେବେଳେ ଅଭିଆଡ଼ା ଥିବାର ଓ ଏଇ ଲଛମୀକି ନେଇ କେତେ ଶିଖେଇବାର-କେତେ ଟଙ୍କା ଦେବାର ଶାଢ଼ୀ ଦେବାର । ସେ କହିଲା—'ତୁ ବାବୁଲୋକ—ହାକିମଲୋକ । ଆମେ ଶ୍ରେଷ୍ଠଜାତି । ଏନ୍ତା କଥା ବୋଲିବୁ ନାହିଁ—ଡ଼ିଯୁ । ମୋର ବୋପା ମା' ଜାଣିଲେ ମୋତେ ପିଟି ପକେଇବେ ଏକା ।'··· ତୁ କହିଲୁ—'ନା, ମୁଁ ତୋତେ ଲାଭ୍ (Love) କରିବି—ତୋତେ ସାହା କରିବି—ଲାଭ୍‌ରେ ଶ୍ରେଷ୍ଠବଡ଼ କିସ ?···ତା'କୁ ଆହୁରି ଆହୁରି ଶାଢ଼ୀ ଦେଲୁ—ସୁନା ଦେଲୁ—ଡାବୁ ଦେଲୁ । ସେ ବୋପା ମା'କୁ ଛାଡ଼ି ତୋ' ପାଖକୁ ପଳେଇ ଆସିଲା ।·····

ତରବତ ··· ଏଁ ··· ତା'ପରେ ଯେତେବେଳେ ତା' ଦେହ ଜାଇଲା ହେଲା — ଏଣ୍ଡେ ପିଲାଟା ଏ ତା' ପେଟ ଭିତରେ ବୁଲିଲା, ସେତେବେଳେ ତା'କୁ ଛାଡ଼ି ଦେଇ ତୁ ଲୁଚିଲୁଚି ଚାଲି ଆସିଲୁ ନା ? ଏଥିରେ ତୋ'ର ଧରମ ହେବନା ବାବୁ ? ସେ ମାଈପିଲାଟା କେମିତି ବଂଚିବ ହେ ? ଏ ଗେହ୍ଲି ଚୁଆଟାକୁ ନେଇ ସେ କେଣିକି ଯିବ ହେ ? ”

ଏରାପ୍ପୁ ତେଲଙ୍ଗା ଲୋକ । ଓଡ଼ିଆରେ ଭୁଲ ଠିକ୍ ଯାହା ଆସିଲା ତା' କହିଗଲା, ଲୋକେ ସେତେବେଳକୁ ହସିହସି ନୋଳୁ କୋଳୁ । ଅସଲ କଥା ହୁଏତ ଅଧେ ସମଝି ନ ଥିବେ । କିଂତୁ ତା' ଦରଦରଖଣ୍ଡି ଆ ବୋଲି ଶୁଣି ସମସ୍ତଙ୍କର ନାହିମୁଣ୍ଡା ତଳୁ ହସ ଉଠି ଆସୁଛି । ଏସ୍. ଡ଼ି. ଓଙ୍କ ପାଖରେ ଠିଆ ହୋଇଥିବା ଠିକାଦାର, ଚପରାସି, ତଣ୍ଡେଲ, ଖଲାସି ପର୍ଯ୍ୟନ୍ତ ସମସ୍ତେ ହୋ ହୋ ହୋଇ ହସୁଛନ୍ତି । ଲଫଙ୍ଗା ଟୋକା ପଂଝାଏ ଦୂରରେ ଠିଆ ହୋଇ ସାହବଙ୍କ ଆଡ଼କୁ ଚାହିଁ ଚାହିଁ କହୁଛନ୍ତି — “ବେଲେ-ବେଲେରେ” ···

ଏସ୍. ଡ଼ି. ଓଙ୍କ ଗାଲରେ ସତେ ଯେମିତି କିଏ ଆସି ବସେଇ ଦେଇ ଯାଉଛି ବଜ୍ରଚୁପୁଡ଼ା ।

ଏସ୍. ଡ଼ି. ଓ ଏରାପ୍ପାକୁ ଜାଣନ୍ତି — ଭଲରୂପେ ଜାଣନ୍ତି । ଆଜି ନୁହେଁ, ଆଜକୁ ପାଞ୍ଚବର୍ଷ ହେଲା । ଜି. ଉଦୟଗିରିରେ ଥିଲାବେଳେ ଏଇ ଏରାପ୍ପା ତା'ଙ୍କୁ କେତେ କାନେକାନେ ଉପଦେଶ ଦେଇଛି । ସେ ସେତେବେଳେ ନୂଆ କଲେଜରୁ ଫେରିଥାନ୍ତି । ହଠାତ୍ ଏସ୍. ଡ଼ି. ଓ ପୋଷ୍ଟ ନ ଥିବାରୁ ତାଙ୍କୁ ଅସ୍ଥାୟୀ ଭାବରେ ସେକସନ୍ ଗୁଡ଼ିଏ ଦିଆ ହୋଇଥାଏ । ସେତେବେଳେ ତାଙ୍କର

ଉଦ୍ଦାମ ଯୌବନ । ସବୁବେଳେ ଦେଖୁଥାନ୍ତି ଖାଲି ସୁନେଲି ସ୍ୱପ୍ନ । ଗୁହୁଁଥାନ୍ତି ରଙ୍ଗୀନ ପ୍ରଜାପତି ପଛରେ ଧାଇଁ ଧାଇଁ ଜୀବନକୁ ଆକଣ୍ଠ ଉପଭୋଗ କରିବାକୁ । କିନ୍ତୁ ସେହି ଅମଡ଼ା ପଥରେ ଯେ ପ୍ରତି ପଦେପଦେ କଣ୍ଟା, ତା' ତାଙ୍କୁ ଅଜଣା । ସେ ଖାଲି ଗ୍ଲୁଇଆଡ଼େ ଆଖିଝଲସା ରୂପ ଦେଖନ୍ତି, କିନ୍ତୁ ସେହି ରୂପର ତଳେତଳେ — ସେହି ଲାବଣ୍ୟମୟ ତନୁର ପ୍ରତି ରକ୍ତବିନ୍ଦୁରେ ଯେ କେତେ ସହସ୍ର ସହସ୍ର ସିଫିଲିସ ଜୀବାଣୁର ଶୋଭାଯାତ୍ରା ଚାଲିଥାଏ, ତା' ସେ କେବେ ଦେଖିପାରନ୍ତି ନାହିଁ । ଏଇ ସେହି ଏକ୍ସାୟୁ, ଯେ ତା'ଙ୍କୁ କେତେ ଶହବାର ଫେରେଇ ଆଣିଛି ସେହି ଧ୍ୱଂସମୁଖରୁ ସେହି ମୃତ୍ୟୁ ମୁଖରୁ ।

ଆଉ ସାୟୁର ଶତ ବାରଣ ସତ୍ତ୍ୱେ ସେ ଭଲ ପାଇଥିଲେ ଲଛମୀକି — ବୋକ ଦେଇଥିଲେ ତା'ର ନାଲି ଝୁହୁଝୁହୁ କଅଁଳ ଗାଲରେ ...... ସେ ଏକ ଜୀବନ୍ତ ସ୍ମୃତି - ପ୍ରାଣର ଏକ ଅପାସୋରା ଅମୂଲ୍ୟ ରତ୍ନ । ଆଜି ବି ମନେ ପଡ଼ିଲେ ଦେହ ଶିହରି ଉଠେ । ମନର କେଉଁ ଗହନ କୋଣରେ ଜାଗି ଉଠେ ଏକ କରୁଣ ମୂର୍ଚ୍ଛନା । ସେଦିନ ସେ ଭାବିଥିଲେ — ଭଲ ପାଇବାରେ ଶ୍ରେଷ୍ଠ ବଡ଼, ଜାତି ଅଜାତି, ଗରିବ ଡାଲବରର ବିଚାର ଥାଇ ନପାରେ । ରୂପସୀ ନାରୀର ରୂପଲାବଣ୍ୟ ନିକଟରେ ପୁରୁଷର ସମ୍ମାନ, ପଦଶ୍ରୀ ଅତି ତୁଚ୍ଛ ...... ଲଛମୀ କି ସେ ଭଲ ପାଇଥିଲେ - ଖାଲି ବାହାରକୁ ଲୋକ ଦେଖାଣିଆ ପାଇଁ ନୁହେଁ ଭିତରେ ଅନ୍ତରଭ ଅସରନ୍ତି ସ୍ନେହ ଆଦର ଦେଇ । ଦଣ୍ଡେ ନ ଦେଖିଲେ ପାଗଳ ହୋଇ ଯାଉଥିଲେ - ମୁହୂର୍ତ୍ତେ ଲଛମୀ ଅନ୍ତର ହେଲେ ତାଙ୍କୁ ସାରା ସଂସାର ବିଷ ଭଳି ଲାଗୁଥିଲା ।

କିନ୍ତୁ ସେ କ'ଣ ଆଉ ଜାଣିଥିଲେ ଯେ ତାଙ୍କ ପକ୍ଷରେ କରଣକୁଳର ଏତେବଡ଼ ଆଭିଜାତ୍ୟ ରକ୍ଷିତ୍ୱ—ସୁନାୟକ ବଂଶର ଏତେବଡ଼ ମାନମର୍ଯ୍ୟାଦା ଗୁହ୍ଲା ହେଉଛି । ପୁଣି ସେ ଜାଣିଥିଲେ ଫୁଲ ନା ଫୁଲ । ସବୁଜ ଲତା ଗହଳରେ ସବୁଦିନେ ସେ ସତେଜ ହୋଇ ରହିଥିବ । ମଧୁପ ଭଳି ଏ ଉଡ଼ିଉଡ଼ି ଆସି ଚୁମା ଦେଉଥିବେ—ମଧୁ ଖାଉଥିବେ । କିନ୍ତୁ ଏତେଶୀଘ୍ର ଯେ ସେହି ଫୁଲ ଦେହରେ କଷି ଲାଗିଯିବ, ଏହା ତ କେବେ ସେ ସ୍ୱପ୍ନରେ ଭାବ ନ ଥିଲେ । ବଂଶର ମୋହ, ଜାତିର ମର୍ଯ୍ୟାଦା, ପଦବୀର ଗୌରବ, ଶିକ୍ଷାର ଆଭିଜାତ୍ୟ ଆଉ ସର୍ବୋପରି ସମାଜର ରକ୍ତଚକ୍ଷୁ—ସବୁ ଆସି ଏକାବେଳକେ ଠିଆ ହେଲେ ତାଙ୍କ ଆଗରେ । ଜଣେ ଏତେବଡ଼ ଉଚ୍ଚପଦସ୍ଥ ଅଫିସର ହୋଇ ଏଇ ସାମାନ୍ୟ କୁଲି ମୂଲିଆ ଶ୍ରେଣୀର ଝିଅଟିକୁ କେମିତି ଡାକି ନେବେ, ସେଇଆ ସେ ଭାବିବାକୁ ଲାଗିଲେ ।

ତାଙ୍କର ବଡ଼ଭାଇ ଜଣେ ଅଣ୍ଡର ସେକ୍ରେଟେରୀ । ମାମୁ ସଙ୍କଅର ଫିଲସଫି ପ୍ରଫେସର । ପିସାଙ୍କ ପୁଅ ଏଇ ବର୍ଷ ବଟାନିରେ ଫାଷ୍ଟକ୍ଲାସ ଫାଷ୍ଟ ହୋଇ ଏମ୍. ଏସ୍. ସି ପାଶ କରିଛନ୍ତି—ଖୁବ୍ ଗୋଟାଏ ମୋଟା ଦରମାର ଚାକିରି ପାଇବେ । ତା'ଛଡ଼ା ଆଉ କେତେ ବନ୍ଧୁବାନ୍ଧବ ଯେ ଆଇ. ଏ. ବି. ଏ. ପାଶ୍‌କରି ସରକାରୀ ଚାକିରିରେ ଭରତି, ତା' କୁହା ନଯାଏ । ସେ ନିଜେ ବି ଜଣେ ବି. ଇ. । **A. M. I. E.** ପାଇଁ ପ୍ରସ୍ତୁତ ହେଉଛନ୍ତି, । ହୁଏତ କାଲି ସକାଳେ ସେ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର ହେବେ । ତାପରେ ବି ଦିନେ ସୁପରିଣ୍ଟେଣ୍ଡିଂ ଇଂଜିନିୟର, ଚିଫ୍ ଇଂଜିନିୟର ହୋଇ ପାରନ୍ତି । ତାଙ୍କର ବିବାହ ପାଇଁ ଆର୍ଟ କଲ୍‌ଚରାଲ୍ କଲେଜ

ପ୍ରିନ୍ସପାଲଙ୍କ ଝିଅର ଫଟୋ ଆସିଛି । କି ଭଲ ଭଲ ଲାବଣ୍ୟ ବୋଳା ଝିଅଟି । ପୁଣି ରେଭେନ୍ସା କଲେଜର ସେ ଜଣେ ଇଂଲିସ ଅନର୍ସ ଗ୍ରାଜୁଏଟ୍ । ଏପରି ସ୍ଥଳେ କେମିତି ସେ ଏଇ ଅତି ନକୁଛି ଗରିବ ଘରର ଝିଅଟିକ ଜୀବନର ସାଥୀ କରି ବାଛି ନେବେ—ତା' ପୁଣି ଏଭଳି ଅନ୍ତଃସତ୍ତ୍ୱା ଅବସ୍ଥାରେ ? ଲୋକେ ଦେଖି କ'ଣ କହିବେ ? ତାଙ୍କର ମାନସମ୍ମାନ ଆଉ କଣ୍ଢାକର ହୋଇ ରହିବଟି ?

ସାହେବ ଚଂଚଳ କରି ଲୁଚି ଲୁଚି ସେଠୁ ପଳେଇ ଆସିଲେ । ମନରେ ସାନ୍ତ୍ୱନା ଦେଲେ—କିଶୋର ଜୀବନର ଏ ଏକ ଦୁର୍ବଳତା । ଯାହାହେଉ ସେଥିପାଇଁ ସେ ଅପର୍ଯ୍ୟାପ୍ତ ଅର୍ଥଦାନ କରିଛନ୍ତି—ଶାଢ଼ୀଗହଣା ପିନ୍ଧେଇଛନ୍ତି······ପାପର ପ୍ରାୟଶ୍ଚିତ୍ତ ହୋଇ ଯାଇଛି ସଙ୍ଗେ ସଙ୍ଗେ ।······

କିନ୍ତୁ ଆଜି ? ଆଜି ଯେତେବେଳେ ତାଙ୍କର ସବୁ ସାନ୍ତ୍ୱନାକୁ ପଛରେ ପକେଇ କାଳାନ୍ତକ ଯମଦୂତ ଭଳି ଆଗରେ ଆସି ଉଭା ହେଲା ଲକ୍ଷ୍ମୀ ଆଉ ପାପର ଜୀବନ୍ତ ରୂପ ଧରି କୁଆଁ କୁଆଁ ହୋଇ କାନ୍ଦିଉଠିଲା ଛୁଆଟି, ସେତେବେଳେ ତାଙ୍କର ଚେତା ପଶିଲା । ଛାତି ଭିତରଟା କୋରି ହୋଇଗଲା ଏକାବେଳକେ । ମନେ ହେଲା ସତେ ଯେମିତି କିଏ ଗୋଡ଼ହାତ ବାନ୍ଧିଦେଇ ଶାଣଦିଆ ଛୁରିରେ ତାଳୁରୁ ତଳପା ଯାଏ ଠିକ ଠିକ କରି କାଟୁଛି ଆଉ ସେହି କଟାଯାଗାରେ ବୋଳି ଦେଇ ଯାଉଛି କଳିଚୂନ, ଚୂରିଲୁଣ ।

ଲକ୍ଷେବାର ଦଂଶନ କଲା ବିବେକ । ଅନ୍ତରର କେଉଁ ଗୋପନତମ ପ୍ରଦେଶରୁ ଝଙ୍କାର ଉଠିଲା—"ତୁ ପାପୀ—ତୁ ଦୋଷୀ—ତୋ'ର ଅପରାଧ ଅକ୍ଷମଣୀୟ । ମଥା ନୋଇଁ ପ୍ରାୟଶ୍ଚିତ୍ତ କର—ନଚେତ୍ ଧ୍ୱଂସ ହୋଇଯିବୁ ।"···କିନ୍ତୁ ତଥାପି—ତଥାପି ସେ ନିଶ୍ଚେଷ୍ଟ

ସତ୍ୟକୁ ସ୍ୱୀକାର କରି ପାରିଲା ନାହିଁ ମନ । ପଦେ ପଦେ ତା'ଙ୍କୁ ବାଧା ଦେଲା ବାହାରର ମର୍ଯ୍ୟାଦା, ସମ୍ମାନ, ପ୍ରତିଷ୍ଠା । ଜଣେ ଏତେବଡ଼ ଉଚ୍ଚପଦସ୍ଥ ହାକିମ ହୋଇ କପରି ଏ କଳଙ୍କର ବୋଝକୁ ଜାଣୁ ଜାଣୁ ବା ମୁଣ୍ଡକୁ ନେବେ ? ସହଜେ ତ ସମାଜରେ ନାନାଦି ବାଧା ବିପଦ ଅଛି, ତା'ଛଡ଼ା ଘରେ ସ୍ୱୟଂ ମେମ୍ ସାହେବଙ୍କ ସୃଷ୍ଟି-ସଂହାରଣୀ ଭୈରବୀ ମୂର୍ତ୍ତି ପାଖରେ ଏ ସବୁଥା ଧେଲୁଟିକ ନେଇ ସେ ଠିଆ ହେବେ କୋଉ ମୁହଁରେ ? ତାଙ୍କର ଜଳନ୍ତା ଜଳନ୍ତା ଆଖି ଆଗରେ ସେ ଏକାବେଳକେ ଜଳି ପୋଡ଼ି ଧ୍ୱଂସ ହୋଇ ଯିବେ ନାହିଁ ଆଉ !

ମନର ସବୁ ଭାବନାକୁ ମନ ଭିତରେ ଚାପି ରଖି ସାହେବ ଉଠି ଠିଆ ହେଲେ ଏବଂ ଅତି ନିର୍ମମ ଭାବରେ ଯନ୍ତ୍ରଚାଳିତ କଳ ଭଳି କହି ଉଠିଲେ—"ବଦ୍‌ମାସ୍ ! ବଦ୍‌ମାସୀ କରିବାକୁ ତୁ ଆଉ କୋଉଠି ପାଇଲୁ ନାହିଁ—କୁଆଡ଼ୁ ଗୋଟାଏ ବାରବୁଲା ଛଉଣୀ ଧରିଆଣି ମୋ ସାଙ୍ଗରେ ଖେଳୁଛୁ ଏ ଖେଲ୍ । ଇଡ଼ିୟଟ୍ ! ତୁ ଜାଣୁ ମୁଁ କିଏ ?"

ଏଥର ସେମିତି ନିର୍ଭିକ ଭାବରେ ଠିଆ ହୋଇ କହିଲା—"ହାଁ, ଜାଣେ ହେ—ତୁ ସେତେବେଳେ ବାବୁ ଥିଲୁ । ଅବକା ସାଇବ ହୋଇଛୁ ! ହେଲେ ତୁଇ ଲଛମୀକି ଲୋଭ ଦେଖେଇ ଘରୁ ବାହାର କରି ଆଣିବାର ଏକା ।"

"ନା, ଲଛମୀକି ମୁଁ ଆଦୌ ଚିହ୍ନେ ନା"—ତଳକୁ ମୁହଁ ପୋତି ସାହେବ ଉତ୍ତର ଦେଲେ ।

ଏତେବେଳ ଯାଏ ଖାରବରେ ଠିଆ ହୋଇଥିଲା ଲଛମୀ । ଧାର ଧାର ହୋଇ ଗଡ଼ି ଯାଉଥିଲା ଲୁହ । ଶେଷକଥା ପଦକ ଶୁଣି

ଛୁଞ୍ଚ ତା'ର ଏକାବେଳକେ ଫାଟିଗଲା । ରକତ ଝଲକାଏ ସତେକି ପିଚକି ଆସିଲା କଲିଜାତଳୁ । ଖୋ ଖୋ ଉକାପାରି ସେ କହିଲା— "ସତ କହିବାର ବାବୁ ! ଉପରେ ଧରମକୁ ସାକ୍ଷୀ ରଖି ସତ କହିବାର ତମେ ମୋତେ ଚିହ୍ନି ନା କି ? ତମରି ଲାଗି ମୁଁ ଘର ଛାଡ଼ିଲି, ଜାତି ଛାଡ଼ିଲି, ବୋପାମା'ଙ୍କୁ ଛାଡ଼ିଲି—ଏବେ ତମେ କହୁଛ ମୁଁ ଚିହ୍ନେନା, ଏତେ ଅନାଆ ଧରମ ସହିବ କି ? ମଝି ରଖିବାକୁ ଲାଜ ମାଡ଼ିଲା, ତେବେ ବିଷ କଣିକାଏ ଦେଇ ମାରି ନ ଦେଲ କିଆଁ ? ତମର ଦି'ଦିନର ସୁଖ ପାଇଁ ମୋର ସାରାଜୀବନ ଏମିତି ଜାଳିପୋଡ଼ି ପାଉଁଶ କରି ଦେଲ କାହିଁକି ? ଖିଆ ନାହିଁ, ପିନ୍ଧୁଆ ନାହିଁ, ମୁଣ୍ଡ ଗୁଂଜିବାକୁ କୁଡ଼ିଆ ବାକଟେ ନାହିଁ—ଏଥିରେ ଏ ଛୁଆଟାକୁ ଧରି କେମିତି ଠୋ ଠୋ ଖୋକଉପାସରେ ମୁଁ ବରଷ ପରେ ବରଷ ବଂଚି ରହିନ୍ତି କହିଲ ?

"ବେଶ୍‌ତ, ସେଇଥିପାଇଁ ତ ଏ ବଦ୍‌ମାସ ମୁଣ୍ଡରେ ହାତ ବୁଲେଇଛି ।"

"ବଦ୍‌ମାସ ସିଏ କି ବଦ୍‌ମାସ ତମେ, ତା' ଉପରେ ଯିଏ ଦିନରାତି କରୁଛି, ସେଇ ଜାଣେ । କଲେଜରୁ ତିନି ତିନିଟା ପାଶ୍ କରି ତମେ ହାକିମ ହେଇଛ ଆଉ ସେ ନିପଟ ମୂର୍ଖ—ତମର ଅଇଁଠା ବାସନ ଧୋଇବା ଯୋଗ୍ୟ । ତଥାପି ବଡ଼ ହେଲେ, ତା' ଦୁନିଆ କହିବ—ମୋ କହିବା କିସ ଲୋଡ଼ା ? ତମେ ମୋତେ ଘରୁ ଟାଣି ଆଣି ମଝି ଦାଣ୍ଡର ଧୂ ଧୂ ଖରାରେ ଠିଆ କରେଇ ଦେଇ କାପୁରୁଷ ଭଳି ଲୁଚି ଲୁଚି ପଳେଇ ଆସିଲ, ଆଉ ସେ ସବୁ ନିନ୍ଦା ସବୁ ଅପବାଦକୁ ମୁଣ୍ଡରେ ବୋହି ସେହି ତତଲା ମରୁଭୂଇଁରୁ ମୋତେ ଧୀରେ ଧୀରେ ଆଣି ଆଶ୍ରାଦେଲା ତା' ଭଙ୍ଗା କୁଡ଼ିଆରେ ।

ବଡ଼ଲୋକ ହୋଇ ତମେ ଭାତ ମୁଠାଏ ମୁରୁଛୁ ପାରିଲ ନାହିଁ—ଅଇଁଠା କଣ୍ଟା ଝାଂଟା ଦେଇ ଗୃହକରଣୀ କରି ରଖିବାକୁ ବି କୁଣ୍ଠିତ ହେଲ—ଅଥଚ ସେ ନକୁଚ ଗରିବ ହୋଇ ତା' ପେଟରୁ କାଟି, ପିଲାଛୁଆଙ୍କ ଅଧାରରୁ କମି କରି ଆଜୀବନ ମୋତେ ପୋଷିବାକୁ ରାଜି ହେଲା । ବଡ଼ କିଏ ତା' ତମେହିଁ କୁହ ।......

ଅପମାନରେ ସାହେବଙ୍କ ମୁହଁ ସେତେବେଳକୁ ଜଳିଗଲଣି । ଲୋକେ ସେତେବେଳକୁ ଛି ଛି କରି କବ ମୁହେଁ ମୁହେଁ ଯା ଛା ତାଇ ଗାଳି ଦେଉଛନ୍ତି । ଲକ୍ଷ୍ମୀ ଅପେକ୍ଷା ସାହେବଙ୍କର ରାଗ ହେଉଛି ବେଶୀ ଏସ୍ତ୍ରୀ ଉପରେ, ଯେ ହେତୁ ସେ ଗୃହକର୍ମ କରେ ତାଙ୍କ ଅଧୀନରେ ।

ଉତ୍ତରକୁ ଅପେକ୍ଷା ନକରି ଲକ୍ଷ୍ମୀ କହି ଚାଲିଛି—"ତମ ଧନ ଦଉଲତ ଦେଖି ମୁଁ ଧାଇଁଆସିନ ବାବୁ । ଲକ୍ଷେ ସୁବର୍ଣ୍ଣ ଦେଲେ ବି ଆଉ ତମର ମୁହଁ ଚାହିଁବାକୁ ମୋର ଇଚ୍ଛା ନୁହେଁ । ଖାଲି ଏଇ ଛୁଆଟି—ତମରି ଛୁଆଟିକି ତମ ହାତରେ ଟେକିଦେଲେ ମୋର କାମ ଶେଷ......'

ସାହେବ ଆଉ ସମ୍ଭାଳି ହୋଇ ପାରିଲେ ନାହିଁ । ଆକାଶ କଂପାଇ ଚିତ୍କାର କରି ଉଠିଲେ—"ଭାଗ୍, ଭାଗ୍, ଖଚଡ଼ ମାଇକିନିଆ କୋଉଠି ଯାଇଁ ବେଶ୍ୟାଗିରି କରି ଆସି ମୋ ମୁଣ୍ଡରେ ଅଠା ବୋଳିବାକୁ ବସିଛୁ । ଭଲଗତ ଅଛିତ ଏଠୁ ଶୀଘ୍ର ଚାଲିଯା, ନଚେତ ପୁଲିସ ଡାକି ତୋତେ ଏକ୍ଷଣି ଆରେଷ୍ଟ କରିବ ।"

ଏଭରସିଅର ବାବୁଙ୍କୁ ଡାକି କହିଲେ—"ଏ ପେଟରୋଲ ଏସ୍ତ୍ରୀକୁ ମୁଁ ଡିସ୍‌ଚାର୍ଜ କଲି । ବଡ଼ ବଦମାସ୍ ଲୋକଟା, ସାଙ୍ଗେ ସାଙ୍ଗେ ସ୍ତ୍ରୀ'କୁ ଏ ହତା ପାର କରିଦିଅ ।"

ଲୋକେ ଯାଇଁ ଏସ୍. ଡି. ଓଙ୍କୁ ବହୁତ କୁହାବୋଲା କଲେ । ପୁଲିସରେ ଖବର ଦେବାକୁ ବି କେତେଲୋକ ଯାଇଁ ଏସ୍ନା, ଲଛମୀକି ପ୍ରବର୍ତ୍ତାଇଲେ । ମାତ୍ର ଫଳ କିଛି ହେଲା ନାହିଁ । ସାହେବ ଯେମିତି ନଟଚୁଡ଼ ବନ୍ଧା ହୋଇ ବସିଲେ, ଲଛମୀ ଏସ୍ନା ବି ସେମିତି ଭୁଣ୍ଡ ମୁଣ୍ଡ ନ ଫିଟେଇ ଭାଗ୍ୟକୁ ଆଦରି ଗୋଟିଏ ଗୋଟିଏ ଦାଣ୍ଡକୁ ବାହାରିଗଲେ । ବଡଲୋକ ବିରୁଦ୍ଧରେ ମାମଲା କରି ଫାଇଦା କ'ଣ ? କାହା ଆଗରେ ଯାଇଁ ବା ଗୁହାରି କରିବେ ? ପୁଲିସ କ୍ଲବ, ବଡ଼ ହାକିମ କ୍ଲବ, ଦୋପଟ୍ଟୀ କଲଟର କ୍ଲବ—ସମସ୍ତେ ତ ବଡ଼ଲୋକ—ସମସ୍ତେ ତ ତାଙ୍କ ଜାତିଭାଇ । ଗରିବର ଦୁଃଖ ସେମାନେ କାହୁଁ ବୁଝିବେ ? ବଡ଼ଲୋକର ଚହଟ ଚକଚକିଆ ଇଂରେଜୀ କଥା ନଶୁଣି ଏ ମୂରୁଖ ମଳମୁଣ୍ଡିଆଙ୍କର ସାଦା ସିଧା କଥାରେ ବିଶ୍ୱାସ କରିବ କିଏ ? ମନେ ମନେ ଠାକୁରଙ୍କୁ ଡାକି ଡାକି ଏ ଦୁନିଆର ଅଗଣିତ ଦୀନଦୁଃଖୀଙ୍କ ଭିତରେ କଙ୍କାଳ ଦୁଇଟି ମିଳେଇଗଲେ ।

—ଛଅ—

ଉଣେଇଶ ଛୟାଳିଶର ଅଗଷ୍ଟ ମାସ । ମହାନଗରୀର ବିଶାଳ ବୁକୁ ଉପରେ ରକ୍ତର ସ୍ରୋତ ଛୁଟେଇ ମହାସମାରୋହରେ ପାଳିତ ହୋଇଗଲା "ଡାଇରେକ୍ଟ ଆକ୍ସନ ଡେ ।" କଲିକତା ସହରର ଏମୁଣ୍ଡରୁ ସେ ମୁଣ୍ଡ ଯାଏ ଦୁଲ୍ ଦୁଲ୍ କଂପିଲା ।

ଦିବାକର କଲିକତାରେ ବି. ଏ. ପଢୁଥାଏ । ସେ ବର୍ଷ ତା'ର ଫାଇନାଲ ପରୀକ୍ଷା । ମାଟିଆବୁରୁଜ ଚଟକଲରେ କାମ କରୁଥାନ୍ତି ଦିଗମ୍ବର । ତେଣୁ ସେହି ଅଂଚଳର କୌଣସି ଏକ ଗଳିରେ ବସା

ନେଇ ରହିବାକୁ ହେଉଥାଏ ଦି'ଭାଇଙ୍କି । ପାଖରେ ଅବଶ୍ୟ କେତେଗୁଡ଼ିଏ ହିନ୍ଦୁ ଲୋକ ବସା ବାନ୍ଧିଥିଲେ । କିନ୍ତୁ ଗୋଲମାଲ ଦିନକୁ ଦିନ ବଢୁଥିବାର ଦେଖି ଆସ୍ତେ ଆସ୍ତେ ସେଠୁ ଉଠି କିଏ କୁଆଡ଼େ ଖସିଗଲେ । ବହୁ ଓଡ଼ିଆ ଲୋକ ଶୁନିଆ ହୋଇ କଲିକତା ଛାଡ଼ି ଦେଶକୁ ପଳେଇ ଆସିଲେ । ଦିବାକର ପ୍ରାଣରେ ବି ବଡ଼ ଭୟ ହେଲା । ଭାଇଙ୍କି କହିଲା କିଛିଦିନ ପାଇଁ ଗାଁକୁ ଚାଲି ଆସିବାକୁ ।

ଦିଗମ୍ବର ଦେଖିଲେ ପ୍ରକୃତରେ ଚାରିଆଡ଼େ ବିପଦ । ପ୍ରତିଦିନ ଶହ ଶହ ଲୋକ ଆଖି ଆଗରେ କଟି ଯାଉଛନ୍ତି । ଯୁଆଡ଼େ ଯିବ ସାଡ଼େ ଖାଲି ହାଣ, ମାର, କାଟ, ଲୁଟ୍ । ତା'ପୁଣି ବଡ଼ ବଡ଼ଆଙ୍କ ଉପରେ ବେଶୀ ନୁହେଁ, ତା'ର ତଳିଆ କୁଲି, ମଜୁରିଆ, ରିକ୍ସାବାଲା, ପାନ ଦୋକାନୀଙ୍କ ଉପରେ ବେଶୀ । ଏପରି **ସ୍ଥଳେ** ପିଲାଟାକୁ ନେଇ ରହିବା ଆଦୌ ନିରାପଦ ନୁହେଁ । କିନ୍ତୁ···କିନ୍ତୁ ଚାଲିଗଲେ ଏଣେ ପିଲାଟାର ପଢ଼ା ବିଲ୍‌କୁଲ୍ ସତ୍ୟାନାଶ ହୋଇଯିବ । ବାର ବରଷର ତପ ଯିବ ଶୁଖୁଆ ଝୋଲରେ । ଏତେ ନାଗି ନାଗି ପିଲାଟା ଶେଷକୁ କୋଉ କୁଳର ହେବନାହିଁ । ନା, ଯା ହା ତା'ହଉ ପଛକେ ଆଉ ଦି'ଟା ମାସ ଯେ କୌଣସିମତେ କଷ୍ଟେମଷ୍ଟେ ଚଳି ରହିବେ ସେ । ତେଣିକି ପରୀକ୍ଷାଟା ସରିଗଲେ ସେ ନିଶ୍ଚିନ୍ତ ।

ଦିବାକରକୁ ଡାକି କୋଳରେ ବସେଇ କହିଲେ—"ନାଁରେ ଭୟ କ'ଣ ? ଏତେ ଗରସାହସ ହେଲେ କ'ଣ ଦୁନିଆରେ ଚଳି ହେବ ? କୋଉଠି ଯାଇଁ ହିନ୍ଦୁ ମୁସଲମାନଙ୍କ ଭିତରେ ମାଡ଼ଗୋଳ ଲାଗିଛି ସିନା, ଏଠି ତ ଆମେ ସମସ୍ତେ ଭାଇ ଭାଇ ଭଳି ଚଳୁଥାଉ । ତା'ଛଡ଼ା ଇସ୍‌ମାଇଲ୍ ଚାଚା ତ ବରାବର ପାଖେ ପାଖେ ଅଛନ୍ତି । ଆଉ କ'ଣ ?"

ପିଠିରେ ହାତମାରି ଚାଚା କହିଲେ—"ଡର ନାହିଁ ବାଚା ! ମୁଁ ଥାଉଁ ଥାଉଁ କେହି ତମ ଦେହରେ ଟିପ ଛୁଇଁ ପାରିବ ନାହିଁ । ହୋସେନ୍, ନଜମ୍ ଭଳି ତମେ ଦି'ଜଣ ବି ମୋର ପୁଅ । ତମକୁ ଟିକିଏ ବିପଦ ପଡ଼ିଲେ ଆମେ ଘରବାଉଁଶଯାକ ସମସ୍ତେ ତରଓ୍ୱାଲ୍ ଧରି ତମ ଆଗରେ ଠିଆ ହୋଇଯିବୁ ।"

ଇସ୍‌ମାଇଲ୍ ବୁଢା ଯା' କହିଦେଲେ ସିନା କିନ୍ତୁ ମନେ ମନେ ତାଙ୍କର ବି ଭାରି ଭୟ ହୋଇଗଲାଣି । ବିଶେଷତଃ ଏହି ସାରା ବସ୍ତିଟା ଯାକ ମୁସଲମାନ । ଚାରିଆଡ଼େ ନିଆଁ ହୁ ହୁ ଜଳୁଛି । କେତେ-ବେଳେ ଯେ କାହା ମୁଣ୍ଡରେ ବ୍ରହ୍ମରାକ୍ଷସ ଚଢ଼ି ନ ଯିବ, ତା' କିଏ କହିବ ? ତେଣୁ ସେ ହୋସେନ୍‌କୁ ପଠେଇ ଦେଇଥିଲା, କାଳିଘାଟ, ଶା[illegible]ବଜାର, ବଡ଼ବଜାର ତରଫରେ ବରାବର ଖଣ୍ଡିଏ ଘର ଖୋଜୁଛନ୍ତି ଏମାନଙ୍କ ପାଇଁ ଏବଂ ସେଥିପାଇଁ ଯାହା ଟଙ୍କା ଦରକାର ତା' ଆଗତୁରା କାଢ଼ି ଦେଇଛନ୍ତି ସିନ୍ଦୁକରୁ ।

ଖାଲି ଯେ ସେ କହିଦେଲେ ତା' ନୁହେଁ, ପ୍ରକୃତରେ ଏ ଦି' ଭାଇଙ୍କି ସେ ପୁଅଙ୍କଠୁଁ ବଳି ଭଲ ପାଆନ୍ତି । ଯେତେ ବାରଣ କଲେ ବି ସେ ଯବରଦସ୍ତି ଆସି ତାଙ୍କର ଅଭାବ ଅସୁବିଧା ପୂରଣ କରି ଦିଅନ୍ତି । ସେଠାରେ ରହିବା ଦିନୁ କେବେହେଲେ ତାଙ୍କୁ ଘରଭଡ଼ା ଦେବାକୁ ପଡ଼ି ନାହିଁ । ସବୁ ଦିଅନ୍ତି ଇସ୍‌ମାଇଲ । ହଜାର ନାହିଁ ନାହିଁ କଲେ ବି ବସାଖରଚ ପାଇଁ ଫି'ମାସରେ ଆପଣା ଗୋଦାମରୁ ଡ଼ାଲି, ଚାଉଳ, ତେଲ, ମସଲା ଏପରି କି କାଠ ପର୍ଯ୍ୟନ୍ତ ବୋଝ ବୋଝ କରି ପଠାଇ ଦିଅନ୍ତି । ଇଦ୍, ମହରମ୍, ଦୋଳ, ଦଶହରାକୁ ତ ନଜମ୍, ହୋସେନଙ୍କ ସହିତ ଏମାନଙ୍କ ପାଇଁ ନୂଆ ନୂଆ ଲୁଗା, ଜାମା, ଛତା, ଜୋତା ଫି ବରଷ ବାନ୍ଧା ।

ପ୍ରକୃତରେ କହିବାକୁ ଗଲେ ଦିବ୍ରାଙ୍କର ଯେ ବାବୁଙ୍କ ଭଳି ଚଳି କଲିକତା ସହରରେ ଆଜି ପର୍ଯ୍ୟନ୍ତ ଚଳୁଛନ୍ତି, ତା' କେବଳ ଏଇ ଇସ୍‌ମାଇଲ ଚଚାଙ୍କ ଯୋଗୁଁ । ଜନ୍ମ ଜନ୍ମରେ ତାଙ୍କ ଋଣ ସୁଝିବାର ନୁହେଁ ।

ଏ କାଫେର୍ ପିଲା ଦୁଇଟିଙ୍କ ପ୍ରତି କାହିଁକି ଯେ ଚଚାଙ୍କର ଏତେ ମୋହବତ୍, ତା' ଅନେକ ବୁଝିପାରନ୍ତି ନାହିଁ — ଅନେକ ସହି ବି ପାରନ୍ତି ନାହିଁ । ଖୋଲ୍‌ଖୋଲି କେତେଥର ଆସି ପଡ଼ୋଶୀ ଲୋକେ କହିଛନ୍ତି ଏମାନଙ୍କୁ ତଡ଼ି ଦେବାକୁ — ଏଇ ଦୁଷମନ୍‌ଙ୍କ ପିଲା ଅବ୍ୟାଜରେ ପଇସା ଖରଚ ନ କରି ଆପଣା ଜାତିର ଲୋକଙ୍କୁ ସାହାଯ୍ୟ କରିବାକୁ । କିନ୍ତୁ ଇସମାଇଲ କାହାରି କଥାରେ କାନ ଦେଇ ନାହାନ୍ତି । ଆଖିରୁ ଧାର ଧାର ଲୁହ ଗଡ଼ି ଆସିଛି । ଲୁହକୁ ଲାଗିଲା ଭଳି ପଛକଥା ସବୁ ଗୋଟି ଗୋଟି ହେଇ ଭାସି ଆସିଛି ଆଗକୁ ।......

ବହୁତ ଦିନ ତଳର କଥା ସେ । ଘନଶ୍ୟାମ ସେତେବେଳେ କାମ କରୁଥାଏ ଘୋଷ ବାବୁ ମିଲ୍‌ରେ । ଦଶହରା ଛୁଟିରେ ଯାଇଥାଏ ଘରକୁ । ଗାଁକୁ ଗାଁ ତ ଲାଗିଛି । ତେଣୁ ମଝିରେ ମଝିରେ ଘନଶ୍ୟାମ ବରାବର ତାଙ୍କ ଘରଆଡ଼େ ଯାଏ — ବାପାଙ୍କ ସାଙ୍ଗରେ ଦୁଃଖ-ସୁଖ ହୁଏ । ଇସମାଇଲଙ୍କ ସେତେବେଳେ ମୋଟେ ବାର ବରଷ । ତା'ତଳେ ଭାଇ ଭଉଣୀ ହେଇ ଆଉରି ଚାରୋଟି । ବାପ ରୋଗଣ୍ ଖାଁ ବାହାନ ବରଷର ବୁଢ଼ା । ଧୋଇଆ ଅଂଚଳ ତ । ଜମିବାଡ଼ି କାହୁଁ ଆସିବ ? ବହୁକଷ୍ଟରେ ସେ ଭିକଦୁଃଖ ମାଗି, କୁକୁଡ଼ା ବତକ ପାଳି ଛୁଆପିଲାଙ୍କ ଭୁଣ୍ଡରେ ଆହାର ଦିଏ । ସେଥିରେ ପୁଣି ମା'ଟା ସବୁଦିନେ ରୋଗିଣା -- ବରଷକେ ଦଶମାସ ବିଛଣାରେ ପଡ଼ିଥାଏ ।

ସହଜେ ତ ତା'ର ବାଉଁଶକଣି ଭଳିଆ ନକନକିଆ ଦେହ, ତା' ଉପରେ ପୁଣି ସବୁବେଳେ ଏମିତି ଧଇଁ ସେଲେ ସେ ଏଠୁ ସେଠିକି ଉଠିବା କଠିନ । ମନେହୁଏ ସତେକି ଏଇ ମୁହୂର୍ତ୍ତରେ ପ୍ରାଣବାୟୁ ଉଡ଼ିଯିବ ।

ତେ ଦୁଃଖ ଦେଇଦେଇ ଖୋଦାଙ୍କ ମନସ୍କାମନା ପୂର ନ ଥିଲା । ଯୋଉ ଦରମଲା ଗଛଟି ତଳେ ଠିଆ ହେଇ ସେହି କଅଁଳା ଛୁଆ କେଇଟି ଖରାତାପରୁ ଟିକଏ ରକ୍ଷା ପାଉଥିଲେ, ଗୋଟିଏ ଝଂକାରେ ସେହି ଗଛଟିକି ଦେଲେ ଉପାଡ଼ି । ··· ତିନିଦିନ ହେଲା ଘରେ ଭାତ ନ ଥାଏ । ବାପା ବଡ଼ି ଅନ୍ଧାରୁଆରୁ ଉଠି ଗୋଟିଏ କତା ବାଡେ଼ଇ ଦଉଡ଼ି ବଳିଲେ । ତା'ପରେ ବତା ଓର ସାହୁଘର ପାଇଁ କେତୋଟି ଗାଣ୍ଡୁଆ ଓ ଟୋକେଇ ବୁଣିଲେ । ବେଳ ସେତେବେଳକୁ ମୁଣ୍ଡ ଉପରୁ ଗଡ଼ିଲାଣି । ପେଟ ଆସି ନାଗିଲାଣି ପିଠିରେ । ଇସମାଇଲ ସେଦିନ ଯାଇଥିଲା ସଇଁଘର ବିଲ ବାଛିବାକୁ । କାଦୁଅ ପାଣିରେ ଜୁଡ଼ୁବୁଡ଼ୁ ହେଇ ଗୁଡ଼ିଏ ଗେଣ୍ଡା ଭଳି ଅଣ୍ଟିରେ ଧରି ଡଗିରା ପହରକୁ ଫେରିଲା । ନଣ୍ଡଭଣ୍ଡ କରି ମା' ତା'କୁ ବସେଇଲେ ଚୁଲିରେ । ବାପାଙ୍କୁ ବେଜାର ହେଲେ ଝିଅଟ ଯାଇଁ ବୁଡ଼ି ପଡ଼ି ଆସିବାକୁ । ଭୋକରେ ବୁଢ଼ାର କରଣ୍ଡି ଜଳୁଥାଏ । ଆଖିରୁ ବାହାରି ଯାଉଥାଏ ଜୁଳୁଜୁଳିଆ ପୋକ । ସେମିତି ଲୁଖୁରା ଦେହରେ ଡରବର କରି ଦଉଡ଼ିଲା ସେ ନଈକି । ଭୋକଶୋଷରେ ତ ହଂସା ଉଡ଼ୁଛି, ଆଗ ପଛକୁ ଅନିସା କରିବାକୁ ବେଳ କାହିଁ ? ବୁଢ଼ା ଯାଇଁ ଝୁସ୍‌କିନା ନଈରେ ପଶି ବୁଡ଼ ମାଇଲା ।·· ବାସ୍ ସେତିକି — ସେତିକିରେ ଶେଷ । ଆଉ ମୁଣ୍ଡ ଟେକିନି । ଆଗରେ ପହଁରୁଥିଲା ଏକ ମସ୍ତବଡ଼ ମଣିଷଖିଆ ଥିଣ୍ଟିଆ । ଏକା ଥରକେ ସେ ଗୁଡ଼ିନେଲା ଗଣ୍ଡି ମଝିକି । ··· ··· ··· କଣ୍ଠକଣ୍ଠର

ବାବୁମାନେ ଛେଳି, ମେଣ୍ଢା ଆଦି ପଶୁଙ୍କୁ ମାରି ଖାଆନ୍ତି ଯିନା, ଚଲମାଲରେ କିନ୍ତୁ ପଶୁମାନେ ଖାଆନ୍ତି ମଣିଷକୁ ! ମଣିଷଙ୍କ ଚର୍ବିରେ ଫୁଲେ ପଶୁଙ୍କ ପେଟ !!

ଗୁରିଆଡେ ହାଲହୁଲ୍ଲୋଳ ପଡ଼ିଗଲା । ଇସମାଇଲ ମା' ଛୁଛୁ ମୁଣ୍ଡ କଚାଡ଼ିଲା ଦୁଆର ବନ୍ଧରେ । ସମସ୍ତେ ଆସି ଏଣୁତେଣୁ ଦି'ପଦ ସାନ୍ତ୍ୱନା ଦେଇ ଫେରିଗଲେ । ହେଲେ ଏକା ଘନଶ୍ୟାଇଛି-- ମାସେକାଳେ ଦି'ଓଳି ଦଉଡ଼ୁଛନ୍ତି ତାଙ୍କ ଘରକୁ । ଉଧାର କରଜ କରି ଖୁଦମଲୁଖ ଆଣି ଯୋଗେଇଛନ୍ତି ଛୁଆଙ୍କ ଭୁଣ୍ଡିରେ ଦାନା । ଶେଷରେ କଷ୍ଟ ସହି ନ ପାରି ଇସମାଇଲକୁ ସାଙ୍ଗରେ ନେଇ ଆସିଛନ୍ତି କଲିକତା ଆଉ ମାସ ମାସ କାଳ ବସାରେ ରଖେଇ, ଏଠିକି ସେଠିକି ଦଉଡ଼ି ଦଉଡ଼ି କେତେ କା'ର ହାତଗୋଡ଼ ଧରି-ଧରି ଶେଷରେ କାମ ଖଣ୍ଡିଏ ଯୋଗାଡ଼ କରି ଦେଇଛନ୍ତି ସାହାବ-କୋଠିରେ । ତଥାପି ବି ଦି'ବରଷ କାଳ ଆପଣା ପେଟରୁ କାଟି ମାସକୁ ମାସ ଟଙ୍କା ପଠେଇଛନ୍ତି ମା' ପାଖକୁ । ··· ସାତଥର ମରି ଜନ୍ମ ହେଲେ ବି ଇସମାଇଲ କ'ଣ ତା' ଋଣ ସୁଝି ପାରିବ ?

କଇଁ କଇଁ ହେଇ କାନ୍ଦି ଉଠେ ଇସମାଇଲ । ଝୋଟଭଳି ପାଚେଲା ନଶ ଦାଢ଼ୀ ଉପରେ ତତଲା ପାଣି ନଗିଡ଼ି ଯାଏ ମନଇଛା ! ··· ହୁଏତ ସେ ପରେ ବ୍ୟବସାୟ ପତ୍ତନକରି ବଡ଼ଲୋକ ହେଇଛି — ଆଜି ହୁଏତ ହଜାର ହଜାର ଗଣିଦେବ । କିନ୍ତୁ ଏ ସମସ୍ତର ମୂଳରେ ଅଛି କା'ର ଚେଷ୍ଟା ? କିଏ ଆଗ ରୋଇଛି ସେ ଗଛଟିକି ? ଯୋଉ ଭାଇ, ବନ୍ଧୁ, ଜାତିମାନେ ଆସି ଅବକା ଏତେ ଭଲେଇ ହଉଛନ୍ତି, ସେତେବେଳେ କେହି ଅବା ଟିକିଏ ଆଡ଼ ଆଖିରେ ଅନେଇଛନ୍ତି ? ଏପରି କି ନିଜ ଚଚା ବି । ସେଇଠି —

ତାଙ୍କର ଆଖିଆଗରେ ତା' ଛୋଟ ଛୋଟ ଭାଇ ଭଉଣୀ ଗୁଡ଼ିକ ଠୋ ଠୋ ଭୋକଉପାସରେ ଦିନ ପରେ ଦିନ କଟାଉଛନ୍ତି, ହେଲେ ଗୃହଜଳ ସେରେ ଦେବା ତ ଦୂରର କଥା କଅଁଳ କଥା ପଦେ ବି କହି ନାହାଁନ୍ତି । ... ଇସମାଇଲ ଆଉ ଭାବି ପାରେ ନା । କାଫେର୍ କହି ଛୁଆ ଦୋ'ଟିଙ୍କି ବାହାର କରି ଦେବାପାଇଁ ଯେ ତା' ପାଖକୁ ଆସେ, ସେ ହଜାର ମୁସଲମାନ ହେଲେ ବି ଫାରସା ଧରି ତା'ଙ୍କୁ ଟିକଟିକ କରି ହାଣି ଦେବାକୁ ତା'ର ଇଚ୍ଛାହୁଏ ।

ହେଲେ ଏ ଭଲ ମଣିଷ ଗୁଡ଼ାଙ୍କ ପାଇଁ ଏ ଦୁନିଆରେ ସ୍ଥାନ ନାହିଁ । ପରର ଯିଏ ମଙ୍ଗଳ କରିବାକୁ ଯାଏ, ଦୁନିଆଯାକର ସବୁ ଅମଙ୍ଗଳ ଆସି ନଦାହୁଏ ତା'ରି ମୁଣ୍ଡରେ । ଭଲଲୋକର ଭାଗ୍ୟରେ ସବୁ ଦୁଃଖ ଦୁର୍ଗତି ! କାନ୍ଦି କାନ୍ଦି ମରିବାକୁ ଯେମିତି ତା'ର ଜନ୍ମ ।

ନଜମ୍ ତେଣୁ ଧାଇଁ ଧାଇଁ ଆସି ଖବର ଦେଲା—"ବାବା ! ବଡ଼ ବୁରା ବାତ୍ । ପାର୍କ ସର୍କସରେ ମିଟିଂହେଇ ବଡ଼ ଗୁପ୍ତରେ ଏକ ପ୍ରସ୍ତାବ ପାଶ୍ ହେଲା—'ଆଜ ସନ୍ଧ୍ୟାବେଳେ ମାଟିଆବୁରୁଜ ଆକ୍ରମଣ କରାଯିବ । ଶତ୍ରୁପକ୍ଷର ଯେପରି ବଳେଇ ଛୁଆଟିଏ ଜବୁରି ନ ଯାଏ, ସେଥିପାଇଁ ଶହ ଶହ ଗୁଣ୍ଡା ଅସ୍ତ୍ର ଶସ୍ତ୍ର ଧରି ଦିନ ଦ'ଟାରୁ ଜଗି ନେବେ ।'

ଖବରଟା ବଜ୍ର ଯେମିତି ଏକାବେଳକେ ଛିଡ଼ି ପଡ଼ିଲା ଇସମାଇଲଖାଁଙ୍କ ମୁଣ୍ଡରେ । ମଥା ନୋଇଁ ଆଲ୍ଲାଙ୍କୁ ସେ ମନେମନେ ଢଡ଼କ ପାଇଁ ପ୍ରାର୍ଥନା କଲେ । ସେତେବେଳକୁ ଦିନ ବାର—ଆଉ ମାତ୍ର ଦୁଇଟି ଘଣ୍ଟା ବାକୀ ।

ଏଇ ଗଣ୍ଡଗୋଳର ଆଶଙ୍କା କରି ହୋସେନ୍‌ର ମାଁ' ଖାତୁନ୍ନସା ଘରି ଦିନ ହେଲା ସେମାନଙ୍କୁ ଭଡ଼ାଘରୁ ଲୁଚେଇ

ଲୁଟରେ ଆଣି ଆପଣା ଘରେ ରଖିଛନ୍ତି । ଦିଗମ୍ବରର କାମକୁ ଯିବା ଆଠ ଦିନ ହେଲା ବନ୍ଦ । କେବଳ ହୋସେନ୍ ମଟର୍‌ରେ ବସେଇ ସବୁଦିନେ ଦିବାକରକୁ କଲେଜ ନେଇଯାଏ ଓ ପୁଣି ଫେରନ୍ତା ବାଜିଲେ ନିଜେ ଯାଇଁ ମଟରରେ ଘେନିଆସେ । କାଳେ ଚଳେ ଶୁକରବାଜାରଙ୍କ ଗୋଳମାଳରେ ସେମାନଙ୍କ ଖାଇବା ପିଇବା ଅସୁବିଧା ହେବ ସେଥିପାଇଁ ଖାତୁନ୍‌ସା ତାଙ୍କୁ ଦୋମହଲାରେ ଆଣି ଆପଣା ଶୋଇବାଘର ପାଖ ବଖରାରେ ଦେଇଛନ୍ତି ସ୍ଥାନ ।···ଇସମାଇଲ ତରତର ହୋଇ ସେଦିନ ଘର-ଭିତରକୁ ପଶିଯାଇଁ ଦେଖିଲେ—ହୋସେନ୍, ଦିବାକର ଗୋଟାଏ ଥାଳରେ ବସି ଖାଉଛନ୍ତି । ପାଖରେ ବସି ଖାତୁନ୍‌ସା—"ମାଂସ ଟିକିଏ ଦିଏ, ପଲାଉ ଗଣ୍ଡାଏ ଆଣେ, ପୁଡ଼ିଂଟା ରୁଖ, ରାଜଭୋଗ ଦି'ଟା 'ଦିବ' ଖାଉ"—ଏମିତି ଏଣୁ ତେଣୁ କହି ପୁଅ ଯୋଡ଼ିଙ୍କୁ ଖୋଇବାରେ ବ୍ୟସ୍ତ । ଦିଗମ୍ବର ନଜମର୍ କଅଁଳା ଝିଅଟିକ କାନ୍ଧରେ ପକେଇ ଗେଲ କରୁଛି । ସଭିଙ୍କ ମୁହଁରେ ଉଛୁଳା ହସର ଢେଉ ।

ଦୁଃଖରେ ଛାତି ଫାଟିଗଲା । ସମ୍ଭାଳି ହୋଇ ନ ପାରି ବୁଢ଼ା ଭେ ଭେ କାନ୍ଦି ଉଠିଲେ ।······କଥାଟା କ'ଣ ବୁଝିବାକୁ ବେଶୀ ବେଳ ଲାଗିଲା ନାହିଁ । ଆଖି ପିଛୁଡ଼ାକେ ହସ ମଉଳି ଯାଇଁ ସଭିଙ୍କ ଆଖିରୁ ଗଡ଼ି ଆସିଲା ଲୁହ ।ଦିବାକରକୁ କୁଣ୍ଢେଇ ପକେଇ ଖାତୁନ୍‌ସା ଭେ ଭେ ଡକାଛାଡ଼ିଲେ । ନଜମ୍ ଧାଇଁ ଆସି ଦିଗମ୍ବର ଛାତିରେ ମୁଣ୍ଡି ଗୁଂଜି କଇଁ କଇଁ ହୋଇ କାନ୍ଦି ଉଠିଲା । ବୁଢ଼ାଙ୍କ ଦେହଟା ଥରି ଥରି ଆସୁଥିଲା । ଏକ ଗଭୀର ଦୀର୍ଘଶ୍ୱାସ ଭିତରେ ଆପଣା ଛାତିଟିରୁ ବାହାରି ପଡ଼ିଲା—ଘନଶ୍ୟାମ·····

ଏମିତି କେତେ ସମୟ ଯେ ସେମାନେ ପରସ୍ପରକୁ କୁଣ୍ଢାକୁଣ୍ଢି ହୋଇ କାନ୍ଦଥାନ୍ତେ, ତା' ଠିକ୍ ନାହିଁ । କିନ୍ତୁ ହଠାତ୍ ସବୁ ଭାବନାକୁ ପଛକୁ ପକେଇ ଦୂରରୁ ଶୁଭିଲା ସେହି ପ୍ରଳୟଙ୍କରୀ ବିକଟ ଚିତ୍କାର—"ଆଲ୍ଲା ହୋ ଆକବର"···ହୃଦୟର ପ୍ରତି ରକ୍ତବିନ୍ଦୁ ଥରି ଉଠିଲା ଭୟରେ । ଉପରର ବିଶାଳ ଆକାଶଟା ସତେକି ମଡ ମଡ ହୋଇ ଭାଙ୍ଗି ପଡ଼ିଲା ପୃଥିବୀ ଉପରେ ! ଆଉ ମୁହୂର୍ତ୍ତେ ଡେରି କରିବାର ନୁହେଁ । ଦିଗମ୍ବର, ଦିବାକରର ଶତ ବାରଣ ସତ୍ତ୍ୱେ ବି ନଜମ୍ ଆଣି ପିନ୍ଧାଇ ଦେଲା ତା'ଙ୍କୁ ଦୁଇଟା ଶାଢ଼ୀ— ତା' ଉପରେ ପକେଇଲା ଦି'ଟା ମସ୍ତ ମସ୍ତ ବୁର୍‌ଖା । ହୋସେନ ମଟର ଧରି ପ୍ରସ୍ତୁତ ହୋଇଗଲା । ଆଗ ସିଟ୍‌ରେ ବସିଲେ ବୁଢ଼ା ନଜେ । ପଛରେ ଭାଇ ଦୋ'ଟି । ବେହେତା ହୋଇ ଘରଭିତରେ ପଡ଼ିଥିଲେ ଖାତୁନ୍‌ନ୍ସା । ନଜମ୍ ଆସି ଦୁଆର ମୁହଁରେ ଛଳ ଛଳ ଆଖିରେ ବିଦାୟ ଦେଇଗଲା ।

ଗୋଟାଏ ଫର୍‌ଲଙ୍ଗ ଆଗକୁ ଯାଇଛନ୍ତି କି ନାହିଁ, ଯମଦୂତ ଭଳି ଆଗରେ ଆସି ଠିଆ ହୋଇଗଲେ ପାଞ୍ଚ ଛଅ ଭଳି ତାଗଡ଼ା ତାଗଡ଼ା ଗୁଣ୍ଡା । ଅଣ୍ଟାରେ ଖାଲି ଖଣ୍ଡେ ଖଣ୍ଡେ କଳା କଉପୁନି— ହାତରେ ଚକ୍ ଚକ୍ ଛୁରୀ । ଏମାନେ ବୋଧେ କା'ର କଲିଜା ଚିରି ଆସିଛନ୍ତି । ଦେହ ହାତ ରକ୍ତସିନାନ । ନାଲି ଟହ ଟହ ମଦୁଆ ଆଖିରେ ରକ୍ତର ଛିଟା ଲଗି ଆହୁରି ଭୟଙ୍କର ଦିଶୁଛି । ଏକ ସ୍ୱରରେ ସଭିଙ୍କ ପାଟିରୁ ବାହାରି ପଡ଼ିଲା—"କୋନ୍‌ହେ ?"

ଇସ୍‌ମାଇଲ୍ ବୁଢ଼ା ଚଟ୍‌କିନା ତଳକୁ ଓହ୍ଲେଇ ପଡ଼ି କହିଲେ—"ହାମ୍ ଯାତା ହସ୍‌ପିଟାଲ୍ । ହାମାରି ବଡ଼ି ବୋହୁକୋ ତବିୟତ୍ ଅଚ୍ଛା ନେହିଁ । ବଚ୍ଚା ହୋନେକା ବଖତ୍ ହେ । ଲେଡ଼ିକି

ପେନ୍ ସୁରୁ ହୋଗିୟା । ଇସିଲିଏ ହାମଯାତା ଲେଡ଼ ଡାକ୍ତରକା ପାଶ୍ । ଓ ଇନ୍‌କା ଖାଶ୍ ହେ । ଯାତା ଇନ୍‌କୋ ମଦତ୍ ଦେନେକା ବାସ୍ତେ ।"

ତଥାପି ବି   ଣ୍ଡାଏ ନଛୋଡ଼ବନ୍ଧା । କହିଲେ—"ନେଇ, ହାମ୍ ଦେଖ୍‌ନେ ମାଙ୍ଗତା ।"

"ଦେଖ୍‌ଲିଜିଏ"—ଦାଢ଼ୀରେ ହାତ ଆଉଁସି ଆଉଁସି ବୁଢ଼ା ଉତ୍ତର ଦେଲେ ।

ପ୍ରକୃତରେ ବି ସେମାନେ ଦେଖିଥାନ୍ତେ । କିଂତୁ ବସ୍ତି ଲୋକେ ସେତେବେଳକୁ ଆସି ସେଠି ଜମାହୋଇ ପଡ଼ିଥିଲେ । ସମସ୍ତଙ୍କର ବୁଢ଼ାଙ୍କ ପ୍ରତି ଭାରି ଖାତିର । ତାଙ୍କର ମେଳାପୀ ସ୍ୱଭାବ ଯୋଗୁଁ ଛୁଆଠୁ ବୁଢ଼ାଯାଏ ସଭିଏଁ ତାଙ୍କୁ ଭଲପା'ନ୍ତି । ତା'ଛଡ଼ା ସେ ନିଜେ ବି ଜଣେ ବଡ଼ ମାମଲତକାର । ତେଣୁ ସେ ଖଣ୍ଡମଣ୍ଡଳରେ ତାଙ୍କର ପ୍ରତିପତ୍ତି ଖୁବ୍ ବେଶୀ । ଲୋକେ ଉପରେ ପଡ଼ି ଗୁଣ୍ଡାମାନଙ୍କୁ ବାଧାଦେଇ କହିଲେ—"ନେଇ, ନେଇ, ତୁମ୍ ଲୋଗ୍ ନେଇ ଜାନ୍‌ତେ—ଓ ହାମାରା ବାପ୍‌କା ମାଫି ଲୋକ୍ ହେ । କଭି ଝୁଠା ବାତ୍ ବୋଲ୍ ନେହିଁ ସକ୍‌ତେ ।"

ଗୁଣ୍ଡାଏ ଛାଡ଼ିଦେଲେ । ତୀର ବେଗରେ ମଟର ଛୁଟେଇ ଦେଇ ଆଖି ପିଛୁଡ଼ାକେ ହୋସେନ୍ ପାର ହୋଇଗଲା ମାଟିଆ ବୁରୁଜ—

ପାଞ୍ଚ ବାଜିଲା, ଛ' ବାଜିଲା, ସାତ ବାଜିଲା । ଲୋକେ ଖୋଜ ଖୋଜ ନୟାନ୍ତ ହେଲେ । ହେଲେ ଭଡ଼ାଘରର ସେ ଘାଇ

ହୋ'ଟିଙ୍କି କୌଣସିଠାରେ ଠାବ କରିପାରିଲେ ନାହିଁ । ଭଣ୍ଡାରଘରର କବାଟ ଭଙ୍ଗା ହେଲା । ଇସ୍‌ମାଇଲ୍ ମିଆଁଙ୍କ ଘର ଖାନ୍‌ତଲାସ ହେଲା । ଗୋଦାମ ଘରେ ବି ଲୋକେ ପଶି ଅନ୍ଧକାର ଖୋଜି ଆସିଲେ । ହେଲେ କାହାନ୍ତି ସେମାନେ ? ଲୋକେ କହୁଛନ୍ତି, ଆଜି ସକାଳେ ଦେଖିଛନ୍ତି । ଅଥଚ ଯୁ'ଣି ଭିତରେ କୁଆଡ଼େ ଶୂନ୍ୟେ ଶୂନ୍ୟେ ଉଭେଇଗଲେ ସେ ।......ଚଟକଳ ଆଡ଼ୁ ଦଳେ ଗୁଣ୍ଡା ରକ୍ତମୁଖା ହୋଇ ଫେରିଥାନ୍ତି । ରକ୍ତ ପିଇ ପିଇ ଯେମିତି ମନ ଶାନ୍ତି ହୋଇ ନାହିଁ । ଖୋଜୁଛନ୍ତି ଆତୁର ଆତୁରି ଡାଳାରକ୍ତ । ହଠାତ୍ କିଏ ଜଣେ କହିଲା—"ମେ ଶୋଚତା ହୁଁ ବୁଢ଼ା ଉନ୍‌ଲୋଗଙ୍କୋ ହୋ' ବଜେ ପାର୍‌କର୍ ଦିଆ ।"......

"ଏ"—ଲୋକଙ୍କ ଭିତରେ ସତେକି ନିଆଁ ଜୁଳି ହୋଇଗଲା—"କାଫେର୍‌କୋ ପାର୍ କରଦିଆ—ଏସା ବେଇମାନ୍ ଆଦମୀ ହାମ୍‌ଲୋଗ୍‌କା ଭିତରମେ ହୈ ?" ଲୋକଙ୍କର ପ୍ରତି ରକ୍ତକଣା ଟକ୍‌ମକ୍ ହୋଇ ଫୁଟିଉଠିଲା କ୍ରୋଧରେ । ବିଶେଷତଃ ସେହି ଚଟକଳ ଫେରନ୍ତି ରକ୍ତବୋଳା ଗୁଣ୍ଡାଦଳଟା ଏକାବେଳକେ ଅନ୍ଧ ହୋଇଗଲେ । "ଆଲ୍ଲା ହୋ ଆକ୍‌ବର"ରେ ମେଦିନୀ କମ୍ପି ଉଠିଲା । "ମାରୋ ବେଇମାନ କୋ" କହି, ଏକ ବିକଟ ଚିତ୍କାରରେ ଦୁଇ ଶହ ଭଳି ଲୋକ ଯାଇଁ ଏକାବେଳକେ ଆକ୍ରମଣ କଲେ ଇସ୍‌ମାଇଲ୍‌ଙ୍କ ଘର ।

ରକ୍ତର ସୁଅ ବହିଗଲା । ନଜମ୍ ଗଲା, ଖାତୁନ୍ନିସା ଗଲେ, ନଜମ୍‌ର ସ୍ତ୍ରୀ ଗଲା, ଝିଅ ଗଲା, ଗୁଲକରବାକର ଗଲେ, ବନ୍ଧୁ ବାନ୍ଧବ, କୁଟୁମ୍ବ ମଇଳ ଯିଏ ଯେତେ ଆସିଥିଲେ, କେହି ଜଣେ ହେଲେ ବାଦ୍ ପଡ଼ିଲେ ନାହିଁ । ଯାର ଜୀବନ ଖଟି ଖଟି ଲକ୍ଷ ଲକ୍ଷ

ଟଙ୍କାର ସଂପତ୍ତି କରିଥିଲେ ଇସ୍‌ମାଇଲ୍ । ସବୁ ଧଡ଼କ ଭିତରେ ହେଇଗଲା ଛିନ୍‌ଛତର—ଲୁଟ୍ ପାଟ୍ । କାଣୀ କଉଡ଼ିଟିଏ ବି ବାକି ରହିଲା ନାହିଁ ।

ତଥାପି ଏତେ ଯାଇଁ ଯାଇଁ ଠାକୁରଙ୍କ ମନସାଧ ମେଣ୍ଟ ନ ଥିଲା । ଶେଷକୁ କୁଳର ଶେଷ ଦୀପଟିକି ବି ଲିଭାଇ ଦେଲେ ।··· ସେମାନଙ୍କୁ ନିରାପଦ ସ୍ଥାନରେ ରଖି, ଖୋଦ୍ ବାପାଙ୍କୁ ତାଙ୍କ ଡାଖରେ ଜଗେଇ ହୋସେନ୍ ଫେରି ଆସୁଥିଲା ଘରକୁ । ସେ କ'ଣ ଆଉ ଏତେ କଥା ଜାଣିଛି ?······ବାଁ ପାଖ ମୋଡ଼ଟା ଡେଇଁ ମାଟିଆବୁରୁଜ ବଜାର ଭିତରକୁ ଷ୍ଟୁଡ଼ିବେକାରଟା ପଶି ଆସିଲା । କିଏ ଜଣେ ଦୂରରୁ ଚିତ୍କାର କରି ଉଠିଲା—"ଆ ଗିୟା ବେଇମାନ" —ଆଉ ଯାଏ କୁଆଡ଼େ ? କ୍ରୁଦ୍ଧ ଜନତା ଘେରି ଆସିଲେ ଚାରିଆଡୁ । ଦେଖାଚାହିଁା ନାହିଁ, କଥାବାର୍ତ୍ତା ନାହିଁ । ଟିଣକା ଟିଣ ପେଟ୍ରୋଲ ଢାଳିଦେଲେ ଗାଡ଼ିରେ । ସଙ୍ଗେ ସଙ୍ଗେ ଚଟ୍‌କରି ମାରିଲେ ଦିଆସିଲି । ଗାଡ଼ି ହୁ ହୁ ଜଳିଲା—ଆଉ ସେହି ଜଳନ୍ତା ନିଆଁ ଭିତରେ ଧୂ ଧୂ ହେଇ ଜଳିଉଠିଲା ଖାଁ ନ୍‌ୟା ହୋସେନ୍ ।

—ସାତ—

ରେଖା ଓ ଜସ୍‌ସୂର୍ଯ୍ୟ କାବେରୀର କୋମଳ ବାଲିଶେଯରେ ବସି କଥାବାର୍ତ୍ତା ହେଉଥିଲେ । ସନ୍ଧ୍ୟା ଉତ୍ତୀର୍ଣ୍ଣ ପ୍ରାୟ । ମେଘମୁକ୍ତ ନିର୍ମଳ ଆକାଶରେ ହସି ଉଠୁଥିଲା ଫଗୁଣର ନବମୀ ଚନ୍ଦ୍ର । ସଜ ଫୁଟିଲା ଫୁଲ ପେନ୍ଥାମାନ ବେଣୀ ଅଗରେ ଝୁଲେଇ ତାମିଲ୍ ଝିଅ କେଇଟି ଅଳସ ଗତିରେ ଏଣେତେଣେ ପଦଚାରଣା କରୁଥିଲେ ।

ଜୟସୂର୍ଯ୍ୟ କହିଲା—"ଜାଣନ୍ତି ରେଖା ଦେବି ! ଏଇ କାବେରୀ ଉପକଣ୍ଠରେ ସେଦିନ ଓଡ଼ିଆଜାତିର ଗର୍ବ ଗୌରବର ଜୟଢକ୍କା ଢୋଲ ବାଜି ଉଠିଥିଲା ଗଜପତିଙ୍କର ଭେରୀ, ତୁରୀ, ଶଙ୍ଖ, କାହାଳୀ । ମହାମହିମ ପୁରୁଷୋତ୍ତମଦେବ କାଞ୍ଚି ଜୟ କରି କାଳକାଳକୁ ଓଡ଼ିଆ ଜାତିର ଗୌରବ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲେଖି ଦେଇଗଲେ ।"

ହସି ଉଠିଲା ରେଖା—"ଇତିହାସ ଭୁଲିଯାଆନ୍ତୁ । କେଉଁ ଯୁଗରେ କିଏ ଯୁଦ୍ଧ କରି ବିଜୟ-କେତନ ଉଡ଼ାଇଥିଲା ବୋଲି ଆଜି ସେଇଥିକୁ ନେଇ ଗର୍ବ କରିବାରେ କୌଣସି ଅର୍ଥ ନାହିଁ । ଆଜିର ଏଇ ଦୁର୍ବଳ ଦେହ ଓ ଭୀରୁ ମନ ନେଇ ସେମାନଙ୍କ ସହିତ ନିଜକୁ ତୁଳନା କରିବାକୁ ଲଜ୍ଜା ଲାଗେ । ବରଂ ଏଇ ହୀନବୀର୍ଯ୍ୟ, ନିରନ୍ନ, କାଙ୍ଗାଳ ଜାତିଟାକୁ ଦେଖିଲେ ମୋର ତ ମନେ ହୁଏ, ଆମେ କେବେ ତାଙ୍କର ବଂଶଧର ନୋହୁଁ । ହୁଏତ ବଙ୍ଗୋପସାଗର ଥରେ ମାତି ଆସି ସାରା ଉତ୍କଳକୁ କରି ଦେଇଛି ପ୍ଲାବନ । ସବୁ ଶିଳ୍ପୀ, ସବୁ ଯୋଦ୍ଧା, ସବୁ ସାଧକ, ସବୁ କଳାବିତ୍‌ଙ୍କର ହୋଇଛି ସେଥିରେ ସଲିଳ-ସମାଧି । ତା'ପରେ ନୂଆକରି ଆମେ ଜନ୍ମ ହୋଇଛୁ – ନିର୍ବଳ, ନିଷ୍ପନ୍ଦ, ଜଡ଼ ମନୁଷ୍ୟ । ମନୁଷ୍ୟ ନୋହୁଁ ତ – ଖାଲି ଗୋଟାଏ ଗୋଟାଏ ପ୍ରାଣହୀନ ପାଷାଣ—ନିର୍ଜୀବ ମାଟିପିଣ୍ଡ ।"

"ତା'ହେଲେ କ'ଣ ଆପଣ କହିବେ, ସମଗ୍ର ପୃଥିବୀରେ ଶିଳ୍ପ-ନୈପୁଣ୍ୟର ପରାକାଷ୍ଠା ଦେଖାଇ ଆକାଶ କୋଳକୁ ମଥା ଟେକିଛି ଯୋଉ କୋଣାର୍କ, ସେଥିରୁ ଜାତି କିଛି ପ୍ରେରଣା ପାଏ ନାହିଁ ?"

"ମୋଟେ ନୁହେଁ । ତା' ହେଉଥିଲେ ଆମର ଶହ ଶହ ଯୁବକ ଖାଲି କିରାଣୀ ହୋଇ କଟକ ସହରରେ ମୁହଁମାଡ଼ି ପଡ଼ିରହନ୍ତୁ ନଥାନ୍ତେ—ଇଂଜିନିୟର ହୋଇ, ଫିଟର୍ ହୋଇ, ମେକାନିକ୍ ହୋଇ ଯାଇଁ ହୀରାକୁଦରେ କାମ କରୁଥାନ୍ତେ—ଭୁବନେଶ୍ୱରରେ ରାଜଧାନୀ ଗଢ଼ୁଥାନ୍ତେ । ସାମାନ୍ୟ ମିସ୍ତ୍ରୀଠାରୁଁ ଆରମ୍ଭକରି ଚିଫ୍ ଇଂଜିନିୟର ପର୍ଯ୍ୟନ୍ତ ସବୁ କାମ ପାଇଁ ବାହାରୁ ଏମିତି ପଣ ପଣ ଲୋକ ଆସି ଆମକୁ ଶୋଷଣ କରିବାର ଅବକାଶ ନଥାନ୍ତା । ଆମ ଜାତି ଭଳି କିଏ ଏମିତି ଘରପଶା ଅଛି କୁହନ୍ତ ?"

"ତଥାପି ତ ଆମେ ଦିନେ ଦରିଆ ସେପାରି ଯାଇଁ ବଣିଜ କରି ଧନ, ଦଉଲତ, ମଣିମାଣିକ୍ୟ ଘରକୁ ବୋହି ଆଣୁଥିଲେ ?"

ବଡ଼ ବିରକ୍ତ ହୋଇ ଉଠିଥିଲି ରେଖା—"ଥାଉ, ଆଉ ସେ ମୁହଁ-ସୁଆଗିଆ କଥା କହି ଲଭ ନାହିଁ । କବିସୂର୍ଯ୍ୟଙ୍କ ଭାଷାରେ—"ଜଗତେ କେବଳ, ଜନେ ହସିବା ଏହି ଏଥୁଁ ଫଳ" । କ ହେ, ଆଜି ତ ଆମର କଟକରୁ ବାଲେଶ୍ୱରକୁ ବଦଳି ହେଲାବେଳକୁ କାନ୍ଦ କୁହେଇ । କୋରାପୁଟ ଜିଲ୍ଲାକୁ କେହି ଆସୁ ନାହାଁନ୍ତି ଯେ ଆନ୍ଧ୍ର ଯାଇଁ ସେଥିରୁ ତିନିପା ଦଖଲ କରି ଗଲେଣି । ଉତ୍କଳ ମା କୋଉଠି ହୁଏତ ଅଧେ ଲୋକ ଜାଣି ନଥିବେ । ସିନ୍ଧ୍ରି କାରଖାନା କହିଲେ ଲୋକେ କହନ୍ତି—କ'ଣ ସିନ୍ଧ୍ ?···ପାକିସ୍ଥାନରେ ?···ଆଉ ଏଥିରେ ଆପଣ କହୁଛନ୍ତି କ'ଣନା—ଦରିଆ ପାରି—ମଣିମାଣିକ୍ୟ । ଛି, ଛି, ସେହି ଓଡ଼ିଆ ବୋଲି ପରିଚୟ ଦେବାକୁ ଆମକୁ ଆଜି ଲାଜ ଲାଗେ ନାହିଁ ? କ'ଣ ଆଉ ଅଛି ଆମର ?—ଶିଳ୍ପ ନା ସାହିତ୍ୟ ନା ଶକ୍ତି ନା ସଂସ୍କୃତି ?"

ନବ ଯଉବନା କର୍ଣ୍ଣାଟକ ତରୁଣୀଗଣ କବରୀରେ ରକ୍ତ କରବୀ ଖୋସି କାବେରୀ କୋଳରେ ଜ୍ୟୋତ୍ସ୍ନାସ୍ନାନ କରୁଥିଲେ । ମୁଗ୍ଧ କିଶୋର କେତେ ପାଗଳ ମଧୁପ ଭଳି ଧାଇଁ ବୁଲୁଥିଲେ ତାଙ୍କ ପଛେ ପଛେ । ଆନମନା ହୋଇ ସେଇଆଡ଼କୁ ଚାହିଁ ରହିଥିଲା ଜୟସୂର୍ଯ୍ୟ । ଏତେ ଆନ୍ତରିକତା ସହ ସେ କେବେ ଦେଶକଥା ଭାବି ନାହିଁ । ଏସବୁ ତା'ର ଖାଲି ଆରାମ୍ ଚେୟାର୍‌ର ଖୁସିଗପ—ଏସେନ୍‌ସ, ଟ୍ୟୁବଲେଟ୍ ଭଳି ଗୋଟାଏ ଗୋଟାଏ ସାମୟିକ ବିଳାସ ମାତ୍ର । ତା' ନହେଲେ ଦେଶ ଦୁର୍ବଳ ହେଲେ ତା'ର ଯାଏ କେତେ ଆସେ କେତେ ? ଜାତି ଅପର ଜାତି ଦ୍ୱାରା ଶୋଷିତ, ଲାଞ୍ଛିତ, ପଦ-ଦଳିତ ହେଲେ ତା'ର ହୋଲେ ନା ଢୋଲେ ? ସେତ ଆଜି ସେଇ ବଡ଼ଲୋକର ଆଭିଜାତ୍ୟଭରା ମଣିମୟ ସିଂହାସନରୁ ତଳକୁ ଖସି ପଡ଼ୁନି ।

ଦୂର ଦିଗ୍‌ବଳୟ କୋଳରେ ଯୋଉଠି ଟିଟି୍‌ଭ ଟିଏ ଗାଇ ଗାଇ ଉଡ଼ି ଯାଉଥିଲା ପଦ୍ମାବତୀର ଦେଶକୁ, ସେଇ ଆଡ଼କୁ ଚାହିଁ ଚାହିଁ ଜୟସୂର୍ଯ୍ୟ କହିଲା—"ଛାଡ଼ନ୍ତୁ । ପରପାଇଁ ମୁଣ୍ଡ ଖେଳେଇ ନିଜର ଶାନ୍ତିମୟ ଅବସରଟିକୁ ତିକ୍ତ କରିବା କାହିଁକି ? ଦେଶ କାହାକୁ ସ୍ୱର୍ଗକୁ ନେଲାଣି ନା ନେବ ? ନିହାତି ଗୁଡ଼ାଏ ବିଦ୍ୟା ବୁଦ୍ଧିହୀନ ବେକାର ଲୋକେ ଦେଶ ଦେଶ କହି ହୋ ହୋ ଧୋ ଧୋ କରନ୍ତି ସିନା ।...ବରଂ କୁହନ୍ତୁ – ଆପଣଙ୍କୁ ଶୁଭଲକ୍ଷ୍ମୀ ନା ବୈଜୟନ୍ତୀମାଳା—କାହାର ଆକ୍ଟିଂ ଭଲ ଲାଗେ ?"

ମନେ ମନେ ରେଖା ହସିଲା—ଏଇ ତା'ହେଲେ ଆଧୁନିକ ଉଦୀୟମାନ ଯୁବକର ଚିନ୍ତାର ପରିସର !! ମୁହଁରେ କେତେ ବଡ଼ ବଡ଼ କଥା—ସାଗରପାରି, ପାଇକଯୁଦ୍ଧ, ବାଜି ରାଉତ,

କୋଣାର୍କ ଅଥଚ ସେ ସମ୍ବନ୍ଧରେ ଥରେ ଗମ୍ଭୀରଭାବେ ଆଲୋଚନା କରିବାକୁ ଧୈର୍ଯ୍ୟ ନାହିଁ । କାହିଁକି ସେ ଏତେବଡ଼ ଐତିହାସିକ ଗରିମାମୟ ଓଡ଼ିଆ ଜାତିର ଏ ଦାରୁଣ ଅଧଃପତନ ହେଉଛି, ତା'ଥରେ ମନପ୍ରାଣ ଦେଇ ଅନୁଧ୍ୟାନ କରିବାକୁ ଶକ୍ତି ନାହିଁ ଏ ଯୁଗର ଉଚ୍ଚଶିକ୍ଷିତ ତରୁଣ ପ୍ରାଣରେ ।......ସ୍ମିକଏ ରୁଦ୍ଧ ଗମ୍ଭୀର ହୋଇ କହିଲା—"ନାଁ, କ୍ଷମା କରିବେ, ମୁଁ ସୋଭେ ସିନେମା ପ୍ରିୟ ନୁହେଁ । ତା'ଛଡ଼ା ଏଇ ଧୂସର ମାଟିର ଭୋକଲା ନଙ୍ଗଳା ବାସ୍ତବ ଛବି ଦେଖୁ ଦେଖୁ ତ ଦିନ ଯାଉଛି, ଧନୀପରିବାର ବିଳାସଭରା କଳ୍ପନା ଛବି ଦେଖିବାକୁ ବେଳ କାହିଁ ? ବୈଜୟନ୍ତୀମାଳାର ସଉଖୀନଆ ନାଚ ଅପେକ୍ଷା ଉତ୍କଳ··ସୀମାର ଦୁର୍ଭିକ୍ଷ ପୀଡ଼ିତ ଜନତାର ନଗ୍ନ, ନିରନ୍ନ, କରୁଣ ଚିତ୍ର ମୋତେ ବରଂ ବେଶୀ ଭଲ ଲାଗେ ।"

"ଓ, ଆପଣ ବଡ଼ ଦୁର୍ବଳ ହେବେ । ପରର ଟିକଏ ଦୁଃଖ ଦେଖି ତରଳ ଯାଉଛନ୍ତି । କିନ୍ତୁ କୁହନ୍ତୁ ତ, ଏମିତି ଖାଲି ଦୁଃଖ କଲେ, ଚିନ୍ତାକଲେ ଏପରିକି ଘଣ୍ଟା ଘଣ୍ଟା ଧରି ଅସରା ଅସରା ଲୁହ ଢାଳିଲେ ବି ଆପଣ ସେମାନଙ୍କ ପାଇଁ କ'ଣ କରି ପାରିବେ ? ଆଜି ନୁହେଁ, ସବୁ ଯୁଗରେ, ସବୁ କାଳରେ, ସବୁ ଦେଶରେ ଧନୀ ଦରିଦ୍ର ଦୁଇଟି ଶ୍ରେଣୀ ଥିଲେ, ଅଛନ୍ତି ଓ ଥିବେ ମଧ୍ୟ ।"

"କିନ୍ତୁ ତା' ରହିବା ଉଚିତ କି ?"

"ତା'ତ ଆପଣ କହିପାରିବେ ନାହିଁ । ତା' ଭଗବାନଙ୍କର ସୃଷ୍ଟି ।"

"ସତେ, ବଡ଼ ଅଦ୍ଭୁତ ଧାରଣା ତ ଆପଣଙ୍କର ଭଗବାନଙ୍କ ସମ୍ବନ୍ଧେ । ଭଗବାନ ବୋଲି ଜୀବଟିଏ ନଖାଇ ନପିଇ, ଟିକଏ

ହେଲେ ବୈକୁଣ୍ଠରେ ବିଶ୍ରାମ ନ ନେଇ ଖାଲି ଏଇ ପୃଥିବୀର ଦେଶ ଦେଶ ବୁଲି ଭକ୍ତଙ୍କ ବାଡ଼ିରେଇ ଖାଉଛନ୍ତି—ନା ? ପୁଣି ମଣିଷ ଭିତରେ ଲୋଭ, ସ୍ୱାର୍ଥ, ହିଂସା, ଈର୍ଷା ପୂରି ରହିଲା ଭଳି ତାଙ୍କ ଭିତରେ କି ଭେଦଭାବ, ପାତର ଅନ୍ତର ଅଛି—ତା' ନହେଲେ ଦେଶର କୋଟି କୋଟି ଦୁଃଖୀ ରଙ୍କି ସାତଦିନରେ ପରୁ ପଖାଳ ମୁଠାଏ ପାଉ ନଥିବା ସ୍ଥଳେ ଏଇ ମୁଷ୍ଟିମେୟ ଧନିକ କେତେଜଣ ଘିଅ, ଦୁଧ, ମାଂସ, ପଲାଉ ଖାଇ ଖାଇ ଶେଷକୁ ଅଜୀର୍ଣ୍ଣ ହେବାରୁ ଫ୍ରୁଟ୍ ସଲ୍ଟ ଖାଉ ନଥାନ୍ତେ ।"

"କିନ୍ତୁ ତଥାପି ତ ଆପଣ ଭଗବାନଙ୍କର ଅସ୍ତିତ୍ୱ ଅସ୍ୱୀକାର କରି ପାରିବେ ନାହିଁ ?"

"ତା'ମୋର ଦୁର୍ବଳତା । ହେଲେ ପୃଥିବୀ ପୃଷ୍ଠରେ ଆଜି ଏଭଳି ଦେଶ ଅଛି, ଯୋଉମାନେ ଆଦୌ ବିଶ୍ୱାସ କରନ୍ତି ନାହିଁ ଭଗବାନଙ୍କୁ । ଅଥଚ ସେମାନଙ୍କ ଭିତରେ ଆମଭଳି ଏତେ ଅସାମ୍ୟ ନାହିଁ, ଅଶାନ୍ତି ନାହିଁ, ଦୁଃଖ ନାହିଁ, ଦୁର୍ଭିକ୍ଷ ନାହିଁ । ସେଠି ସମସ୍ତେ ଖାଇବାକୁ ପାଆନ୍ତି; ପିନ୍ଧିବାକୁ ପାଆନ୍ତି; ପିଲାମାନେ ମାଗଣାରେ ପାଠ ପଢ଼ିବାକୁ ପାଆନ୍ତି; ରୋଗ ବଇରାଗ ହେଲେ ସରକାର ତରଫରୁ ମାଗଣା ଔଷଧ ଦିଆଯାଏ । ଏପରି କି ବୃଦ୍ଧ, ଅକର୍ମଣ୍ୟ ହୋଇଗଲେ, କି ସରକାରୀ ଚାକିରିଆ କି ବେସରକାରୀ ଜନସାଧାରଣ, ସମସ୍ତଙ୍କୁ ଯଥୋଚିତ ପେନ୍‌ସନ୍ ଦିଆଯାଏ ।"

"ଓ, ଆପଣ କମ୍ୟୁନିଜମ୍ କଥା କହୁଛନ୍ତି ?"

"ତା'କୁ ଆପଣ କମ୍ୟୁନିଜିମ୍ କୁହନ୍ତୁ ବା ସୋସାଲିଜମ୍ କୁହନ୍ତୁ ବା ୱେଲଫେୟାରିଜମ୍ କୁହନ୍ତୁ, କିନ୍ତୁ ସେହି ସମାଜରେ ଯେ

ଶୋଷଣ ନାହିଁ, ପୀଡ଼ନ ନାହିଁ, ଅନ୍ୟାୟ ନାହିଁ, ଅତ୍ୟାଚାର ନାହିଁ, ତା' ଆପଣ ମୁକ୍ତକଣ୍ଠରେ ସ୍ୱୀକାର କରିବେ ନାହିଁ କି ?"

"ତା'ହେଲେ କି ସତ୍ୟ ଅହିଂସାର ଭାରତ ଭୂଇଁରେ ସେ ରକ୍ତାକ୍ତ ବିପ୍ଳବ କେବେ ସୁଦ୍ଧର ବିଶିଷ୍ଣନ । ବାପୁଜୀଙ୍କର ଏତେ ବର୍ଷର ସାଧନା କି ପ୍ରେମ ପରିବର୍ତ୍ତେ ଆମକୁ ଏହି ଘୃଣା ଶିଖେଇ ଦେଇଗଲା ?"

"ମୁଁ ତ କେବେ ବଡଲୋକଙ୍କୁ ଘୃଣା କରୁନି—ମୁଁ ଘୃଣା କରୁଛି ବଡ଼ଲୋକକ । ଦଳେ ଖାଲି କିଛି କାମ ନକରି ନାନାଦି ଚଂଚକ କରି ପରର ରକ୍ତ ମାଉଁସ ଖୁଣ୍ଟି ଝୁଣି ପେଟ ଫୁଲଉଥିବେ ଆଉ ଦଳେ ଖରା ବର୍ଷା, କୁହୁଡ଼ି ଭିତରରେ ବିଲମଝିରେ ବା କାରଖାନା ଭିତରେ ଖଟି ଖଟି ହେଉଥିବେ କୁରୁମ । ଅନ୍ନଦାତା ଚାଷୀ ରହୁଥିବ ଉପବାସ ଆଉ କରମକୋଡ଼ୀ ମହାଜନର ହେଉଥିବ ଖିଶ ପୁରି, ବାଣରୋଷଣୀ——ଏହା କଅଣ ସମ୍ଭବ ? କୋଉ ବିବେକୀ ଯୁବସମାଜ ଆଜି ଏହା ପସନ୍ଦ କରିବ ?···ଆଉ ବିପ୍ଳବ ? ମୁଁ ତ କେବେ ରକ୍ତାକ୍ତ ବିପ୍ଳବ କଥା କହୁ ନାହିଁ । ପୂଜ୍ୟପାଦ ବିନୋବାବାଭେଙ୍କ ପ୍ରତି ମୋର ପୂର୍ଣ୍ଣ ସମର୍ଥନ ଓ ଆନ୍ତରିକ ଭକ୍ତି ଅଛି । ଆମ ଦେଶ, କାଳ, ପାତ୍ରକୁ ଚାହିଁ ବିପ୍ଳବର ପନ୍ଥା ହୁଏତ ଭିନ୍ନ ହୋଇପାରେ । କିନ୍ତୁ ଏ ଉଚ୍ଚନୀଚ ସମାଜରେ ସମତା ଆଣିବା ପାଇଁ ବିପ୍ଳବ ଯେ ଦରକାର ଏବଂ ସେଥିପାଇଁ ଯେ ଦେଶର ତରୁଣ ତରୁଣୀଙ୍କୁ ଅସୀମ ତ୍ୟାଗ ଓ ଆତ୍ମବଳର ସମ୍ମୁଖୀନ ହେବା ଆବଶ୍ୟକ, ତା' ଆପଣ ଅସ୍ୱୀକାର କରିବେ କିପରି ?"

ଉତ୍ତର ଦେବାକୁ ଜୟସୂର୍ଯ୍ୟ ମୁଖରେ ଭାଷା ନଥିଲା । ଇଚ୍ଛା ବି ନଥିଲା ଆଉ ଏ ନୀରସ ସମସ୍ୟା ଆଲୋଚନା କରି, ସୁଖର

ଅବସରଟିକକୁ ଏମିତି ନଷ୍ଟ କରି ଦେବାକୁ । ଗରିବ ଚିରଦିନ ଗରିବ ! ଆଲୋକ ଅନ୍ଧାର ଭଳି, ଦିବସରାତି ଭଳି, ପୂର୍ଣ୍ଣିମା ଅମାବାସ୍ୟା ଭଳି ବଡ଼ଲୋକ ଗରିବ ଚିରକାଳହିଁ ଅଛନ୍ତି ଓ ଥିବେ । ଗୋଟିକ ବିନେ ଅନ୍ୟଟିର ମହତ୍ତ୍ୱ ବିକଶିତ ହେବ ନି । ବଡ଼ଲୋକର ସୁଖସୁବିଧା ପାଇଁ ଗରିବର ଉପସ୍ଥିତି ଏକାନ୍ତ ବାଞ୍ଛନୀୟ । ତାଙ୍କୁ କାଢ଼ି ଦେଲେ କିଏ କରିବ ସମାଜର ସେବା ? କିଏ କରିବ ଧୋବା, ଭଣ୍ଡାରି, ଗଉଡ, ମେହେନ୍ତରର କାମ ? ବା କିଏ ହେବ ଧାନବିଲରେ ମୂଲିଆ, ଲୁଗାକଲରେ କୁଲି, କୋଇଲା ଖଣିରେ ମଜୁରିଆ ? ······ନା, ଗୁଡ଼ାଏ ରସିଆନ୍ ଲିଟରେଚର ପଢ଼ି ରେଖାଦେବୀଙ୍କ ମୁଣ୍ଡ ହୁଏତ ଖରାପ ହୋଇଯାଇଛି । ଆଉ ସେ ବିଷୟରେ ଯୁକ୍ତି କରିବା ଠିକ୍ ନୁହେଁ । ନୀରବରେ ଜୟସୂର୍ଯ୍ୟ ଶୂନ୍ୟ ଆକାଶ ଆଡ଼େ ଚାହିଁ ରହିଲା ।

ଦଳେ ଯୁବକ—ବୋଧେ କଲେଜ ଛାତ୍ର ହେବେ । ଗୁଣୁ ଗୁଣୁ ଗୀତ ଗାଇ ଚାଲି ଯାଉଁ ଯାଉଁ ହଠାତ୍ ଆଖିପଡ଼ିଲା ଯୁ'ଙ୍କ ଉପରେ ! କ୍ଷଣକପାଇଁ ଅଟକିଗଲେ । ପରସ୍ପରକୁ ଚୁମୁଟା ଚୁମୁଟି ହୋଇ ମୁରୁକି ମୁରୁକି ହସି ଉଠିଲେ । ଥିରି ଥିରି ହୋଇ ଆପଣା ଭିତରେ କହିହେଲେ—ପ୍ରେମିକ ଯୁଗଳ । କିଏ ବା କହିଲା—ଟ୍ରୁ ରୋମାନ୍ସ ! ଆଉ କିଏ ବା କବି ଭାଷାରେ କହିଲା—"ମାନ ତେଜଗୋ ଅଭିମାନିନି ! ଶ୍ୟାମଘନ ବିରହ ବେଦନାରେ ଝାରିହୋଇ ସରିଗଲେ ଯେ ।"······ପୁଣି ଟିକିଏ ହସ—ପୁଣି ଟିକିଏ କଟାକ୍ଷ । ତାପରେ କିଏ କୁଆଡ଼େ ଆଗେଇଗଲେ ।

ଅବଶ୍ୟ ଭାଷା ତାମିଲ । ତେବେ ଇଙ୍ଗିତରୁ ସବୁକଥା ବୁଝି ହୁଏ । ଜୟସୂର୍ଯ୍ୟ ହସି ହସି କହିଲା—"କିଛି ବୁଝିଲେ ?"

"ସବୁ·····ଉପରେ ନିର୍ମଳ ଜ୍ୟୋତ୍ସ୍ନାଲୋକ; ତଳେ ଭାଟବସ୍ତର ଶାନ୍ତ, ସ୍ୱଚ୍ଛ କ୍ଷୁଦ୍ର କ୍ଷୁଦ୍ର ଝରଣା; ଚତୁର୍ଦ୍ଦିଗରେ ଫଗୁଣର ସୁରଭିସ୍ନିଗ୍ଧ ମନ୍ଦ ମଳୟ । ଆଉ ତା' ଭିତରେ ନିର୍ଜନରେ ତରୁଣ ତରୁଣୀ—ନିରୋଳାରେ ଗୋପନକଥା— ଏଥିରେ ଯେ କୌଣସି ଲୋକ ତ ସନ୍ଦେହ କରିବ ! ତାଙ୍କର ଦୋଷ କ'ଣ ?"

"ସତେ ରେଖାଦେବି ! କେତେ ସୁନ୍ଦର ଏଇ ପୃଥିବୀ ! କେତେ ସୁନ୍ଦର ଏଇ ପ୍ରଶାନ୍ତ ନୀଳ ଆକାଶ । ଆଉ ତା' ଭିତରେ କେତେ କମନୀୟ ଏଇ ମୁକ୍ତ ବିହଗ ଦୁଇଟିର କଳଗୁଂଜନ । ଚାହିଁ ଦେଖ, ଅନନ୍ତ ଆକାଶ କୋଳରେ ଜୁଗେଲା ଜ୍ୟୋତ୍ସ୍ନାର ସୁଏ ସୁଏ ଭାସି ଭାସି କେମିତି ଉଡ଼ି ଯାଉଛନ୍ତି ପକ୍ଷୀ ପକ୍ଷିଣୀ ଯୋଡ଼ାଏ । କେତେ ଶାନ୍ତ, କେତେ ଆନନ୍ଦ, କେତେ ପରିତୃପ୍ତ ।··

ଜୟସୂର୍ଯ୍ୟ ରେଖାର କଅଁଳ ହାତଟିକ ନେଇ ଆପଣା ହାତ ଭିତରେ ଛନ୍ଦି ଧରିଲା ।··· ଶିହରି ଉଠିଲା ରେଖାର ସର୍ବାଙ୍ଗ ଶରୀର । ସପନରୁ ଉଠିଲା ଭଳି ଚମକି ପଡ଼ିଲା ସେ ।

ତରୁଣ କବିଟି ଏକାବେଳକେ ଆତ୍ମବିହ୍ୱଳ । ହୃଦୟର ପ୍ରତି ରକ୍ତକଣିକାରେ କି ଏକ ଅସହନୀୟ କଂପନ ।······କୋମଳ ଅଙ୍ଗୁଳିଗୁଡ଼ିକୁ ଧୀରେ ଧୀରେ ଆଉଁସି ଦେଉଁଦେଉଁ ଜୟସୂର୍ଯ୍ୟ କହିଲା — "ଜାଣ ରେଖାଦେବି ! କୁଆଡ଼େ ଯାଉଛନ୍ତି ଏ ପକ୍ଷୀ-ଯୁଗଳ ? ଯାଉଛନ୍ତି କେଉଁ ଏକ ଶ୍ୟାମଳ କୋମଳ ବନବୀଥିର ଗହଳ କୁଂଜ ତଳେ ନିଭୃତ କୁଳାୟ ରଚନା କରିବାକୁ । ଅସୀମ ଆକାଶ କୋଳରେ ସବୁବେଳେ ଶାନ୍ତି ମିଳେନି ତ, ସେଥିପାଇଁ ଦରକାର ହୁଏ ଏକ ସସୀମ ନୀଡ଼ ।······"

" ହଁ, ପଥଶ୍ରାନ୍ତ ଅପନୋଦନ ପାଇଁ ନୀଡ଼ ରଚନା କରିବା ଆତ୍ମାର ଧର୍ମ । "

"ଖାଲି ପଥଶ୍ରାନ୍ତ ନୁହେଁ ରେଖା, ପ୍ରାଣର ପରିତୃପ୍ତି ପାଇଁ କୁଟୀରଟିଏ ସଭିଙ୍କର ଲୋଡ଼ା । ହେଇ ଦେଖ, କପୋତ ଯୋଡ଼ି ପ୍ରଣୟୀଯୁଗଳ ଉଡ଼ି ଉଡ଼ି ଆସି ତରୁଶାଖାରେ ବସି ଦେହରେ ଦେହ ଛନ୍ଦି ହେଉଛନ୍ତି । କପୋତ ରଖିଛନ୍ତି ଚଞ୍ଚୁ ଉପରେ ଚଞ୍ଚୁ ।··· ରେଖା ! ଖାଲି ଏଇ ଦରଶନ କି ଆମର ସାର, ପରଶ କି କେବେ ମିଳିବ ନାହିଁ ? ଏତେ ନିକଟରେ ଥାଇଁ ବି ଆମେ ଏମିତି ଶତଧନ ଲକ୍ଷ ଯୋଜନର ଦୂରେ ରହିଥିବା ? ଏଇ ସୁବର୍ଣ୍ଣ ଚମ୍ପକ କଳିରେ କି ମଧୁପ ଦେବ ନାହିଁ ଥରେ ଚୁମ୍ବନ ··· ? କରିବ ନାହିଁ ଥରେ ପ୍ରାଣଭରା ଆଲିଙ୍ଗନ···· ··· ? ରେଖାର କୋମଳ ଅଙ୍ଗୁଳି ଗୁଡ଼ିକ ତୋଳି ନେଇ ସୁଧାଂଶୁ ବଡ଼ ଆବେଗରେ ଦେଲା ଏକ ଚୁମା ··· ···

ବିଷଧର ସର୍ପଟାଏ ଦଂଶନ କଲା ଭଳି ଛାଟିପିଟି ହୋଇ ଦଶହାତ ଦୂରକୁ ଘୁଞ୍ଚିଗଲା ରେଖା — "ଛି, ଏ କ'ଣ କରୁଛନ୍ତି ? ଆପଣଙ୍କ ଭଳି ଉଚ୍ଚଶିକ୍ଷିତଙ୍କ ନିକଟରେ ଏ ଦୁର୍ବଳତା କେବେ ଶୋଭନୀୟ ନୁହେଁ ତ । ତରୁଣ ଆପଣ — ସ୍ୱପ୍ନରେ ବୁଡ଼ି ରହି ଉଚ୍ଚ, ଉଦାର, ମହତ୍ ଚିନ୍ତା କରନ୍ତୁ । ଏ ତୁଚ୍ଛ ତରୁଣୀ ମୋହରେ ଅନ୍ଧ ହୋଇ ଜୀବନକୁ ପଙ୍ଗୁ କରି ଦିଅନ୍ତୁ ନାହିଁ । ପ୍ରେମ ସ୍ୱର୍ଗୀୟ -- ଏ ହୀନ ପାଶବିକ କାମକୁ ପ୍ରେମ ବୋଲି ବୁଝନ୍ତୁ ନାହିଁ ଏ କାମବିକାର ଯେତେ ପ୍ରେୟ ହେଲେହେଁ ତା'ଠାରୁ ଶ୍ରେୟଃ ବସ୍ତୁ ବହୁତ ରହିଛି ଦୁନିଆରେ । ସେଥିପାଇଁ ଆତ୍ମଶୁଦ୍ଧି ଦରକାର— **Sublimation** ଦରକାର । "

ଲଜ୍ଜାରେ ମସ୍ତକ ଟେକି ପାରିଲା ନାହିଁ ଜୟସୂର୍ଯ୍ୟ । ରେଖା ମୁହଁକୁ ଥରେ ଆଖି ବୁଲାଇବାକୁ ତା'ର ନୈତିକ ଦମ୍ଭ ନଥିଲା ।

ସଞ୍ଜବେଳୁ ଏମାନଙ୍କୁ ଏକୁଟିଆ ବସେଇ ଦେଇ କୁଆଡ଼େ ଯାଇଁ ଘୂରି ଘୂରି ବୁଲୁଥିଲା ପୂର୍ଣ୍ଣିମା । ତା' ଘର ଏଇ କାବେରୀ-କୂଳରେ ଏକ ପଲ୍ଲୀ ଅଂଚଳରେ । ତା'ରି ଘରେ ଏ ଓଡ଼ିଆ ଓଡ଼ିଆଣୀ ଦୁ' ଜଣ ଅତିଥି । ରାତି ପ୍ରାୟ ସାଢ଼େ ନ'ଟା । କଳାମେଘ ଶାଢ଼ୀ ଖଣ୍ଡି ଏ ପିନ୍ଧି ଫୁଟନ୍ତ ଗୋଲାପର ମହକ ଛୁଟେଇ ହସିହସି ଆସି ପହଞ୍ଚିଲା ପୂର୍ଣ୍ଣିମା । ସାଙ୍ଗରେ ଜଣେ ନୂଆ ବନ୍ଧୁ — ଗୌରବର୍ଣ୍ଣ ସୁଢ଼ଳ, ସୁଠାମ ତରୁଣ । ପୂର୍ଣ୍ଣିମା ପରିଚୟ କରେଇ ଦେଲା — "ଏ ମୋର କ୍ଲାସମେଟ୍ - କୁମାରୀ ରେଖା ପଟ୍ଟନାୟକ । ମାଡ୍ରାସ ପ୍ରେସିଡ଼େନ୍ସି କଲେଜରେ ବି. ଏ. ପଢ଼ନ୍ତି ଆଉ ଏ ତାଙ୍କର ବନ୍ଧୁ ଶ୍ରୀଯୁକ୍ତ ଜୟସୂର୍ଯ୍ୟ ପଟ୍ଟନାୟକ — ଉତ୍କଳ ଇଉନିଭରସିଟିରୁ ବି. ଏସ. ସି ପାଶ୍ କରି ଆସି ବାଙ୍ଗାଲୋରରେ ଇଲେକ୍‌ଟ୍ରିକାଲ ଇଂଜିନିୟରିଂ ପଢୁଛନ୍ତି । ମୋର ବହୁ ଅନୁରୋଧରେ ଆସିଛନ୍ତି କାବେରୀ କୂଳକୁ ବୁଲି । "

ତରୁଣଟି ଉଭୟଙ୍କୁ ପ୍ରଣାମ କଲା । ପୂର୍ଣ୍ଣିମା ଅନ୍ୟ କଥା ଆରମ୍ଭ କରୁଥିଲା । ରେଖା କହିଲା — "ତୁ କେଡ଼େ ଅଭଦ୍ର ଲୋ । ପରିଚୟଟା ଗୋଟାଏ ପାଖର କରିଦେଇ ଚୁପ୍ ରହିଲୁ ।

"ଓ ଆଇ. ଆମ୍. ସରି - ମୁଁ ବଡ଼ ଦୁଃଖିତ । ଏ ମୋର ବନ୍ଧୁ ଶ୍ରୀ ଏ. ଭି ନାଗାରାଜନ୍ — ଜେମିନି ଷ୍ଟୁଡ଼ିଓର ଜଣେ ସ୍ୱନାମଧନ୍ୟଶିଳ୍ପୀ । "

ରେଖା, ଜମ୍ବୁସ୍ୱାମୀ ହାତ ଟେକ ନାଗାର୍ଜୁନଙ୍କୁ ପ୍ରଣାମ କଲେ । ଆଉ ବସିବାକୁ ବେଳ ନ ଥିଲା । ସମସ୍ତେ ଉଠି ଧୀରେ-ଧୀରେ ଚାଲିଲେ ଘରଆଡ଼େ ।

ବାଟରେ—ପୂର୍ଣ୍ଣିମାକୁ ଟିକଏ ପଛକୁ ଟାଣି ଆଣି ରେଖା ତା' କାନରେ ଚୁପ୍ ଚୁପ୍ କହିଲା—"ଏଇ କଲୋ ?" ଲାଜରେ ପାଟଳ ପଡ଼ିଗଲା ପୂର୍ଣ୍ଣିମାର ଗୋଲାପ ମୁହଁଟି । ଛଳକୋପ କରି କହିଲା—ଯାକ୍......

ଟିକଏ ଆଗେଇ ଯାଇଥିଲେ ନାଗାର୍ଜୁନ୍ । ପଚାରିଲେ—"ଆପଣଙ୍କ ରୂପାନ୍ତରଣ କେମିତି ଚାଲିଛି ରେଖା ଦେବୀ ?"

ବଡ଼ ଅକଲଆ ପ୍ରଶ୍ନ । ବାହାରେ ଯାଇଁ ଭିତରର ଦୁର୍ବଳତା ପ୍ରକାଶ କରିବା ତ ଉଚିତ ନୁହେଁ । ତେବେ ସତ ନକ୍ଷତ୍ର ଘୋଡ଼େଇ ରଖିବା ପାଇଁ କ'ଣ ବା ଯୁକ୍ତି ଅଛି ? ରେଖା କହିଲା—"ଲୁହନ୍ତୁ ନାହିଁ ଆଜ୍ଞା—ସେ ଗୋଟାଏ ଆମର ବଡ଼ ରୋଗ । କୌଣସି ଯୌଥ କର୍ମାଗ୍ନି ଆମ ଭିତରେ ଏପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇନ ।"

"କାହିଁକି ?—ଅସାଧୁତା ?"

"ଠିକ୍ ଅସାଧୁତା ନୁହେଁ—ସୁପରିଚାଳନାର ଅଭାବ, ଭବିଷ୍ୟତର ପରିଣାମକୁ ନଚାହିଁ ଦାୟିତ୍ୱହୀନ ଭାବରେ ଆମ ଲୋକେ କର୍ମପନ୍ଥା ଲମ୍ବେଇ ଯାଆନ୍ତି । ଫଳରେ ହୁଏ କ୍ଷତି, ତା' ପରେ ସବୁ ମାରେ ଚଉପଟାଙ୍ଗ୍ ।"

"ଆପଣମାନେ କେହି ଏଥିରେ......"

"ହଁ। କ୍ଷମା କରିବେ । ମୋର ଅନ୍ତତଃ ସେ ଆଡ଼କୁ ସ୍ପୃହା ନାହିଁ ।"

"ଆପଣ ?"—ନାଗାରାଜନ୍ ଜୟସୂର୍ଯ୍ୟ ଆଡ଼େ ଚାହିଁଲା ।

"ଇଚ୍ଛାଥିଲେ ତ ମୁଁ ଭିନ୍ନ ଲାଇନ୍ ବାଛି ନେଇ ସାରିଲିଣି । ମୋର ବାପା ଜଣେ ବଡ଼ ଇଂଜିନିୟର କି ନା, ତାଙ୍କର ଇଚ୍ଛା ମୁଁ ଏଠୁ ପଢ଼ିସାରି ଗ୍ଲାସ୍‌ଗୋ ଯିବି ହାଇଅର ଇଂଜିନିୟରିଂ ପଢ଼ିବାକୁ"

"ତୁ କ'ଣ କରିବୁ ଲୋ ରେଖା ?" ହସି ହସି ପୂର୍ଣ୍ଣିମା ପଚାରିଲା ।

"କେମିତି କହିବି ? ମିସନ୍‌ର ଯାହା ଇଚ୍ଛା । ସେମାନେ କହନ୍ତି ଆମେରିକା ଯାଇଁ କୌଣସି ଏକ ମାଟରନିଟି ୱାର୍ଡ୍‌ରେ ଆଜୀବନ କାମ କରିବାକୁ । ମୁଁ କିନ୍ତୁ ଅନୁରୋଧ କରିଛି ମୋତେ ଏଇ ଭାରତ ଭୂଇଁରେ ଏବଂ ସମ୍ଭବ ହେଲେ ମୋର ଜନ୍ମଭୂମି ଓଡ଼ିଶା ପ୍ରଦେଶରେ କାମ କରିବାକୁ ସୁଯୋଗ ଦେବାକୁ । ତେଣିକି ଯାହା ଯୋଗଥିବ ।"

ବଡ଼ ଆଶ୍ଚର୍ଯ୍ୟ ହୋଇ ଜୟସୂର୍ଯ୍ୟ ପଚାରିଲା—"କାହିଁକି, ଆପଣଙ୍କ ବାପା ?"

ଚାଉଁକିନା ଚମକି ପଡ଼ିଲା ରେଖା ଚୋରଙ୍କ ଭଳି ବଡ଼ି କନ କନ, ଥଙ୍ଗଥଙ୍ଗ ହୋଇ କହିଲା—"ନା, ନା ମୋର ବାପା······ ମୋର ବାପା······"

"କ'ଣ ନାହାଁନ୍ତି ?"

"ନା, ନା, ଅଛନ୍ତି । ତେବେ···ତେବେ ସେ ମୋତେ ଘଣ୍ଟରନ୍ତି ନାହିଁ ।"

"କ'ଣ ଏକାବେଳକେ ପରିତ୍ୟାଗ କରିଛନ୍ତି ?"

"ହଁ, ହଁ, ସେହିପରି···ସେହିପରି··'ମୁଁ ପରିତ୍ୟକ୍ତା ।"

ଝର ପାଖେଇ ଆସିଥିଲା,

## —ଆଠ—

ଇସ୍ମାଇଲ୍ ଚଚା ଆଉ ମଣିଷ ହୋଇ ନାହାଁନ୍ତି, ଗୋଟିପଣେ ପାଲଟି ଗଲେଣି ପଥର । ଖାଲି ଆଖି ଦୋ'ଟିରେ ଜୁଳୁ ଜୁଳୁ କରି ଚାହିଁଛନ୍ତି ଯାହା, ତୁଣ୍ଡ ଖୋଲି କଥା ପଦେ କହିବାର ଶକ୍ତି ନାହିଁ । ମରଣ ଶେଯରେ ଶୋଇ ମଣିଷ ଶେଷ ଲୋତକ କେଇବୁନ୍ଦ ଢାଳି ଦେଲାଭଳି ଯନ୍ତ୍ରଣାରେ ପଡ଼ି ପଡ଼ି ବେଳେବେଳେ ଚିତଲ୍ଲ କୁହୁ ନଗାଡ଼ୁଛନ୍ତି ଆଉ କେତେବେଳେ ବା ହୋସେନ୍, ନଜମ୍ ବୋଲି ବିଳିବିଳେଇ ଉଠି ଅତି ବିକଳ ଭାବରେ ଦରାଣ୍ଡି ପକାଉଛନ୍ତି ଭୂଇଁ ଅଗଳ । ତା'ପରେ ବେଚେଇ - ମଲାଗଲା ହୋଇ ପଡ଼ି ରହୁଛନ୍ତି ଘଣ୍ଟାଘଣ୍ଟା କାଳ । କେତେ ପାଣି ଛିଟିଛିଟି, କାନ ଫୁଙ୍କିଫୁଙ୍କି ବହୁ କଷ୍ଟରେ ଚେତା ଆସୁଛି । ପୁଣି ଡବାକରକୁ କୁଣ୍ଢେଇ ପକେଇ "ମେରା ବଚା" କହି ଭେଁ ଭେଁ କାନ୍ଦି ଉଠୁଛନ୍ତି ।

ସମସ୍ତେ କହିଲେ ପାଗଳ ହୋଇଯିବେ । କେହି କେହି ବ ସନ୍ଦେହ କଲେ - ଆଉ ନୁହେଁ । ପିଲାମାନଙ୍କୁ ଝୁରିଝୁରି ବୁଢ଼ା ଏଇଥିର ଶେଷ । ହେଇଆ ବ ହୋଇଥାନ୍ତା । ଉସୁନା ଧାନରେ ଗଜା ହେବ ବୋଲି ଆଉ କାହାରି ବା ଆଶା ଥିଲା ? ହେଲେ, ଏକା ସେଇ ଡବାକର ଯୋଗୁ - ଡବାକରର ଜାବକମ୍ଭୁଣ୍ଡ ସେବା

ଶୁଶ୍ରୂଷା, ଆଦର, ଯତ୍ନ ଯୋଗୁ ବୁଢ଼ା ପୁଣି ମଶାଣି ମୁହଁରୁ ବଞ୍ଚିଉଠିଲା – ଥୁଣ୍ଟା ଗଛରେ ପୁଣି କଅଁଳିଲା ନୂଆ ପତର । ଦିନ ନାହିଁ ରାତି ନାହିଁ, ଖିଆନାହିଁ ପିଆନାହିଁ, ସଦା ସର୍ବଦା ବିଛଣାରେ ବସିବସି ଅବିଶ୍ରାନ୍ତ ଭାବରେ ଦିବାକର କଲା ବୁଢ଼ାଙ୍କ ସେବା । ଦି'ଓଳି ଆପଣା ହାତରେ ଖୋଇଦିଏ; ଦେହମୁଣ୍ଡ ଆଉଁସି ଦିଏ; ଘଣ୍ଟାଘଣ୍ଟା ଧରି ଗୋଡ଼ରେ ତେଲ ମାଲିସ କରି ଚିପେ; ଏପରିକି ବିଛଣାରେ ତ୍ୟାଗ କରିଥିବା ମଳମୂତ୍ର ପର୍ଯ୍ୟନ୍ତ ଆପଣା ହାତରେ ନିର୍ବିକାର ଚିତ୍ତରେ ନିଜେ ଧୋଇ ସଫାକରେ । ରା'ଛଡ଼ା ରାତି ଅନିଦ୍ରା ହୋଇ ଠିକ୍ ସମୟରେ ଔଷଧ ଦେବା, ଓଳିଓଳି ଧରି ବୁଢ଼ାଙ୍କୁ ବୁଝେଇବା, ରାତିରେ ପୁଅକଥା ଭାଳି ବିଳିବିଳେଇ ଉଠିଲେ ପାଖରେ ରହି ସାନ୍ତ୍ୱନା ଦେବା, କଅଁଳ କଥା କହିବା — କୋଉଥିରେ ଦିବାକର ମୁହୂର୍ତ୍ତକ ପାଇଁ ବି ହେଳା କରେନା ।

କଲିକତା ସହରରେ ରୋଗୀଟିଏ ପଡ଼ିଲେ ଯେ କେତେ ଖର୍ଚ୍ଚ ତା' ଅନୁଭବୀ ଛଡ଼ା ଆଉ କିଏ ଜାଣିବ ? ରୋଗୀପାଇଁ ଔଷଧ ଇଂଜେକ୍ସନ, ଡାକ୍ତର ଭିଜିଟ୍, ଦି' ବେଳା କମଳା, ଅଙ୍ଗୁର, ନାସପାତି ଓ ବାର୍ଲି, ଦୁଧ, ବିସ୍କୁଟ୍ ଆଦି ତ ଦରକାର, ତା'ଛଡ଼ା ଏ ଦି' ଭାଇଙ୍କର ଖାଇବାଖର୍ଚ୍ଚ, ବସାଭଡ଼ା ଆଦି ଅଛି । ଏପରି ଅବସ୍ଥାରେ ଟଙ୍କା କାହୁଁ ଆସିବ ? ତଛାଙ୍କ ସଂପତ୍ତିରେ ସିନା ସମସ୍ତେ ରାଜକୁମାର ଭଳି ଚଳି ଯାଉଥିଲେ, ଏବେ ତେଣେ ତ ଏକାବେଳକେ କଳାକନା ବୁଲିଗଲା, ଏମାନେ ଚଳିବେ କେମିତି ? ପ୍ରଥମେ ପ୍ରଥମେ ସେହି ତଛା ଦେଇଥିବା ଦିବାକରର ଫାଉଣ୍ଟେନ୍, ରିଷ୍ଟୱାଚ୍, ସୁନାମୁଦି, ସିଲ୍କ ପଂଜାବି ଏପରିକି କୋଟଯୋଡ଼ା ଦାମୀ ଗରମ ସୁଟ୍ ବନ୍ଧା କରାଗଲା । କିନ୍ତୁ ସେଥିରେ କି କୁଳ

ପୂରେ ? ଅଭାବ ଦିନକୁ ଦିନ ଆଁ କରି ମାଡ଼ି ଆସିଲା । ଶେଷକୁ ବଡ଼ଭାଇ ଦିଗମ୍ବର ଯାଇଁ ମାଡ଼ୁଆଲୀ ଗୋଦାମରେ ଚାକିରି କଲା । ଦିନଯାକ ବଡ଼ ବଡ଼ ଲୁଗାଗଣ୍ଠି, ଗୁଆବସ୍ତା, ଚିନିବସ୍ତା ବୁହେ । ମୋଟ ବୋହି ବୋହି ପିଠି ଛିଣ୍ଡିଯାଏ । ଖାଟିରୁ ବଳି ବାହାରି ପଡ଼େ । ସଞ୍ଜବେଳକୁ ଦି'ଟଙ୍କା, ନ'ସୁକା ଧରି ଘେରେ ବସାକୁ । ଫଳ କିଣା ହୁଏ । ଡାକ୍ତର ଫିସ୍ ଦିଆ ହୁଏ ।

ଚଇତା ସବୁ ବୁଝନ୍ତି, ସବୁ ଦେଖନ୍ତି । ଧାରଧାର ଲୁହ ଗଡ଼ିଆସେ କୋରଡ଼ ଆଖିପତା ତଳୁ । ଦିବାକରକୁ କୁଣ୍ଢେଇ ଧରି ଭେଁ ଭେଁ ଡ଼ିକାପାରି କହନ୍ତି – "ମୋର ପୁଅ ମରି ନାହାଁନ୍ତିରେ, ତୁମେମାନେ ମୋର ପୁଅ । ହୋସେନ୍, ନଜିମ ମରି ନୂଆ ରୂପ ପାଇଛନ୍ତି ତୁମର ଭିତରେ । ପନଭାଇ ନିଜେ ପେଜ ପିଇ ମୋତେ ଭାତ ଖୋଇଥିଲା । କିନ୍ତୁ ତୁମେ ତା'ଠାରୁ ବି ବଳିଗଲ । ତମେ ମୋରପାଇଁ ମୋଟ ବୋହିଲ, ମୋର ମଳମୂତ୍ର ସଫାକଲ । ତମେ ମଣିଷ ନୁହଁରେ, ଦେବତାଙ୍କ ଅଂଶ । ......" କାନ୍ଦିକାନ୍ଦି ବୁଢ଼ା ବେହୋସ୍ ହୋଇ ପଡ଼ନ୍ତି ।

ପ୍ରାୟ ଦି'ମାସରେ ଚଇତା ଟିକିଏ ସୁସ୍ଥ ହେଲେ । ଆପଣା ଘୁଁ ଉଠି ଏଠୁ ସେଠିକି ଟିକିଏ ଚାଲିବୁଲି କରିପାରିଲେ ।

ଦିନେ ଭାଇଯୋଡ଼ିଙ୍କୁ ଡ଼ାକି ଚଇତା କହିଲେ – "ବାବା ! ବହୁତ କଲ । ତମ ବାପାଙ୍କ ଋଣ ତ ମୁଁ ସୁଝି ନାହିଁ – ତମ ଋଣ ବା କ'ଣ ସୁଝିବି ? ତେବେ ଆଉ ମୋ ପାଇଁ ତମେ ଭାଳି ହୁଅନି । ଏଣିକି ତମେ ତମ ଦୁଃଖରେ ଯାଅ । ବାଡ଼ି ଖଣ୍ଡିଏ ଧରି ମୁଁ ଆସ୍ତେଆସ୍ତେ ବୁଲିପାରିବି ଦୁନିଆ ମଝିକି । ଭିକ ଦୁଃଖ ମାଗି ଏତେ

ଲୋକ ଚଳୁଛନ୍ତି, ଗୋଟାଏ ପେଟ କ'ଣ ମୋର ଅପୋଷା ରହିଯିବ । ତେଣିକି ଯେତେବେଳେ ଆସିବ ଡ଼ାକରା, ଆଖି ବୁଜିଦେବି – ଏଇ କଲିକତାର କୋଉ ଫୁଟ୍‌ପାଥ୍‌ରେ ତଳେ ପଡ଼ିବ ଏଇ ହାଡ଼ କେଇଖଣ୍ଡ । ଦୁଃଖ କ'ଣ ? ମୋତେ ଛାଡ଼ ବାବା ! ମୁଁ ଯାଏ – ”

ଗୋଡ଼ ପାଖରେ ଆସି ଝୁଁକନା ମୁଣ୍ଡ ପିଟି ଦେଲା ଦିବାକର—“ସେମିତି କଥା କୁହ ନାହିଁ ଚଚା, ଆମେ ଦି'ଭାଇ ମରିହଜି ମାଟିରେ ମିଶିଯାଇଥିଲେ ତେଣିକି ପଛକେ ତମେ ବାଣ୍ଡୁକୁ ଯିବ । କିନ୍ତୁ ତା'ଆଗରୁ ନୁହେଁ । ଆମେ ବଂଚିଥିବା ଯାଏ ତମ ଗୋଡ଼ରେ ଧୂଳି ଟିକିଏ ମଡ଼ାଇ ଦେବୁ ନାହିଁ ।···ଚଚା ! ଆମେ କ'ଣ ତମ ପୁଅ ନୋହୁଁ ? ଆମେ କ'ଣ ତମ ପଦସେବା କରିବାକୁ ଯୋଗ୍ୟ ନୋହୁଁ ?”

ବୁଢ଼ାଙ୍କ ଆଖି ଛଳ ଛଳ ହୋଇ ଆସିଲା । ବାଡ଼ିଖଣ୍ଡିକ ହାତରୁ ଖସିପଡ଼ିଲା ଗୁଏଁ ଗୁଏଁ ।

ଦିବାକର ପଢ଼ା ସେଇଠି ରହିଲା । ବି. ଏ. ପାଶ୍ ହୋଇ ପାରିଲା ନାହିଁ । ଘରେ ଖାଲି ନାଁକୁ ମାସ ଥିଲେ ସିନା, ପଢ଼ଉଥିଲେ କିନ୍ତୁ ପ୍ରକୃତରେ ଚଚା । କଲେଜ ଦରମା, ବହିପତ୍ର, ଲୁଗାପଟା-ଯାବତୀୟ ଖରଚ ଅକୁଣ୍ଠିତ ଚିତ୍ତରେ ଯୋଗାଉଥିଲେ ସେ । କିନ୍ତୁ ସେତ ଗଲେ-ଥାଇଁ କି ସେ ଆଜି ନଥିଲେ ଭଲା । ରାଜେନ୍ଦ୍ରାସନରୁ ଆସି ସେ ଆଜି ବାଣ୍ଡିର ପଙ୍କର । ଆଉ କିଏ ପଢ଼େଇବ ? କା'ର ଏମିତି ହାଣ୍ଡିପେଟ ହେବ ପରପିଲାକୁ ସାହାଯ୍ୟ ଦେବାକୁ ?

ତଥାପି ଭାଇ କହୁଥିଲେ—“ଦିବୁ ! ଯାହା ତ ହବାର ହେଉଛି ! ମୁଁ ଆଉ କେତେଦିନ ଦୁଃଖକଷ୍ଟ କରି ମୂଲପାଲ ଆଣି

ଦଉଛୁ । କେନ୍ଦ୍ରାପଡ଼ା ପାଖରେ ଖଦୋସ୍ତା ସନ ଯୋଉ ଜମି ମାଣକ ଟଙ୍କା ତୋ' ନାଁରେ କିଣି ଦେଇଛନ୍ତି, ସେତକ ପଛକେ ବନ୍ଧକୀ କରିଦେବା, ତୁ ଆଉ ବରଷେ ପଢ଼ । ପାଣ୍ଠିଟା ଅନ୍ତତଃ ହୋଇଯାଉ ।

ଦିବୁ କହିଲା-"ଭାଇ ! ବହୁତ ହେଲାଣି । ବହୁତ ମୂଲ ଲାଗିଲାଣି ମୋ ପାଇଁ । ଆଉ ନୁହେଁ,-ଆଉ ନୁହେଁ । ମୁଁ ପଚିଶ ବରଷର ଭେଣ୍ଡା ହୋଇ ଯିବି ସୁଟ୍‌ପିନ୍ଧି କଲେଜକୁ, ଆଉ ତମେ ବାଉଣ ବରଷର ଦରବୁଢ଼ା ହୋଇ ଯିବ ଗଙ୍ଗା କେଉଁଠିରେ ମୋଟ ବୋହିବାକୁ-ଫୁଟ୍‌ପାଥ୍‌ରୁ ଘୋଡ଼ା ଘୁଅ ସଫା କରିବାକୁ । ଯା' କେବେ ମୁଁ ଆଉ ସହି ପାରିବି ନାହିଁ ଭାଇ । ଆଖି ଥାଉଁ ଥାଉଁ ଆଉ କେବେ ଯା' ତମକୁ ମୁଁ କରେଇ ଦେବନି । ···ଅନେକ କରିଛ ମୋପାଇଁ । ମୁଁ ସାବତ ମା'ର ପୁଅ ହେଇ ତମେ ମୋପାଇଁ ଯାହା କରିଛ, ତା' ଆଜିକାଲି ଜନମକଲା ବାପ ବି କରୁନାହିଁ, ଭାଇକଥା କିଏ ପଚାରେ ? ଘରେ ନୂଆ'ଉ' ଅଛି । ତାଙ୍କର ବି ଯୋଡ଼ିଏ ପିଲା ରାମ, ଗୋବିନ୍ଦ ଅଛନ୍ତି । ତାଙ୍କୁ ମଣିଷ କରିବାକୁ ହେବ । ତା'ଛଡ଼ା ଆମର ଜନ୍ମଦାତା ପିତାଙ୍କଠୁଁ ଯିଏ ବଳନ୍ତି, ସେହି ଜୀବନଦାତା, ଅନ୍ନଦାତା ଚଚାଙ୍କର ହେପାଜତ ନେବାକୁ ହେବ । ଏପରି ଅବସ୍ଥାରେ ମୁଁ ଆଉ ପଢ଼ିବି କ'ଣ ଭାଇ ? କଲେଜର ଫୁଲଫାଙ୍କିଆ ଜୀବନ ଛାଡ଼ି ପେଟ ପୋଷିବା ପାଇଁ ମୁଁ ଏଣିକି କୌଣସି ପନ୍ଥାର ଆଶ୍ରୟ ନିଏ । ଖାଲି ପାଣ୍ଠିଟାଏ ନହେଲେ ଯେ ଜୀବନ ଏକାବେଳକେ ମାଟି ହେଇଗଲା, ଯା' ନୁହେଁ ତ !"

ସେଇଆଡ଼ିଁ ହେଲା-ଦିବାକର ପୋଥିରେ ସେଇଠି ବନ୍ଦ ହେଲା ଡୋର ।

*

ରଣା କହିଲେ—"ବାବା ! ଏତେ ବଡ଼ଟେ ହୁଅ ତୁ । ଆଜଠଉଁ ଯାଏଁ କ ଚିନ୍ତା କରିବୁରେ ? ଭାତ ଖାଇ ତୋତେ ହାତ ଧୋଇ ଆସେ ନାହିଁ । ଏବେ ବି ତୋତେ ଖାଉଛୁନ୍ନ ସା ଜେତେଥର କୋଳରେ ବସାଇ ଖୋଇ ଦେଉଛନ୍ତି । ଅଥଚ ତୁ ଆଜି ଯାଏଁ ଘରଦୁଆରେ ମୁଣ୍ଡ ଦ୍ଵିକ ଚିନ୍ତା କରିବୁ—ସୁ' ଦେଖିବା ଆଗରୁ ମୁଁ ନ ମଲି କାହିଁକି ? ସମସ୍ତେ ମଲେ—ଏ ବୁଢ଼ୀଟା କା'ପଡ଼ିରହିଲା ଏଇ ହୀନ ଅବସ୍ଥା ଦେଖିବାକୁ ।……'

ରଣାଙ୍କ ଆଖିରୁ ଝରଝର ହୋଇ ଝରି ଆସିଲା ଲୁହ ।

ଅଦ୍ଭୁତ ବୁଦ୍ଧି ଦେଇ କରି ନେଉଥରେ ଦିବାକର ଗଲା କୌଣସି କ ଚାକିରୀକୁ ନାମକରି, ଯୋଉଠିକି ଯାଇଥିଲା ତା' ବାପା, ଯୋଉଠିକି ଯାଇଥିଲା ତା' ଭାଇ, ଯୋଉଠିକି ଯାଆନ୍ତି ତା' ଜନ୍ମମାଟି ଚଳପଡ଼ିର ଶହ ଶହ, ହଜାର ହଜାର ଲୋକ । ଯାଙ୍କ ଉପାୟ ଏତିକି—ସେମାନେ ଯାଆନ୍ତି କୁଲି କାବାଡ଼ି ହୋଇ, ଦିବାକର ଗଲା ଟିକିଏ ଉପର ପାହ୍ୟାକୁ—ମଫସଲିକି ନେଇ । ଚେଷ୍ଟା କରିଥିଲେ ସେ ସେ କୌଣସି ସରକାରୀ ବା ବଣିକ ଅଫିସରେ କିରାଣୀ କାମପାଇ ନଥାନ୍ତା, ଏହା ନୁହେଁ । କିନ୍ତୁ କିରାଣୀ କାମକୁ ବଡ଼ଘୃଣା କରେ ଦିବାକର । ଅଳଶୁଆ ଗଧଙ୍କ ଭଳି ଖାଲି ଦିନବ୍ୟାପୀ ବସି ହାକିମଙ୍କ ହୁକୁମ ତାମିଲ କରିବାକୁ ହେବ । ପାଣିପିଆ ଖାଦ୍ୟପିଇ ଅଥଚ ଚିନ୍ତା କରି କରି ବୁଢ଼ା ହେଉ ଶେଷରେ ମରି ଯାଇ ହେଲେବି କେହି ଦିନେ ପଚାରିବେ ନାହିଁ । କିରାଣୀଙ୍କ ରକ୍ତରେ ହାକିମଙ୍କ ନାଁ ହାଲୋଳ ହେବ, ଅଥଚ ମୂଳଦୁଆ ଇଟା ଭଳି ସେମାନେ ସମସ୍ତେ ରହିଯିବେ ମାଟିତଳେ । ଖାଲି ଜୀବନକୁ ପଳେ ପଳେ ହତ୍ୟା କରିବା ଛଡ଼ା ଜୀବନର ବିକାଶ ପାଇଁ ଟିକେ ମାତ୍ର ସୁବିଧା ନାହିଁ କିରାଣୀ—କାମରେ । ଦିବାକର ଚାହୁଁଥିଲା ପାଇଁ

ଜାଣି ଜାଣି ବାଛିଲା ଏ ମେକାନିକ୍ ଜୀବନ । ପଢ଼ିଲେ ପଢ଼ିଲେ ହୁଏତ ଟିକିଏ କଷ୍ଟ ହୋଇପାରେ, ହେଲେ ଭବିଷ୍ୟତରେ ଶାନ୍ତି ଅଛି । ନିଜ ସ୍ୱାଧୀନ ମତର କିଛି ମୂଲ୍ୟଅଛି ସେଠାରେ ।......

ଚଟକଲରେ ତିରିଶଟି ଟଙ୍କାରେ ଦିବାକର ପ୍ରଥମେ ଆପ୍ରେଣ୍ଟିସ୍‌ରେ ଭରତି ହେଲା ।

## ନଅ

ପନ୍ଥ ସ୍ତିତର କଲିକତା ସହର ପ୍ରାନ୍ତ ପଥରଚରେ ବାଜି ଉଠିଲା ଘଣ୍ଟା । ଶ୍ରମିକ ବସ୍ତିରେ ଲାଗିଗଲା ଗହଳ ଚହଳ— ଦାନ୍ତଘସା, ଝାଡ଼ାଝପଟ, ଗୁହାପାଣି । ଶୀତରେ ଦେହହାତ କୋଲ ମାରି ଦେଉଛି । ଦାନ୍ତରେ ଦାନ୍ତ ବାଜୁଛି ଠକ୍ ଠକ୍ ହୋଇ । ହେଲେ ଯୋଡ଼ିହୋଇ ଶୋଇବାକୁ ଆଉ ବେଳ କାହିଁ ? ନିଶ୍ୱାସ ମାରିବାକୁ ତ ତର ନାହିଁ ସେତେବେଳେ.....ମାଲିଙ୍କ ମାଡ଼ରେ ଦିବାକର ଉଠିଲା ।

ସିନ୍ଦୁରା ଫାଟି ଆସୁଛି । ତାରା ଗୋଟି ଗୋଟି ହୋଇ ମଉଳି ଯାଉଛନ୍ତି । ପୂରୁବ ଆକାଶରେ କୋଉ ଅଦେଖା କାରିଗର ଆସି ତୁଳୀମୁନରେ ଆଙ୍କିଦେଇ ଯାଉଛନ୍ତି କେତେ ଜାତିକା ନୂଆ ନୂଆ ଛବି । ମୁଠା ମୁଠା ଅବିର ମୁଣ୍ଡ କି କିଏ ଗୁଣ୍ଡିଦେଉଛି ନୀଳମେଘି ଶାଢ଼ୀଟି ଉପରେ । ଚଢ଼େଇ ଗାଇ ନାହିଁ । ନଈଟି ବହି ଯାଉଛି କାହିଁ କେଉଁ ଅନାଦି ଆଦିମ ଯୁଗର କଳକଳ ଛଳଛଳ ତାନରେ ।

ଦିବାକର ଉଠିଲା । ମନରେ କି ପ୍ରସନ୍ନ, ଉଦାର ଭାବ; ପ୍ରାଣରେ କି ଅପୂର୍ବ ଶୀତଳତା । ଦୁଃଖ ନାହିଁ, ଗ୍ଲାନି ନାହିଁ,

ଜଞ୍ଜାଳ ନାହିଁ, ପିପାସା ନାହିଁ । ସମାଧିସ୍ଥ ଯୋଗୀଙ୍କ ଭଳି ନୀରବ, ନିଥର, ଶାନ୍ତ । ଦିବାକର କିଛି ସମୟ ସେହି ଦିଗ୍ଭଣାରେ ବସିଲା । ମିଲ୍ ଫୁଙ୍ଗା ତା' କାନକୁ ଶୁଭିଲା ନାହିଁ । ଉପର ସାହାବର କଡ଼ା ଆଖି ସେତେବେଳେ ଦିଶିଲା ନାହିଁ ତା'କୁ । ସତେ ଯେମିତି ସ୍ୱର୍ଗର କେଉଁ ଜ୍ୟୋତିର୍ମୟ ଦିବ୍ୟ ପୁରୁଷ ଆସି ତା' ସାମନାରେ ଠିଆ ହୋଇଛନ୍ତି ଆଉ ତା' ପିଠି ଥାପଡ଼େଇ ଥାପଡ଼େଇ କହୁଛନ୍ତି—

"ଭୁଲ୍‌କଲ ତ ବାବା ! ଯୋଉ କଥାକୁ ଡରୁଥିଲ, ସେହି କଥାରେ ପଡ଼ି ପୁଣି ଜୀବନକୁ ହତ୍ୟା କଲ ତ । ଏଇ ନଈ କୂଳରେ ସେଦିନ ସ୍ୱାଧୀନ ଓଡ଼ିଆ ରାଜାଏ ଗଢ଼ିଥିଲେ ବିଶାଳ ଦୁର୍ଗ—ଓଡ଼ିଆ ପାଇକ ଗୁଡ଼ି ଫୁଲେଇ ନିଶ ଫୁଲେଇ ଶତ୍ରୁ ସହିତ କରୁଥିଲେ ମରଣାନ୍ତକ ଯୁଦ୍ଧ; ଏଇ ନଈର କୂଳେକୂଳେ ସରଳ, ଶାନ୍ତିମୟ ଆଶ୍ରମ ଗଢ଼ି କେତେ ଯୋଗୀ, ଋଷି, ସିଦ୍ଧ, ସାଧକ ତପସ୍ୟା କରି ଯାଇଛନ୍ତି; ଏଇ ନଈ କୂଳରେ ଜନମ ହୋଇ କେତେ କେତେ ମହାପୁରୁଷ ଦେଶପାଇଁ, ଜାତି ପାଇଁ, ସାହିତ୍ୟ ପାଇଁ ଜୀବନଦାନ କରିଛନ୍ତି, ଅଥଚ ତା'ରି କୂଳରେ ରହି—ସେହି ଐତିହାସିକ ମାଟି ଉପରେ ବସି ତମେ ନିଜକୁ ନିଜେ ତ ଭୁଲିଗଲ । ମଣିଷ ଜନମ ପରପାଇଁ ସିନା, ନିଜପାଇଁ କେବେ ନୁହେଁ ତ । ଥରେ ଆତ୍ମ ଦର୍ଶନ କର ବାବା ।"

ଦିବାକର ଗୁଡ଼ିଁକନା ଚମକି ପଡ଼ିଲା । ସପନ ନା ସତ କିଛି ବୁଝି ପାରିଲା ନାହିଁ ସେ । ପ୍ରାଣଭିତରଟା କେମିତି ଛଟ ପଟ ହୋଇ ହାହାକାର କରିବାକୁ ଲାଗିଲା । ସାଥିଲୋକେ ଆସି ଡାକଲେ କାମକୁ ଯିବାକୁ, କିନ୍ତୁ କେଜାଣି କାହିଁକି ଦିବାକରର ମୋଟେ

ଗୋଡ଼ ଚଳଲ୍ ନାହିଁ ସେଦିନ । ଦେହ ଭଲ ନାହିଁ କହି ସେମାନଙ୍କୁ ବିଦା କରିଦେଲା । ସାରାଦିନ ବସାରେ ବସି ବସି ସେ କେତେ କ'ଣ ଆଗପଛ, ଭଲମନ୍ଦ, ଆକାଶ ପାତାଳ ଭାବିବାକୁ ଲାଗିଲା ।

କଲିକତା ଛାଡ଼ିବା ଆଜି କି ଛ'ମାସ ହୋଇ ଗଲାଣି । ବରଷ ଗୋଟାଏ ମେକାନିକ୍ କାମ ଶିଖି ସେଥିରେ ଟିକିଏ ସିଦ୍ଧହସ୍ତ ହୋଇଗଲା ପରେ ଆଉ ମୁହୂର୍ତ୍ତେ କଲିକତାରେ ରହିବାକୁ ତା'ଙ୍କୁ ଭଲ ଲାଗିଲା ନାହିଁ । କଲିକତାରେ ଓଡ଼ିଆମାନେ ଯେପରି ଅବସ୍ଥାରେ ଥାଆନ୍ତି, ସେଥିରେ ଦିବାକର ଭଳି ଶିକ୍ଷିତ ଯୁବକଙ୍କୁ ଭଲ ନ ଲାଗିବାହିଁ କଥା । ଖାଲି ନିଜର ନୁହେଁ ସମଗ୍ର ଜାତିର ମାନ ସମ୍ମାନକୁ ମୁଠାଏ ଧୂଳିରେ ପରିଣତ କରି ଅପର ଜାତିର ଗୋଡ଼ ତଳକୁ ପକେଇ ଦେବାକୁ କୋଉ ବିବେକୀ ବା ପସନ୍ଦ କରିବ ? ······ଦିବାକର ଦେଖିଲା—ଓଡ଼ିଶା ଭିତରେ ଏଠିସେଠି ଛୋଟ ବଡ଼ ଅନେକ ମିଲ୍ ସ୍ଥାପିତ ହେଲାଣି । ଏପରି ଅବସ୍ଥାରେ କଲିକତାରୁ ଶ୍ରମିକମାନଙ୍କୁ ଆଣି, ଯେତେ ଜଣଙ୍କୁ ସମ୍ଭବ ହୁଏ, ସେଠାରେ ସ୍ଥାନ ଦେବା ଉଚିତ । ଏଇ ଆଶାରେ ସେ କଲିକତା ଛାଡିଲା । ଆଗତରୁ ଆସି କ୍ଷେତ୍ର ପ୍ରସ୍ତୁତ କରିବା ତା'ର ଲକ୍ଷ୍ୟ ।

ଇସ୍‌ମାଇଲ ଚଚା କହିଲେ—"ହଁ ବାବା ! ସେଇଆ ଭଲ ହେବ । ଆଉ ଏ ମଶାଣି-କଲିକତାରେ ହୋସେନ୍, ନଜିମ୍‌ଙ୍କ ପ୍ରେତ ଦେଖି ଦେଖି ମୁଁ ରହି ପାରିବି ନାହିଁ । ତୁ ପାଗଳା ଯୁଆଡ଼େ ଯା' ପଛକେ, ମୁଁ ଫେରିଯିବି ମୋର ସେହି ଅତି ପ୍ରିୟ ପୁରୁଣା ଗାଁକୁ । ମୋର ନାତି ରାମ ଗୋବିନ୍ଦ ଯୋଡ଼ିଙ୍କୁ ଖେଳେଇ ଖେଳେଇ ସେଇଠାରେ ହେଲେ ଟିକିଏ ଶାନ୍ତି ପାଇବି ।"

ଚଳା ଗାଁକୁ ଗଲେ । ତାଙ୍କ ସେବା କରିବାକୁ ସଙ୍ଗେ ସଙ୍ଗେ ଗଲେ ଭାଇ । ଦିବାକର କେତୋଟି ଶ୍ରମିକଙ୍କୁ ଧରି ଆସିଲା ଓଡ଼ିଶାର କୌଣସି ଏକ ମିଲ୍‌କୁ । ଯୋଗ ଭଲ । ସଙ୍ଗେ ସଙ୍ଗେ ତା'କୁ ମିଳିଗଲା ସେଠାରେ ଜୁନିଅର ମେକାନିକ୍ କାମ ଖଣ୍ଡିଏ । ଦରମା ଟ ୧୩୫/ । ପଇଁତିରିଶଟି ଟଙ୍କା ନିଜ ଖରଚ ପାଇଁ ରଖି ବାକି ଫୁଲ୍ ଶହେ ଟଙ୍କା ମାସକୁମାସ ଭାଇ ପାଖକୁ ପଠେଇଲା ।

ଗତାନୁଗତିକ ଭାବେ ଦିନ ଗଡ଼ି ଯାଉଥିଲା । ଡ୍ୟୁଟି କରିବା, ଭାଇପାଖକୁ ଟଙ୍କା ପଠେଇବା, ମଝିରେ ମଝିରେ କଟକ ଯାଇଁ ଥରେ ଅଧେ ସିନେମା, ଥିଏଟର ଦେଖି ଆସିବା ବା କମ୍ପାନୀ ଗାଡ଼ି ଧରି ଜଙ୍ଗଲକୁ ଯାଇଁ ହରିଣ, ସମ୍ବର, ଠେକୁଆ ଶିକାର କରିବା —ଏତିକରେ ସରି ଯାଉଥିଲା ତା'ର ସବୁ କାମ । ଏହା ଛଡ଼ା ଅନ୍ୟ କୌଣସି ଚିନ୍ତା ସେ କେବେ ମୁହୂର୍ତ୍ତକ ପାଇଁ କରିନି । କିନ୍ତୁ ଆଜି ଏ କ'ଣ ହେଲା ? କେଉଁ ମାୟାବୀ ପୁରୁଷ ଆସି ତା' ବିବେକକୁ ଦଂଶନ କଲା ଏଭଳି ନିର୍ମମ ଭାବେ ? କିଏ ଏଇ ଅନ୍ଧ ଯୁବକ ଆଖିରେ ବୋଳି ଦେଇଗଲା ଅଂଜନ ?

ଭଡ଼ାଘରଟି ଭିତରେ ଏକୁଟିଆ ବସି ବସି ଦିବାକର ବହୁତ ଭାବିଲା । ସତରେ, ଏଇ ମୋହ ଅନ୍ଧକାର ଭିତରେ ଘାଣ୍ଟି ହେଇ ହେଇ ସେ ଭୁଲି ଯାଇଥିଲା ତା'ର ପଥ । ସେ ସାଧାରଣ ଗଣ୍ଡ ମୂର୍ଖ କୁଲିଟିଏ ନୁହେଁ ଯେ ଖାଲି ଦରମା ପାଇ ଘରକୁ ଟଙ୍କା କେଇଟି ପଠେଇ ଦେଲେ ତା' କର୍ତ୍ତବ୍ୟ ଶେଷ ହୋଇଯିବ ବା ଡ୍ୟୁଟିରେ ଭଲ କରି ଗୋଟାଏ ଯୋଡ଼ାଏ ପ୍ରମୋଶନ ପାଇ ଦରମା ଗଣ୍ଡାକ ବଢ଼େଇ ପାରିଲେ ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହୋଇଯିବ । ତା'ପାଇଁ ବହୁତ କାମ ଅଛି ଆଗରେ । ତା'କୁ ଭାବିବାକୁ ହେବ

ମିଲ୍ ଭିତରେ ମୁଖିଆଙ୍କ ସମୃଦ୍ଧ ସ୍ୱାର୍ଥପାଇଁ; ଭାବିବାକୁ ହେବ କଲିକତାରେ ଏଡ଼ୁଥିବା ଶହଶହ ଗରିବ ଶ୍ରମିକଙ୍କ ପାଇଁ ଆଜି ସ୍ୱତୋଂପରି ଭାବିବାକୁ ହେବ ଯୋଗ୍ୟ ସ୍ଥାନର ପାଣିପବନ ଖାଇ ସେ ମଣିଷ ହେଇଛନ୍ତି, ସେହି ରକ୍ତଗଡ଼ି ଧୋଇଆ ଅଂଚଳର ଉନ୍ନତି ବିଧାନ ପାଇଁ, ତା'ନହେଲେ ତା' ପାଠପଢ଼ା ବୃଥା—ଭାଇଙ୍କର ପ୍ରାଣାନ୍ତକ ପରିଶ୍ରମ ବୃଥା—ତାଙ୍କର ଅସୀମ ଆତ୍ମତ୍ୟାଗ ବି ବୃଥା ।

ଦିବାକର ସୁଖି ଜାଂ ସମସ୍ତ ଜୀବନଧାରା ବସି ଚିନ୍ତାକଲା ! ମନେ ମନେ ବୋଧେ ପ୍ରାର୍ଥନା କଲା ସେହି ଅଦେଖା ହାତର ଆଶୀର୍ବାଦ । ମୁହୂର୍ତ୍ତି ପରେ ମୁହୂର୍ତ୍ତ କଟିଗଲା । ସନ୍ଦେହ ତୁଟିଯାଇଁ ମୁହଁରେ ନଟମେ ଫୁଟିଉଠିଲା ଅନେକ ଆତ୍ମବିଶ୍ୱାସ । ମଥା ନୋଇଁ ମାଟିରେ ପ୍ରଣାମ କଲା ସେ ।

## — ଦଶ —

ତା' ଉତ୍ତିଆର ଦିନ—ରବିବାର । ମିଲ୍ ବନ୍ଦ ହେବା କଥା କିନ୍ତୁ ଶ୍ରମିକମାନଙ୍କ ତରଫରୁ ସେଦିନ ଗୋଟାଏ ବଡ଼ ସଭା ହେବାର ଥାଏ ବୋଲି କର୍ତ୍ତୃପକ୍ଷ ସେଦିନ ମିଲ୍ ଚାଲୁ ହେବ ବୋଲି ଘୋଷଣା କରିଥାନ୍ତି ଏବଂ କାଳେ କୌଣସି ଗଣ୍ଡଗୋଳ ଉପୁଜିବ, ସେଥିପାଇଁ ବହୁ ପୁଲିସ୍, ମିଲିଟାରି ଆସି ମିଲ୍ ଚାରିପାଖ ପଇଁତରା ମାରୁଥାଆନ୍ତି ।

ଦିବାକର ଦେଖିଲା ଏ ତ ବଡ଼ ଅନ୍ୟାୟ । ମିଲ୍‌ରେ ଚାକିରି କରନ୍ତି ବୋଲି ଆମ ନିଜର ସ୍ୱାଧୀନ ମତ କହିବୁ ନାହିଁ ? ରାଷ୍ଟ୍ରର ସର୍ବାଧୀଶ ନାୟକ ସ୍ୱୟଂ ପ୍ରତିଜ୍ଞା କରୁଛନ୍ତି—ଗଣତନ୍ତ୍ର ଶାସନରେ ମାନବିକ, ସପକ୍ଷ ବିପକ୍ଷ ସବୁ ଶ୍ରେଣୀର ଲୋକଙ୍କୁ ସ୍ୱାଧୀନ ମତ

ପ୍ରକାଶ କରିବାକୁ ପୂର୍ଣ୍ଣ ସୁଯୋଗ ଦିଆଯିବ-ଅଥଚ ଏଠି କ୍ଷୁଦ୍ରାଦପି କ୍ଷୁଦ୍ର ମିଲ୍ ଡିରେକ୍ଟର ଦେଖାଉଛି କଡ଼ାଆଖି-କରୁଛି ସେହି ପବିତ୍ର ଗଣତାନ୍ତ୍ରିକ ନୀତିର ଖଣ୍ଡନ ! ଏ ତ ଅତି ଅନ୍ୟାୟ କଥା । ନା, ନା, ଏହାର ପ୍ରତିରୋଧ କରିବାକୁ ହେବ ଦୃଢ଼ ହସ୍ତରେ ।

ଦିବାକର ବସା ବସା ବୁଲି ଲୋକଙ୍କୁ ବୁଝେଇଲା । ସମସ୍ତଙ୍କୁ ହାତଯୋଡ଼ି ଅନୁରୋଧ କଲା କାମକୁ ନଯାଇଁ ସଭାରେ ଯୋଗ ଦେବାକୁ । ଶ୍ରମିକମାନଙ୍କ ମଧ୍ୟରେ ଦିବାକର ସବୁଠୁଁ ଶିକ୍ଷିତ । ତା'ଛଡ଼ା ସମସ୍ତଙ୍କ ସହିତ ସେ ମିଳାମିଶି, ହସିଖେଳି, ଦାଦା ମଉସା ଡାକି ଚଳିଥାଏ । ମନରେ ଏତେ ଟିକିଏ ଗର୍ବ ନାହିଁ । ନିଜେ ପାଠୁଆ ବୋଲି ଅନ୍ୟଙ୍କୁ ଛୋଟ ବୋଲି ଭାବିବା, ଯା' କେବେ ତା' ଜୀବନରେ ହେଇ ନାହିଁ । ସୁତରାଂ ଲୋକମାନେ-ପିଲାବୁଢ଼ା, ଗରିବ ଆଲବର ସମସ୍ତେ ତା'କୁ ଭଲ ପାଆନ୍ତି ଯେମିତି, ତା' କଥାମାନି ଅକ୍ଷରେ ଅକ୍ଷରେ କାମ କରନ୍ତି ବି ସେମିତି । ତେଣୁ ସେ ଦିନର ଡାକରାରେ ଛୋଟଠୁ ବଡ଼ ଯାଏ ସମସ୍ତେ ପ୍ରାୟ ତା'କଥାରେ ଚଳିଲେ । କେବଳ କେତେଜଣ ଆଖପାଖ ଗାଁରୁ ଆସୁଥିବା ଲୋକଙ୍କୁ ଛାଡ଼ିଦେଲେ ଶ୍ରମିକ ବସ୍ତିରୁ କେହି ଜଣେ ହେଲେ ଲୋକ ସେଦିନ କାମକୁ ଗଲେ ନାହିଁ ।

ସଭା ହେଲା । ସଭାର ଉଦ୍ଦେଶ୍ୟ ଥିଲା ଜେଲ୍‌ରୁ ଫେରୁଥିବା ନାରୀକର୍ମୀ କମ୍‌ରେଡ୍ ରେଖା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବା । ଆଜକୁ ଛ'ମାସ ତଳେ ଏଇ ମିଲ୍‌ରେ ସଭାକରି ସେ ଆରେଷ୍ଟ ହୋଇଥିଲେ । ସେତେବେଳେ ମିଲ୍‌ରେ ଶ୍ରମିକ ଓ ମାଲିକଙ୍କ ଭିତରେ ଦରମା ବଢ଼େଇବା ନେଇ ଖୁବ୍ ଟଣାଓଟରା ଲାଗିଥାଏ । ଶ୍ରମିକମାନେ ପେଟ ଦେଖେଇ ହାତ ଟେକେଇ ମାଗୁଥାନ୍ତି ମୂଲ

ଆଉ ମାଲିକମାନେ ସେହି ବୁଭୁକ୍ଷୁ ଜନତା ପିଠିରେ ବସିଥାନ୍ତି ଗୁଡୁକ୍ । ରୁଟି ପରିବର୍ତ୍ତେ ପିଠିରେ କରୁଥାନ୍ତି ଲାଠି ପ୍ରହାର । ବଙ୍ଗ୍‌ଲୋରେ ବସି ଆରାମ ଚେୟାରରେ ଝୁଲି ଝୁଲି ସେମାନେ କେକ୍, ପୁଡ଼ିଂ ଖାଉଥାନ୍ତି ଆଉ ଶ୍ରମିକମାନେ ବେଶୀ ହାଉ ହାଉ କଲାବେଳେ, କୁକୁରକୁ ଛିଣ୍ଡା ରୁଟି ଖଣ୍ଡେ ଖଣ୍ଡେ ପକେଇ ଦେଲ ଭଳି, ଟିକଏ ଟିକଏ ଆଶା ଦେଖାଉଥାନ୍ତି–ହାତୀ ଦେବ ଘୋଡ଼ା ଦେବ କହି ପେଁକାଳି ବଳେଇ ଦବାକୁ ଫୁସ୍‌ଲେଉଥାନ୍ତି, ଅଥଚ ଏଣେ ଜନତା ଧୀର ସ୍ଥିର ହୋଇ ତାଙ୍କର ନ୍ୟାଯ୍ୟଦାବୀ ଦୃଢ଼ଭାବରେ ଉତ୍ଥାପନ କରୁଥାନ୍ତି ଓ ରକ୍ତମୁଖା ପୁଲିସର ଲାଠି ପ୍ରହାର ବେଳେ ଆଗକୁ ଯାଇଁ ମାଡ଼ ଖାଉଥାନ୍ତି—ଅହିଂସ ରହି ଆପୋଷ ମୀମାଂସା ପାଇଁ କର୍ମକର୍ତ୍ତାଙ୍କୁ ଅନୁନୟ କରୁଥାନ୍ତି ।···ବାୟୁମଣ୍ଡଳ ସରଗରମ ହୋଇ ଉଠିଥାଏ—ସତେକି ଉଣେଇଶ ବୟାଳିଶର ଅଗଷ୍ଟ ଆନ୍ଦୋଳନ ।

ମିଲ୍‌ର ଜନୈକ କର୍ମକର୍ତ୍ତା ଜଣେ ଲକ୍ଷପତି । ଅସହ୍ୟ ହେଲା ତାଙ୍କୁ ଏ ଆନ୍ଦୋଳନ । ମିଲ୍ ସେତେବେଳକୁ ଆଠ ଦିନ ହେଲା ବନ୍ଦ । ଶ୍ରମିକଙ୍କ ସହିତ ମାଲିକଙ୍କର କ୍ଷତି ବି କମ୍ ନୁହେଁ । ରାଗରେ ଅଧୀର ହୋଇ ପଡ଼ିଲେ ସେ । କ୍ରୋଧ ଜର୍ଜରିତ ଉନ୍ମତ୍ତ ହସ୍ତୀ ଭଳି ଧାଇଁ ଆସିଲେ ସେ ଏ ପିମ୍ପୁଡ଼ି ଦଳକୁ ଦଳାମାଡ଼ି ଚୂନ୍‌ଚୁନା କରି ମାଟିରେ ମିଶେଇ ଦେବାକୁ । କିନ୍ତୁ ହାତୀଖୋଜ ତଳେ ଯେ ପିମ୍ପୁଡ଼ି ମରେନା, ଯା' ତାଙ୍କୁ ଅଜଣା । ଯାହାହେଉ, ସେତେବେଳେ ସେ ହିତାହିତ ଜ୍ଞାନ ତାଙ୍କର ନଥିଲା । କ୍ରୋଧର ବଶବର୍ତ୍ତୀ ହୋଇ ସେ ଆସି ହର୍ ବଜାରରେ ଶ୍ରମିକ ଦଳର ଜଣେ ଆଜୀବନ ନିଷ୍ଠାପର କର୍ମୀଙ୍କି ଠାଇ ଠାଇ ଦି'ଟା ବନ୍ଧୁଗୁଳା

ବସେଇ ଦେଲେ । ନିଷ୍ଠାପର କର୍ମୀଟି ଝଟ୍‌କରି ଓଲଟ-ଗଡ଼ା ହୋଇ ଦଶହାତ ଦୂରରେ ଯାଇଁ ପଡ଼ିଲେ ।…ହୋ ହୋ ହୋଇ ଆସି ଜମା ହୋଇ ପଡ଼ିଲେ ଲୋକ । ଆଉ ମୁହୂର୍ତ୍ତେ ଡେରି କରିଥିଲେ ମାଲିକଙ୍କୁ ହୁଏତ ସେଦିନ ଦାଣ୍ଡର ଧୂଳିମାଟି ଦେହରେ ଚନ୍ଦନ ପରି ମିଳେଇ ଯିବାକୁ ପଡ଼ିଥାନ୍ତା । କିନ୍ତୁ କର୍ମୀଜଣଙ୍କ ସଙ୍ଗେ ସଙ୍ଗେ ଠିଆ ହୋଇପଡ଼ି ଉପସ୍ଥିତ ଜନତାକୁ ଲୋତକପୂର୍ଣ୍ଣ ଚକ୍ଷୁରେ ହାତଯୋଡ଼ି ବାରଣ କଲେ । ମାଲିକଙ୍କୁ କହିଲେ ଅତିଶୀଘ୍ର ସେ ସ୍ଥାନ ଛାଡ଼ି ଚାଲିଯିବାକୁ ।

ଯାହାହେଉ ମାଲିକ ସିନା ମାଡ଼ ମାରି ଖୁସିରେ ନିରାପଦରେ ଫେରିଗଲେ, କିନ୍ତୁ ଜନତା ବେଳକୁବେଳ ବେଶୀବେଶୀ ଉତ୍ତେଜିତ ହେବାକୁ ଲାଗିଲେ । ବିଶେଷତଃ ଜଣେ ସର୍ବତ୍ୟାଗୀ ସାଧାରଣ-କର୍ମୀଙ୍କୁ ଦିନ ଦି'ପହରେ ଶହଶହ ଲୋକଙ୍କ ଆଗରେ ଏଭଳି ଅପମାନିତ କରି ମାଡ଼ ଦେବାଟା କିଏ ବା ସହ୍ୟ କରିବ ? ଲୋକେ ତା'ର ତୀବ୍ର ପ୍ରତିବାଦ କରି ବିପୁଳ ସଂଖ୍ୟାରେ ଯାଇଁ ବିଭିନ୍ନ ସ୍ଥାନରେ ସଭା କଲେ ଏବଂ ତାଙ୍କର ଅତିପ୍ରିୟ ଜନନେତାଙ୍କ ପ୍ରତି ଯେଉଁ ବର୍ବରୋଚିତ ବ୍ୟବହାର କରାଗଲା, ତା'ର ନିରପେକ୍ଷ ତଦନ୍ତ ପାଇଁ ସରକାରଙ୍କ ନିକଟରେ ଦୃଢ଼ଭାବରେ ଦାବୀ ଜଣାଇଲେ । … ଏହିଭଳି ଗୋଟିଏ ବଡ଼ ସଭାରେ ସଭାନେତ୍ରୀ ହୋଇଥିଲେ କମ୍‌ରେଡ଼୍ ରେଖା ପଟ୍ଟନାୟକ । ଅତି ଅହିଂସ ଭାବରେ ସେ କେବଳ ଦାବୀ କରୁଥିଲେ ଏ ଅନ୍ୟାୟର ବିଚାର । କିନ୍ତୁ ସେ ଅନ୍ୟାୟର ବିଚାର ହେଲା କି ନାହିଁ କେଜାଣି, ତାଙ୍କୁ ସେଥିପାଇଁ ବରିବାକୁ ପଡ଼ିଲା ଛ'ମାସ ସଶ୍ରମ କାରାଦଣ୍ଡ ।

ତେଣୁ ସେଦିନ ଜେଲ୍‌ରୁ ମୁକୁଳିବା ସଙ୍ଗେ ସଙ୍ଗେ ତାଙ୍କୁ ସମ୍ବର୍ଦ୍ଧନା କରିବାର ଆୟୋଜନ ହେଉଥାଏ । ନେହରୁ ମଞ୍ଚର ସୁଦ୍ଧି-

ଭୂଇଁରେ । ବଡ଼ ଲୋକମାନେ ତ ସବୁଦିନେ ନଈ ନ ଦେଖୁଣୁ ନଙ୍ଗଳା । ଧନଲୋଭରେ ଗାନ୍ତିସାରା ତାଙ୍କୁ ନଦ ହୁଏ ନାହିଁ । ଚାକିରିଟିଏ ଉଡ଼ିଗଲେ ଘେରେ ଆସିଲା ବୋଲି ଚମକି ପଡ଼ନ୍ତି । ତେଣୁ ଏ ମିଲ୍‌ମାଲିକେ ଖାଲି ସଭା ନାଁ ଶୁଣି ଗ୍ଲାନଆ ହୋଇ ମାଲିକଙ୍କୁ ପାଇଁ କୁଣ୍ଢେଇ ପକେଇବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ହଉ ତ କେଇଟି ଫୁଲମାଳରେ ମାନ ଦିଆଯିବ ତାଙ୍କୁ ସମ୍ମାନ, ଆଉ ତ ନେସ୍ଥିପାଇଁ ପରେ କଟକଣା—ରବିବାର ଦିନ ମିଲ୍‌ଖୋଲା ! —ପ୍ରକାଶ ପଢ଼ିବା !!—ମିଲଠାରୁ ଜଗୁଆଳ !!! ବଡ଼ ହସ ମାଡ଼ିଲା ଦିବାକରଙ୍କୁ ।

ଖଣ୍ଡେ ଧଳା ଖଦଡ଼ ଶାଢ଼ୀ ପିନ୍ଧି ଚାଲି ଚାଲି ଆସି ମଞ୍ଚାମଣ୍ଡପରେ ପହଞ୍ଚିଲେ ରେଖାଦେବୀ । ତାଙ୍କୁ ଦେଖୁ ଦେଖୁ ବିପୁଳ ଜନତା ଆନନ୍ଦରେ ଉଦ୍‌ବେଳିତ ହୋଇ ଉଠିଲା । ଜୟ ଜୟକାର ନାଦରେ କମ୍ପି ଉଠିଲା ଗଗନ ପବନ । ଆନନ୍ଦର ଆତିଶଯ୍ୟରେ ଲୋକେ ଆଂଜୁଳା ଆଂଜୁଳା ଫୁଲ ତାଙ୍କ ଉପରକୁ ଫିଙ୍ଗିବାକୁ ଲାଗିଲେ । ସଭାପତି ଆସନ ଅଳଙ୍କୃତ କଲେ ସେହି ନିରଳସ ଲକ୍ଷ୍ମୀ ତ ଜନନେତା । ଲୋକେ ତାଙ୍କ ଉଦ୍ଦେଶ୍ୟରେ ମୁହୁର୍ମୁହୁ ଜୟଧ୍ୱନି କରିବାକୁ ଲାଗିଲେ । ଫୁଲହାରରେ ପୋତି ହୋଇଗଲା ସଭାପତି ଓ ରେଖାଦେବୀଙ୍କ ଦେହ । ଜନତା ତାଙ୍କର ପ୍ରାଣାଧିକ ନେତାଙ୍କ ପ୍ରତି ଯେଉଁ ଅନ୍ତରର ସ୍ନେହ, ଶ୍ରଦ୍ଧା, ଭକ୍ତି, ପ୍ରୀତି ଜଣାଇ ଅଭିନନ୍ଦନ ଲେଖିଥିଲେ, ତାହା ଉଠି ପାଠକଲେ ଅଭ୍ୟର୍ଥନା ସମିତିର ସଭାପତି ଶ୍ରୀଯୁକ୍ତ ଦିବାକର ରାଉତ ।

ରେଖା ଥରକୁ ଥର ଦିବାକର ଆଡ଼କୁ ଚାହିଁଲା । ଖାଲି ବହିର୍ଦୃଷ୍ଟିରେ ନୁହେଁ, ଅନ୍ତର୍ଦୃଷ୍ଟିରେ ବି । ଆଜିକୁ ବରଷେ ହେଲା

ସେ ଆସି ଏଠି କାମ କରୁଛି, କିନ୍ତୁ ଏ ଉଦୀୟମାନ, ଉତ୍ସାହୀ ତରୁଣର ସନ୍ଧାନ ସେ ଆଜ ପର୍ଯ୍ୟନ୍ତ ପାଇ ନ ଥିଲା ତ । ମୁଖରେ କି ଜ୍ୱଳନ୍ତ ଦୀପ୍ତି, ତୁଣ୍ଡରେ କି ଓଜସ୍ୱିନୀ ଭାଷା, କଥା ପଦକରେ କି ଅସୀମ ଦୃଢ଼ତା । ପୁଣି ସେ ଆସି ଶୁଣିଲା-କେବଳ ଏଇ ଯୁବକଙ୍କର ଅଦମ୍ୟ କର୍ମପ୍ରେରଣା ଓ ଅଦ୍ଭୁତ ସଂଗଠନ ଶକ୍ତି ଯୋଗୁଁ ଆଜିର ଏ ସଭା ସମ୍ଭବପର ହୋଇଛି, ତା' ନହେଲେ ମାଲିକଙ୍କର ଚକ୍ରାନ୍ତରେ ସବୁ ଭଣ୍ଡୁର ହୋଇ ଯାଇଥାନ୍ତା । କେଜାଣି କାହିଁକି ରେଖା ମନେମନେ ଯୁବକଟି ଆଡ଼କୁ ଟିକିଏ ଢଳି ପଡ଼ିଲା ।

ସରୋବରରେ ଯେତେବେଳେ ପଦ୍ମ ଫୁଟିଥାଏ—ବାସନାରେ ମହକି ଉଠୁଥାଏ ଚଉଦିଗ, ସୌନ୍ଦର୍ଯ୍ୟରେ ପୃଥିବୀ ହସୁଥାଏ ସ୍ୱର୍ଗଭୁବନ ଭଳି-କିନ୍ତୁ କୂଳରେ ଥିବା ଭେକ କ'ଣ ତା'ର ମହତ୍ତ୍ୱ ବୁଝେ ? ବରଂ ତା ସୌରଭରେ ମଭୁଆଲି ହୋଇ କୋଉ ଦୂର ବାଇଜରୁ ଉଡ଼ି ଉଡ଼ି ଧାଇଁ ଆସେ ଅଳି-ମୃଦୁ ଗୁଂଜନ କରି ମୁଖରେ ଦିଏ ଚୁମା......ଗୁଣୀ ଗୁଣ ଚିହ୍ନେ । ରସଗ୍ରାହୀହିଁ ରସର ସନ୍ଧାନ ପାଏ-ହୃଦୟର ମୂଲ୍ୟ ବୁଝେ । ଖାଲି କେଇଟି ମୁହୂର୍ତ୍ତର ଦର୍ଶନ ଓ ଆଳାପ ଆଲୋଚନାରେ ରେଖାର ଦୃଢ଼ ହୃଦୟ କାହିଁକି ଦୁର୍ବଳ ହୋଇ ପଡ଼ିଲା । ତା'ର ଅଜାଣତରେ ସେ ମନେ ମନେ ତଳମଡ଼ିଲା ଦିବାକର ଆଡ଼େ ।

ସଭାସ୍ଥ ଲୋକେ ଉତ୍କର୍ଣ୍ଣ ହେଲେ-ରେଖାଦେବୀ କିଛି କୁହନ୍ତୁ । ଦିବାକର ବି ଅନୁରୋଧ କଲା-ଏଇ ଅବସରରେ ଆମେ ରେଖା-ଦେବୀଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଉପଦେଶ ଓ ଅଭିଜ୍ଞତା କିଛି ଶୁଣିବାକୁ ଚାହୁଁ......ଟିକିଏ ସ୍ମିତ ହସ ହସି ରେଖା ଉଠିଲା । କରଯୋଡ଼ି ଅତି ବିନୀତ ଭାବେ ସମବେତ ଜନତାକୁ ଆଗ ପ୍ରଣାମ କଲା ସେ ।

ଘନ ଘନ କରତାଳି ଓ ଜୟଧ୍ୱନି ଭିତରେ ସଭାସ୍ଥଳ ଉଚ୍ଛୁଳି ପଡ଼ିଲା । ପୁଂଜପତି ମିଲ୍‌ମାଲିକଙ୍କ ଗ୍ଲାନିରେ ସତେକି ବନ୍ଧ ହୋଇଗଲା ଉତ୍ତପ୍ତ ଲୌହଶେଳ ।

ରେଖା କହିଲା–"ଭଉଣୀ ଓ ଭାଇମାନେ ! ମୋର କାରାବାସ ଦିନ ଆପଣମାନେ ମୋତେ ଯେଉଁ ଗଭୀର ଶ୍ରଦ୍ଧା ଜଣାଇଛନ୍ତି ଓ ତତ୍ ସଙ୍ଗେ ସଙ୍ଗେ ଯେଉଁ ଅସୀମ ସହାନୁଭୂତି ଦେଖାଇଛନ୍ତି, ସେଥିପାଇଁ ମୁଁ ପ୍ରଥମେ ଆପଣମାନଙ୍କୁ ଅନ୍ତରର ଧନ୍ୟବାଦ ଦେବି । ଆଜି ହୁଏ ତ ବନ୍ଧୁକ ମୁନରେ କର୍ତ୍ତୃପକ୍ଷ ଆମର ହକ୍ ଦାବୀକୁ ଦବେଇ ଦେଇ ପାରିଲେ, କିନ୍ତୁ ଏହିଭଳି ଅହିଂସ ଆନ୍ଦୋଳନ କିଛିଦିନ ନିଷ୍ଠାର ସହିତ ଚଳାଇ ପାରିଲେ, ଦିନେ ନା ଦିନେ ତାଙ୍କର ସ୍ୱର୍ଣ୍ଣ ସିଂହାସନ ଟଳମଳ ହେବ—ଏଇ ବିପୁଳ ଜନତାର ନ୍ୟାଯ୍ୟ ଦାବୀକୁ ସେହି ମୁଷ୍ଟିମେୟ ମିଲ୍‌ମାଲିକ କେତେଜଣ ସ୍ୱୀକାର କରିବାକୁ ବାଧ୍ୟ ହେବେ । ସେଥିପାଇଁ ଧୈର୍ଯ୍ୟ ଦରକାର, ନିଷ୍ଠା ଦରକାର, ତ୍ୟାଗ ଦରକାର······ଆନ୍ଦୋଳନରେ ଯୋଗଦେଇ ଯୋଉ ଲକ୍ଷ୍ମୀ ଭାଇମାନେ ଆହତ ହୋଇଛନ୍ତି, ଜେଲ୍ ଯାଇଛନ୍ତି ବା କର୍ତ୍ତୃପକ୍ଷଙ୍କ ହୀନ ଚକ୍ରାନ୍ତ ଫଳରେ ଆଜି କର୍ମଶୂନ୍ୟ ହୋଇ ବସିଛନ୍ତି, ସେମାନଙ୍କୁ ମୁଁ ଗଭୀର କୃତଜ୍ଞତା ଜଣାଉଛି । ସେମାନଙ୍କର ପୁନଃସଂସ୍ଥାନ ପାଇଁ ଓ ଯଥୋଚିତ କ୍ଷତିପୂରଣ ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିବୁ ଏବଂ ସେଥିପାଇଁ ଦରକାର ପଡ଼ିଲେ ଆମେ ପୁଣିଥରେ କାରାବରଣ କରି ନିର୍ଯ୍ୟାତନା ସହିବାକୁ ହସି ହସି ଆଗେଇ ଆସିବୁ ।"

ଗଭୀର ଉଲ୍ଲାସ ଓ ଉତ୍ତେଜନା ଭିତରେ ସେଦିନର ସଭା ମଉଳିଲା ।···ଜରୁରୀ କାମ ଥିବାରୁ ରେଖା ସଙ୍ଗେ ସଙ୍ଗେ

ନାଟକ ଭୁଲିଗଲା । ହେଲେ ତା'ର ଦେହଟା ଖାଲି ଭୁଲିଗଲା ମିନା, ମନ ଯାଇ ପାରିଲା ନାହିଁ । ମନଟା କେମିତି ତା'ର ଲକ୍ଷ ବାରଣ ମଧ୍ୟେ ଅଟକି ଗଲା ସେଇଠି—ସେଇ ଶାନ୍ତ, ସୌମ୍ୟ, ଧାତ୍ରିମନ୍ତ ଯୁବକ ଦିବାକରର ନିକଟରେ, ଯଦିବା ସେ ଗଲାବେଳେ ନୈଯାହ୍ନ ଚରଣକୁ ପ୍ରଣାମ ସୁଦ୍ଧା କରି ଯାଇ ନଥିଲା ।

## —ଏଗାର—

ଠାଉକି ବିଲେଇ ସବୁଦିନେ କୋଉ ଫାଙ୍କରେ ଆସି ଟୋକା ହାଣ୍ଡିରେ ଦୁଧ ପିଏ—ସର ଖାଇଯାଏ । ଭାବେ ସବୁଦିନେ ଏମିତି ଏସଂପିବ । କିନ୍ତୁ ଦିନେ ତା'କୁ ମାଇପେ କବାଟ କଣରେ ଲୁଚି ଲୁଚି ରହି ଧରନ୍ତି—ଗୋଟାକଣା ମାଡ଼ରେ ଦିଅନ୍ତି ଠାଟଙ୍କ ଚେଙ୍ଗ୍...

ସବୁ ଜିନିଷର ଗୋଟାଏ ସୀମା ଅଛି । ପାପର ଘରା ବେଶୀ ହେଲେ ଆଉ ଧରିବା ସମ୍ଭବ କି ? ଯେତେବେଳେ ଧରମ ବୋଲି ଗୋଟାଏ ଜିନିଷ ଅଛି ତ ! ଯେତେ ବିଜ୍ଞାନ ଯୁଗ ହେଉ ବା ଯେତେ ଜଡ଼ବାଦ ଉପରେ ଆମେ ବିଶ୍ୱାସ କରୁ ପଛକେ, ଦୋଷ କଲେ ଯେ ଦଣ୍ଡ ମିଳିବ, ସୁା' କିଏ ଅସ୍ୱୀକାର କରିବ ? ଚୋର ଚେଷ୍ଟା କରେ—ଲୁଚି ରାତି ଅଧରେ, ସଭିଙ୍କ ଆଖି ଆଡ଼ୁଆଳରେ ନେଇ ଲୁଟିନିଏ ଧନ । ସେ ମନେ ମନେ ଭାବେ-ସେ ଭାରି ସିଆଣା ! ଅନ୍ଧାର ଭିତରେ କେହି ତା' କାମ ଦେଖି ପାରୁ ନାହାନ୍ତି ବା ସେ ସମସ୍ତଙ୍କ ଆଖିରେ ଚିଦ-ଧୂଳି ପକେଇ ମାରି ନେଉଛି ଠଙ୍କା ସୁନା । କିନ୍ତୁ ତଥାପି-ତଥାପି କ'ଣ ଚୋରଘରେ ନିତି ଆଲୁଅ ? ଦିନେ ତ ଅନ୍ଧାର ଭାଙ୍ଗେ—ସେହି ନିସ୍ତବ୍ଧ ନିଶୂନ ରାତିରେ ଅତି ତରକି ତରକି ଏକୁଟିଆ ଯାଉଁ ଯାଉଁ ଦିନେ ତ ସେ ପୁଣି ଧରାପଡ଼େ ।

ଲୋକେ ବୁଝନ୍ତି ନାହିଁ । କହନ୍ତି—ଠାକୁର ମିଛ-ଧରମ ଅଧରମ ମୂରୁଖଙ୍କ କଥା ।

ଜୟସୂର୍ଯ୍ୟର ବାପା ବି ସେଇଆ ମନେ କରିଥିଲେ । ଧନ-ବଳରେ, କ୍ଷମତାବଳରେ ସେ ଯେମିତି ମଣିଷ ଗୁଡ଼ାଙ୍କୁ ଚଲେଇ, କୁକୁର ଭଳି ଦେୟ ମଣୁଥିଲେ, ଧରମ ଅଧରମ, ପାପପୁଣ୍ୟ କଥାଟାକୁ ବି ସେମିତି ବେଖାତିର କରୁଥିଲେ—ଦୁର୍ବଳ ଲୋକର ମନର ବିକୃତି ବୋଲି କହି ହସିହସି ଉଡ଼େଇ ଦେଉଥିଲେ । ସେ କ'ଣ ଆଉ ଜାଣିଥିଲେ ଯେ ଯେତେ ଲୁଚେଇ ଲୁଚେଇ ଚୋରି କଲେ ବି ତାଙ୍କ ମୁଣ୍ଡ ଉପରେ ଜଣେ ବୁଢ଼ା ତଦାରଖ ବସିଛି ଆଉ ପରତକୁ ନଚେଇ ଡ଼ମାଡ଼ମା ଆଖିରେ ଚାହିଁ ରହିଛି ତାଙ୍କର ଠିକଣାଖି ସବୁ କାମକୁ । ମଣିଷ ଆଖିରେ ସିନା ଧୂଳି ଦେବ, ତା' ଆଖିରେ ତ ଆଉ ଧୂଳି ଦେଇ ହବ ନାହିଁ ବା ସିଏ ତ ଆଉ ଘାତର ଅନ୍ତର କରି ଅମୁକ ମନ୍ତ୍ରୀଙ୍କ ସାନଶାଳା ବା ଅମୁକ ଏମ୍.-ଏଲ୍. ଏ.ଙ୍କ ଭଣିଜାର ଝିଅଆଣି ଜୋଇଁ ବୋଲି ସେତେବେଳେ ଆଖି ବୁଜି ଦେବେନି । ··· ପଇସା ମୋହରେ ଘାରି ହୋଇ ବାପା ଏ ଅନେକ କଥାଟିକୁ ବିଲ୍‌କୁଲ୍ ପାସୋର ଦେଇଥିଲେ ।

ଓଭର ସିୟର ପାହ୍ୟାରୁ ଉଠି ଉଠି ସେତେବେଳକୁ ସେ ସୁପରିଣ୍ଟେଣ୍ଡିଂ ଇଂଜିନିୟର । ହେଲେ ଚାକିରିରେ ସିନା ଉପରକୁ ଉପରକୁ ଉଠିଲେ, ମନରେ ସେ କେବେ ବଡ଼ ହୋଇ ପାରିଲେ ନାହିଁ । ବରଂ ଯହୁଁ ଯହୁଁ କାଠ ଚଉକିରୁ କୁସନ୍ ଚେୟାର ହେଲା, ତହୁଁ ତହୁଁ ହେଲା ବେଶୀ ଲୋଭ, ବେଶୀ ଭୋଗଲିପ୍ସା । ଆଉ ଭୋଗ ତ ଏଭଳି ଜିନିଷ ଯେ ଘିଅରେ ନିଆଁ ପଡ଼ିଲା ଭଳି ସେ ଦିନକୁଦିନ ବଢ଼େ ସିନା କେବେ କମେ ନାହିଁ । ଫଳରେ ଲୋଭ

ଦିନକୁଦିନ ଖରାଦିନିଆ ଜଙ୍ଗଲନିଆଁ ଭଳି ହୁ ହୁ ହୋଇ ବଢ଼ିଉଠିଲା । କିନ୍ତୁ ଖାଲି ଲୋଭ ବଢ଼ିଲା ସିନା, ଦରମା ତ ସେହି ଅନୁପାତରେ ବଢ଼ିଲା ନାହିଁ । ସରକାର ବଡ଼ ବଡ଼ ହାକିମଙ୍କର ପୋଜିସନ୍‌କୁ ଚାହିଁ ଦରମା ଖଂଜୁଛନ୍ତି ସିନା, ଲୋଭକୁ ଚାହିଁ ତ ଆଉ ଖଂଜି ନାହାଁନ୍ତି । ତେଣୁ ବାପା ବାଧ ହୋଇ ଠାକୁର ଖାଇ ଖଟୁଲି ଖାଇବାର ଆୟୋଜନ କଲେ—ନେଲେ ଅପର୍ଯ୍ୟାପ୍ତ କଳା ଯୋଗେଇ—ଲାଞ୍ଚ—ପରସେଣ୍ଟେଜ୍ । ଏଆର୍ କଣ୍ଡିସନ୍‌ଡ଼ ବଙ୍ଗଳାରେ ସୋଫା ଉପରେ ଶୋଇ ଶୋଇ ଦାମୀ ପେଗ୍ ଧନ୍ଦିତ ଷ୍ଟ୍ରେଟ ଏକ୍ସପ୍ରେସ୍ ଟାଣିଲାବେଳେ ଆଉ କି ଧର୍ମ ଅଧର୍ମ କଥା ମନେ ପଡ଼େ !!!

କିନ୍ତୁ ଆମେ ଯେତେ ବୁଢ଼ା ଅଜାଙ୍କର ଛିଣ୍ଡା ଗାମୁଛା ଗୁଡ଼ ଖିଲ୍‌କ ମୁଠ୍ ପିନ୍ଧିଲେ ବି ସେହି ନେକେଡ଼ା ବୁଢ଼ାଙ୍କର କଥାପଦିକ —"ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ"– ଆଜିଯାଏ ରହିଯାଇଛି । ଫଳରେ ଦିନେ ଏକ ସୁନିର୍ମଳ ସକାଳରେ ବାପା ସେହି ଭୋଗବିଳାସ ପୂର୍ଣ୍ଣ ସରଗ ସିଢ଼ିରୁ ଭୁସ୍‌କିନା ଗଡ଼ି ଗଡ଼ି ଆସି ପଡ଼ିଲେ ରସାତଳରେ । ଲାଞ୍ଚ ନେଉ ନେଉ ଧରାପଡ଼ି ହେଲେ ଗିରଫ୍ । ହ୍ୟାଣ୍ଡକପ୍ ପଡ଼ି ଯାଇଥାନ୍ତା, ଖାଲି ସେ ଟିକିଏ ବଡ଼ବଡ଼ିଆ ହାକିମ-ହୁକୁମାଙ୍କ ଦୋସ୍ତ ହୋଇଥିବାରୁ ଅଳ୍ପକେ ରକ୍ଷା ପାଇଗଲେ ।

ସେତେବେଳକୁ ତାଙ୍କ ଚାକିରି ବାଇଶି ତେଇଶି ବରଷ ହୋଇଗଲାଣି । ସମସ୍ତଙ୍କ ଚାହିଁ ସିନିୟର । ଆଉ ଅଳ୍ପଦିନେ ସମଗ୍ର ଓଡ଼ିଶାର ଚିଫ୍ ଇଂଜିନିୟର ଚାନ୍‌ସ ପାଇଥାନ୍ତେ । କିନ୍ତୁ ଏମିତି ଚଡ଼କ ପଡ଼ିଲା ଯେ ଏକାଦିନକେ ଚାକିରିରୁ ବରଖାସ୍ତ । ପେନ୍‌ସନ୍–

ତକ ସ୍ୱ ସ୍ୱାର୍ଥାନ୍ଧ । ତା' ସ୍ୱ ଉପରେ କେତେ ଧରାଧରି, ଖୋସାମତ ମଗାମତ ହେବାରୁ, ତା' ନହେଲେ ମାମୁଁଘରେ ଯାଇଁ ଘଣା ପେଲିବାକୁ ଯେ ପଡ଼ି ନଥାନ୍ତା, ତା' କିଏ କହିବ ?

ଘଡ଼ଘଡ଼ି ମାରି କଡ଼ଡ଼ା ମେଘ ଅସରାଏ ବରଷି ଗଲେ ମନୁଆଙ୍କର ମନଦଶା ଅନେକଟା କମିଯାଏ, ଯଦିବା ପୂରା ଦୂର ହୁଏ ନ ଥାଏ । ବାପାଙ୍କ ରଙ୍ଗୀନ୍ ମୋହ ତୁଟିଯାଇଁ ଏ ଧୂସର ଦୁନିଆର ମାଟିଗୋଡ଼ି ଏବେ ଟିକିଏ ଟିକିଏ ଆଖିରେ ପଡ଼ୁଛି । କେବଳ ସହଜରେ ଆସି ସେ ଦେଶର ବିପୁଳ ଜନସାଧାରଣ କୃଷୀ, ମୂଲିଆ, ବ୍ୟବସାୟୀ, କିରାଣୀଙ୍କ ସହିତ ମିଶି ପାରୁ ନାହାଁନ୍ତି – ନିଜର ଚରିତ୍ର ଆଭିଜାତ୍ୟରେ ଆଞ୍ଚ ଅସିବ ବୋଲି ଡରୁଛନ୍ତି । ଅଥଚ ତେଣେ ବଡ଼ବଡ଼ିଆ ହାକିମହୁକୁମାମାନେ ଏ ଲାଞ୍ଚଖିଆ, ସ୍ୱେର ଅଫିସରଙ୍କୁ ପାଖେ ପୂରେଇବାକୁ ନାରାଜ । ନିଜେ ଯେତେ ଗ୍ଲୁଣି ହେଲେ ବି ଏ କୁଞ୍ଜିଟିର କଣାଟା ବାହାରକୁ ଦୈବାତ୍ ଫୁଟି ଉଠିଲା ବୋଲି ତା'ଙ୍କୁ ହମେଶେମେ ଘୃଣା କରିବାକୁ ଆରମ୍ଭ କଲେଣି । ବାପା ବାଦୁଡ଼ିଙ୍କ ଭଳି ପଶୁକୁଳକୁ ଯିବେ ନା ପକ୍ଷୀକୁଳରେ ମିଶିବେ କିଛି ସ୍ଥିର କରି ନ ପାରି ମଝିରେ ଦ'ନାବରେ ଗୋଡ ଦେଇ ଟଳଟଳ ହେଉଛନ୍ତି ।

ତେବେ ଯାହାହେଉ, ବାପାଙ୍କର ଏ କାରୁଣ ଅଧଃପତନ ପରେ ଜୟସୂର୍ଯ୍ୟର ଆଉ ଗ୍ଲାସ୍ଗୋ ଯିବାର ପ୍ରଶ୍ନ ଉଠିଲା ନାହିଁ । ହାଇଅର ଇଂଜିନିୟରିଂ ପଢ଼ା ସେତିକିରେ ରହିଲା । ପରୀକ୍ଷା ଦେଇ ସେ ସିଧାସିଧା 'ବାଙ୍ଗାଲୋରରୁ ଫେରି ଆସିଲା କଟକ । ତେବେ ସେ ନିଜେ ଜଣେ ବଡ଼ ମେଧାବୀ ଛାତ୍ର । ଭବିଷ୍ୟତର ଉନ୍ନତି ପାଇଁ ସଦାସର୍ବଦା ଯତ୍ନଶୀଳ । କଲେଜରେ ପଢିବାକୁ

ଯେତେବେଳେ ସୁଯୋଗ ନ ମିଳିଲା, ସେ ନିଜେ ନିଜେ ଘରୋଇ ଭାବରେ ପଢ଼ିବାକୁ ଲାଗିଲା ସିଭିଲ୍ ଇଂଜିନିୟରିଂ । ପରେ ସୁଏତ ସୁବିଧା ଦେଖି କେଉଁ ବିଶ୍ୱବିଦ୍ୟାଳୟରେ ଯାଇଁ ପରୀକ୍ଷାଟା ଦେଇ ଦେବ । କିଂବା ତା' ନ ହେଇ ପାରିଲେ ବି, ସେ ସମ୍ବନ୍ଧରେ ତା'ର ଗୋଟାଏ ମୋଟାମୋଟି ଧାରଣା ହେଇ ପାରିବ ତ । ଜ୍ଞାନ ଆହରଣ ପାଇଁ ଅଧ୍ୟବସାୟ ନ କଲେ ହବ କେମିତି ?

ବାପାଙ୍କର ସେହି ଗୋଟିଏ ବୋଲି କୁଳଚନ୍ଦ୍ରମା । ତେଣୁ ସବୁ ସ୍ନେହ, ଶ୍ରଦ୍ଧା ତା' ଉପରେ ଅଜାଡ଼ି ହେଇ ପଡ଼ିବା କଥା । ବିଶେଷତଃ ଏଭଳି ଉଚ୍ଚଶିକ୍ଷିତ, ଯୋଗ୍ୟ ସନ୍ତାନକୁ କେଉଁ ବାପ-ବା ଆଦର ନ କରିବ ? କିନ୍ତୁ ଠାକୁରଙ୍କର କି ବିବାଦ, ସେହି ବାପ ପୁଅଙ୍କ ଭିତରେ ସବୁବେଳେ ଛତିଶ ବିଖାଡ଼ି । ଦିନେ କଥା ହେଲେ ତିନିଦିନ ମୁହଁ ଫଟାଫଟି ।

ଲୋକେ ଅବଶ୍ୟ ସେଥିପାଇଁ ଜୟସୂର୍ଯ୍ୟଙ୍କୁ ଦୋଷ ଦିଅନ୍ତି । ଯେତେହେଲେ ସିଏ ବାପ । ବାପର ଦୋଷ କ'ଣ ପୁଅ ଧରିବା ଉଚିତ ? ବାପାଙ୍କଠଉଁ ଉପଦେଶ ନେଇ ପୁଅ ବାଟ ଚାଲିବ ସିନା, ତାଙ୍କ ଦୋଷକୁ ଗଣି କରି ଧରି ବସିବ କେମିତି ? କିନ୍ତୁ ସିଏ ଯେତେ କହିଲେ ବି ଜୟସୂର୍ଯ୍ୟ ମନ କେବେ ବୁଝେନା । ତା'ରି ଆଖି ଆଗରେ ତା' ଜନମକଲା ମା' ଯେମିତି ହନ୍ତସନ୍ତ ହେଇ ଝିହାଳବିକଳ ହେଇ ମରିଛନ୍ତି, ତା' ସେ ଜୀବନରେ କେବେ ଭୁଲି ପାରିବ ନାହିଁ । ଆଉ ସେହି ସକରୁଣ ଜୀବନ୍ତ ମରଣ ପାଇଁ ଦାୟୀ ଯୋଉ ବାପା, ତାଙ୍କୁ ସେ ଭକ୍ତି କରିବ କେମିତି ? ପୂଜା କରିବ କେମିତି ?

ବେଶୀ ଦିନ ତଳର କଥା ନୁହେଁ । ତା'କୁ ସେତେବେଳେ ହେଇଥାଏ ପନ୍ଦର ବର୍ଷ । ହାଇ ସ୍କୁଲରେ ପଢୁଥାଏ । ତା'ର

ଅବଶ୍ୟ ଘର ଭଉଣୀ କେହି ନ ଥାନ୍ତି, ତେବେ ପ୍ରତି ବର୍ଷ ପ୍ରାୟ ମା'ଙ୍କର ଗୋଟିଏ ଗୋଟିଏ ପିଲା ହୋଇ ନଷ୍ଟ ହୋଇ ଯାଉଥାନ୍ତି। ଫଳରେ ମା'ଙ୍କ ସ୍ୱାସ୍ଥ୍ୟ ଦିନକୁଦିନ ଖରାପ ହୋଇ ଯାଉଥାଏ ଅତି ଭୀଷଣ ଭାବେ। କିନ୍ତୁ ଆଶ୍ଚର୍ଯ୍ୟ କଥା, ମା' ଏମିତି ବେଳକୁ ବେଳ ରୋଗିଣୀ ହୋଇ ପଡ଼ିବା ଦେଖି ବାପାଙ୍କ ମନରେ ତାଙ୍କ ପ୍ରତି ଦୟା ଆସେନା ବରଂ ଆସ୍ତେ ଆସ୍ତେ ଆସୁଥାଏ ବିତୃଷ୍ଣା। ଭଲ ଔଷଧପତ୍ର ଦିଅନ୍ତି ନାହିଁ, ଭଲ ଡାକ୍ତର ଆଣି ଦେଖାନ୍ତି ନାହିଁ। ଏପରି କି ପ୍ରାଣଖୋଲା ଆଦର, ଯତ୍ନ ଟିକିଏ ବି କରନ୍ତି ନାହିଁ କେବେ। ଏମିତି ସ୍ୱାମୀଙ୍କ ଅବହେଳା ପାଇ ପାଇ ମା' ଶେଷକୁ ବିଛଣା ଧରିଲେ। ଶାରୀରିକ ଦୁର୍ବଳତା ସହିତ ମାନସିକ ଅଶାନ୍ତି ତାଙ୍କୁ ଏକାବେଳକେ ମାଟି କରିଦେଲା।

ଓଃ, କି କରୁଣ ସେ ଛବି ! କି ମର୍ମନ୍ତୁଦ ସେ ଅନୁଭୂତି !! ମା' ରୋଗ ଶେଯରେ ଶୋଇ ଶୋଇ କଲବଲ ହେଉଥାନ୍ତି ଅଥଚ ବାପା ତାଙ୍କୁ କେବେ ଆଡ଼ଆଖିରେ ଥରେ ଅନାନ୍ତି ନାହିଁ— ଭୁଲ୍‌ରେ ବି କେବେ ସେ ଦୁଆର ମୁହଁରେ ତାଙ୍କ ପାଦ ପଡ଼େନା। ଅଥଚ ଲକ୍ଷେ ଔଷଧ ଅପେକ୍ଷା ବାପାଙ୍କର ପଦେ କଅଁଳ କଥା, ଟିକିଏ ହାତ ଆଉଁସା ସେତେବେଳେ ତାଙ୍କ ରୋଗର ନବେ ଭାଗ ଉପଶମ କରି ଦେଇଥାନ୍ତା !!

ଦେଖିଦେଖି ଜମ୍ବୁସୂର୍ଯ୍ୟ ପଥର ହୋଇ ଯାଇଛି। ଫୋଟ ଫୋଟ ରକତ ଝରି ପଡ଼ୁଛି ତା' କଲିଜା ତଳୁ।

ପୁଣି ଏ ଅପମାନ ଯାଇଁ ଚରମ ସୀମାରେ ପହଞ୍ଚିଲା ସେତିକିବେଳେ, ଯେତେବେଳେ ବାପା ବଂଶ ବୃଦ୍ଧିର ଦୋହାଇ ଦେଇ ଆୟୋଜନ କଲେ ଆଉ ଜଣେ ଷୋଡ଼ଶୀର ହାତ ଧରିବାକୁ।...

ଅବଶ୍ୟ ହେମିତ ଯେ ବାପାଙ୍କ ବିଷୟରେ କେତେଲୋକ କେତେ କଥା ନ କହନ୍ତି ଓ ସେ ସମସ୍ତ ମା'ଙ୍କ କାନକୁ ନ ଆସେ, ଏପରି ନୁହେଁ । କିନ୍ତୁ ଏଭଳି ଡ଼ାକ ବଜେଇ ଆଉ ଜଣକୁ ଆଣି ମା'ଙ୍କ ଆଖି ଆଗ ଛାତି ଉପରେ ନୃତ୍ୟ କଲେ ତାଙ୍କ ପ୍ରାଣରେ ଯେ କେତେ କଷ୍ଟ ହେବ, ତା' ଖାଲି ଅନୁଭବ କରି ହେବ ସିନା, କହିହେବ ନାହିଁ ତ । ଖଟ ଖୁରାରେ ମୁଣ୍ଡ ବାଡ଼େଇ ଦେଇ ମା' ଭଳନଗାଳ ବାଳ ବେତେରା ହେଇ ପଡ଼ିଲେ ।

ତଥାପି ବାପାଙ୍କର ପାଷାଣ-ପ୍ରାଣ ତରଳିଲା ନାହିଁ । ହାତ ଧରି ଯାହାକୁ ବାହା ହେଇଥିଲେ, ତା' କଲିଜାଫଟା କରୁଣ କ୍ରନ୍ଦନ ଶୁଣି ତାଙ୍କ ଛାତି ଭିତରେ ଗୋଟାଏ କଂପନ ଆସିଲା ନାହିଁ ।

ମା' ବଂଚ ଥାଉଁ ଥାଉଁ ନୂଆମା' ଘରକୁ ଆସିଲା । ବାପା ଟେସିକି ଦରବୁଢ଼ା ବୟସରେ ଫୁଲଚନ୍ଦନ ନାଇ ବରବେଶ ସାଜି ବେଦୀରେ ବସି ବାହା ହେଲେ । ... ... ...

ସେତିକିରେ ବି ସରିଲା ନାହିଁ ଯନ୍ତ୍ରଣାମାନ । ଯମଙ୍କଠୁଁ ଆହୁରି କଠିନ ବାପାଙ୍କ ମନ । ଯମ ଯାହାକୁ ଦୟାକରି ଆଜି ପର୍ଯ୍ୟନ୍ତ ନେଇ ନଥିଲେ, ବାପା ତାହାଙ୍କୁ ଶୀଘ୍ର ଯମପୁରକୁ ପଠେଇବା ପାଇଁ ଦେଲେ ଔଷଧ ସାଙ୍ଗରେ ବିଷ !—ସ୍ଲୋ ପଏଜନ୍ ! !...ମା'ଙ୍କର କ୍ରମେ ଆରମ୍ଭ ହେଲା ଝଲକା ଝଲକା ରକ୍ତବାନ୍ତି । ଫୁଲ କଲିଜା ସତେ କି ଟିକି ଟିକି ହେଇ ଛିଣ୍ଡି ପଡ଼ିଲା । ଶେଷକୁ ଭୂଇଁ ଦରାଣ୍ଡି ଦରାଣ୍ଡି, ମାଟି ଅଣ୍ଡାଳି ଅଣ୍ଡାଳି କେଡ଼େ ବିକଳରେ ଯେ ତାଙ୍କ ଜୀବ ଛାଡ଼ିଲା, ତା' ଅନୁଭବୀ ଛଡ଼ା କିଏ ବୁଝିବ ? ଗଛରୁ ପତର ବି ଝଡ଼ି ପଡ଼ୁଛି ସେ କଲବଲ ମରଣ ଦେଖି, ମଣିଷ କଥା କିଏ ପଚାରେ ?

ହୁଏତ ବଡ଼ଘରର ଢେଙ୍ଗା ପାଗଳା ମୋଟା କାହ୍ନୁ ଢେଙ୍କିଁ ଏତେ କଥା ପଦାକୁ ଫୁଟି ପାରୁନ, ହେଲେ ଜୟସୂର୍ଯ୍ୟ ତ ସବୁ ନିଜ ଆଖିରେ ଦେଖିଛି । ମରି ହଜି ମାଟିରେ ମିଳେଇ ନ ଗଲେ ସେ କି କେବେ ଏକଥା ଭୁଲିପାରେ ? ତେଣୁ ଯେତେ ଯିଏ କହିଲେ ବି ତା'ର ସବୁଦିନେ ବାପାଙ୍କ ସହିତ ଅପଡ଼ । ହୁଏତ ଉପରେ କେତେବେଳେ ପଦେ ଅଧେ କଥାବାର୍ତ୍ତା ହୁଏ, କିନ୍ତୁ ଭିତରେ କେବେ ମନ ମିଳେନା—ବୋଧେ ମିଳିବ ନାହିଁ ଜୀବନସାରା ।

## —ବାର—

ରେଖା ଚାଲିଗଲା । ଦିବାକର ସୁଭ୍ରକାମ ସାର ବସାକୁ ଫେରିଲା । ହାଇସ୍କୁଲରେ ପଢ଼ିବାଦିନୁ କେତେ ଝିଅଙ୍କ ସହିତ ସେ ମିଶିଛି । କଲେଜରେ ଡ଼ିବେଟିଂ ସୋସାଇଟିରେ, ଥିଏଟର, ଭେରାଇଟି ସୋ'ରେ ବା ବିଭିନ୍ନ ସ୍ଥାନ ପରିଭ୍ରମଣରେ ସେ ବହୁ ରୂପସୀ ତରୁଣୀଙ୍କର ଖୁବ ଘନିଷ୍ଠ ସମ୍ପର୍କରେ ଆସିଛି । ହୁଏତ କେତେ ରାତି ରାତି ବିତି ଯାଇଛି ସୁନ୍ଦରୀ ଷୋଡ଼ଶୀଙ୍କ ସହିତ ଯୁକ୍ତି କରି; କେତେ ଫୁଲଫୁଟା ଜ୍ୟୋତ୍ସ୍ନା ରାତି କଟିଛି ଦଳ ଦଳ ଲଳନାଙ୍କ ସହିତ ଲେକ୍ କୂଳରେ ବୁଲି ବା ଆଲୋକିତ ବଟାନିକାଲ୍ ଗାର୍ଡ଼େନରେ ପିକ୍‌ନିକ୍ କରି । କିନ୍ତୁ କାହିଁ ? ଏପରି ପୁଲକ ତ କେବେ ତା' ପ୍ରାଣରେ ଜାଗି ନଥିଲା । ଏଭଳି ତ କେବେ ଥର ଥର ହୋଇ ଥରି ଉଠି ନଥିଲା ତା' ତନୁମନ । କିନ୍ତୁ ଆଜି କ'ଣ ହେଲା ଏ ? କିଏ ଆସି ତା'ର ଶୋଇଲା ମନରେ ଲଗେଇ ଦେଲା ନିଆଁ—ଥିର ପାଣିରେ ଖେଳେଇ ଦେଲା ଭଉଁରୀ—

ଅବସନ୍ନ ଦେହ ହାତ ନେଇ ଦିବାକର ସେଦିନ ଫେରିଲା । ସ୍ମୃତିରେ ବି ତତୋଧିକ ଦୁର୍ବଳତା । ସତେକି ସେ କ'ଣ ଭୁଲ୍

କରିଛି । କା'ର ଅଜାଣତରେ ଲୁଟି ନେଇଛି ତା'ର ସାଇତା ଧନ । କିନ୍ତୁ ଆଶ୍ଚର୍ଯ୍ୟ—ସେଇଟାକୁ ଭୁଲ୍ ବୋଲି ଜାଣିଲେ ବି ସେଇ ଭୁଲ୍‌କୁ ବାରମ୍ବାର ମନେ ମନେ ହେଜ ହେବାକୁ ଭଲ ଲାଗୁଛି । ମନ ହେଉଛି ଜୀବନର ସବୁ ଆଦର୍ଶ, ଉଦ୍ଦେଶ୍ୟ, ଲକ୍ଷ୍ୟ, ସାଧନା ଛାଡ଼ି ସେହି ଭୁଲ ପଛରେ ଧାଇଁ ଧାଇଁ ସାରା ଜୀବନଟା କଟେଇ ଦେବାକୁ । ଏଗୁଡ଼ା ଯେମିତି ବଡ଼ ଶୁଷ୍କ, ନୀରସ, ପ୍ରାଣହୀନ ଆଉ ସେଇ ଭୁଲରେ ଯେମିତି ଅଛି ସବୁ ପୂର୍ଣ୍ଣତା—ସବୁ ସୁଖ, ଶାନ୍ତି, ସନ୍ତୋଷ ।......ରାତିସାରା ଭାବି ଭାବି ଦିବାକରର ମୁଣ୍ଡ ଗରମ ହୋଇ ଉଠିଲା ।

ରେଖାଦେବୀ—ସୁନ୍ଦର । ମୁହଁରେ ଅବଶ୍ୟ ସେ ଅମୀୟୁ ବୋଲା ଅପରୂପ ରୂପଲାବଣ୍ୟ ନାହିଁ, କିନ୍ତୁ ଅଛି କି ଏକ ମହିମାମୟ ଉଦାର ଭାବ—କମନୀୟ ଉଜ୍ଜ୍ୱଳ ଦୀପ୍ତି । କି ଧୀର ନମ୍ର କଥା, କି ସ୍ନେହବୋଳା, ସରଳ ପ୍ରାଣ ପୁଣି ତା'ର ଭିତରେ କି ଉର୍ଜ୍ଜସ୍ୱଳ ସୁପ୍ରଦୀପ୍ତ ବହ୍ନି । ବି. ଏ. ପାସ୍ କରିଛନ୍ତି । ସାଧାରଣ କ୍ଷେତ୍ରରେ କର୍ମୀ । ତଥାପି ବି ମଥାରେ ଅଛି ଓଢ଼ଣା—ଆଖିରେ ଅଛି ଲାଜ ସଙ୍କୋଚ । ପୁଣି ନାରୀର ସେଇ ସ୍ୱଭାବ ସୁଲଭ ଦୁର୍ବଳ ପ୍ରାଣ ଓ ଢଳ ଢଳ ମନ ଭିତରେ କି ଅଦ୍ଭୁତ ଭାବରେ ବିକଶି ଉଠିଛି ଅସୀମ ତେଜ—ଅସାଧାରଣ ଗୌରବ । ଟିକିଏ ଅନ୍ୟାୟ ଦେଖିଲେ ବିଜୁଳି ପରି ଚକ୍ କରି ଜଳି ଉଠେ ସେ-ଜାଳିଦିଏ ଅତ୍ୟାଚାରୀର ଦମ୍ଭ, ଗର୍ବ, ଔଦ୍ଧତ୍ୟ, ଆତ୍ମପ୍ରୌଢ଼ି । ସତେ, ଚମତ୍କାର ଏ ଝିଅଟା । ଘଡ଼ିକେ ମଲପୁର ସଂଗୁର କରିପାରେ ଆଉ ଠିକ୍ ତା' ପର ମୁହୂର୍ତ୍ତରେ ଦି'ପଦ କଥାରେ ଲକ୍ଷେ ଲୋକଙ୍କୁ ଚେତେଇ ପାରେ, ମତେଇ ପାରେ, ଫାଶିଖୁଣ୍ଟକୁ ଯିବାପାଇଁ ସଜେଇ ପାରେ । ସୁନ୍ଦର —ବାସ୍ତବିକ୍ ସୁନ୍ଦର ଏଇ ଝିଅଟି ।

ସୁନ୍ଦର ଆଉ କାହାକୁ କହନ୍ତି କି ? ଖାଲି ଉଚ୍ଛଳଢ଼ାଉଳ ରୂପ, ଗୋରା ତକତକ ଦେହେରା, ଚନ୍ଦ୍ର ଉଇଁଆ ମୁହଁ ବା କାଳନ୍ଦୀ-କଳା ବେଣୀ ହେଲେ ତ ଆଉ ସୁନ୍ଦର ହେବ ନାହିଁ । କେତେ ଝିଅ ତ ସହର ବଜାରର ପଣ୍ଟଙ୍କ ଠଉଁ ଆହୁରି ସୁନ୍ଦର—ଆହୁରି ରୂପବନ୍ତ, ହେଲେ ତାଙ୍କ ପେଟରେ ଯେତେ ଗଉଁ, ଯେତେ ମନମୋଟ, ଯେତେ ଖୁମାଣ, ସେଥିରେ କୁଆଡ଼େ ଉଭେଇ ଯାଏ ସେ କଅଁଳ ଛନ ଛନ ରୂପ । ସାମାନ୍ୟ ଟିକଏ ଖରାଧାସ ବାଜିଲେ କୁଆଡ଼େ ଶୁଖି କଳାକାଠ ପଡ଼ିଯାଏ ସେ ଅଳିଅଳ ଲଳନାଙ୍କ କମନୀୟ ରୂପକାନ୍ତି । କିନ୍ତୁ ଯାହାଙ୍କର ଉପର ଚମ ଧଳା ନହେଲେ ବି ଭିତରେ ମହକୁଛି ସୁବାସ—ପୂରି ରହିଛି ନାନାଦି ମିଠାକଥା, ମହତ୍ ଗୁଣ, ସହୃଦୟ ଭାବ, ସେହିମାନେହିଁ ପ୍ରକୃତ ସୁନ୍ଦର । ଟିକଏ ଖରା କାହିଁକି, ଦି'ପହରର ଧୂ ଧୂ ଖରାରେ ତାଙ୍କୁ ଠିଆ କରିଦେଲେ ବି ସେ ମଉଳି ଯିବେ ନାହିଁ ବରଂ ନିଆଁରେ ପଡ଼ି ସୁନା ଅଧିକ ଉଜ୍ଜ୍ୱଳ ଦିଶିଲା ଭଳି, ସେ ଆହୁରି ଝକ୍ ଝକ୍ କରିବେ ।......ରୂପବତୀ ସୁନ୍ଦର ନୁହେଁ, ଗୁଣବତୀହିଁ ପ୍ରକୃତ ସୁନ୍ଦର । ନାଲି ଟହ ଟହ ପଳାସ ଫୁଲକୁ କେହି ଆଦର କରନ୍ତି ନାହିଁ, ରୂପହୀନ ଟିକି ହେନାଟିକି ସଭିଏଁ କରନ୍ତି ଆଦର-ସଭିଏଁ ତୋଳି ଧରନ୍ତି ଆନନ୍ଦରେ ।

ଦିବାକରର ବଡ଼ ଲୋଭ ହେଲା, ଏଇ ଗୁଣର ଝିଅଟିକୁ ସେ ହାତ ପାହାନ୍ତାରେ ପାଆନ୍ତା କି...... ।

ପର ମୁହୂର୍ତ୍ତରେ କିନ୍ତୁ ଚମକି ପଡ଼ିଲା ସେ—ଏଁ—ପାଗଳଙ୍କ ଭଳି ସେ କ'ଣ ଭାବୁଛି । ବାମନ ହୋଇ ସରଗର ଚାନ୍ଦକୁ ବଢ଼ଉଛି ହାତ । ସେ ଜଣେ କୁଳୀ ଶ୍ରେଣୀପୁ ସାମାନ୍ୟ ମେକାନିକ୍

ଆଉ ରେଖାଦେବୀ ଜଣେ ମାନ୍ୟଗଣ୍ୟ ନାରୀକର୍ମୀ—ଯାହାଙ୍କର ଦେଶରେ ଖ୍ୟାତି ଅଛି, ଉପର ମହଲରେ ପ୍ରଶଂସା ଅଛି, ଜନସାଧାରଣଙ୍କ ଭିତରେ ସମ୍ମାନ ଅଛି । ସେ ଏଭଳି ଅତି ତୁଚ୍ଛ ଲୁହାପିଟା ମେକାନିକ୍‌କୁ······ଛି, ଛି, ଛି, ମନେ ମନେ ବଡ଼ ଲଜ୍ଜିତ ହେଲା ଦିବାକର । ଖରାତେଜ ପାଇ ଘାସ ଉପରର କାକର ସବୁ ମିଳେଇ ଗଲା ଭଳି ତା'ର ସମସ୍ତ ଚିନ୍ତା, ଭାବନା, କଳ୍ପନା, ଜଳ୍ପନା ସଡ଼କେ ଗଲା ଉଭେଇ । ଭଡ଼ାଘରର ଆରପାଖ ବଖରାରେ ବସି କିଏ ଜଣେ ରାଧାନାଥଙ୍କ 'ଦରବାର' ପଢୁଥାଏ—

ବସୁ ମୁହିଁ ଲେ ସେ ଅଟଇଟି ଧୂମ
'ଅନ୍ୟ ନାମ ତାଁ'ର ଆକାଶ କୁସୁମ'।

ଦିବାକରର ଚେତା ଫେରିଲା । କି ଏକ ଗଭୀର ନିରାଶାରେ ଭରିଗଲା ହୃଦୟ । ସତେ ତା'ହେଲେ କ'ଣ ସେ ଖାଲି ଗୋଟାଏ ମରୀଚିକା ପଛରେ ଧାଇଁ ଧାଇଁ ବୁଲୁଛି ? ପଥିକ ପ୍ରାଣରେ ଏତେ ପିପାସା, ଅଥଚ ପାଣି ଟୋପାଏ ମିଳିବ ନାହିଁ ତା'କୁ । ପଲଙ୍କପାଣି ଖାଲି ବଡ଼ଲୋକଙ୍କ ପାଇଁ, ଗରିବର ତଣ୍ଟି ଶୁଖି ଠକ୍ ଠକ୍ ହୋଇ ମରିଗଲେ ବି ବୁନ୍ଦାଏ ସେ ପାଇବ ନାହିଁ—ଏଇ କ'ଣ ଠାକୁରଙ୍କ ବିଚାର !!

× × × ×

ସେଦିନ ମିଲ୍‌ରୁ ଫେରି ରେଖା ସିଧାସିଧା ଯାଇଥିଲା ଟାଉନ୍‌ହଲ୍ । ସେଠାରେ ବି ଆୟୋଜନ କରା ହୋଇଥିଲା ଏକ ସମ୍ବର୍ଦ୍ଧନାର । ରାତି ନ'ଟାରେ ସେ କାମ ସାରି ସେ ଫେରି ଆସିଲା ମଦର୍ ମେରୀଙ୍କ ଘରକୁ । ସେଥିପାଇଁ କାର୍ ନେଇ ଭଡ୍ ଯାଇଥିଲା ଟାଉନ୍‌ହଲ୍ ଯାଏ ।

ମେସା ସେ ପର୍ଯ୍ୟନ୍ତ ଅଖିଆ ଅପିଆ ତା'ଙ୍କୁ ଅନେସା କରି ବସିଥିଲେ । ମଠର ପହଞ୍ଚିବା ସଙ୍ଗେ ସଙ୍ଗେ ଦଉଡ଼ିପାଇଁ ତା'ଙ୍କୁ କୋଳ କରି ଆଣିଲେ । ଖାଇବା ଜିନିଷ ପ୍ରସ୍ତୁତ ଥିଲା । ଏକା ଟେବଲ୍‌ରେ ବସି ହସିହସିକା ଭିନିହେଁ ଆରମ୍ଭ କଲେ ରାତି ଭୋଜନ ।

ସବୁଦିନ ପରି ସେଦିନ ବି ରେଖାକୁ କୋଳରେ ପୂରେଇ ମେସା ଶୋଇଲେ । ଆଉ ଖଟରେ ଶୋଇଲା ଇଭ—ଆପଣା ଜନମ କଲା ଝିଅ ।

ସଭିଙ୍କ ଆଖିରେ ପଡ଼ିକେ ଘୋଟିଗଲା ଗାଢ଼ ନିଦ । ହେଲେ ରେଖା—ରେଖା ଆଖିରେ ପଲକଟିଏ ବି ପଡ଼ିଲା ନାହିଁ ବହୁ ଚେଷ୍ଟାରେ । ଦୁନିଆ ସାକର ସବୁ ଚିନ୍ତା, ସବୁ ବ୍ୟଥା ଯେମିତି ଆସି ଏକାବେଳକେ ଠୁଳ ହେଇଗଲା ମନ ଭିତରେ । ଛ'ମାସକାଳ ଜେଲ୍‌ର ଅନ୍ଧକାରମୟ ସଂକୁଚିତ ସେଲ୍‌ରେ ରହି ରହି ସେ ଏତେଦିନେ ବାହାରକୁ ଆସିଛି । ବାହାରର ଆଲୋକ, ପବନ, ଗଛଲତା, ନଦନଦୀ, ପାହାଡ଼ ପର୍ବତର ମଧୁମୟ ବାତାବରଣ ତଳେ ମୁକ୍ତ ବିହଗ ଭଳି ମନ ଆନନ୍ଦରେ ଉଡ଼ିପାରୁଛି ଆଜି । ତା'ଛଡ଼ା କେତେ ଘନିଷ୍ଠ ସାଙ୍ଗସାଥି, ବନ୍ଧୁ ବାନ୍ଧବ, ଗୁରୁ ଗୁରୁଜନଙ୍କ ସାକ୍ଷାତ ଲାଭ ବି କମ୍ ସୌଭାଗ୍ୟର କଥା ନୁହେଁ । ମଦର୍ ମେସାଙ୍କର ପେଟଖୋଲା ସ୍ନେହ ଶରଧା ତ ଜୀବନରେ ଏକ ଗର୍ବର ସାମଗ୍ରୀ । ସର୍ବୋପରି ଆଜିର ବିଭିନ୍ନ ସାଧାରଣ ସଭାରେ ଜନତାର ଯେଉଁ ବିପୁଳ ଆଦରି ଅଭ୍ୟର୍ଥନା ତା'ଏକ ଆଶାତୀତ ଗୌରବର ବିଷୟବସ୍ତୁ । କେତେ ବଡ଼ ବଡ଼ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ବି ଏ ଗୌରବ ମିଳୁଥିବ କି ନାହିଁ ସନ୍ଦେହ । କିନ୍ତୁ ଆଶ୍ଚର୍ଯ୍ୟ—ଏତେ

ଆନନ୍ଦ ଭିତରେ ଥାଇଁ ବ ରେଖା ପ୍ରାଣରେ ଦୁଃଖର ରେଖା । ଜୀବନରେ ପ୍ରଥମ ଥରପାଇଁ ଆଖିରୁ ଝରିଛି ଅଶ୍ରୁ ।

କଲେଜ ଜୀବନଠାରୁ ଆରମ୍ଭକରି ସାଧାରଣ କ୍ଷେତ୍ରର କର୍ମୀ ଜୀବନ ପର୍ଯ୍ୟନ୍ତ ସବୁଠାରେ ସେ ବହୁ ବହୁ ଯୁବକଙ୍କ ସଂସ୍ପର୍ଶରେ ଆସିଛି । କେତେ କବି, କେତେ ଶବ୍ଦକର, କେତେ ତରୁଣ ଶିଳ୍ପୀ, କେତେ ନିଷ୍ଠାପର ଦେଶ ସେବକଙ୍କ ସହିତ ସେ ମିଶିଛି, ବସିଛି, ଆଳାପ ଆଲୋଚନା କରିଛି, ମାସ ମାସ ଧରି ସହକର୍ମୀ ଭାବେ କାମ ବି କରିଛି । ଗୋଟି ଗୋଟି ହୋଇ କୋଡ଼ିଏଟି ବସନ୍ତ ଆସି ତା'ଦେହ ମନରେ କଅଁଳ ହାତ ବୁଲେଇ ଦେଇ ଗୁଲିଗଲାଣି । କିନ୍ତୁ କାହିଁ ? କେବେ ତ ସେ ଏପରି ଚଞ୍ଚଳ ହୋଇ ଉଠି ନଥିଲା । କେବେ ତ ଏପରି ଲାଜ ସଙ୍କୋଚ ଭୁଲି ଥର ଥର ହୋଇ ଝରିପଡ଼ି ନଥିଲା ସେ । ତା'ହେଲେ କିଏ ତା'ମନ ଗହନରେ ଏ କାଉଁରୀ କାଠି ଛୁଆଇଁଦେଇ ଏଭଳି ବାଘୁଣୀ କରିଦେଲା ? କିଏ ତା'ର ପାଷାଣ ହୃଦୟରେ ଝରାଇଦେଲା ଏ କୁଳୁ କୁଳୁ ଝରଣା ?

ଦିବାକର ? ହଁ ଦିବାକର । ଦିବାକରର ଦରଶନରେ ଏତେଦିନେ ପାଖୁଡ଼ା ମେଲି ଫୁଟି ଉଠିଛି ପଦ୍ମ । ବସନ୍ତ ଆସିଛି— କୋଇଲି ଗାଇଛି—ମଳୟର ପରଶ ପାଇ ସରୋବରରେ ନାଚିଉଠିଛି ନୀଳଜଳ । ସବୁଜ ପତ୍ରଗହଳରେ ଲାଜ ଢଳ ଢଳ ମଥାଟି ଟେକି ଶତଦଳ ଭାବୁଛି—ଥରେ ଯଦି ଅଂଶୁମାଳୀ ସରଗ ରାଇଜ ଛାଡ଼ି ହେଲେଇ ଆସନ୍ତେ ଏ ମରତ ଭୂଇଁକି······

କିନ୍ତୁ ଏ କ'ଣ ? ହଠାତ୍ ଏ ଘନ ବଉଦମାଳା କେଉଁଆଡ଼ୁ ଖସି ଆସିଲା । ଗୁହୁଁ ଗୁହୁଁ ଅଂଶୁମାଳୀଙ୍କି ଏକାବେଳକେ ଘୋଡ଼ାଇ

ଦେଖିଲା ସେ···ସପନ ଦେଖିଲା ଭଳି ରେଖା ଚମକି ପଡ଼ିଲା । କଣ ଭାବୁଛି ସିଏ ? କାହିଁକି ମନେ ମନେ ଦେଖୁଛି ଏ ସୁନେଲି ସ୍ୱପ୍ନ ? ବାସ୍ତବରେ କି କେବେ ଏହା ସମ୍ଭବ ହୋଇପାରେ ? ଏତେବଡ଼ ଆଦର୍ଶବାଦୀ, ଦେଶପ୍ରେମୀ ଯୁବକ—ଜାତି, ବଂଶ, କୁଳ--ସବୁଥିରେ ବହୁଗୁଣରେ ଶ୍ରେଷ୍ଠ । ସେ କ'ଣ କେବେ ଏହି ଅତି ତୁଚ୍ଛ ରାସ୍ତାକଡ଼ର ଭିକାରୁଣୀର ଝିଅଟାକୁ······ନା, ନା ଆଗକୁ ଆଉ ଭାବିପାରିଲା ନାହିଁ ରେଖା । ଦିବାକରକୁ କାହିଁ କେଉଁ ଗୋପନତମ ଗହ୍ୱରରେ ଲୁଚେଇ ରଖି ଆକାଶସାରା ଘୋଟିଗଲା ଘନ ବାଦଲ । ଝର ଝର ହୋଇ ଝରି ପଡ଼ିଲା ବର୍ଷା···ତକିଆ ଉପରେ ମୁହଁ ମାଡ଼ି ରେଖା ଭେ ଭେ କାନ୍ଦି ଉଠିଲା ।

ଧଡ଼ପଡ଼ ହୋଇ ମେଘା ଉଠି ରେଖାକୁ କୋଳକୁ ଟାଣି-ନେଲେ-"କଣ ହେଲାରେ ମା' ! ଏବେ ନାହିଁ କାଲେ ନାହିଁ ଆଜି କାହିଁକି ତୋ' ଆଖିରେ ଲୁହ ? କହ ମା', କ'ଣ ତୋ'ର ଅଭାବ ? ଯରଗର ଦୂର ହେଲେ ବି ଏଇ ମୁହୂର୍ତ୍ତରେ ମୁଁ ତୋଳା ଆଣି ଦେବି ।"

ରେଖା ମୁଖରେ କିନ୍ତୁ ଭାଷା ନଥିଲା । ଆଖିରୁ ଝରୁଥିଲା ଅଝର ଝର ଲୁହ । ମେଘାଙ୍କ ଛାତିରେ ମୁହଁ ଗୁଂଜି ସେ ଖାଲି ବେଶୀ ବେଶୀ କାନ୍ଦିବାକୁ ଲାଗିଲା ।

## —ତେର—

ହାଟ ସେଦିନ ହୁଲ୍ ହୁଲ୍ ପଡ଼ିଗଲା । ଶହ ଶହ ଲୋକ ସଉଦା ନେଣା ଗୁଡ଼, ଦୋକାନ ପତ୍ର ଛାଡ଼ି ମୁହୂର୍ତ୍ତକେ ଆସି ଜମା ହୋଇ

ପଡ଼ିଲେ । ସଭିଙ୍କ ମୁହଁରେ ଆଶଙ୍କାର ଚିହ୍ନ । ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଛନ୍ତି ଲୋକଟି ଆଡ଼େ ।

ଦିବାକର କିନ୍ତୁ ନିଶ୍ଚେତବନ୍ଧା । ଗୋଟାଏ ଗଜା ଆମ୍ବଗଛ ମୂଳକୁ କୁଣ୍ଢେଇ ଧରି କହୁଛି—"ହାଣ—ଆଗ ମୋତେ ହାଣିସାର ତା'ପରେ ଯାଇଁ ଏ ଗଛକୁ ହାଣିବ । ତା'ଆଗରୁ ମୁଁ କେବେ ହଟେଇ ଦେବି ନାହିଁ ।"...ଗଛକୁ କୁଣ୍ଢେଇ ଧରି ତଳକୁ ମୁହଁମାଡ଼ି ହାମୁଡ଼େଇ ପଡ଼ିଛି ସେ, ଉପରେ ଲହ ଲହ କରୁଛି ଚାରି ଚାରିଟା ମସ୍ତବଡ଼ ଧୋବା କୁରାଢ଼ୀ ।

ଲୋକେ ତଟସ୍ଥ । ଜମିଦାର ସୁଟ୍ ପିନ୍ଧି ଥନ୍ତଲ୍ ପେଟ ଦେଖେଇ ମଟରର ଭିତରେ ବସିଛନ୍ତି । କ'ଣ କରିବେ କିଛି ବୁଦ୍ଧି ବାଟ ପାଉ ନାହାଁନ୍ତି ।

ଭୁଁ କନା ହର୍ଣ୍ଣ ବଜେଇ ଭୁସ୍କିନା ଆସି ମଟରରୁ ଓହ୍ଲେଇ ପଡ଼ିଲା ରେଖା । କଟକରୁ ସେ ସ୍ଥାନ ଚାରିମାଇଲ୍ ବାଟ । ହେଲେ ବି କାହାଠଉଁ ଶୁଣିପାରି ବିଜୁଳି ପରି ଧାଇଁ ଆସିଛି ସେ । ସିଧା ସଳଖ ମଟରର ପାଖକୁ ଯାଇଁ ଜମିଦାର ସାହେବଙ୍କୁ କହିଲା—"ଦେଖନ୍ତୁ, ଏ କୋଡ଼ିଏ କୋଶ ଅଙ୍କରାତରେ ଯେତେ ଯୋଉଠି ନାଟ, ତୋଟା, ବାଡ଼, ବଗିଚା ଥିଲା ସବୁ ଆପଣ କାଟି ସଫା କରି ଦେଲେଣି । କେତେ ବଡ଼ ବଡ଼ ଗଜା ଆମ୍ବତୋଟାମାନ ଆପଣଙ୍କ ଲୋଲୁପ ଦୃଷ୍ଟିରେ ପଡ଼ି ଆଖି. ପିଛୁଡ଼ାକେ ପଦା ହୋଇଯାଉଛି, ଜମିଦାରୀ ଖସିଯିବା ଭୟରେ ଆପଣ ଏକାବେଳକେ ଅନ୍ଧ ହୋଇ ଗଲେଣି ! ହେଲେ ଏଭଳି ଅନ୍ୟାୟ କେବେ ଧର୍ମ ସହିବ ନାହିଁ । ଏ ଆଲୁଅ ଯୁଗରେ ଲୋକେ ବି କେବେ ବରଦାସ୍ତ କରିବେ ନାହିଁ ଆପଣଙ୍କର ଏ ମନମୁଖୀ ଶୋଷଣ ।"

ଜମିଦାର ତାଚ୍ଛିଲ୍ୟଭରା ହସ ହସିଲେ—"କିଏ ତମେ ? ଏ ମୋର ଜମିଦାରୀ ଇଲାକା । ଏଠି ମୁଁ ଯା' ଇଚ୍ଛା ତା' କରିପାରେ । ବେଶୀ ଗୋଲମାଲ କଲେ ତମକୁ ମୁଁ ପୁଲିସ ଆଣି ଆରେଷ୍ଟ କରେଇବି ।"

"ବେଶ୍, ତାହାହିଁ କରନ୍ତୁ । କିନ୍ତୁ ଆମେ କୌଣସିମତେ ଗଛ କଟେଇ ଦେବୁ ନାହିଁ"—କୁଳପଡ଼ା ଜନତାଙ୍କୁ ସମ୍ବୋଧନ କରି ରେଖା କହିଲା—"ଦେଖନ୍ତୁ, ଆପଣ ଏମିତି ମଲମୂଷା ଭଳି ପଡ଼ି ରହିଥିବାରୁ ଜମିଦାର କରି ଚାଲିଛି ଏ ଶୋଷଣ । ଆଖିରେ ଆଙ୍ଗୁଠି ଗେଞ୍ଜି ଛଡ଼େଇ ନେଇ ଯାଉଛି ଆପଣଙ୍କ ପିଲାଙ୍କୁଆଙ୍କ ତୁଣ୍ଡର ଆହାର—ଗଛ, ମାଛ, ଗୋଚର, ଅନାବାଦୀ । ଏହାର ତୀବ୍ର ପ୍ରତିରୋଧ କରନ୍ତୁ-ସମସ୍ତଙ୍କର ମଙ୍ଗଳ ପାଇଁ କେତେଜଣ ହୁଏତ ନସଥିପାଇଁ କଷ୍ଟ ସହିବାକୁ ପ୍ରସ୍ତୁତ ହୋଇ ପଡ଼ନ୍ତୁ ।"

ଜମିଦାରଙ୍କୁ ଚାହିଁ କହିଲା-"ଆସନ୍ତୁ, ଗଛ ହାଣିବେ ତ, ଧବାକର ବାବୁଙ୍କ ସହିତ ମୋତେ ମଧ୍ୟ ଏଇ ଗଛମୂଳେ ଆଗ ହାଣନ୍ତୁ । ତା'ପରେ ଯାଇଁ ଗଛରେ ଚ୍ୱେଟ ବସେଇବେ ।"

ରେଖା ବି ଯାଇଁ ସେହି ହାଣକୁରାଢ଼ୀ ମୁହଁରେ ବେକ ଦେଖେଇ ଦେଲା ।......ଲୋକେ ତ ଆଉ ଏବେ ନିର୍ଜୀବ କାଠ ପଥର ନୁହନ୍ତି । ଆଖି ଆଗରେ ନିତ ନିତି ଦେଖୁଛନ୍ତି ଗାଁକୁ ଗାଁ ଚୋଟା ପଦା ହୋଇଯାଉଛି । ଜମିଦାରଙ୍କ ସିନ୍ଦୁକ ପୂରି ମଠର ଉପରେ କଣା ହେଉଛି ମଠର ଆଉ ଏଣେ ଗ୍ରାଇତଳଆ ଗାଁ ଗୁଡ଼ିକ ହେଉଛି ମଶାଣି ପଦା । କେତେ ଆଉ ସେମାନେ ସହିବେ ? ଖାଲି କେହି ମଙ୍ଗୁଆଳ ନଥିବାରୁ ତାଙ୍କର ବହପ ପାଉ ନଥିଲା ସିନା, ତା'

ନ ହେଲେ ଲୋକେ ବନ୍ଧୁଆଗରୁ ଡାଡିକରି ରହିଥିଲେ । ସମସ୍ତେ ସମସ୍ୱରରେ କହିଉଠିଲେ-"ହଁ, ହାଣନ୍ତୁ ଜମିଦାର ସାହେବ-ଖାଲି ଆପଣ ଦି'ଜଣଙ୍କୁ ନୁହେଁ ଆମ ସମସ୍ତଙ୍କୁ ବି ହାଣନ୍ତୁ ସେ । ତା' ପରେ ଯାଇଁ ଗଛ ହାଣିବେ । ଦେଶ ତ ମଶାଣି ହେଲାଣି, ଆଉ କ'ଣ ହବାକୁ ବାକି ଅଛି ?"...ସମସ୍ତେ ଲଟ୍‌ଲାଟ୍ ଯାଇଁ ଗଛ ଗଛପାଖ ମାଟି ଉପରେ ଶୋଇ ପଡ଼ିଲେ ।

ଜମିଦାରଙ୍କ ମନରେ ଚେତା ପଶିଲା । ଗୁଣ୍ଡତ୍ର କମି ଆସିଲା ତାଙ୍କ । ନରମ ହେଇ ମଟରରୁ ଓହ୍ଲେଇ ଆସି ଦିବାକର, ରେଖାକୁ ପାଖକୁ ଡ଼ାକିଲେ । ଲଜ୍ଜାରେ ମୁଣ୍ଡ ପୋତେଇ ଜଳଗଲେ ବି ସମାଧାନ କରିବାକୁ ବାଧ୍ୟ ହେଲେ ସେ । ... ... ସେଦିନ ଗଛକଟା ବନ୍ଦ ରହିଲା । ଖାଲି ସେଦିନ କାହିଁକି, ସେହି ଦିନଠୁ ପ୍ରାୟ ଗଛକଟା ବନ୍ଦ ହୋଇଗଲା ସେ ଅଂଚଳରେ ।

ଲୋକମାନଙ୍କୁ ବୁଝାସୁଝା କରି ଦିବାକର, ରେଖା ଏକା ମଟରରେ ମିଲ୍‌କୁ ଫେରିଲେ । ରେଖା ଡ୍ରାଇଭିଂ କରୁଥାଏ । କ୍ଲିନର ବସିଥାଏ ପଛ ସିଟ୍‌ରେ । ଦିବାକରଙ୍କୁ ରେଖା ଅନୁରୋଧ କଲା ସାମନା ସିଟ୍‌ରେ ବସିବାକୁ ।

ବାଟରେ —

ରେଖା ହସିହସି କହିଲା – "ବାଃ, ଲକ୍ଷେବାର ଧନ୍ୟବାଦ୍ ଆପଣଙ୍କୁ । ଆପଣଙ୍କ ଦୁଃସାହସ ଦେଖି ତ ମୁଁ ଏକାବେଳକେ ଡ଼ରି ଯାଇଥିଲି । ଯେତେହେଲେ ଅର୍ଥପିପାସୁ, କୃପଣ ଜମିଦାରଟା— ନାହିଁନାହିଁ ଯଦି ରଣ୍ଡାଳ ବନ୍ଧି କରି ... ... ...

"କରୁ - ଷଣ୍ଡ କ'ଣ ? କୁରାଢ଼ୀ ଚୋଟରେ ହୁଏତ ଗୋଟାଏ ମୁଣ୍ଡ କଟିଯାଇଥାନ୍ତା, କିନ୍ତୁ ଲକ୍ଷେ ମୁଣ୍ଡରେ ତା' ଆଣି ନ ଥାନ୍ତା କି ଉତ୍ସାହ--ଉତ୍ତେଜନା ? ତତଲା ରକ୍ତ ଦେଖିଲେ ସାଙ୍ଗେ ସାଙ୍ଗେ ତାତି ଉଠି ନଥାନ୍ତେ ଲୋକେ। ଆଜି ସେତିକରେ ତ ହୋଇଥାନ୍ତା ସବୁ ସମସ୍ୟାର ସମାଧାନ। ଏ କ୍ଷୁଦ୍ର ଜୀବନ ବି ସାର୍ଥକ ହୋଇଥାନ୍ତା ସେ ପବିତ୍ର ବଳରେ।"

"ହେଲା ଯେ, ଜୀବନଟା କ'ଣ ଏତେ ଶସ୍ତା ?"

ଦିବାକର ଟିକିଏ ହସିଲା। କହିଲା—"ଆପଣ ପରା ନିଜେ ସେଦିନ ମ୍ୟୁନିସିପାଲିଟି ପଡ଼ିଆ ସଭାରେ କହୁଥିଲେ—'ମଣିଷ ଜୀବନ ପରପାଇଁ। ଯିଏ ତା' ନକରି ଖାଲି ନିଜ ପାଇଁ ସାଇତି ରଖେ, ସେ ସ୍ୱାର୍ଥପର······।"

ରେଖା ମନ ଗର୍ବରେ ପୂରି ଉଠୁଥିଲା। ଟିକିଏ ରହି କହିଲା—"କିନ୍ତୁ ଯୋଉ ଜମିଦାରଙ୍କୁ ବଡ଼ବଡ଼ିଆ ଘଣ୍ଟା ଦୋଳେଇ ରଖିଛନ୍ତି, ତାଙ୍କୁ ଆମଭଳି ରାମା ଶାମା କେଇଜଣ ହୁରୁଡ଼ା ହୁଡୁଣ୍ଡ କଲେ କ'ଣ ହେବ ? ଜମିଦାରୀ ଉଠେଇବେ ଉଠେଇବେ କହି ସଙ୍ଗେ ସଙ୍ଗେ ଉଠେଇଲେ ନାହିଁ। ଫଳରେ ଏ ସମସ୍ତ ଜୁଆଚୋରି। ଏଣେ ହଜାର ହଜାର ଟଙ୍କା ଖର୍ଚ୍ଚ ହୋଇ କରା ହେଉଛି ବନ ମହୋତ୍ସବ, ଆଜି ଏଣେ ଦିନ ଦି'ପହରେ ସେହି ବଡ଼ବଡ଼ିଆଙ୍କ ନାକ ଅଗରେ ଚାଲିଛି ବନ ଉତ୍ପାଟନ—ବୃକ୍ଷ ଛେଦନ। ଏଥିରେ କ'ଣ କରିବେ ? ଖେତ ଖାଇଗଲା ବୋଲି ମାଲିକଙ୍କୁ ନ କହି ଏ ଗାଈଙ୍କି ବାଡ଼େଇ ଲାଭ କ'ଣ ?"

"ବୁଝିଲି। ମୋର ତ ରାଗ ହୁଏ, ଗାଈ ମାଲିକ ଉଭୟଙ୍କୁ ପିଟି ପିଟି ସିଧା କରି ଦେବାକୁ। କିନ୍ତୁ ତା'କଲେ ଆଇନ୍ ଆମକୁ

ବାନ୍ଧ ନବ ନାହିଁକି ? ବରଂ ଗାଣ୍ଡିକ ଆଗ ଦ'ସ୍ତର ଥର ନେଇ କାଂଜିଆହୁଡାରେ ପକେଇବା । ତେଣିକି ଯଦି ଫଳ ନ ହୁଏ—ପୁଣି ଯଦି ଗାଣ୍ଡ ଫେଲିଆ ହେଇ ଆସି ଆମ ଖେତକୁ ମୁହଁ ବଢ଼ାଏ, ତା'ହେଲେ ସଭିଏଁ ସଦଳବଳେ ଯାଇଁ ପହଞ୍ଚିବା ମାଲିକ ପାଖରେ ।"

"ବାଃ, ସୁନ୍ଦର ସିମିଲି ତ ( ଉପମା )"—ରେଖା ହସି ଉଠିଲା—"କିଂନ୍ତୁ ଆପଣ ଜାଣନ୍ତି, ଏଇ ଆପଣଙ୍କ ଗାଣ୍ଡି ଆଉ ମୋ ଜମିଦାରଙ୍କୁ କେତେ ମୋଟାମୋଟା କ୍ଷତିପୂରଣ ଦିଆଯାଉଛି ତାଙ୍କ ଜମିଦାରୀ ପାଇଁ ?"

"ଜାଣେ ଆଜ୍ଞା । ଥୋଲିବାଲା ଗୋଷ୍ଠୀଙ୍କର ଏ ଦସ୍ତୁର କଥା, ତେଲିଆ ମୁଣ୍ଡରେ ତେଲ ନ ଦେଲେ ତାଙ୍କ ଗୁଣ୍ଡ ଫାଟିଯିବ । ସେମାନେ ତ ଯୋଉ ମୂଳଧନରେ ଜମିଦାରୀ କିଣିଥିଲେ, ତା'ର ଶହେ ଗୁଣ କାହିଁକି ହଜାର ଗୁଣ ମାରି ନେଇ ସାରିଲେଣି—ପୁଣି ଆହୁରି ଦିଆଯିବ କାହିଁକି ? କ'ଣ ଜମିଦାରୀ ନେଇ ତା'ଙ୍କୁ ପୁଣି ନୂଆ ଶୋଷକ, ପୁଂଜିପତି, ମିଲ୍‌ମାଲିକ କରିବାକୁ ? ମାଛ ତେଲରେ ଯିଏ ମାଛ ଭାଜୁଛନ୍ତି ତାଙ୍କୁ ପୁଣି ଯଶ ହେଉଛି ଶହେ ଗାଡ଼, ଦୁଇଶ' ଗାଢ଼ ଲେଖା ତେଲ ଅଥଚ ଆମେ ଗରିବ ଗୁଡ଼ା ଏଣେ ପେଟ ଜ୍ୱଳନରେ ଏକାବେଳକେ ମରିଗଲୁଣି ।···ପୁଣି ସେତିକିରେ ଶେଷ ହେଉନାହିଁ ଏ ଟ୍ରାଜେଡ଼ି । ଓଡ଼ିଶାରେ ତ ତିନିଭାଗ ବେଛପର ଜମିଦାର । କଲିକତାରେ ଇଷ୍ଟଇଣ୍ଡିଆ କଂପାନୀ ଅଫିସରେ କିରାଣୀ, ଚପରାସୀ କାମ କଲାବେଳେ ନାନାଦି ଫଂଦକ ଧରି ଶାଗ ମାଛରେ କିଣି ନେଇଛନ୍ତି ଓଡ଼ିଶାର ଜମିଦାରୀତକ । ବକ୍‌ସି ଜଗବଂଧୁଙ୍କ ସେଉଠି

କଲ୍ଲା ଖଲ୍ଲଭଳ ଅଧିକାଂଶ ଜମିଦାରୀ ହସ୍ତାନ୍ତର ହୋଇଛି ଏଇ କୂଟ, କପଟ, ଜାଲ, ଜୁଆଚୋରି ଭିତରେ । ବର୍ତ୍ତମାନ ସେହି ଷଡ଼ଯନ୍ତ୍ର ପାଇଁ ତାଙ୍କଠାରୁ ଯଥେଷ୍ଟ ଜୋରିମାନା ଆଦାୟ କରି ନ ହୋଇ ଓଲଟି ତା'ଙ୍କୁ କ୍ଷତିପୂରଣ ଦେବାଟା କେଡ଼େ ହାସ୍ୟାସ୍ପଦ କଥା ! !...”

ରେଖା ବଡ଼ ଗମ୍ଭୀର ହୋଇ ଉଠିଥିଲା । କଥା ମଝିରେ ବାଧା ଦେଇ କହିଲା—“ନା, ନା, ଏ ବଡ଼ ସଙ୍କୀର୍ଣ୍ଣ ମନୋଭାବ, ଏଠି ଧନୀ ଦରିଦ୍ର, ଶୋଷକ ଶୋଷିତଙ୍କ ଭିତରେ ସଂଘର୍ଷ ହେଉଛି । ତା' ଭିତରକୁ ଏ ହୀନ ପ୍ରାଦେଶିକତା ଟାଣି ଆଣିବା ଅସୁନ୍ଦର ହେବ ।”

“ଟିକିଏ ସହିଷ୍ଣୁ ହେଲେ ବୋଧେ କଥାଟା ଏତେ ଅପ୍ରାସଙ୍ଗିକ ବା ଅସୁନ୍ଦର ଜଣା ଯିବନି । ମୁଁ ସେହି ଶୋଷକ ଶୋଷିତଙ୍କ କଥା କହୁଛି । ଟିକିଏ ତଳେଇ କରି ଦେଖିଲେ ଜାଣି ପାରିବେ—ଇଂରେଜ ଭାରତୀୟଙ୍କ ଭିତରେ ଯୋଉ ସମ୍ପର୍କ, ଅଣ ଓଡ଼ିଆ ଓଡ଼ିଆଙ୍କ ଭିତରେ ସେହି ସମ୍ପର୍କ, କଟକ ସମ୍ବଲପୁରୀଙ୍କ ଭିତରେ ସେହି ସମ୍ପର୍କ—ସବୁଠେଇଁ ସେହି ଶୋଷକ ଶୋଷିତଙ୍କ ସମସ୍ୟା । ପୁଂଜିପତିମାନେ ଖାଲି କମ୍ୟୁନିଷ୍ଟ ନାଁ ଶୁଣୁ ଶୁଣୁ ଛାନିଆ ହୋଇ ପଡ଼ନ୍ତି ଭଳି, ଏଇ ସମସ୍ୟାର ସାମାନ୍ୟ ଟିକିଏ ଆଭାସ ପାଇଲାମାତ୍ରେ ତା'କୁ ସଙ୍କୀର୍ଣ୍ଣ ପ୍ରାଦେଶିକତା କହି ଉଡ଼େଇ ଦେଲେ ଚଳିବ ନାହିଁ । ଏତେ ମହାଭାରତୀୟ ହେଉଁ ହେଉଁ ଶେଷରେ ଆମେ ଆତ୍ମପ୍ରତ୍ୟୟ ହରେଇ ବସିବା । ଅନ୍ୟମାନଙ୍କ ରୂପରେ ପଡ଼ି ହୁଏତ ଦିନେ ଏକାବେଳକେ ଅସ୍ତିତ୍ୱ ହରେଇବ ଆମ ଜାତି, ଆମ ଦେଶ, ଆମ ଭାଷା, ଆମ ସଂସ୍କୃତି...”

୭

"କିନ୍ତୁ ବଡ ବଡ଼ ଅନୁଷ୍ଠାନରେ ବା ବଡ ବଡ ଗୃହକର୍ମ-ବାବଦରେ ଅଣଓଡ଼ିଆଙ୍କୁ ଆଣି ନ ରଖିଲେ ଆମର ସେଥିପାଇଁ ଲୋକ କାହାଁନ୍ତି ?"

"ମାନୁଛି । ମେଡ଼ିକାଲ୍ କଲେଜରେ ବଡ଼ ବଡ ପ୍ରଫେସର ଅଣଓଡ଼ିଆ ହୋଇପାରନ୍ତି, କିନ୍ତୁ ଗ୍ରାମମଙ୍ଗଳ ବିଭାଗରେ ଅଣଓଡ଼ିଆଙ୍କୁ ଆଣି ଭରିତ୍ତି କରିବାରେ ଯଥାର୍ଥତା କାହିଁ ? ତା' ଛଡ଼ା ପ୍ରାଦେଶିକତା ଆପଣ କାହାକୁ କହୁଛନ୍ତି କି ? ଆମେ ତ ଅନ୍ୟ ଜାତି ଉପରେ ଜବରଦସ୍ତ ନେଇ ଆମ ଭାଷା ବା ଭାବ ଚପେଇ ଦେଉନୁ ବା ତାଙ୍କ ଉପରେ କୌଣସି ପ୍ରକାର ଜୁଲମ ବା ଅତ୍ୟାଚାର କରୁନୁ । ଆମେ ଖାଲି ଚାହୁଁଛୁ ଆମ ନିଜର ସ୍ୱାର୍ଥରକ୍ଷା— ଆମ ସଂସ୍କୃତିକୁ ନେଇ ବଂଚେଇ ରଖିବା । ଏହାକୁ ତ କେବେ ପ୍ରାଦେଶିକତା କୁହା ଯାଇନ, ବରଂ ଏଇ ଅଂଚଳକୁ ଶିକ୍ଷା, ସଭ୍ୟତା, ଆଲୋକ, ଅଗ୍ରଗତି ସବୁ ଦିଗରେ ଉତ୍ତମ ରୂପେ ପରିପୁଷ୍ଟ କରି ପାରିଲେ ଭାରତ ରାଷ୍ଟ୍ରର ଗୋଟିଏ ଅଙ୍ଗ ପରିପୁଷ୍ଟ ହେବ— ବଳବାନ୍ ହେବ । ତା'ନ ହେଲେ ହୁଏତ ରାଷ୍ଟ୍ରର ଏଇ ଅଙ୍ଗଟି ଦୁର୍ବଳ ହୋଇ ପଡ଼ିବ । ଫଳରେ ସାରା ଦେହରେ ହେବ ଯାତନା । ଆଜି କିଏ ଜାଣେ ହୁଏତ ଏଇ ଗୋଟିଏ ଅଙ୍ଗ ପାଇଁ ସମଗ୍ର ଦେହଟା ବି ଦିନେ ଅକର୍ମଣ୍ୟ ହୋଇ ଯାଇପାରେ । ତେଣୁ ଅନ୍ୟମାନଙ୍କ ଶୋଷଣରୁ ନିଜକୁ ରକ୍ଷାକରି ନିଜର ପୁଷ୍ଟି ସାଧନ କରିବା କେବେ ସଂକୀର୍ଣ୍ଣ ପ୍ରାଦେଶିକତା ନୁହେଁ, ବରଂ ତା'ହିଁ ପ୍ରକୃତରେ ମହାଭାରତୀୟ ଜାତୀୟତା ।"

ନଈ ଭିତରକୁ ମଟର ଗଡ଼ିଲା । ରେଖା ଖାଲି ତନ୍ମୟ ହୋଇ ଭାବୁଥିଲା-ବାସ୍ତବିକ ଯୁବକଟି ଦେଶ ପାଇଁ କେତେ ଗଭୀର ଚିଂତା

କରିଛନ୍ତି—କେତେ ନିବିଡ଼ ଭାବେ ଅନୁଭବ କରିଛନ୍ତି ଏ ଜାତିର ଦୁଃଖ ଦୁର୍ଦ୍ଦଶା । ଭୁଣ୍ଡି ଖୋଲି କିଛି ଉତ୍ତର ଦେଲାନି । ମନ ଭିତରେ କିନ୍ତୁ ତାଙ୍କ ପ୍ରତି ଭରିଗଲା ଅସୀମ ଭକ୍ତି ।

—ଚଉଦ—

ମାଟି କଳସୀଟି କାଖରେ ଧରି ନଈ ଭିତରକୁ ପାଣି ଆଣି ଯାଉଥିଲା ରାଜଲକ୍ଷ୍ମୀ । ବଡ଼ଘରର ଝିଅ, ହେଲେ ଏତ ଆଉ କଟକ ସହର ନୁହେଁ, ମଫସଲରେ ସବୁ ଝିଏ ପାଣି ଆଣନ୍ତି, ମସଲା ବାଟନ୍ତି, ଭାତ ରାନ୍ଧନ୍ତି । ସହର ଭଳି ଖାଲି ସିନେମା, ଥିଏଟର ଦେଖି ଦେଖି ତାଙ୍କ ଦିନ ଯାଏନା ।······ଝିଅଟି ଚବଚବ କରି ପାଣି ଭିତରେ ପଶି ଯାଇଁ ଭୁଠ ପଥର ଉପରେ ବସି ଗୋଡ଼ ଘଷି ହେଲା ।

ହସିହସି ତେଣୁ ଆସି ପହଞ୍ଚିଲା କୁସୁମ । ମନ ଆନନ୍ଦରେ ଭଗଟିଏ ମେଲିଦେଲା—

"ଭୁଠ ନିରମଳ ପାଣି ଗଙ୍ଗାଜଳ
ମୁଗୁନି ପଥର ପଡ଼ିଛି;
କେତେ ଘଷି ମାଜି ହେଉ ଲୋ ସୁନ୍ଦରି
ତୋ ପାଇଁ ପୁରୁଷ ଝୁରୁଛି ।"

କୁଳକୁଆଁଟା ଏ ପଦେକେ ଦେଇ ସେଇ ହସ ମୁହଁରେ ଉତ୍ତର ଦେଲା ରାଜଲକ୍ଷ୍ମୀ—

"ମୁଁ ତ ସୁନା ମୁଁ ତ ରୁପା
ମୁଁ ତ ଅଳପ ବୟସୀ,
ମୋ ପାଇଁ ଯୋଉ ପୁରୁଷ ଝୁରୁଛି
ସେ ତ ଅରଣା ମଇଁଷି ।"

"ହଁ, ଅରଣା ମଇଁଷ ?—ଦଉଛନ୍ତି ରତ୍ନ ଆଣ ଦିବାକରଙ୍କୁ ଲେଖି । ତୋ' ଉପୁର ଯଦି ସେ ନ ରାଗିଛନ୍ତି....."—ହସି ହସି କହିଲା କୁସୁମ ।

"କୋଉ ଦିବାକର ଲୋ—ତତେ ବାହା ହଉନାହିଁ ଦିବାକର ।"

"ହଁ, ଗୁଡ଼ଦବୁ ? ଶୁଣୁଶୁଣୁ ତ କୁଆଡ଼େ ଯାଉଛୁ ନାଲି ବୋହିଲଣି, ଆଜି ଦେଖିଲେ କୁଆଡ଼େ ଗୁଡ଼ଦବ ଇଏ—କାନ-ଅଗରେ ବାନ୍ଧି ସାତ ସିନ୍ଦୂରରେ ଯଦି ପୂରେଇ ନ ରଖିଛୁ...ସତେ ଆମ୍ଭକସି ! ତୋ ଆଖିକାନ ଗୁଣ—ମତେ ମୋଇ ନଉଠି ଦିନ ରାତିରେ ଟିକିଏ ମନେ ପକଉଥିବୁ ।..."

"ଘାକ୍—କେତେ ଉବଡ଼ବଠା ତୁ । କିଏ ଯଦି ଶୁଣିବ..."
"ଶୁଣୁ-ଶୁଣିଲେ କ'ଣ ବାହାଘର ଭାଙ୍ଗି ଯାଉଛି ? ଇସ୍ମାଇଲ ଟଙ୍କା ତ କହୁଥିଲେ ଦୁନିଆ ଓଲଟି ଯିବ ପଛକେ ଏ ବାହାଘର ନିଶ୍ଚେ ହବ ହବ ହବ ।"

"ଆରେ, ମୁଁ କ'ଣ ସେକଥା କହୁଛି । ଯିଏ ଶୁଣିବ, ସିଏ କ'ଣ ଭାବିବ ?"

"ଭାବିବ—ଶ୍ରୀମାନ୍ ଦିବାକରଙ୍କ ସହିତ ଶ୍ରୀମତୀ ରାଜଲକ୍ଷ୍ମୀଙ୍କ ବିଭାଘର ହେଉଛି । ଯଥା—ରାମସ୍ୟ ସୀତା, ରାବଣସ୍ୟ ମନ୍ଦୋଦରୀ, ନଳସ୍ୟ ଦମୟନ୍ତୀ....."

ଠୋ ଠୋ ହୋଇ ହସି ଉଠିଲା ରାଜଲକ୍ଷ୍ମୀ—"ଆଉ ଯଥା କେଶବସ୍ୟ କୁସୁମ"

"ହଉ, ହେଲା ଏବେ, ମୁଁ ତ ଆଉ ମେମ୍ ସାହେବ ହେଇ ଯାଇଁ ଟେବଲ୍‌ରେ ବସି' ବିସ୍‌କୁଟ ଖାଉ ନାହିଁ ?"

"ତୋ'ର ଯଦି ଲୋଭ ହେଉଛି, ତୁଇ ଯା' ମେମ୍ ସାହେବ ହେବୁ ।"

"ଇଲୋ ମାଆଲୋ—ମୋ ଉଲଆ ନାଣ୍ଡିମୁଣ୍ଡି ଖଇରକାଣ୍ଡି କି କିଏ ପଚାରିବ ? ଆଗ ତ ତଟା କହିବେ—ମୋ ଢବାକର ସାଙ୍ଗକୁ ଏ ସାଜିବ ନାହିଁ । ତଟାଙ୍କର ଢବାକର ପ୍ରତି କମ୍ ଲୋଭ କଲେ —ତା'ଲାଗି ପରା କହିଲା ମାତେ ଗାବଦ ଦେଇ ଦେବେ ସେ ।"

ଆରପାଖରେ ବେଣାବୁଦା ଆଡ଼ୁଆଳରେ ବସି ବନସୀ ପକାଉଥିଲେ ତଟା ! ଝିଅ ଯୋଡ଼ିକ ତା'ଙ୍କୁ ଦେଖି ପାରି ନାହାଁନ୍ତି, ହେଲେ ସେ ଶୁଣୁଛନ୍ତି ସବୁକଥା ।

ଘାର୍ଘ ନିଶ୍ୱାସଟିଏ ପକେଇ ରାଜଲକ୍ଷ୍ମୀ କହିଲା-"ହଁ, ତାଙ୍କରି ଲାଗି ତ ଏ ମଣିଷ । ଆପଣା ପୁଅମାଇପଙ୍କୁ ହାଣମୁହଁକୁ ଦେଇ ସେଇ ପରା ବଂଚେଇଛନ୍ତି ଏ ଦି' ଭାଇଙ୍କି । ସେ ମଣିଷ ନୁହଁନ୍ତି ଲୋ ସାକ୍ଷାତ୍ ଦେବତା ।"

"ହଉ, ଦେବତାଙ୍କ ଘରକୁ ଯାଇଁ ଏ ମାନଗାଙ୍କି ଭୁଲି ନ ଗଲେ ହେଲା—"

"ଯା, ସବୁବେଳେ ତୋ'ର ଖାଲି ଫାଜିଲମି—"

"ଆଉ ତୋ'ର ? ତୋ'ର ସବୁବେଳେ ଖାଲି ଢବାକର ଲାଗି ପାଗଳାମି…"

“ଆରେ, ବଡ଼ ଦୁଷ୍ଟ ତ ତୁ । ଦେଖ ଯେ ଦ'ଟା ବସେଇ”

“ଖାର ଦେଖୁବାଲୁ—ଆଉ କା' ହାତରେ ବେଙ୍ଗ ବନ୍ଧା ହେଇଛି କି ?”

ବାଲିମୁଠାଏ ଧରି ରାଜଲକ୍ଷ୍ମୀ ଫୋପାଡ଼ିଲା କୁସୁମ ଉପରକୁ । କୁସୁମ ବି ଛାଡ଼ିବା ଜନ୍ତୁ ନୁହେଁ । ପକେଇଲା ଅଞ୍ଜୁଳା ଅଞ୍ଜୁଳା ପାଣି । ପୁଣି ରାଜ ପକେଇଲା ବାଲି, ମାଟି, ଗୋଡ଼...ତା'ପରେ ଧରାଧରି, ଟଣାଟଣି, କୁଞ୍ଚୁରୁ କାଳିଆ...ନଗରୋଳା ନଈକୂଳଟା କ୍ଷଣକପାଇଁ ଉଚ୍ଛୁଳି ଉଠିଲା ସେ କଳକାକଳିଆ ହସରେ ।

ଚଛା ସବୁ ଦେଖିଲେ—ସବୁ ଶୁଣିଲେ । ଆନନ୍ଦରେ ଦୁଇଟି ଧାର ଲୁହ ଗଡ଼ିପଡ଼ିଲା ପାକେଲା ଦାଢ଼ୀ ଉପରେ । ସେଇ ସ୍ଥିର କରିଛନ୍ତି ଏ ବିଭାଘର । ବଡ଼ଘର ବୋଲି ଦିଗମ୍ବର ମନା କରୁଥିଲା । ଚଛା କହିଲେ-“ନାହିଁ, ଏଇ ମୋର ଗୋଟିଏ ବୋଲି ପୁଅ । ମୋ ମନଖୁସି ମୁଁ ଯୋଉଠି ବିଭାଦେବି, ତମେ କେହି ପାଟି ଫିଟେଇ ପାରିବ ନାହିଁ ।” ...କଲିକତାର ସେହି ଅଧାଭଙ୍ଗା ଅଧାଳିପାଡ଼ା କୋଠାଟା ଚଛା ଜଣକ ପାଖରେ ବନ୍ଧା ପକେଇଛନ୍ତି ଏଇ ବିଭାଘର ପାଇଁ । ଦିଗମ୍ବର, ଦିବାକର ଯେତେ କହି କହି ପାଟିପିଟି ଗଲେ ବି କାହାରି କଥାରେ କାନଦେଇ ନାହାଁନ୍ତି ।

ଚଛାଙ୍କର ଘର ପାଖରେ ଆଉ କେହି ନ ଥିଲେ । ଏପରିକି କଲିକତାରେ ଘରବାଡ଼ି କରି ରହିବା ଦିନୁ ଗାଁରେଥିବା ଘରପର୍ଯ୍ୟନ୍ତ ଭାଙ୍ଗି ଦେଇଥିଲେ ସେ । ଯିଏ ଥିଲେ, ଭାଇ ଭଉଣୀ—ଦୁର ଦୁରାନ୍ତ ବନ୍ଧୁ । ତେଣୁ ସେମାନଙ୍କ ଉପରେ ଯାଇଁ ବୋଝ ହେବାକୁ ତାଙ୍କର ମୋଟେ ଇଛା ହେଲାନି । ଦିବାକର କହିଲା-“ନାହିଁ ଚଛା, ତମେ

ଆମର ପାଖେ ପାଖେ ରୁହ । ତଲେ ହେଲେ ତମକୁ ଦୂରକୁ ଛାଡ଼ି ଆମେ ଶାନ୍ତି ପାଇ ପାରିବୁ ନାହିଁ ।" ବିଗମ୍ବର ବି ସେଇଆ କହୁଥିଲା-"ଚଚା ଆମର ଘରେ ରୁହନ୍ତୁ-ପିଏ ଯାହା କହିଲେ କହିବ ପଛକେ ।" ହେଲେ ଚଚା ଜଣେ ପୁରୁଖା ଲୋକ—ମୁରବି ଲୋକ । ସେ କ'ଣ ଆଉ ଜାଣି ନାହାନ୍ତି ଏହାର ପରିଣାମ କ'ଣ ହେବ । ଓଡ଼ିଶାର ଏଇ ନିପଟ ମଫସଲ ଅଞ୍ଚଳରେ ହିନ୍ଦୁ ଘରେ ଯାଇଁ ଜଣେ ମୁସଲମାନ ରହିଲେ ପରିଣାମ ଯେ କି ଭୟଙ୍କର, ତା' ତାଙ୍କ ଆଖିଆଗରେ ଜଳ ଜଳ ହୋଇ ଦିଶୁ'ଛି । ସେ ପିଲାମାନଙ୍କୁ ବୁଝେଇ ଦେଲେ-"ନାହିଁ ବାବା ! 'ବୁଝି ବିଚାରି କର୍ମକଲେ-ପ୍ରମାଦ ନ ପଡ଼ଇ ଭଲେ ।'ଆମ ଭିତରେ ଯେତେ ସ୍ନେହ, ମମତା ଥିଲେ ବି ଗାଁ ଲୋକେ, ସମାଜ ଲୋକେ ତ ତା' ବୁଝିବେ ନାହିଁ । ଶେଷକୁ ତମକୁ ସବୁ ଜାତିରୁ ଅଟକ କରି ନାନାଦି ଗଣ୍ଡଗୋଳର ସୃଷ୍ଟି କରିବେ । ତା'ଅପେକ୍ଷା ବରଂ ଗାଁ ବାହାରେ ମୋ ପାଇଁ ଖଣ୍ଡେ କୁଡ଼ିଆ କରିଦିଅ । ମୁଁ ସେଇଠାରେ କର୍ମକୁ ଆଦରି ପଡ଼ିଥିବି ।"

ଅବସ୍ଥାର ଗୁରୁତ୍ୱ ଦିବାକର ବୁଝିଲା । ନିଜର ଇଚ୍ଛା ଅନିଚ୍ଛା ସତ୍ତ୍ୱେ ବି ସେଇଆ କରିବାକୁ ବାଧ୍ୟ ହେଲା ସେ ।

ହେଲେ ନାଁକୁ ମାତ୍ର ଖାଲି ଗାଁମୁଣ୍ଡରେ ଘରଖଣ୍ଡିଏ ହେଲା ସିନା, ଗାଁ ଲୋକଙ୍କଠୁଁ କେବେ ଅଲଗା ହୋଇ ପାରିଲେ ନାହିଁ ଚଚା । ମାସ ଦି'ଟାରେ ତାଙ୍କର ସ୍ନେହ କୋମଳ ବ୍ୟବହାର, ହସ ହସ କଥା, ପରୋପକାରୀ ଉଦାର ମନ ଯୋଗୁଁ ଗାଁଟାଯାକର ତିନିପା' ଲୋକ ଟାଣିହୋଇ ଆସିଲେ ତାଙ୍କଆଡ଼େ । ବୁଢ଼ା ଟିକିଏ ହୋମିଓପ୍ୟାଥି ଆଗରୁ ଜାଣିଥିଲେ । ଆଉ ଟିକିଏ ପଢ଼ାପଢ଼ି କରି ଆରମ୍ଭକଲେ ସେହି କାମଟି—ପଇସା ପାଇଁ ନୁହେଁ, ଦୁଃଖୀ

ରଙ୍କୀଙ୍କ ସାହାଯ୍ୟପାଇଁ, ରୋଗ ବଇରାଗରେ ସଢ଼ୁଥିବା ଗରିବ-ଗୁରୁବାଙ୍କ ଉପକାର ପାଇଁ ।......ତା'ଛଡ଼ା ସେ ଜଣେ ବଡ଼ ମାମଲତକାର ଲୋକ । ଗାଁରେ କିଛି କଳିକଜିଆ, ଭଲମନ୍ଦ ହେଲେ ନିଜେ ଯାଇଁ ଦ'ପକ୍ଷଙ୍କ ହାତଓଠ ଧରି ସବୁ ମାମଲା ଗାଁରେ ଗାଁରେ ନିଷ୍ପତ୍ତି କରିଦେଲେ । ଫଳରେ କଚେରୀକ ଟଣାହୋଇ ଲୋକଙ୍କୁ ଆଜି ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଲା ନାହିଁ ।

ଆଜି ନିରାଶ୍ରୟ ଲୋକ ତ ଟିକିଏ କୋଉଠି ଆଶ୍ରୟ ପାଇଲେ ସେ ଆଡ଼କୁ ଢଳିପଡ଼େ । ଖାଲି ଗୋଟାଏ କଳ୍ପିତ ଉପକାରର ଆଶାରେ କେତେ ଗଛ ଦେହରେ ସିନ୍ଦୂର ବୋଳି, ପଥର ଉପରେ ଫୁଲ ଥାପନା କରି ଦିଅଁ ରୂପେ ପୂଜାକରନ୍ତି ଆମଲୋକେ । ଆଉ ଏ ତ କଥାକୁହା ମଣିଷ—ଡାକିଲେ ଓ କରୁଛନ୍ତି—ଆପଦ ବିପଦ ଦେଖିଲେ ଭୋ ଭୋ ହୋଇ କାନ୍ଦି ଉଠୁଛନ୍ତି । ତାଙ୍କୁ ନ ମାନିବ କିଏ ? ତାଙ୍କ ବିରୁଦ୍ଧରେ କଥା କହିବ କୋଉ ଜଣକ ? ସମସ୍ତେ ବୁଢ଼ାଙ୍କୁ ଆପଣା ବାପଭଳିଆ ଭକ୍ତି କରନ୍ତି । ଉପରେ ପଡ଼ି ଆସି ତାଙ୍କର ସୁଖ ସୁବିଧା ପାଇଁ ନାନାଦି କାମ କରିଦିଅନ୍ତି ।

ଶେଷକୁ ଏପରି ହେଲା ଯେ ଦିଗମ୍ବର ଘରୁ ତାଙ୍କର ଆଉ ଖାଇବା ଜିନିଷ ଆସିବା ଅଧିକାଂଶ ଦିନ ଦରକାର ପଡ଼ିଲା ନାହିଁ । ଗାଁଲୋକେ କେତେ ସ୍ନେହ ଆଦରରେ ଆଣି ଭାତ, ତୁଣ, ମାଛ, ସାଗୁଆଣ୍ଡି, ଗୁ, ଦୁଧ ଦେଇଗଲେ । ଓଷାବାର ପୂନେଇ ପରବରେ ତ ଗୁଡ଼ । ପିଠାପଣା, ଖିରି ପୁରିରେ ଘର ଭସିଲା । କା' ଘରେ ଚୁଡ଼ାଘସା ହେଲେ ବଡ଼ାଙ୍କୁ ଆଗ ଦେଇ ଆସ । କା'ର ଅମୃତକୁଣ୍ଡି ହେଲେ ବଡ଼ାଙ୍କ ପାଇଁ ଆଗ ଅଲଗା କରି ରଖ । କିଏ ଆଣି ଏ ଓଳି ଅଣ୍ଡା ସିଝେଇ ଦେଇ ଗଲାଣି ତ କିଏ ଆରଓଳିକି ଆଣିଲାଣି

ତୁଙ୍କୁ ଡ଼ିମାଛର ମଲେଇ। ଏହା ଦେଖି ଆବାକାବା ହୋଇଗଲେ। ଯେତେ ମନା କଲେ ବି କେହି ଶୁଣିବାକୁ ନାହାଁନ୍ତି। ସଭିଙ୍କର ସେଇ ଗୋଟାଏ କଥା – ଆପଣ କ'ଣ ଆମର ବାପ ନୁହଁନ୍ତି? ବାପର ସେବା କରିବା ତ ପୁଅଝିଅଙ୍କ କାମ।

ଆନନ୍ଦରେ କି ଦୁଃଖରେ ଝରଝର ହୋଇ ବୁଢ଼ାଙ୍କ ଆଖିରୁ ଲୁହ ଝରିଆସେ। ନଜମ୍, ହୋସେନ୍ ସମସ୍ତେଙ୍କ ମରି ନାହାଁନ୍ତି। ଯୋଡ଼ିଏ ଦେହ ଗୁଡ଼ି ଏଇ ଶହଶହ ଲୋକଙ୍କ ଭିତରେ ସତେ ବା ନୂଆ ଜନମ ଲଭିଛନ୍ତି ସେମାନେ।... ମନକୁ ମନ ଗୁଣି ହୋଇ ବୁଢ଼ା କାନ୍ଦି ଉଠନ୍ତି।... ଦିଗମ୍ବରର ପୁଅ ଯୋଡ଼ିକ ସାମ୍, ଗୋବିନ୍ଦ ପାଖରେ ବସି ପଢ଼ୁଥାନ୍ତି। ବୁଢ଼ାଙ୍କ ଆଖିରେ ଲୁହ ଦେଖି ପଢ଼ା ଛାଡ଼ି ଯାଇଁ ନଇଁ ହୋଇ ପଡ଼ନ୍ତି ପିଠି ଉପରେ – "କାହିଁକି କାନ୍ଦୁଛ କେଜେ?"... ଗାଁ ଲୋକେ ଆସି ଜମା ହୋଇ ପଡ଼ନ୍ତି। କାହାରି ତୁଣ୍ଡରୁ କଥା ବାହାରେ ନାହିଁ। ଘଡ଼ିଏକାଳ ନୀରବରେ ସଭିଏଁ ଲୁହ ଢ଼ାଳନ୍ତି। ତା'ପରେ କୋଉ ଭେଣ୍ଡା ଯୁଆନ୍ ଆସି ବୁଢ଼ାଙ୍କ ଆଖିରୁ ଲୁହ ପୋଛି ଦେଇ କହେ—"ବାବା! ଆମେ କ'ଣ ତମର ପୁଅ ନୋହୁଁ?"

ବୁଢ଼ାଙ୍କ ଛାତି ବିଦାରି ହୋଇ ଉଠେ। ତା'କୁ କୁଣ୍ଢେଇ ପକେଇ ବେଶୀବେଶୀ କାନ୍ଦି ଉଠନ୍ତି।

—ଦେଢ—

"ଦିବାକର ବାବୁ ଘରେ ଅଛନ୍ତି?"

ନିଜ ଆଖିକୁ ନିଜେ ବିଶ୍ୱାସ କରି ପାରିଲି ନାହିଁ ଦିବାକର। ସ୍ୱୟଂ ରେଖାଦେବୀ ଆସି ବସା ସମ୍ମୁଖରେ ଉପସ୍ଥିତ।—

"ଆସନ୍ତୁ ଆଜ୍ଞା । ନମସ୍କାର"

"ନମସ୍କାର । ଆଜ ଷଢ଼େଇକଳା ଖରସୁଆଁ ମିଶ୍ରଣ ବିରୁଦ୍ଧରେ ଏକ ସାଧାରଣ ସଭା କରା ହେଉଛି କଟକରେ । ଆପଣ ଆସିବେ ନାହିଁ ?"

"ନିଶ୍ଚୟ ଯିବ । ତେବେ ଏ ଗ୍ରାମ୍ୟ ଶାମା ଦାମାଙ୍କ ଦୁଃଖର କଥାକୁ କିଏ ଶୁଣିବ ? ଆମେ ତ ସବୁବେଳେ ଉପର ମହଲକୁ କରପତ୍ର ଯୋଡ଼ି ରହିଛେ । ଟିକିଏ କିଏ କ'ଣ କଲେ କହୁଛେ - ସଂକୀର୍ଣ୍ଣତା—ପ୍ରାଦେଶିକତା । ଅଥଚ ନଜର ଅତି ସଂକୀର୍ଣ୍ଣ ସ୍ୱାର୍ଥ—କ୍ଷମତା ଟିକକ ପାଇଁ ଏ ସମସ୍ତ ଛଳନା—ଅଭିନୟ । ମହାଭାରତୀୟ କହିକହି ତ ଆମେ ଭୁଣ୍ଡୁମା ଦେଲୁଣି, ଷଢ଼େଇକଳା ଖରସୁଆଁ ଦେଲୁଣି, ବିଚ୍ଛିନ୍ନ ଅଂଚଳ କଥାର ଆସିବ ତା'ର ନାଁ । ସାଙ୍ଗିଆ ଧରୁନାହୁଁ । ଏପରି କି ହୀରାକୁଦ, ଭୁବନେଶ୍ୱର, ଚଉଦୁଆର ମିଲ୍‌ରେ ଓଡ଼ିଆଙ୍କୁ ନିକାଲି ଦେଇ ବାହାରୁ ଆଣି ଭରତି କରୁଛନ୍ତି ପଣପଣ ଅଣଓଡ଼ିଆ । ...... ଏ ଜାତିଟାକୁ ସତେ ଯେମିତି ଆମେ ପଶୁଠାରୁ ହୀନ ମଣିଲୁଣି ।"

"ଆହା, ଆପଣ ବଡ଼ ଭାବପ୍ରବଣ ଦେଖୁଛି ତ । ସାମାନ୍ୟ ଟିକିଏ କଥାରେ ଏତେ ସମସ୍ୟା ଭାବି ପାରୁଛନ୍ତି ?"

"ହଁ, ମୁଁ ବର୍ତ୍ତମାନ ପଢ଼ୁଥିଲି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'କଙ୍କାଳର ଆର୍ତ୍ତନାଦ' । ବାସ୍ତବିକ ଏ ଜାତିଟା କେବଳ କଙ୍କାଳ । ତାଙ୍କର ଆର୍ତ୍ତନାଦ ଆମର କର୍ଣ୍ଣ କୁହରରେ ପ୍ରବେଶ କରି ପାରୁନାହିଁ । ସେଥିପାଇଁ ସଭାସମିତି ଦରକାର ନାହିଁ ରେଖାଦେବ—ସେଥିପାଇଁ ଦରକାର ବିପ୍ଳବ—ବିପ୍ଳବ—ଅହିଂସ ବିପ୍ଳବ ।"

"ଆଚ୍ଛା, ଆଚ୍ଛା, ସେକଥା ପରେ ବୁଝିବା । ଆପଣ ଟିକିଏ ଧୈର୍ଯ୍ୟ ଧରନ୍ତୁ ନା । ଆପଣଙ୍କର ଏ ଉଗ୍ରମୂର୍ତ୍ତି ରୂପ ଦେଖିଲେ ସାଧାରଣ ଲୋକେ ଭୟଭୀତ ହୋଇ ପଡ଼ିବେ ଯେ ।"

ଦିବାକର ତଳକୁ ମୁହଁ ପୋତି ନୀରବ ହେଲା । ଟିକିଏ ରହି ରେଖା କହିଲା-"ତା'ହେଲେ ଆସନ୍ତୁ ନା ବର୍ତ୍ତମାନ ଯିବା ଚାଲ—"

"ମୁଁ ପରେ ଗଲେ ଚଳିବ ନାହିଁ ?"

"ନା, ବର୍ତ୍ତମାନ ଆସନ୍ତୁ - ଏଇ କାର୍‌ରେ ଚାଲିଯିବା" ।

ଦିବାକର ଆଉ ଆପତ୍ତି ନକରି ବସାରେ ପହଞ୍ଚ ଦେଲା ।

. . . . . . . . .

ଯଥାବିଧି ସଭା ହୋଇଗଲା । ଷଡ଼େଇକଲା ଖରସୁଆଁ ସହିତ ଦେଶର ଅନ୍ୟାନ୍ୟ ବହୁବିଧ ସମସ୍ୟା ଆଲୋଚନା କରି ରାତି ଦଶଟାକୁ ରେଖା ଦିବାକର ବସାକୁ ଫେରିଲେ । ଦିବାକର ସେହି ରାତାରାତି ଟ୍ୟାକ୍‌ସି କରି ମିଲ୍‌କୁ ଫେରି ଆସିବ ବୋଲି କହୁଥିଲା । ରେଖା କିନ୍ତୁ ଅନୁରୋଧ କଲା-ଆସନ୍ତୁ ନା, ରାତିଟାରେ ଯାଇଁ କ'ଣ କରିବେ ? ନହେଲା ବା କାଲି ଦିନ ଗୋଟାଏ କାମ ମାରା ହେବ ।

"ଲୁହାବାଡ଼ିଆ ଠାରୁ ଏଥିରେ ଜୀବନର ଯଥେଷ୍ଟ ସାର୍ଥକତା ଅଛି ରେଖାଦେବି ! ମଣିଷକୁ ଏତେ ପ୍ରାଣହୀନ ପଥର ବୋଲି ଭାବନ୍ତୁ ନାହିଁ ।

ନିଜର ଭୁଲ ପାଇଁ ନିଜେ ଲଜ୍ଜିତ ହେଲା ରେଖା । ଅନ୍ତରରୁ ଦୁଃଖିତ ହୋଇ କହିଲା-"ହାତ ଯୋଡ଼ୁଛି । କ୍ଷମା କରିବେ । ବଡ଼ ଭୁଲ ହୋଇଗଲା ମୋର ।"

"ନା, ନା, ସେ କଷ୍ଟ ନୁହେଁ । ଲୁଚ୍ଚା କୁ ଲୁଚ୍ଚା ବୋଲି କହିଲେ ସେଥିରେ ଦୁଃଖ କରିବାର କ'ଣ ଅଛି ?"

"ଦିବାକର ବାବୁ !......"—ରେଖାର କଣ୍ଠ ରୁଦ୍ଧ ହୋଇ ଆସିଲା । ଚଲାପଥରେ ଆଉ ପାଦୁଟିଏ ଆଗେଇ ପାରିଲା ନାହିଁ ପାଦ । ଲଥ୍‌କିନା ବସିପଡ଼ି ରେଖା ଦିବାକରର ଗୋଡ଼ ଧରିଲା,........ଆଖିରେ ଅଶ୍ରୁ.........

ବିଜୁଳି ସକ୍ ଲାଗିଗଲା ଭଳି ଚୁଁଡ଼ିକିନା ଚମକି ପଡ଼ିଲା ଦିବାକର—ଏଁ-କ'ଣ ଏ ? ସ୍ୱପ୍ନ ନା ସତ୍ୟ କିଛି ସ୍ଥିର କରିପାରିଲା ନାହିଁ ସେ । ସେଇ ଗୋଟିଏ ଘଟଣାରେ ଯେମିତି ସମାହିତ ହୋଇଗଲା ସ୍ମୃତି ଭିତରର ସମସ୍ତ ଜଟିଳ ସମସ୍ୟା । ନଈ ଦୁଇଟିରେ ସମାନ ଭାବରେ କୂଳ ଉଛୁଳାଇ ଭରା ଶ୍ରାବଣର ବଢ଼ି ଆସିଥିଲା । ଖାଲି ମିଶିଯିବାକୁ ସାମାନ୍ୟ ଟିକିଏ ପବନର ଆବଶ୍ୟକତା ଥିଲା ଯାହା ।...ନଇଁପଡ଼ି ଦିବାକର ଧୀରେ ଧୀରେ ଟେକି ଧରିଲା ରେଖାକୁ—

"ଆହା, ଆପଣ ଏଇ ସାମାନ୍ୟ କଥାରେ ଏତେ ବିଚଳିତ ହୋଇ ପଡ଼ୁଛନ୍ତି । ଆଉ ଦେଶର ବଡ଼ ବଡ଼ ସମସ୍ୟା ସମାଧାନ କରିବେ କିପରି ?"

"ଅପଦାର୍ଥ ମୁଁ । ସାମାନ୍ୟ କଥାପଦେ ଯାହାକୁ କହି ଆସେ ନାହିଁ, ସିଏ ଦେଶକାମ କରିବ କ'ଣ ? କୌଣସି କାର୍ଯ୍ୟ ମୋ ଦ୍ୱାରେ ହବ ନାହିଁ । ମରଣହିଁ ମୋର ଶ୍ରେୟଃ......"

"ଛି, ଏତେ ଦୁର୍ବଳ ହୋଇ ପଡ଼ୁଛନ୍ତି ? ଏଇ ଦେଖନ୍ତୁ—ଏଇ ଯେ ଆକାଶରେ ପୂନେଇ ଚନ୍ଦ ଟହ ଟହ ହୋଇ ହସୁଛି, ତା'

ଭିତରେ କ'ଣ ସାମାନ୍ୟ ଟିକିଏ ଦାଗ ନାହିଁ ? କିନ୍ତୁ ତା'ବୋଲି କ'ଣ ସେ ଯାଇଁ କରୁଛି ସାଗରରେ ଆତ୍ମହତ୍ୟା ? ବରଂ ସେହି ହସ ହସ ଚାନ୍ଦଟିକି ଦୁନିଆର ସଭିଏଁ କରୁଛନ୍ତି ଆଦର-ସଭିଏଁ ଚାହୁଁଛନ୍ତି କରିବାକୁ ଆପଣାର ।”

ଆଶ୍ଚର୍ଯ୍ୟ ହୋଇ ରେଖା ଟିକିଏ ଦିବାକର ମୁହଁକୁ ଚାହିଁଲା— “କିନ୍ତୁ ଯିଏ ତା'କୁ ଆଦର କରେ, ପ୍ରାଣ ଦେଇ ଭଲପାଏ, ତା' ଆଖିରେ କେବେ କଳାଦାଗ ଦିଶେ ନା ତ···”

ବୁଦ୍ଧିମତୀର ପ୍ରଶ୍ନରେ ଦିବାକର ବିବ୍ରତ ହେଲା । ଟିକିଏ ଅସାଧାରଣ ଭାବେ ରୁକ୍ଷ ହୋଇ ପଡ଼ିଛି ବୋଲି ମନେ ମନେ ଅନୁତାପ କଲା ସେ । ରେଖାର କଅଁଳ ହାତ ଯୋଡ଼ିକ ଧରି ଟିକିଏ ଈଷତ୍ ହସ ହସି କହିଲା-“ମୋର ଭୁଲ ହୋଇଛି । କ୍ଷମା କରିବେ । ପ୍ରକୃତରେ ଚାନ୍ଦର ଶୋଭାରେ ଚକୋର ଆଜି ମୁଗ୍‌ଧ । ସେ ଚାହେଁ ତା'ରି କୋଳରେ ମଥାରଖି ଜୀବନକୁ ଏକାବେଳକେ ଭୁଲି ଯିବାକୁ ।”

ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ ରେଖା । କଅଁଳେଇ ଡାକିଲା-‘ଦିବାକର ବାବୁ·········

“ଛଳନା କରୁନାହିଁ ମୁଁ—ମୋତେ ବିଶ୍ୱାସ କରନ୍ତୁ—

“କିନ୍ତୁ···କିନ୍ତୁ ମୁଁ ଯେ ଅତି ତୁଚ୍ଛ ଭିକାରୁଣୀର ଝିଅଟା···”

ଏଁ - ଭିକାରୁଣୀର ଝିଅ ???—ଆକାଶରୁ ଖସିପଡ଼ିଲା ଭଳି ଚମକି ପଡ଼ିଲା ଦିବାକର । ହଠାତ୍ ବିଶ୍ୱାସ କରି ପାରିଲା ନାହିଁ ତା'କଥାରେ । ଏତେ ଶିକ୍ଷା, ଏତେ ସୌଜନ୍ୟ, ଏତେ ଶାଳୀନତା

ପୁଣି ଏତେ ତେଜ, ଏତେ ଧୃତି, ଏତେ ଦୁଃସାହସିକ ସ୍ୱପ୍ନଣ୍ଣ ମନୋଭାବ—ତଥାପି ଭିକାରୁଣୀର ଝିଅ ? ହଉ—ହେଲେ ବା ସେଥିରେ କ୍ଷତି କଣ ? ଏତେ ଗୁଣର ଝିଅଟି ବୋଧେ କୁଳୀନ ଘରେ, ଶିକ୍ଷିତଘରେ ବି ମିଳିବା ଅସମ୍ଭବ ।···ହୁଏତ କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ନିରାଶ୍ରୟା ରମଣୀଟିକୁ ପ୍ରଲୋଭନ ଦେଖାଇଛି ବଡଲୋକ । ସରଳା, ନିରୀହା ନାରୀ ବିଶ୍ୱାସ କରିପାରିଛି ସେହି ପାପିଷ୍ଠର କପଟ କଥାରେ । ଅଥଚ ଠିକ ଝଡ଼ଝଞ୍ଜା ଉଠି ଆସିଲା-ବେଳେ ଅଝାଡ଼ ଜଙ୍ଗଲରେ ତା'କୁ ଏକୁଟିଆ ଛାଡ଼ିଦେଇ ପଳେଇ ଯାଇଛି କାପୁରୁଷ । ବଣର ହିଂସ୍ରଜନ୍ତୁଙ୍କ ହାବୁଡ଼ରୁ ରକ୍ଷା ପାଇବା-ପାଇଁ ହୁଏ ତ ନାରୀ କରିଛି ଶେଷକୁ ଆତ୍ମହତ୍ୟା । କେଉଁ ଦୟାର୍ଦ୍ର କଣ୍ୱମୁନିଙ୍କ ଆଶ୍ରମରେ ଛାଡ଼ି ଦେଇ ଯାଇଛି ତା' କ୍ଷୁଦ୍ର ଶିଶୁଟିକ । ତା' ଆଜି ବଢ଼ି ବଢ଼ି ରୂପ ଗୁଣର ଝଲକ ଖେଳେଇ ଦୁନିଆ ଦୁଆରେ ଠିଆ ହେଇଛି ଶକୁନ୍ତଳା ରୂପେ ··· ··· ···

··· କିନ୍ତୁ କି ଦୋଷ ତା'ର ? ନିରପରାଧିନୀ ସେ । ତଥାପି ଆମ ସମାଜ ତା'କୁ ଚାହିଁବ ରକ୍ତଚକ୍ଷୁରେ ! ଆମର ପେଟପୂଜା ଶୋଷକ, ଧନିକ, ଭକ୍ଷକ ପଣ୍ଡାମାନେ ତା'କୁ କରିବେ ଦୁର୍ ଦୁର୍ ଛୁର୍ ଛୁର୍ !! ନା, ଯାଞ୍ଚା ତା' ହେଉ ପଛକେ ସେ ତୋଳି ନେବ ଏଇ ମଶାଣିର ଫୁଲଟିକ । ବେଶୀ ନ ହେଲେ ଅନ୍ତତଃ ଜଣକର ତ ସେ ହେଲେ ଜୀବନରେ କିଛି ଉପକାର କରି ପାରିବ । ତେଣିକି ସମାଜ ତା'ର ଯାହା କରିବ କରୁ ପଛକେ ।

ଟିକିଏ ନୀରବ ରହି ଦିବାକର କହିଲା – "ହେଲା ଏବେ-ଭିକାରୁଣୀର ଝିଅ ଯେ ରାଜରାଣୀ ନ ହେବ, ତା'ର କ'ଣ ମାନେ ଅଛି ? ତା'ଛଡ଼ା ମୁଁ ତ ଆଉ ଲକ୍ଷପତିର ସନ୍ତାନ ନୁହେଁ ।"

"ସତେ, ମୋର ଏତେ ଭାଗ୍ୟ ହେବ ?

"ତା' ବରଂ ମୋର ହେବ ପରମ ସୌଭାଗ୍ୟ । ସେତେ-ହେଲେ ମୁଁ ଜଣେ ଲୁହାପିଠା କୁଲି ତ ... ... ... "

"ଛିଇ, ପୁଣି ସେଇକଥା - ରାଜାଝିଅ ସାଙ୍ଗରୀ ତ ସାମାନ୍ୟ ଏକ କାଠୁରିଆକୁ...... ଆଉ ମୁଁ ତ ଅତି ତୁଚ୍ଛ ଭିକାରୁଣୀର ..."

"ଥାଉ" — ରେଖାପାଟିରେ ହାତ ଦେଇ ବନ୍ଦ କଲା ଦିବାକର - "ସେ ସବୁ କଥା ମୁଁ ଶୁଣିବାକୁ ଚାହେଁନା । ମୁଁ ଖାଲି ଜାଣିବାକୁ ଚାହେଁ, ଏତେ ବଡ଼ ନାମ୍ବାପର ଦେଶସେବକାଙ୍କର ଏ ସାମାନ୍ୟ ଏକ ଚାକରାଣୀ ତା' ପୁଣି ମଜୁରିଆଙ୍କ ପ୍ରତି ଦୟା ହେଲା କାହିଁକି ? "

"ମୋତେ କ'ଣ ପରୀକ୍ଷା କରୁଛନ୍ତି ଦିବାକର ବାବୁ ? ଚାକରୀ କରେଁ କିଏ ? ଆପଣଙ୍କ ଦେହ - ମନ ତ ନୁହେଁ । ଆଉ ମଜୁରିଆ ? ଆଜିକାଲି ଯୁଗର ଏ କଳାପୋଷାଆ ମନ୍ତ୍ରୀ, ଏମ୍. ଏଲ. ଏ ବା ଲାଞ୍ଚଖିଆ ହାକିମ ହୁକୁମାଙ୍କଠୁଁ ଖଟିଖିଆ, ଝାଳବୁହା ମଜୁରିଆଟି କ'ଣ ବେଶୀ ସାଧୁ, ସଚ୍ଚୋଟ ନୁହେଁ ? ବେଶୀ ନମସ୍ୟ ନୁହେଁ ଏ ଜାତିର ?"—

ଦିବାକର ମୁହଁରେ ଭାଷା ନଥିଲା ଉତ୍ତର ଦେବାକୁ । ସେ ଖାଲି ନୀରବରେ ଚାହିଁ ରହିଥିଲା ଆକାଶ ଆଡ଼େ । ବାଟ ଚାଲୁ ଚାଲୁ ରେଖା ହସିଲେଇ ଦେଇ କହିଲା—"ଆରେ, କ'ଣ ଭାବୁଛନ୍ତି ?"

"ଭାବୁଛି—ସରଗର ଏ ଚାନ୍ଦ ଆଉ ମରତର ଏ ଚାନ୍ଦ-ମୁଖଟି ଭିତରେ କେଉଁଟି ବେଶୀ ସୁନ୍ଦର ।"

"ଯା......ମୋର ତ ବରଂ ଭୟ ହେଉଛି—ପଦ୍ମକୁ ଛାଡ଼ି ଏ ପାଣିଶିଉଳି ଫୁଲ ଉପରେ ଦିବାକରଙ୍କର ଆଖି ପଡ଼ିଲା କେମିତି ?

ହସିଉଠି ଦିବାକର ରେଖା ଗାଲରେ ଦେଲା ଗୋଟିଏ ଚିମୁଟି ଛୁପୁଡ଼ା । ରେଖା ଗେଲେଇ ହୋଇ କହିଲା—"ଆଉ ସେ ଆଜ୍ଞା, ଆପଣ, ଦେଖ—ଏଗୁଡ଼ା ଯେପରି......"

ଦିବାକର ହସିଲା ।

ଘର ପାଖେଇ ଆସିଥିଲା । ମେଗ୍ ରାସ୍ତା ଉପରକୁ ଧାଇଁ ଆସି ଝିଅକୁ କୋଳ କରି ନେଲେ । କହିଲେ—"ମା'ରେ ! ଆଜି ଇଭ୍‌ର ଘଣ୍ଡ ଜ୍ୱରଉଛି । ତେଣୁ ମଟର ନେଇ ତୋତେ ଆଣିବାକୁ ଯାଇ ପାରିଲି ନାହିଁ ।"

"ହଉ, ସେଥିରେ କ'ଣ ଅଛି ?"

ରେଖା ଦିବାକରକୁ ପରିଚୟ କରେଇ ଦେଲା—"ଏ ମୋର ମା' ମେଗ୍—ଇଭ୍ ମୋ ବଡ଼ଭଉଣୀ—ମେଡ଼ିକାଲରେ ସିଷ୍ଟର କାମ କରନ୍ତି ।" ଆଉ ମା'ଙ୍କୁ ଚାହିଁ କହିଲା—"ଏ ମୋର ଜଣେ ବନ୍ଧୁ—ଶ୍ରୀଯୁକ୍ତ ଦିବାକର ରାଉତ—ଜଣେ ନିଃସ୍ୱାର୍ଥପର, ନୀରବ ଦେଶସେବକ ।"

କାହିଁ କୋଉ ସାତତାଳ ସ୍ୱର୍ଗରୁ ଗଡ଼ି ଗଡ଼ି ହୋଇ ତଳକୁ ଖସି ପଡ଼ିଲା ଦିବାକର । ବୋକାଙ୍କ ଭଳି ରେଖା ମୁହଁକୁ ଚାହିଁ ରହିଲା ଖାଲି; ହେଲେ ଅପେକ୍ଷା କରିବାକୁ ସେତେବେଳେ ବେଳ ନ ଥିଲା । ଭଦ୍ରତା ଖାତିରରେ ଆଗ ମୁଣ୍ଡ ନୋଇଁ ପ୍ରଣାମ କଲା ମା'ଙ୍କୁ । ମା' ଉନମସ୍ତରେ ତା' ମଥାରେ ଦେଲେ ଏକ ଚୁମା ।

ଖାଇବା ଯୋଗାଡ଼ କରିବା ପାଇଁ ମା' ଗଲେ ଘର ଭିତରକୁ । ରେଖାର ହାତଧରି ଦିବାକର କହିଲା-"ସରଳତାର ସୁଯୋଗ ନେଇ ମୋ ସହିତ ଆଜି ଅଭିନୟ କରୁନାହଁ ତ ରେଖା ?"

ପୁଣି ଲୁହ ଗଡ଼ି ଆସିଲା ରେଖା ଆଖିରୁ-"ସେଥିପାଇଁ ଭଗବାନ ଅଛନ୍ତି । କିନ୍ତୁ ମୁଁ ଆଗରୁ କହିଛି-ମୁଁ ପ୍ରକୃତରେ ଏକ ଭିକାରୁଣୀର ଝିଅ । ଏମାନେ ମୋର ପାଳନକର୍ତ୍ତା । ଟିକିଏ ମୋତେ ସମୟ ଦିଅନ୍ତୁ । ସମସ୍ତ କଥା ମୁଁ ଆପଣଙ୍କୁ ଖୋଲି କହିବି ।"

ଘର ଭିତରୁ ବାହାରି ଆସି ମେଷ୍ଟ କହିଲେ-"ଆସ ବାବା ! ଆ' ମା ! ଖାଇବା ପ୍ରସ୍ତୁତ ଅଛି ।"

—ଷୋଳ—

ତା' ତହିଁଆର ଦିନ । ରେଖା କହିଲା-"ଚାଲନ୍ତୁ-ମୁଁ ଆପଣଙ୍କୁ ମିଲ୍‌ରେ ନେଇ ଛାଡ଼ି ଦେଇ ଆସିବି । ରିକ୍‌ସାରେ ଯାଇଁ ଲାଭ କ'ଣ ?" ...କୌଣସି ଆପତ୍ତି ନ କରି ଦିବାକର ଯାଇଁ ମଟରରେ ବସିଲା । ପାଖରେ ବସି ରେଖା ଦେଲା ଷ୍ଟାର୍ଟ ।

"ଆଚ୍ଛା ଟିକିଏ ଭୁବନେଶ୍ୱର ଆଡ଼ୁ ଯାଇଁ ବୁଲି ଆସିଲେ କେମିତି ହୁଅନ୍ତା ?"—ଅଧବାଟରେ ପ୍ରସ୍ତାବ କଲା ଦିବାକର ।

"ବେଶ୍ ତ, ଖୁବ ଭଲ କଥା"—ରେଖା ଗାଡ଼ି ଲେଉଟାଇଲା —"ଚାଲନ୍ତୁ ଦେଖିଆସିବେ, କେମିତି ଅଛନ୍ତି ଆପଣଙ୍କର ସେଠି ଝିଅମାନେକେ । ଯଦି ସୁବିଧା ହୁଏ, ଆଜି କେତେଗୁଡ଼ିଏ ଝିଅଙ୍କୁ ବି ଖାଇବାକୁ ଆଣି ସେଠି ରଖା ଯାଇ ପାରିବ ।"

“କିନ୍ତୁ ରେଖା ! ମୋର ସେ ଧାରଣା ଆଜ ସମ୍ପୂର୍ଣ୍ଣ ବଦଳି ଯାଇଛି । ଭିକାରୀକୁ ଭିକ ମୁଠିଏ ଦେଇ ଯେମିତି ଦେଶର ଭିକ୍ଷୁକ-ସମସ୍ୟା ସମାଧାନ କରାଯାଇ ନପାରେ, ଏଇ କେତେଜଣ ଓଡ଼ିଆଙ୍କୁ କଲିକତାରୁ ଆଣି ଚଉଦୁଆରେ ବା ଭୁବନେଶ୍ୱରରେ ଏଠି ସେଠି ଗୁଂଜିଦେଲେ ଏ ବିରାଟ ସମସ୍ୟାର ସେହିପରି ପରି-ସମାପ୍ତି ହୋଇ ନପାରେ । ସେଥିପାଇଁ ବିଶାଳ ଆକାରରେ ଏକ ଗଠନମୂଳକ ଯୋଜନା ଆବଶ୍ୟକ । ତମେ ଜାଣନ ରେଖା କେମିତି କଲିକତାରେ ତଳେ ତଳେ ନିଷ୍ପେଷିତ ହୋଇ ରହିଥାନ୍ତି ଲକ୍ଷ ଲକ୍ଷ ନିରାଶ୍ରୟ, ନିଃସହାୟ ଓଡ଼ିଆ । ଆଉ କେମିତି ଏଣେ ଦେଶରେ —ଯାଙ୍କ ଜନମଭୂଇଁ ତଳମାଳ ଅଂଚଳରେ ମାଡ଼ିଆସେ ବଢ଼ି ଉପରେ ବଢ଼ି, ବୁଡ଼ିଯାଏ ଗାଁକୁ ଗାଁ, ଉଜୁଡ଼ି ଯାଏ ଶହଶହ ବାଟିର ସୁନା ଫସଲ ।”

“ପେଟ ପୋଷିବା ପାଇଁ ଲୋକଙ୍କର ଅନ୍ୟ କୌଣସି ଫନ୍ଦା କି ଦେଶରେ ନାହିଁ ?”

“କିଛି ନାହିଁ-କିଛି ନାହିଁ ରେଖା ! ଅଛି ଖାଲି ଦେଣା, କରଜ, ଜମିବନ୍ଧା, ଜମିବିକ୍ରୀ । ତା'ନ ହେଲେ ଅଛି ଠକ୍ ଠକ୍ ଭୋକ ଉପାସ—ଜୀବ ଥାଉଁ ଥାଉଁ ଜୀଅନ୍ତା ମରଣ । ଜମିଯାଏ, ଘରଯାଏ, ଫସଲଯାଏ—ଶେଷକୁ ଭିଟାମାଟି ଛାଡ଼ି ଆସି ଆଶ୍ରା ନିଅନ୍ତି ଯୋଉ ଗଛମୂଳରେ, ସେଠି ଆରମ୍ଭ ହୁଏ ହଇଜା—ଆକ୍ରମଣ କରେ ମେଲେରିଆ । ଗାଁକୁ ଗାଁ ପଦା ହୁଏ ଯିଏ ବଂଚନ୍ତି ସିଏ ବି ହୁଅନ୍ତି କଙ୍କାଳ । ପେଟରେ ପିଳେହି, ମୁହଁ ଶୋଥ, ଗାଲରେ ହନୁହାଡ଼ । ଏ ଅବସ୍ଥାରେ କିଏ ବା ରହନ୍ତା ଗାଁଆଡ଼େ ? ଥୋକେ ଚାଲନ୍ତି ମଶାଣିକି । ଆଉ ଥୋକେ ଆଉ ଟିକିଏ ବେଶୀ କଳିବଳ [illegible]

ଯାଆନ୍ତୁ କଲିକତା । ସୁଖଶାନ୍ତି ତ ଆଣନ୍ତୁ ନାହିଁ, ଆଣନ୍ତି ସେଠୁ ଗନୋରିଆର କୀଟ ! ସିଫିଲିସ୍‌ର ଜୀବାଣୁ !!

୧୮୧୭ ପାଇକ ଯୁଦ୍ଧରେ ଯୋଉ ଆଳି, ପଟାମୁଣ୍ଡାଇ, କନିକା, କୁଜଂଗର ବିଦ୍ରୋହୀ ଖଣ୍ଡାୟତ ସେନା ବାମଦେବ ପାଟ-ଯୋଷୀ ଓ ନାରାୟଣ ପରମଗୁରୁଙ୍କ ନେତୃତ୍ୱରେ ଦୁର୍ଦ୍ଧର୍ଷ ଇଂରେଜୀ ସୈନ୍ୟଙ୍କୁ ପରାସ୍ତ କରି ଖୋର୍ଦ୍ଧା ଓ କଟକରେ କିଛିକାଳ ପାଇଁ ଇଂରେଜଶାସନ ଏକାବେଳକେ ଧ୍ୱସ୍ତବିଧ୍ୱସ୍ତ କରି ପାରିଥିଲେ, ସେମାନଙ୍କ ବଂଶଧର—ଅଣନାଡି, ଘଣନାଡି ଆଜି ପେଟବିକଳରେ ଗାଁ ଛାଡ଼ି ପଳାନ୍ତି ବିଦେଶ । ଗାଲମୁଣ୍ଡଧାରୀ ଦୁର୍ଦ୍ଦାନ୍ତ ଓଡ଼ିଆ ପାଇକର ବଂଶଧର ଆଜି କଙ୍କାଳ ସାଜି କଲିକତାରେ କରେ କୁଲିଗିରି······ରେଖା ! ଆମେ ମଣିଷ ହେଇ, ଶିକ୍ଷିତ ହେଇ, ଦେଶର ଆଶାଭରସା ତରୁଣ ତରୁଣୀ ହେଇ ଏଇଆ କ'ଣ ଖାଲି ଦେଖୁଥିବା ? ଜଳ ଜଳ କରି ଖାଲି ଚାହିଁ ରହିଥିବା ଜାତିର ଏ ମହାମରଣ ଆଡ଼େ ?"

ଏକ ଗଭୀର ଦୀର୍ଘଶ୍ୱାସ ପକେଇ ରେଖା କହିଲା—"କିନ୍ତୁ ଆମର ବ୍ୟକ୍ତିଗତ ଚେଷ୍ଟାରେ ବା ବିଶେଷ କ'ଣ ହେଇ ପାରିବ ?"

"ସମସ୍ତଟା ନ ହେଇ ପାରିଲେ ବି ଅନେକଟା ହେଇପାରିବ ରେଖା । ଚାଲ—ଆଗରେ ରାଜରାଣୀମନ୍ଦିର ପାଖରେ ଗାଡ଼ି ରଖ । ଅତୀତର ସ୍ୱର୍ଣ୍ଣକଳା ଦେଖିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଏ ବିକଳାଙ୍ଗ ମଣିଷ ସମ୍ବନ୍ଧେ ଆଉ କେତୋଟି କଥା ଆଲୋଚନା କରିବା । ଚଳମାନ ପାଇଁ ମୁଁ ମନେ ମନେ ଯେଉଁ କ୍ଷୁଦ୍ର ଯୋଜନାଟି କରିଛି, ତା'ର କେତୋଟି ଆଭାସ ଦେବି ତମକୁ ।"

ମନ୍ଦିର ନିକଟରେ ଗାଡ଼ି ଅଟକିଲା । ମନ୍ଦିରର ଲଳିତ କୋମଳ ଛବିଗୁଡ଼ିକୁ ଚାହିଁ ଚାହିଁ ଦିବାକର କହିଲା—"ତମେ କ'ଣ ବିଶ୍ୱାସ କରୁଛ ରେଖା, ଏଇ ପଥରର ବୁକୁ ଚିରି ଯୋଉ କାରିଗରର ନିହାଣ, ମୁଗୁର ଗଢ଼ିଛି ଏ ଜୀବନ୍ତ କଳା, ଆମେ ସେହି କାରିଗରର ବଂଶଧର ?"

"ନା ସେଥିରେ ମୋର ବି ସନ୍ଦେହ ହୁଏ । ତା ହୋଇଥିଲେ ଆମେ ଆଜି ଏତେ ଅପଦାର୍ଥ, ଅମଣିଷ ହୋଇ ନ ଥାନ୍ତେ ।"

ଦିବାକରର ଛାତିତଳୁ ଦୀର୍ଘ ନିଃଶ୍ୱାସଟିଏ ବାହାରି ପଡ଼ିଲା ଆପଣାଛାଏଁ । କିଛି ନିକଟ ନୀରବରେ ବସିରହିଲା ସେ ।

ରେଖା ହସିଲେଇ ଦେଇ କହିଲା-"କହିଲେ ନାହିଁ ଆପଣଙ୍କ ଯୋଜନାର ରୂପରେଖ ?"

"ହଁ କହୁଛି-ମୋ କ୍ଷୁଦ୍ରବୁଦ୍ଧିରେ ଯାହାକିଛି କଳ୍ପନା କରିଛି, ତମ ମନକୁ ଆସିବ କି ନାହିଁ ଜାଣେନା, ତଥାପି ଶୁଣ । କଟକ ଶଂରା ବାଇମୁଣ୍ଡିକ ଲାଗିଲା ଭଳି ଏ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସବୁବେଳେ ମୋ ମୁଣ୍ଡକୁ ଘାରୁଛି । ଏବଂ ମୋର ବିଶ୍ୱାସ, ମୋର ଏ କ୍ଷୁଦ୍ର ଭାବନା ସହିତ ଦେଶର ଶନ୍ତାନାୟକ, ଜନନାୟକଙ୍କର ସାମାନ୍ୟ ଟିକିଏ ମନ ମିଳିଲେ ସେ ଅନ୍ଧାର ଭୂଇଁରେ ଆଲୁଅ ଫୁଟି ଉଠିବ—ମଲା ଦେହରେ କଅଁଳି ଉଠିବ ନୂଆ ଜୀବନ ।......

ତମେ ଜାଣ କି ଜାଣନା, କଲିକତା କରପୋରେସନର ପାଣି ପାଇପ୍ ବିଭାଗରେ ଓ ଇଲେକ୍‌ଟ୍ରିକ୍ ବିଭାଗରେ ଯେତେ ମିସ୍ତ୍ରୀ କାମ କରନ୍ତି, ସମସ୍ତେ ଓଡ଼ିଆ ଏବଂ ପ୍ରାୟ ସମସ୍ତେ ଏକ ଆଳି, ପଟାମୁଣ୍ଡେଇର ଲୋକ । ପଟାମୁଣ୍ଡେଇ ଲୋକଙ୍କ ଭଳି ସୁଦକ୍ଷ ଲ୍ଲମ୍ବି-

ମିସ୍ତ୍ରୀ କଲିକତାରେ ଆଜି କେଉଁ ନାହାଁନ୍ତି କହିଲେ ଚଳେ । ତେଣୁ ଦେଶରେ ଯଦି ଗୋଟିଏ ସଂଗଠିତ କମ୍ପାନୀ ଗଢ଼ାଯାନ୍ତା ଏବଂ ଜଣେ ଉପଯୁକ୍ତ ଇଞ୍ଜିନିୟରଙ୍କ ପରିଚାଳନାରେ କାର୍ଯ୍ୟ ଆରମ୍ଭ କରାଯାନ୍ତା, ତେବେ ଓଡ଼ିଶା ସରକାରଙ୍କ ସମସ୍ତ ପ୍ଲମ୍ବିଂ କଣ୍ଟ୍ରାକ୍ଟ (ପାଇପ୍ କାମ) ସେମାନେ ନେଇପାରନ୍ତେ । ଏବଂ ଫଳରେ ଶହ ଶହ ଓଡ଼ିଆ ଲୋକ ତ ଆପଣା ଦେଶଭିତରେ ସମ୍ମାନର ସହିତ ଅନ୍ନବସ୍ତ୍ରର ସଂସ୍ଥାନ କରିପାରନ୍ତେ, ତାଛଡ଼ା ଉଦ୍‌ବୃତ୍ତ ଅର୍ଥ ଏତେ ଅପର୍ଯ୍ୟାପ୍ତ ମିଳନ୍ତା ଯେ ତହିଁରେ ଉକ୍ତ ଅଞ୍ଚଳର ନାନା ଉନ୍ନତିକର କାର୍ଯ୍ୟମାନ ସହଜରେ ହୋଇପାରନ୍ତା । ବର୍ତ୍ତମାନ ଯେପରି କେବଳ ଜଣେ ଜଣେ ବ୍ୟକ୍ତି ବିଶେଷ ଉକ୍ତ କାମରୁ ଲକ୍ଷଲକ୍ଷ ଟଙ୍କା ଲାଭମାରି ନେଉଛନ୍ତି, ତା' ନ ହୋଇ କମ୍ପାନୀ ଜରିଆରେ କରାଗଲେ ଲାଭଟା ସର୍ବସାଧାରଣଙ୍କ ହାତକୁ ଆସନ୍ତା ଏବଂ ସର୍ବସାଧାରଣଙ୍କର କଲ୍ୟାଣରେ ଲାଗିଲା ଭଳି ପ୍ରତ୍ୟେକ ଗ୍ରାମରେ ପାଠଶାଳା, ପାଠାଗାର, ଡାକ୍ତରଖାନା, କୋ-ଅପରେଟିଭ୍ ବ୍ୟାଙ୍କ ପ୍ରଭୃତି ନାନାଦି ଲୋକ ହିତକର ଅନୁଷ୍ଠାନମାନ ଉକ୍ତ ଅର୍ଥରେ ଖୋଲାଯାଇ ପାରନ୍ତା ।

ଦ୍ୱିତୀୟତଃ ବଢ଼ିରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସରକାରଙ୍କ ଉପରେ ଘନ ଘନ ଚାପ ଦିଆଯାନ୍ତା ଆଜି ଶଂ ବନ୍ଧକୁ ଅତିଶୀଘ୍ର ସୁଦୃଢ଼ କରିବାକୁ ଓ ଅନ୍ୟାନ୍ୟ ସଂପୃକ୍ତ ବନ୍ଧବାଡ଼ମାନ ମଜବୁତକରି ବାନ୍ଧିବାକୁ । ହୀରାକୁଦ ବନ୍ଧ ହେଲେ ହୁଏତ ମହାନଦୀରେ ବଢ଼ିର ପ୍ରାଦୁର୍ଭାବ କମିଯାଇ ପାରେ, କିନ୍ତୁ ବ୍ରାହ୍ମଣୀ, ବୈତରଣୀ ପାଇଁ ପ୍ରତିକାର କ'ଣ ? ପଚିଶ ବର୍ଷ ତଳେ ଉତ୍କଳମଣି ଗୋପବନ୍ଧୁ ଯେମିତି କେନ୍ଦ୍ରାପଡ଼ା, ପଟାମୁଣ୍ଡେଇର ଘରେ ଘରେ ବୁଲି ଭେଣ୍ଡି ଭେଣ୍ଡି କାନ୍ଦୁଥିଲେ, ଆଜି ଆଉ ସେମିତି କାନ୍ଦିବାର ଅବସର ନାହିଁ । ସେତେବେଳର ଶୋଷକ ବିଦେଶୀ ସରକାର

ଯାଇଁ ଆଜି ଦେଶରେ ଲୋକପ୍ରତିନିଧି ଜାତୀୟ ସରକାର ପ୍ରତିଷ୍ଠିତ । ତେଣୁ ଖାଲି ଚୁଡ଼ା ଗୁଡ଼ାକ ମୁଠାଏ ମୁଠାଏ ବାଣ୍ଟି ବା କଣ୍ଟକରେ ବସି ସହାନୁଭୂତିରେ ଲୁହ ଢାଳିଲେ ଲୋକଙ୍କର ଦୁଃଖ ଦୁର୍ଗତି ଯିବ ନାହିଁ । ସେଥିପାଇଁ ଆନ୍ତରିକତା ଦରକାର—ଆଶୁ ପ୍ରତିବିଧାନ ଦରକାର । ଲୋକଙ୍କୁ ଖାଇବା, ପିନ୍ଧିବା, ରହିବାକୁ ଦେବା ଯେ କୌଣସି ସଭ୍ୟ ସରକାରର ପ୍ରଥମ କର୍ତ୍ତବ୍ୟ । ତେଣୁ ତଳଘଟି ଲୋକେ ଯେପରି ସ୍ଥାୟୀଭାବରେ ବଢ଼ିରୁ ରକ୍ଷା ପାଆନ୍ତି ଏବଂ ତାଙ୍କ ଖରହାଣ୍ଡି ଧାନ ଫସଲଟି ଏମିତି ଫି'ବର୍ଷ ଧୋଇରେ ନ ଯାଏ, ତା' ଦେଖିବାପାଇଁ ସରକାରଙ୍କ ନିକଟରେ ଦୃଢ଼ଭାବରେ ଦାବୀ କରାଯିବ ।

ଫସଲର ନିଶ୍ଚୟତା ଜାଣିଲେ ଲୋକଙ୍କ ଭିତରେ ଗଭୀର ଉତ୍ସାହ ଆସନ୍ତା ଏବଂ ସେମାନେ ଆଉ ଗାଁ ଭୂଇଁ ଘରଦ୍ୱାର,ପିଲା କୁଟୁମ୍ବ ଛାଡ଼ି ବିଦେଶରେ କୁଲିଗିରି କରିବାକୁ କେବେ ଯାଆନ୍ତେ ନାହିଁ । ଏବଂ ଏତିକିବେଳେ ସେମାନଙ୍କ ଭିତରେ ଟିକିଏ ସଂଗଠନ ଆଣି-ପାରିଲେ, ଏ ଛୋଟ ଛୋଟ ଚାଷ ଭାଙ୍ଗି ଏକ ସମୂହ ଚାଷ (Collective Farming)ର ବ୍ୟବସ୍ଥା କରାଯାଇ ପାରନ୍ତା ଓ ଖାଲି ଧାନ ଫସଲଟି କରି ଚାଷୀ ଯେମିତି ବର୍ଷର ଛ'ମାସ ହାତଗୋଡ଼ ବାନ୍ଧିଦେଇ ଘରେ ବସୁଛି, ସେପରି ନକରି ଧାନ, ମୁଗ, ଝୋଟ, ଆଳୁ—ବିଭିନ୍ନ ଋତୁରେ ବିଭିନ୍ନ ଫସଲ ବି କରି ହୁଅନ୍ତା । ପୁଣି ସମୂହ ଚାଷ କରାଗଲେ ଏ ହଳ ଲଙ୍ଗଳର ବ୍ୟବସ୍ଥା ଭାଙ୍ଗି ଟ୍ରାକ୍ଟରରେ କରାଯାନ୍ତା ଚାଷ—କମ୍ପୋଷ୍ଟ ଖତ ଦିଆହୁଅନ୍ତା ଜମିରେ । ଫଳରେ ଜମି ତ ଅଧିକ ଉର୍ବର ହୁଅନ୍ତା ତା'ଛଡ଼ା ଭରଣକ ଜାଗାରେ ଦୁଇ ଭରଣ ଫଳନ୍ତା ମାଣପିଛା ।......ଅବଶ୍ୟ ପ୍ରଥମେ ଏଥିରେ ଟିକିଏ

ଅସୁବିଧା ହୋଇପାରେ—ଆପଣାର ସଙ୍କୀର୍ଣ୍ଣ ସ୍ୱାର୍ଥ ଛାଡ଼ି ଏ ସମୁଦ୍ର ତଟର ପରିକଳ୍ପନା କେତେକଙ୍କୁ ଅକଳଆ ଲାଗିପାରେ, କିନ୍ତୁ ବର୍ଷେ ଗୋଟାଏ ଲୋକଙ୍କ ଭିତରେ କାମ କରି ତା'ର ଉପକାରିତା ସେମାନଙ୍କୁ ଦେଖେଇ ଦେଇ ପାରିଲେ, ତେଣିକି ସବୁ ବଳେ ଶଗଡ଼ ଗୁଳାରେ ପଡ଼ିଯିବ । କେହି ଟିକିଏ ହୁଁ କି ଚୁଁ କହିବାକୁ ନଥିବ ।

ଏଇ ଚାଷ ଛଡ଼ା ଆଉ କେତୋଟି ବ୍ୟବସାୟ ବି ସେଠି ହୋଇପାରିବ । ଯଥା—ଲୁଣମରା, ମାଛ ଆମଦାନୀ । ଅବଶ୍ୟ ପଟାମୁଣ୍ଡେଇ ପାଖରୁ ସମୁଦ୍ର ପ୍ରାୟ ପନ୍ଦର ମାଇଲ ଦୂର, ତଥାପି ଚେଷ୍ଟା କରାଗଲେ ଏବଂ ସେଥିପାଇଁ କିଛି ମୂଳଧନ ଓ କେତେକ ଉତ୍ସାହୀ କର୍ମକର୍ତ୍ତା ଯୋଗାଡ଼ କରିପାରିଲେ ଏ ବ୍ୟବସାୟ ଦୁଇଟି ମନ୍ଦ ଚଳନ୍ତା ନାହିଁ । ସମୁଦ୍ରରୁ ଅପର୍ଯ୍ୟାପ୍ତ ପରିମାଣରେ ମାଛ ମରା ହୋଇ ଚାନ୍ଦବାଲି ବାଟେ ଭଦ୍ରଖ ପଠାଯାନ୍ତା ଏବଂ ସେଠାରୁ ପ୍ରଭଞ୍ଜନ ଏକ୍ସପ୍ରେସରେ ଚାଲାଣ ହୁଅନ୍ତା କଲକତା । ଲୁଣ ମରାଗଲେ ବି କଟକ, ବାଲେଶ୍ୱର, ଭଦ୍ରଖରେ କମ୍ ବିକ୍ରୀ ହୁଅନ୍ତା ନାହିଁ ।

ଆଉ ଏ ସବୁ ବାଦ୍ ଆରମ୍ଭ କରାହୁଅନ୍ତା ନାନାଦି କୁଟୀର ଶିଳ୍ପ । ଯଥା—ସୂତାକଟା, ଲୁଗାବୁଣା, ସପବୁଣା, କଂସାବାସନ ତିଆରି, ବଢ଼େଇକାମ ଇତ୍ୟାଦି ଇତ୍ୟାଦି । ତା'ଛଡ଼ା ପନିପରିବା ବଗିଚା, ଏଣ୍ଡିଚାଷ, ମହୁଚାଷ, କୁକୁଡ଼ା ବତକ ପାଳନ ଓ ଅଧିକ ସଂଖ୍ୟାରେ ଗୋପାଳନ ଆଦି ନାନା କାର୍ଯ୍ୟର କେନ୍ଦ୍ର ବି ଖୋଲାଯାନ୍ତା ବିଭିନ୍ନ ସ୍ଥାନରେ । ଏଥିରେ ବହୁସଂଖ୍ୟକ ବାସ୍ତୁହରା ଲୋକ ନିଯୁକ୍ତ ହୋଇପାରନ୍ତେ, ତା'ଛଡ଼ା ଅନେକ ଅକର୍ମଣ୍ୟ ଲୋକ ଓ ବୁଢ଼ାବୁଢ଼ୀ ବି ଘରେ ବସି ଦି'ପଇସା ଉପାୟ କରିବାର

ସୁଯୋଗ ପାଆନ୍ତେ । ପୁଣି ଆଜକାଲି ଯେମିତି ଆଠ ଦଶ ବରଷର ପିଲାଏ ବଜାରରେ ବସି ବିଡ଼ି ବନେଇ ବା ନାଟ ଆଖଡ଼ାରେ ମିଶି ରାଜା, ରାଣୀ, ଗୋଟିପୁଅ ହେଇ ଜୀବନକୁ ଏକାବେଳକେ ନଷ୍ଟକରି ଦେଉଛନ୍ତି, ସେମାନେ ବି ଏ ଅନୁଷ୍ଠାନମାନଙ୍କରେ କାମକରି ଭବିଷ୍ୟତ ଜୀବନକୁ ଗଢ଼ି ପାରନ୍ତେ ଏବଂ ଅଳ୍ପଦିନେ ସ୍ୱାବଲମ୍ବୀ ହେଇ ନିଜ ଗୋଡରେ ନିଜେ ଠିଆହେଇ ପାରନ୍ତେ ।…”

ତନ୍ମୟ ହୋଇ ଏକ ଲୟରେ ଶୁଣିଯାଉଥିଲା ରେଖା । ସତେକି ଅମାବାସ୍ୟାର ଘନ ଅନ୍ଧକାର ଭିତରେ ତା’କୁ କିଏ ଆଲୋକ ଦେଖେଇ ବାଟ କଢ଼େଇ ନେଉଥିଲା ଆଗକୁ । ଦେଶପାଇଁ ସେ ଅନେକ ଚିନ୍ତା କରିଛି । ବଡ଼ ଗମ୍ଭୀରଭାବେ ତା’ହୃଦୟ ଆଲୋଡ଼ିତ ହେଇଛି ଲୋକଙ୍କର ଦୀନ ଦଳିତ ଅବସ୍ଥା ଦେଖି । କିନ୍ତୁ ତା’ର ସମାଧାନ କ’ଣ, ପ୍ରତିକାର କ’ଣ, ତା ସେ ଆଜିପର୍ଯ୍ୟନ୍ତ ସ୍ଥିରକରି ପାରି ନ ଥିଲା । ଖାଲି ଏଠି ସେଠି ଗୋଟାଏ ବକ୍ତୃତା ଦେଇ ବା ଖବରକାଗଜରେ ଦୁଇଗୁଡ଼ିଏ ପ୍ରବନ୍ଧ ଲେଖି ଦେଲେ ଯେ ଦେଶ ସେବା ହେଇଗଲା, ତା’ନୁହେଁ । ସେଥିପାଇଁ ଜୀବନବ୍ୟାପୀ ସାଧନା ଦରକାର, ତ୍ୟାଗ ଦରକାର । କୌଣସି ନାଁ ବା କ୍ଷମତା ବା ପ୍ରଶଂସା ପାଇଁ ଲାଳାୟିତ ନ ହୋଇ ଦେଶର ଯେ କୌଣସି ଗୋଟିଏ ସମସ୍ୟାକୁ ଧରିନେଇ ସେଥିପାଇଁ ନିରବଚ୍ଛିନ୍ନ ଭାବରେ ସାରା ଜୀବନ କାମ କରିଯିବାହିଁ ପ୍ରକୃତ ସେବା । ସେଇଥିରେହିଁ ଜୀବନରେ ଶାନ୍ତି ଆସିବ, ଅନ୍ୟଥା ନୁହେଁ ।…ଅନ୍ୟ ସବୁଗୁଡ଼ା କେବଳ ଫାଙ୍କି । ଆନ୍ତରିକତା ଲେଶ୍ ମାତ୍ର ନାହିଁ ସେଥିରେ ।

ଏତେଦିନେ ସତେକି ରେଖା ଆଖିରୁ ପରଳ ଖସିଗଲା । ସେ ଜଳ ଜଳ କରି ଦେଖି ପାରିଲା ଆଗରେ ପଡିଥିବା ସାଧନାମୟ ପଥଟିକୁ ।

ଟିକଏ ରହି ଦିବାକର କହିଲା—"ମୁଁ ଜାଣେ ରେଖା, ତମେ ବହୁ ଉଚ୍ଚରେ ଅଛ । ଦେଶର ଅତି ବଡ଼ବଡ଼ ସମସ୍ୟା ଚିନ୍ତା କରିବାରେ ତମେ ବ୍ୟସ୍ତ । ମୋର ଏଇ ମାଟି କାଦୁଅର ମଣିଷଙ୍କ କଥା ତମକୁ ହୁଏତ ଭଲ ଲାଗିବ ନ । ପ୍ରଦେଶର ଗଣ୍ଡି ଡେଇଁ ଯିଏ ଭାରତୀୟ, ଆର୍ନ୍ତଜାତୀୟ ତଥା ବିଶ୍ୱର ସମସ୍ୟାମାନ ଚିନ୍ତା କରୁଛି, ସିଏ ଏଇ ସାମାନ୍ୟ ଏକ ଆଞ୍ଚଳିକ ପ୍ରଶ୍ନ ଉପରେ ଏତେଟା ଗୁରୁତ୍ୱ କେବେବି ଦେଇ ନ ପାରେ ।"

"ଆଉ, ଆଉ ଲଜ୍ଜା ଦିଅନ୍ତୁ ନାହିଁ । ଏ ବଡ଼ବଡ଼ ବୁଦ୍ଧି-ଗୁଡ଼ାକ ଭୁଲ୍‌ଟା ଫମ୍ପା । ଯୋଉମାନେ ପ୍ରକୃତରେ କିଛି କରନ୍ତି ନାହିଁ ସେହିମାନେହିଁ କେବଳ ଏ ବୁଦ୍ଧି ଉଠାନ୍ତି । ବାସ୍ତବ କର୍ମୀ କିନ୍ତୁ ସବୁବେଳେ ନୀରବ । ସାଧନା କରିହୁଏ ଲୋକଲୋଚନ ଅଗୋ-ଚରରେ — ଡ଼ଙ୍କା ବଜେଇ ନୁହେଁ । ...... ସତେ ଦିବାକର ବାବୁ, ଯଦି ଆପଣ ମୋତେ ବିଶ୍ୱାସ କରନ୍ତି, ତେବେ ମୁଁ କହିବି, ମୁଁ ଆମ ଦଳର ସମସ୍ତ କର୍ମପନ୍ଥା ଛାଡ଼ିଦେଇ ଏଇ ମୁହୂର୍ତ୍ତରେ ଧାଇଁ ଯିବାକୁ ରାଜିଅଛି ସେ ଚଳମାନ ଅଂଚଳକୁ ।"

ଦିବାକର ହସିଲା । ରେଖାର ଆନ୍ତରିକତା ସେ ବହୁଦିନୁ ଜାଣିଛି । ଖାଲି ମନ ବଢ଼ିବାକୁ ପଗ୍ଭରୁଥିଲା ଯାହା । ... ଟିକଏ ଗମ୍ଭୀର ହୋଇ କହିଲା - "କିନ୍ତୁ ରେଖା, ତା' ଆଗରୁ ମୋର ଗୋଟିଏ ଅନୁରୋଧ ତମେ ରଖିବ ? ଅତି ବିନୀତ ଅନୁରୋଧ - ପ୍ରାଣର ଏକ ଅଶ୍ରୁପୂର୍ଣ୍ଣ ମିନତି ... ...."

ଦିବାକରର ହାତଯୋଡ଼ିକ ମୁଠେଇ ଧରିଲା ରେଖା—"ଛି, କ'ଣ ପାଇଁ ଏତେ ବିକଳ ହେଇ ପଡ଼ୁଛନ୍ତି ? ଜୀବନ ଦେବାକୁ

ପଡ଼ିଲେ ବି ଏଇ ମୁହୂର୍ତ୍ତରେ ମୁଁ ହସିହସି ଦେବାକୁ ପ୍ରସ୍ତୁତ ଅଛି । ଆଦେଶ ଦିଅନ୍ତୁ । ”

“ତମେ ଜୟସୂର୍ଯ୍ୟ ବାବୁଙ୍କୁ ଜାଣ ? ”

ଏଁ—ଜୟସୂର୍ଯ୍ୟ—ଶୁଣିକରି ଚମକି ପଡ଼ିଲା ରେଖା । ମୁହଁରୁ ମଉଳିଗଲା ହସ ଟିକକ ।··· ସେ ଦିବାକରଙ୍କୁ ଜୀବନର ସବୁକଥା ଟିକିନିଖି କରି ଖୋଲି କହିଛି । କେବଳ କହିନାହିଁ ବାପମା’ଙ୍କ ନାଁ । ପ୍ରାଣରେ ବେଶୀ ଆଘାତ ଲାଗିବ ବୋଲି ଦିବାକର ବି ଜୋର ଦେଇ ନାହାଁନ୍ତି ସେ କଥାରେ । ଆଜି ହଠାତ୍ ଜୟସୂର୍ଯ୍ୟ ନାଁ ପଡ଼ିବାରୁ ତା’ର ସନ୍ଦେହ ହେଲା—ଦିବାକର ଆଜି ସବୁକଥା ଜାଣିଲେ କି ?············ ଟିକିଏ ରହି ମୁହଁର ଭାବ ବଦଳେଇ କହିଲା - ହଁ, ଜାଣେ, ମାନ୍ଦ୍ରାଜରେ ମୁଁ ପଢ଼ୁଥିବା ସମୟରେ ସେ ମୋର ବନ୍ଧୁ । ବର୍ତ୍ତମାନ ଭୁବନେଶ୍ୱର ଇଲେକ୍-ଟ୍ରିକାଲ୍ ଡ଼ିଭିଜନ୍‌ର ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର । ”

“ତାଙ୍କୁ ଯଦି କୌଣସି ମତେ ଆମର ଏଇ ପଥରେ ପଥିକ କରାଇ ପାରନ୍ତି··· ··· ···”

“ଅସମ୍ଭବ-ନିହାତି ଅସମ୍ଭବ । ତାଙ୍କ ମନୋଭାବ ମୁଁ ଭିଲିଭାବେ ଜାଣେ, ତା’ଛଡ଼ା ବର୍ତ୍ତମାନର ଏ ସାତଶହ ଟଙ୍କାର ଗ୍ଳାମର ଓ ରାଜାଧିରାଜ କ୍ଷମତା ଛାଡ଼ି ସେ ଆସି ଆମ ସାଙ୍ଗରେ ଏ କାଦୁଅ ମାଟିରେ ଘାଣ୍ଟି ହେବେ ବା ଗାଁକୁ ଯାଇଁ ଏ ଯାବତ ଗାଣ ବାଉରିଙ୍କ ସହିତ ମିଶିବେ, ସେ’ କେବେ ହେଇ ନପାରେ । ସୂର୍ଯ୍ୟ ହୁଏତ ପୂର୍ବରୁ ଯାଇଁ ପଶ୍ଚିମରେ ଉଇଁପାରେ, କିନ୍ତୁ ଜୟସୂର୍ଯ୍ୟ-ବାବୁ କେବେ ତାଙ୍କର ସେ ଆଭିଜାତ୍ୟଭରା ସିଂହାସନରୁ ତଳକୁ ଓହ୍ଲାଇ ଆସି ନ ପାରନ୍ତି ।”

"ତା' ମୁଁ ଜାଣେ । ବଡ଼ଲୋକର ସନ୍ତାନ । ପିଲାଦିନରୁ ନାନାଦି ଭୋଗବିଳାସ କୋଳରେ ବଢ଼ି ଆସିଛନ୍ତି । ତା'ପରେ ବର୍ତ୍ତମାନ ଏତେବଡ଼ ଉଚ୍ଚପଦସ୍ଥ ହାକିମ । ମାନ, ସମ୍ମାନ, ଧନ, ଐଶ୍ୱର୍ଯ୍ୟ - ସବୁ ଗୁଣରେ ପରିପୂର୍ଣ୍ଣ । ଏଭଳି ଲୋକ କାହିଁକି ଏ ଭିକାରୀର ପଥ ଧରିବ ? ବଢ଼ା ହୋଇଥିବା ପଲଉ ମାଂସ ଗ୍ଲାସ୍ ଏ ନିରାହାର ଏକାଦଶୀ କରିବାକୁ ମନ ବା ବଳିବ କାହାର ? କିନ୍ତୁ ତଥାପି—ତଥାପି ରେଖା ! ଜୟସୂର୍ଯ୍ୟ ବାବୁଙ୍କୁ ଆମ ଭିତରକୁ ଆଣିବା ନିହାତି ଦରକାର ଓ ସେ କୌଣସିମତେ ତାଙ୍କୁ ଆଣିବାକୁହିଁ ହେବ । ତାଙ୍କ ଭଳି ଜଣେ ସୁଦକ୍ଷ ଇଂଜିନିୟର ନ ପାଇଲେ ଆମର କୌଣସି କାର୍ଯ୍ୟ ସଫଳ ହୋଇ ପାରିବ ନାହିଁ । ବିଶେଷତଃ ତାଙ୍କର ଜନ୍ମ ସେଇ ଅଂଚଳରେ । ସୁତରାଂ ସେଠାକାର ସମସ୍ୟା ଓ ତା'ର ସମାଧାନ ତାଙ୍କୁ ଭଲରୂପେ ଜଣା ।

"ତା' ବୁଝିଲି ଯେ, କିଂନ୍ତୁ ସେ ଆସିଲେ ତ ? କିଏ ତାଙ୍କୁ ସେଇ ଧନ ଦଉଲତର ମାୟାପୁରୀରୁ ଏ କଣ୍ଟକିତ ଦୁର୍ଗମ ପଥକୁ ଟାଣି ଆଣି ପାରିବ ?"

"କେବଳ ତମେ—ତମେହିଁ ରେଖା । ତମେହିଁ ଏ ନାଟକର ସୂତ୍ରଧର । ଚାହିଁଲେ ଏହାକୁ କମେଡ଼ି କରିପାର ଆଉ ଚାହିଁଲେ ବି କରିପାର ଟ୍ରାଜେଡ଼ି । କାରଣ ତମଛଡ଼ା ଏ ଦୁନିଆରେ ଆଉ କେହି ନାହିଁ, ଯେ କି ଜୟସୂର୍ଯ୍ୟ ବାବୁଙ୍କୁ ଟାଣି ଆଣି ପାରିବ ଆମ ଭିତରକୁ । ଆଉ ଜୟସୂର୍ଯ୍ୟ ବାବୁ ନ ଆସିଲେ ଆମର ସବୁ କଳ୍ପନା ଜଳ୍ପନା ଉଭେଇ ଯିବ ଧୂଆଁରେ—ଯୋଜନା ଯିବ ଫସରଫାଟି ।"

ଆଶ୍ଚର୍ଯ୍ୟ ହୋଇ ରେଖା ଦିବାକର ମୁହଁକୁ ଚାହିଁଲା । ଭୟ ବି ହେଲା—ଦିବାକର କଣ ତାଙ୍କ ଭିତରେ ଗଭୀର ସମ୍ପର୍କ ଥିବା ଜାଣୁଛି କି ?......ଅତି ବିମର୍ଷ ହୋଇ କହିଲା—"ଆପଣ ଆଦେଶ ଦେଲେ ମୁଁ ଦେଶ ପାଇଁ ଜୀବନ ପର୍ଯ୍ୟନ୍ତ ଦେଇପାରେ —କିଂଭୁ......"

"ନାଁ, ଏଥିପାଇଁ ଜୀବନ ଦେବାକୁ ପଡ଼ିବ ନାହିଁ, ଖାଲି ଟିକିଏ ସ୍ୱାର୍ଥତ୍ୟାଗ କରି ପାରିଲେ ହେଲା ।—"

"କୁହନ୍ତୁ, ଜୀବନର ଯାହା କିଛି ମହାମୂଲ୍ୟ ସମ୍ପଦ, ତା' ମୁଁ ହସିହସି ତ୍ୟାଗ କରିପାରେ ଏଇ ମୁହୂର୍ତ୍ତରେ ।"

"ଖାଲି ଭାବପ୍ରବଣତାରେ ଭାସିଯାଇଁ କହୁଛ ନା ପ୍ରକୃତରେ ଅନ୍ତଃସ୍ଥଳରୁ ତମର ବାହାରୁଛି ଏ କଥା ?"

"ଏଇ ଜାତିର ଚିରନମସ୍ୟ ଏ ଜୀବନ୍ତ କଳାପୀଠରେ ବସି ଶପଥ କରି କହୁଛି—ଜୀବନର ସମସ୍ତ ସ୍ୱାର୍ଥ—କି କାୟିକ, କି ମାନସିକ, କି ଆତ୍ମିକ—ସମସ୍ତ ବଳଦେବାକୁ ମୁଁ ରାଜିଅଛି ଦେଶ ମାତୃକାର ପୂଜା ପୀଠରେ । ଆପଣଙ୍କ ଚରଣ ଛୁଇଁ କହୁଛି- ଜୀବନର ଶେଷ ନିଃଶ୍ୱାସ ବହୁଥିବା ପର୍ଯ୍ୟନ୍ତ ମୁଁ ମୋ ପ୍ରତିଜ୍ଞାରେ ଅଚଳ, ଅଟଳ, ଅବିଚଳିତ ରହିବି ।"

ଦିବାକର ଆଖି ଦୁଇଟିରୁ ଧାରଧାର ଲୁହ ଗଡ଼ି ଆସିଲା । ଉଠି ଆସୁଥିବା ଭିତର କୋହକୁ ବହୁକଷ୍ଟରେ ଚାପିରଖି ବଡ଼ ବାଷ୍ପରୁଦ୍ଧ କଣ୍ଠରେ କହିଲା—"ରେଖା ! ପାରିବ ତମେ ? ଏ ଅକିଂଚନକୁ ଛାଡ଼ ସେଇ.........ହଁ ସେଇ ଜମ୍ବୁସୂର୍ଯ୍ୟ ବାବୁଙ୍କ ଆଡ଼କୁ ତମେ ଭଲପାଇବ ରେଖା ?

ଏଁ—ସମଗ୍ର ଆକାଶଟା ଯେପରିକି ଛିଡ଼ିପଡ଼ିଲା ରେଖା ମୁଣ୍ଡରେ । ଚିତ୍କାର କରି ଉଠିଲା ସେ—"ଦିବାକର ବାବୁ·····"

"ତଥାପି—ତଥାପି ଦେଶର ହିତ ପାଇଁ—ଧୀନ, ଦଳିତଙ୍କ କଲ୍ୟାଣ ପାଇଁ ଏତିକି ସ୍ୱାର୍ଥ କ'ଣ ତମେ ତ୍ୟାଗ କରି ପାରିବ ନାହିଁ ?"

—ଦିବାକର ଆଖିରେ ଲୋତକର ଝରଣା । ସମ୍ମୁଖର ପଥର ମୂର୍ତ୍ତିଠାରୁ ଆହୁରି ପଥର ଯେପରି ତା ଛାତି ।

"କିନ୍ତୁ ଏ ତ ସ୍ୱାର୍ଥତ୍ୟାଗ ନୁହେଁ—ଜୀବନ ତ୍ୟାଗଠାରୁ ଆହୁରି ମର୍ମନ୍ତୁଦ ଏ ଯନ୍ତ୍ରଣା—"

"ଜାଣେ—ତମ ଅପେକ୍ଷା ମୋର କଷ୍ଟ ବି କମ୍ ହେଉନାହିଁ ରେଖା । ଛାତି ଫାଟିଯାଉଛି—ତଣ୍ଟି ଶୁଖି ଯାଉଛି—କଲିଜା ଯେପରି ଟିକିଟିକି ହୋଇ ଛିଡ଼ି ପଡ଼ୁଛି ତଳିଲି ଲହୁ ସାଙ୍ଗରେ । କିନ୍ତୁ ତଥାପି—ତଥାପି ରେଖା ! ଭାଳି ଦେଖ—ଏକ ଦିଗରେ ଦେଶ, ଅନ୍ୟ ଦିଗରେ ଏଇ ତୁଚ୍ଛ କାମର ମୋହ; ଏକଦିଗରେ ଜାତିର ନିଃସ୍ୱ, ନିରନ୍ନ, ନିଃସହାୟ ଜନତାର ସେବା, ଅନ୍ୟ ଦିଗରେ ଏ ହୀନ ସ୍ୱାର୍ଥପରତା—ସଂକୀର୍ଣ୍ଣ ଆତ୍ମକେନ୍ଦ୍ରିକ ଭାବ ! କୁହ ରେଖା ! କେଉଁଟାକୁ ବାଛି ନେବ ତମେ ? ପରର ସେବା ନା ନିଜର ସ୍ୱାର୍ଥ ? ଦେଶର ସମୂହ କଲ୍ୟାଣ ନା ନିଜର ସଂକୀର୍ଣ୍ଣ ଆତ୍ମ-ତୃପ୍ତି ?"

ରେଖା ତୁଣ୍ଡରେ ଭାଷା ନ ଥିଲା ଉତ୍ତର ଦେବାକୁ । ସେ ଖାଲି ଭାବୁଥିଲା—ଦେଶପାଇଁ କେତେ ଉଗ୍ରଚିନ୍ତା କରିପାରନ୍ତି ଏ

ଯୁବକ । ଜୀବନ ଦେବାକୁ ମୁହୂର୍ତ୍ତିଟିଏ ବି ଲାଗିବ ନାହିଁ ତା'ଙ୍କୁ······ ଛାଡ଼, ଶେଷରେ ପୂର୍ବର ସେହି ଶପଥ ଅନୁଯାୟୀ, ତାଙ୍କୁ ଚିର ଅବିବାହିତା ରହିବାକୁହିଁ ହେବ । କେବଳ ଜୟସୂର୍ଯ୍ୟ ସହିତ-ମଝିରେ କେତେଟା ଅଭିନୟ ଯାହା । ହେଉ, ମଙ୍ଗଳମୟଙ୍କର ଯାହା ଇଚ୍ଛା, ତା' ପୂର୍ଣ୍ଣ ହେଉ । କ୍ଷତି କ'ଣ ?

ଆଖିର ଲୁହ ପୋଛି ରେଖା ମଠର ଛୁଟାଇ ଦେଲା ଜୟସୂର୍ଯ୍ୟ ଅଫିସ୍‌କୁ । ସାଙ୍ଗରେ ଦବାକର—

## —ସତର—

ଜୟସୂର୍ଯ୍ୟ ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ—

"କ'ଣ କହୁଛ ରେଖା ! ସତେ କ'ଣ ମୋର ଏତେ ଭାଗ୍ୟ ହେବ ?"

"ହେବ ନିଶ୍ଚେ—ମୁଁ ସେତେବେଳେ ଭୁଲ କରିଥିଲି । ତମେହିଁ ମୋ ଜୀବନର········"

"ସତେ ? ସତ କହୁଛ ରେଖା ?"

"ନିରାଟ ସତ—କେବଳ ଗୋଟିଏ କଥା—ଯଦି ତମେ ଏ ଶ୍ୱେତବିଳାସର ସରଗପୁରରୁ ଆମର ମାଟି କାଦୁଅ ଗାଁ ଗହଳକୁ ଫେରି ଆସ ଆଉ ସେଇ ଦୀନଦୁଃଖୀଙ୍କ ସେବାରେ ଟିକିଏ ମନପ୍ରାଣ ଢାଳିଦିଅ······"

ମୁହୂର୍ତ୍ତିକ ପାଇଁ ଟିକିଏ ଇତଃସ୍ତତ ହେଲା ଜୟସୂର୍ଯ୍ୟ—

"ତା'ର ଅର୍ଥ ?"

"ଅତି ସହଜ—ଏ ଗୋଲାମୀ ଛାଡ଼ି ସ୍ୱାଧୀନ ଭାବରେ ତମେ ଯାହାଁ କରିବ ବ୍ୟବସ୍ଥାପୁ—କାଣ୍ଠ ।କିଟି । ଫଳରେ ଲକ୍ଷ—

ଲକ୍ଷ ଟଙ୍କାର ତ ତମେ ଅଧିକାରୀ ହେବ, ତା'ଛଡ଼ା କେତେଗୁଡ଼ିଏ ଗରିବ, ଦୁସ୍ଥ ଲୋକଙ୍କୁ କାମ ଯୋଗେଇ ତାଙ୍କ ପାଇଁ ଦାନାଦାନାର ବ୍ୟବସ୍ଥା କରି ପାରିବ।"

"କିନ୍ତୁ ଏତେବଡ଼ ଲୋଭନୀୟ ଚାକିରିଟା......"

"କାହିଁକି ? ତୁଚ୍ଛ ଚାକିରିଟା ପ୍ରତି ଏତେ ମୋହ ? ଆପଣଙ୍କ ଆଭିଜାତ୍ୟରେ ଆଞ୍ଚ ନ ଆସିଲେ ତ ହେଲା ଧନ, ସମ୍ମାନ, ମର୍ଯ୍ୟାଦା, ଗୌରବ—ସବୁ ଯେପରି ଆପଣଙ୍କର। ଅକ୍ଷୁର୍ଣ୍ଣ ରୁହେ, ତା'ର ଦାୟିତ୍ୱ ମୁଁ ନେବି। ପୂର୍ବପୁରୁଷଙ୍କର ସେ ମନ୍ତ୍ରକଥା—'ବାଣିଜ୍ୟେ ବସତେ ଲକ୍ଷ୍ମୀ'—ଭୁଲିଗଲେ କି ?"

ରେଖାର ଏତେଟା ପ୍ରାଣଭରା ସ୍ନେହ, ସୌହାର୍ଦ୍ଦ୍ୟ ଜୟସୂର୍ଯ୍ୟ କେବେ ସ୍ୱପ୍ନରେ ବି କଳ୍ପନା କରି ନ ଥିଲା। କି ଅପୂର୍ବ ରୂପଲାବଣ୍ୟ, କି ଦେବଦୁର୍ଲଭ ଗୁଣରାଶି ପୁଣି କି ଧୀର, ନମ୍ର, ଅକପଟ ବ୍ୟବହାର,—ଜୟସୂର୍ଯ୍ୟ ଏକାବେଳକେ ମୁଗ୍ଧ ହୋଇପଡ଼ିଲା। କଥା ପଦକରେ ଗୋଟିପଣେ ଭିଜି ପଡ଼ିଲା ତା'ଆଡ଼େ।

× × × ×

ଇସ୍ମାଇଲ୍ ଚଟାଙ୍କ ଗୋଡ଼ ଆନନ୍ଦରେ ତଳେ ଲାଗୁନାହିଁ। ଏତେଦିନେ ତା'ଙ୍କ ପାଗଳାପୁଅ ଦିବାକର ଫେରି ଆସୁଛି ଗାଁକୁ। ତାଙ୍କରି ଘେରିଟିଆ କୁଡ଼ିଆଟିକୁ ଆଡ଼େ କରିବ ଗୋଟିଏ ଆଶ୍ରମ। ଆଉ ସେଇଠାରୁ ଆରମ୍ଭ କରିବ ଲୋକସେବା, ଗ୍ରାମ ସଂଗଠନ, ଦେଶଦଶର ଉପକାର ପାଇଁ ଉନ୍ନତିମୂଳକ ଯୋଜନା।......
ଦିଗମ୍ବରକୁ କୁଣ୍ଢେଇ ପକେଇ ଚଟା କହିଲେ—ଦେଖିଲୁ, ମୁଁ କହୁଛି ପରା—ଯେତେହେଲେ ଗରିବ ଭାଇର ପୁଅ ସେ। ଖାଇ

ଆଜେ ମୁଠିଏ ଖାଇ ପିଇ କ'ଣ ସେ ସୁସ୍ଥରେ ରହିପାରିବ ? ବାପଭଳି ପାଞ୍ଚଜଣଙ୍କର ଟିକିଏ ଉପକାର ନ କଲେ ତା'ମନରେ କ'ଣ ଶାନ୍ତି ଆସିବ ?……ଦିବାକର ଯେ ସତେ ଏତେ ଗୁଣୀର ହେବ, ତା କେବେ କଳ୍ପନା କରି ନଥିଲେ ଦିଗମ୍ବର । ଆନନ୍ଦରେ ଆଖିରୁ ତାଙ୍କର ଅଶ୍ରୁ ଗଡ଼ି ଆସିଲା । ଚଚା ଚିଠି ପଢ଼ିଲେ— ଆସନ୍ତା ଅଗଷ୍ଟ ପନ୍ଦରରେ ଗ୍ରାମ-ମଙ୍ଗଳ-କେନ୍ଦ୍ରର ଶୁଭ ଉଦ୍‌ଘାଟନ…

× × × ×

ଘରଭିତରୁ ଫେରିଆସି ମେସ୍ତ୍ରୀ କହିଲେ—"ମା' ଇଲ୍ ! ତୋତେ ଆଜିଠାରୁ ଏ ସମସ୍ତ ଭାର ଲାଗିଲା । ମିଶନ୍ ପାଇଁ କାମ କରି କରି ଆସି ବୁଢ଼ୀ ହେଲି । ଆଉ ହୁଏଁ—ଆଉ ପାରିବି ନାହିଁ । ଏଣିକି ମୋର ଲୋଡ଼ା ଟିକିଏ ନିଘୋଳା ଅବସର । ମୁଁ ଯିବି ମୋ ପ୍ରାଣର ମା' ରେଖା ସନ୍ନିଭ । ସେହି ଶାନ୍ତିମୟ ପଲ୍ଲୀକୋଳରେ ବସି ମୋ ଅଳିଅଳି ମା'ଟାର ହସ ଖେଳ ଦେଖି ଦେଖି ଆନନ୍ଦରେ ଆଖି ବୁଜିବି ।……ବାପା ତୋ'ର ରେଡ଼୍‌କ୍ରସରେ କାମ କରୁଥିବା ବେଳେ ପ୍ରଥମ ମହାସମରରେ ଏଇ ଜମ୍ମୁ ଉପକୂଳରେ ପ୍ରାଣ ହରାଇଥିଲେ । ଆଉ ମୁଁ ସେହି ଅଞ୍ଚଳରେ ଯାଇଁ କଟେଇବି ମୋ ଶେଷ ଜୀବନ—ସେଇ କ'ଣ ମୋ ଜୀବନରେ ପରମ ଶାନ୍ତି ହୁଏଁ ?"……ମେସ୍ତ୍ରୀଙ୍କ ଆଖି ଛଳ ଛଳ ହୋଇ ଆସିଲା ।

× × × ×

ଅଗଣାରେ ବସି ରାଜଲକ୍ଷ୍ମୀର ମୁଣ୍ଡ ବାନ୍ଧି ଦେଉଥିଲା କୁସୁମ । ସଜଫୁଟା କଅଁଳୀ ଫୁଲ କେଇଟି ଗଭାରେ ଖୋସି ଦେଇ

ଦେଇଁ କହିଲା—"ଆଜି ଅଳପ ଦିନ ଗୋ ଆମ୍ଭକସି—ଏ ସୁନ୍ଦରୀଙ୍କର ଏକାକିତ୍ୱକେ ଅଳସ ହୋଇଯିବ—ଦିବାକର ଯେ ନିକଟରେ ଫେରି ଆସୁଛି ଗାଁକୁ" । ମୁରୁକ ମୁରୁକି ହସି ଉଠିଲା ରାଜଲକ୍ଷ୍ମୀ—"ସତେ, ତୁ ତା'ହେଲେ ଶଙ୍ଖ, ହୁଳହୁଳି ପକେଇ ତାଙ୍କୁ ବନ୍ଦେଇ ଆଣ ଲୋ ଅଧବାଟରୁ । ତା'ହେଲେ ବଡ଼ା ଏଣେ କ୍ଷୀରିପିଠା ତ ଦେବେ ଆଉ ସ୍ୱୟଂ ସିଏ ଦେବେ ଏକ ନରମ ଚୁ..."

"ଯାଃ"—ଧପାଟାଏ ପିଠିରେ ପକେଇ କୁସୁମ ଉଠି ସେଠୁ ପଳେଇଲା ।

× × × ×

ଅଗଷ୍ଟ ପନ୍ଦର—ଗାଁ ଲୋକେ ଖବର ପାଇ ନବ ଉତ୍ସାହରେ ମାତି ଉଠିଛନ୍ତି । ଘରେ ଘରେ ଅପୂର୍ବ ସାଜସଜ୍ଜା । ପ୍ରତି ଦୁଆର ମୁହଁରେ କଳସ, କଦଳୀଗଛ, ଦିଅଦୀପ, ଦେବଦାରୁ ଡାଳ ସୁସଜ୍ଜିତ । ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ—ଘର ଦୁଆର ଲିପା ପୋଛା ହୋଇ ଚିତା ପଡ଼ି ହସୁଛି । ଲୋକମାନେ ଝାଂଜ, ମୃଦଙ୍ଗ ଧରି ବଡ଼ାଙ୍କ ଦୁଆରେ ଯାଇଁ ସକାଳ ପହରୁ ମାତିଛନ୍ତି କୀର୍ତ୍ତନରେ । ଉପରେ ଫର ଫର ହୋଇ ଉଡ଼ି ବୁଲୁଚି ସ୍ୱାଧୀନ ଦେଶର ଗର୍ବ ଗୌରବ—ଜାତୀୟ ପତାକା ।

ଅସୀମ କୋଳାହଳ ଓ ଶଙ୍ଖ ହୁଳହୁଳି ଭିତରେ ପ୍ରଥମେ ଆସି ପହଞ୍ଚିଲା ଦିବାକର । ବଡ଼ା ଓ ଭାଇଙ୍କ ଗୋଡ଼ତଳେ ସାଷ୍ଟାଙ୍ଗ ପ୍ରଣିପାତ କରି ଜନତା ଉଦ୍ଦେଶ୍ୟରେ ଭକ୍ତିଭରେ ମଥା ନୋଇଁଲା । ଲୁଆଡ଼େ ଥିଲେ ରାମ, ଗୋବିନ୍ଦ—ହସ ହସ ହୋଇ ଧାଇଁ ଆସିଲେ ଦାଦା ପାଖକୁ । ଦିବାକର ଦି'କାଖରେ ଦିହିଁଙ୍କୁ କାଖ କଲା ।

ସବାସାନ କୋଳ ଛୁଆଟି କୁଡ଼ଆ ସେପାଖ ଘରେ କୁଆଁ କୁଆଁ ହେଇ କାନ୍ଦୁଥାଏ ।...ଚଟା ଲକ୍ଷ୍ୟ କଲେ, ଏତେ ଆୟୋଜନ କଲ ବି ଦିବାକର ମନରେ କାହିଁକି ସୁଖ ନାହିଁ । ମୁହଁରେ ବଡ଼ ଫିକା ହସ । ସତେକି ଜୀବନ ନାହିଁ ସେ ହସରେ । କିନ୍ତୁ କିଛି ପଚାରିବା ପୂର୍ବରୁ ଆସି ସେଠାରେ ପହଞ୍ଚିଲେ ରେଖା ଓ ଜମ୍ବୁସୂର୍ଯ୍ୟ । ଅନ୍ଧାର ଭିତରେ ସତେକି ସୌଦାମିନୀର ଝଲକ ଖେଳିଗଲା କ୍ଷଣକପାଇଁ । ରୂପ ଯେମିତି, ସାଜସଜ୍ଜା, ବସନ, ଭୂଷଣ, ବି ସେମିତି । ଶୁଦ୍ଧ ସୁବର୍ଣ୍ଣ ଭଳି ଦାଉ ଦାଉ ଝଟକୁଛି ସେ କାନ୍ତି । ଲୋକେ ଦେଖି ଅବାକ୍ ହେଇଗଲେ । ଦିବାକରର ଅନ୍ତରତଳୁ ବି ଉଠିଆସିଲା ଏକ ଗଭୀର ଦୀର୍ଘଶ୍ୱାସ । ଥରେ ରେଖା ଆଡ଼କୁ ଚାହିଁଦେଇ ନୀରବରେ ସେ ତଳକୁ ମୁହଁ ପୋତିଲା ।

କାର୍ଯ୍ୟ ଆରମ୍ଭ ହେଇ ଯାଇଥାନ୍ତା । ଫୁଲମାଳ ଧରି ଜମ୍ବୁସୂର୍ଯ୍ୟ ବେକରେ ଲମ୍ବାଇଦେବାକୁ ଝିଅ କେଇଟି ଉଠି ଆସିଥିଲେ—କିନ୍ତୁ ହଠାତ୍ ଦେଖାଗଲା ଦୂରରୁ ବେଗି ବେଗି ପାଦ ପକାଇ ଧାଇଁଛନ୍ତି ଏକ ବୃଦ୍ଧ । ଆଗପଛ, ତଳ ଉପର କୁଆଡ଼କୁ ଲକ୍ଷ୍ୟ ନାହିଁ ! ନିଜର ପୋଷାକପତ୍ର ପ୍ରତି ବି ନଜର ନାହିଁ ତାଙ୍କର । ତୁଣ୍ଡରେ ଖାଲି ଗୋଟିଏ କଥା—ଜମ୍ବୁ !, ଜମ୍ବୁ !—ଏ ବୁଢ଼ାଟାକୁ କ୍ଷମାକର ବାବା । ସବୁ ଦୋଷ ମୋର—ସବୁ ଦୋଷ ମୁଁ ଗୋଟି ଗୋଟି ସ୍ୱୀକାର କରୁଛି......"ଜନତା ସ୍ତମ୍ଭୀଭୂତ ହେଇ ସେହି ଆଡ଼େ ଚାହିଁ ରହିଲା । ଚାରିଆଡ଼ ନୀରବ, ନିସ୍ତବ୍ଧ—କାହାରି ମୁହଁରେ କଥା ପଦେ ନାହିଁ ।

ବୁଢ଼ା ଧାଇଁ ଧାଇଁ ଆସି ଜମ୍ବୁସୂର୍ଯ୍ୟର ଗୋଡ଼ତଳେ ପଡ଼ିଯିବା ଉପରେ । ଜମ୍ବୁସୂର୍ଯ୍ୟ ଆଉ ସମ୍ଭାଳି ହୋଇ ପାରିଲେ

ନାହିଁ । ଖେ ଖେ କାନ୍ଦଣଠି କୁଣ୍ଢେଇ ପକେଇଲେ ତାଙ୍କୁ—"ବାପା ! ବାପା ! ଯେତେହେଲେ ମୁଁ ତମରି ପୁଅ—ତମେ ମୋତେ କ୍ଷମା କର । -ମୋତେ ତମ ଚରଣତଳେ ଆଶ୍ରୟ ଦିଅ—"

ଆଶ୍ଚର୍ଯ୍ୟ—ଯାହା କେହି କେବେ ସ୍ୱପ୍ନରେ ବି କଳ୍ପନାକରି ନ ଥିଲେ—କଇଁ କଇଁ ହେଇ ଏଣେ କାନ୍ଦିଉଠିଲା ରେଖା ।ତୁଁକନା ବୁଢ଼ାଙ୍କ ଗୋଡ଼ତଳେ ମୁଣ୍ଡ ପିଟିଦେଇ ଜାବୁଡ଼ି ଧରିଲା ସେ ଗୋଡ଼ ଯୋଡ଼ିକ—"ମୋତେ ବି ତମ ଚରଣ ତଳେ ସ୍ଥାନଦିଅ ବାପା !—ମୁଁ ବି ତମରି ଏକ ଅବାଧ ସନ୍ତାନ ।"

ଏଁ—ଚମକି ପଡ଼ିଲେ ବୁଢ଼ା । କିଏ ଏ ଯୁବତୀ ? କାହିଁକି ଏ ଅଦ୍ଭୁତ ପ୍ରହେଳିକା ?··କୁଆଡ଼ୁ ଆସିଲା ପୁଣି ଏ ଅମଙ୍ଗଳ ଧୂମକେତୁ ?·····ଧୀରେ ଧୀରେ କହିଲେ—"କିଏ ତମେ 'ମା'-ମୁଁ ତ କେବେ ଦେଖିଲାପରି ମନେ ହେଉନି··"

"ନା, ଦେଖିଛନ୍ତି, କିନ୍ତୁ ମନେ ନଥିବ । ସେତେବେଳେ ସେ ମାତ୍ର ଦ'ବରଷର ଝିଅଟି"—ତେଣୁ ହସି ହସି ଆସି ପହଞ୍ଚିଲେ ମେଘା । ମୁହଁରେ ସେହି ସୁଧାଭରା କଅଁଳ କଥା ।

"ଆପଣ ପୁଣି କିଏ ?"

"ମୁଁ ଇ ଆପଣଙ୍କ ଝିଅଟିର ଧାଈ ମା' । ଧନଗର୍ବରେ, କ୍ଷମତା ଗର୍ବରେ ଭୋଳ ହେଇ ଆପଣ ସେଦିନ ଗୋଡ଼ରେ ଠେଲି ଦେଇଥିଲେ ଲକ୍ଷ୍ମୀକି—ଦଳି ଦେଇଥିଲେ ସେହି ନିରୀହା, ସରଳା, ସୁକୁମାରୀ ପଲ୍ଲୀ ଝିଅଟିକି ଆଉ ତା'ସାଙ୍ଗରେ ନିର୍ମମ ହୃଦୟରେ ଦଳିଆ ମଳିକି ଫିଙ୍ଗି ଦେଇଥିଲେ ଏଇ ଖାଅଁଲା, କଅଁଳା ଝିଅଟିକି··ଦୁଃଖ, ଅଭାବ, ଲଜ୍ଜା, ଅପମାନରେ ସନ୍ତୁଳି ହେଇ

ହେଇ ଲକ୍ଷ୍ମୀ ଶେଷକୁ ଆତ୍ମହତ୍ୟା କଲା ଆଉ ଖେ ଖେ କାନ୍ଦାକାନ୍ଦି ଏସବୁ । ଦିନେ ଆଣି ମାନ୍ଦ୍ରାଜର ଆମେରିକାନ୍ ମିଶନ୍‌ରେ ମେ ହାତରେ ଟେକି ଦେଇଗଲା ଏ ଝିଅଟିକି···ମନେ ନାହିଁ ? ମନେ ନାହିଁ ସେ ସବୁ ଇଞ୍ଜିନିୟର ସାହେବ ?"

"ଥାଉ—ଥାଉ ଲକ୍ଷ୍ମୀ ବଉଳ ମା"—ମେସିଙ୍କ ଗୋଡ଼ ତଳେ ଢୁ ଢୁ ମୁଣ୍ଡ ପିଟି ଦେଲେ ବୁଢ଼ା—"ସବୁ ଦୋଷ, ସବୁ ଅପରାଧ ମୋର । ଲକ୍ଷ୍ମୀ ଆଜି ନାହିଁ । ଏଇ ଝିଅଟି ଗୋଡ଼ ତଳେ ମୁଁ ଆଖିଜଳରେ କ୍ଷମାଭିକ୍ଷା ମାଗିବି, ତେଣିକି ତା' ଇଚ୍ଛା—"ଠିଆ ହେଇ ଗୋଟିଏ ପାଖରେ ରେଖାକୁ ଆରପାଖରେ ଜୟସୂର୍ଯ୍ୟଙ୍କୁ କୋଳ କରି ଧରିଲେ । ଆଖିରୁ ଅଝରଝର ଲୁହ ବୋହି ଯାଉଥାଏ । ଛାତିଭିତରୁ ଉଠୁଥାଏ କଇଁ ଉପରେ କଇଁ । ସତେକି ଏଇ ମୁହୂର୍ତ୍ତରେ ଅଚେତ ହେଇ ପଡ଼ିବେ । ବଡ଼ କଷ୍ଟରେ ବଡ଼ ବାଷ୍ପାକୁଳ କଣ୍ଠରେ କହିଲେ—"ବାବା ! ମା ! ତମ ଜଣକର ମୁହେଁରେ, ଉଭୟଙ୍କ ମା'ଙ୍କୁ ମୁଁ ଏମିତି ଜୀବ ଥାଉଁ ଥାଉଁ ଆପଣା ହାତରେ ମାରିଛି । ନିଜର ମାନ, ମର୍ଯ୍ୟାଦାରେ କଳଙ୍କ ଲାଗିବ ବୋଲି ଲକ୍ଷ୍ମୀକି ଦେଇଛି ଧୂ ଧୂ ସାହାରା ମରୁଭୂଇଁକି ଠେଲି ଆଉ ତୁଚ୍ଛ କାମ ଲାଳସାରେ ବଶବର୍ତ୍ତୀ ହୋଇ ମୋର ବିବାହିତା ସ୍ତ୍ରୀ, ସତୀଶିରୋମଣୀକି ଦେଇଛି ଆପଣା ହାତରେ ବିଷ·····ମୋ ଭଳି ନରକର ଘୃଣ୍ୟ କୀଟ ଏ ତିନି ଭୁବନରେ ମିଳିବ ନାହିଁ । କିଏ ଏମିତି ଆପଣା ହାତରେ କରିବ ନରହତ୍ୟା ? କିଏ ଭୁଷିବ ଆପଣା ପ୍ରାଣପ୍ରିୟା ପତ୍ନୀ ଛାତିରେ ତୀକ୍ଷ୍ଣ ଛୁରିକା ?

ହଁ ବାବା ! ଏ ପାପର ପ୍ରତିଫଳ ମୁଁ ଯଥେଷ୍ଟ ପାଇଲିଣି । ରୁକ୍ମିଣୀ ଗଲା, ପେନସନ ବାଜ୍ୟାପ୍ତ ହେଲା, ଶେଷକୁ ଆଜି

ଖାଇବାକୁ ମୁଠାଏ ମିଳିବା ବି କଷ୍ଟ ହେଲାଣି । ପୁଣି ତମର ଦେଖ ପ୍ରଥମା ମା'କୁ ମାରି ଯୋଉ ନୂଆ ମା' ଆଣିଲ, ସେ ମାନଙ୍କ ନୁହଁନ୍ତି, ଡ଼ାକିନୀ, ଯୋଗିନୀ, ରାକ୍ଷସୀ । ମୋର ଏଇ ଜୀଅନ୍ତା ଛାତି ଉପରେ ବସି ସେ ନିତି ସଂଜେ ସକାଳେ ଶୋଷି ଶୋଷି ଲହୁ ପିଉଛନ୍ତି । ଆଉ ନୁହେଁ-ଆଉ ସହି ପାରିବି ନାହିଁ ବାବା ତାଁ' ଅତ୍ୟାଚାର ! ତୁମ୍ଭମାନଙ୍କ ଚରଣ ଧରୁଛି—ଯଦି କ୍ଷମା କରିବ ତ କର ଏ ହୀନ ପାଷଣ୍ଡକୁ । ନାହିଁ ଯଦି ତଥାପି ମନରେ ଘୃଣା ଆସୁଛି, ଏଇ ନିଅ—ଏଇ ଛୁରୀଟା ଜୋର କରି ବସେଇ ଦିଅ ମୋ ଛାତି ଉପରେ । ଚିରଦିନ ପାଇଁ ଲୁଚିଯାଉ ଏ କଳଙ୍କ ମୁଖ—ଲିଭିଯାଉ ଏ ଘୃଣ୍ୟ ଜୀବନ......" ବୁଢ଼ା ପୁଣି ରେଖା ଜୟସୂର୍ଯ୍ୟଙ୍କ ଚରଣ ତଳେ ଲୋଟି ପଡ଼ିଲେ ।

ଲୋକେ ସେତେବେଳକୁ ଦେଖି ଦେଖି କାଠ ପାଲଟି ଗଲେଣି । ଚଛାଙ୍କ କୋରଡ଼ ଆଖିରୁ ବହିଗଲାଣି କେତେ ଅସରା ଲୁହ । ମେଘ, ଦିଗମ୍ବର, ଦିବାକର—ସମସ୍ତଙ୍କ ଆଖି ବି ଛଳ ଛଳ ହୋଇଗଲାଣି ଲୁହରେ । ରେଖା, ଜୟସୂର୍ଯ୍ୟଙ୍କ କଥା ତ ଗୁଡ଼ । ଲୁହ ସିଧାଣି ତାଙ୍କର ଏକାକାର ହେଉଛି ସେତେବେଳକୁ ।......

ଚଛା ଧୀରେ ଧୀରେ ଯାଇଁ ବୁଢ଼ାଙ୍କୁ ଉଠେଇଲେ-"ଆସନ୍ତୁ— ପଛକଥା ସବୁ ଭୁଲି ଯା'ନ୍ତୁ । ଆପଣଙ୍କର ଏତେବଡ଼ ଯୋଗ୍ୟ ପୁଅଝିଅ ଥାଉଁ ଥାଉଁ ଆଉ ଆପଣଙ୍କର କିଛି କଷ୍ଟ ହେବ ନାହିଁ । ସେମାନଙ୍କୁ ନେଇ ସୁଖଶାନ୍ତିରେ ଘର କରନ୍ତୁ ଏଣିକି ।"

"ନାଇଁ ମୁନସୀଜି ! ଆପଣଙ୍କ ଭଳି ମହାପୁରୁଷ ମୋତେ ଛୁଅନ୍ତୁ ନାହିଁ—ଅପବିତ୍ର ହୋଇଯିବ ଅଙ୍ଗ । ଆପଣଙ୍କ ମହତ୍ ହୃଦୟକୁ

ସମ୍ବନ୍ଧେ ବହୁତ ଶୁଣିଛି । ଆପଣ ମଣିଷ ନୁହଁନ୍ତି ତ ସାକ୍ଷାତ୍ ଦେବତା। ଆଉ ମଦର ମେରି ! ଝିଅଙ୍କୁ ମୋର ମଣିଷ କରିବା ପାଇଁ ଆପଣ ବହୁତ କରିଛନ୍ତି। ଆପଣଙ୍କ ଋଣ ମୁଁ ସାତଜନ୍ମରେ ବି ସୁଝିପାରିବି ନାହିଁ ।......ଆଜି ଆପଣ ଦୁହିଁଙ୍କୁ ମୋର ଗୋଟିଏ ଅନୁରୋଧ--ଶେଷ ଅନୁରୋଧ--ରଖିବେ ତ ? ଏଇ ମୋର ପୁଅ, ଝିଅ ଯୋଡ଼ିଏ ଆଜିଠୁ ଆପଣଙ୍କୁ ଲାଗିଲେ । ସେମାନଙ୍କ ଭବିଷ୍ୟତ-ସେମାନଙ୍କ ଭଲମନ୍ଦ ସବୁ ଆପଣଙ୍କ ଉପରେ । ମୋତେ ଛୁଟି ଦିଅନ୍ତୁ । ଏ ମାୟାମୋହ କାଟି ମୁଁ ଆରପାରିକି ଯିବାକୁ ସଜବଜ —ଏ ଘର ଛାଡ଼ି ମୁଁ ଚାଲିଯାଏ ଦୂର ଦେଶକୁ !"

ରଞ୍ଜା ବା ମେରୀଙ୍କ ତୁଣ୍ଡରୁ କିଛି ଉତ୍ତର ବାହାରିବା ପୂର୍ବରୁ ଦିବାକର ଆସି ବୁଢ଼ାଙ୍କ ଗୋଡ଼ତଳେ ପଡ଼ିଲା—"ବାବା ! ଆପଣଙ୍କର କେବଳ ଏଇ ଯୋଡ଼ିଏ ସନ୍ତାନ ନୁହଁନ୍ତି । ଏ ତଳମାଳ ଅଂଚଳର ଲକ୍ଷ ଲକ୍ଷ ସନ୍ତାନ ଆପଣଙ୍କର । ଚାହିଁ ଦେଖନ୍ତୁ, ସମସ୍ତେ ଲୁହ ଢ଼ାଳି, ମୁହଁ ଶୁଖେଇ, କରୁଣ ଆଖିରେ ଚାହିଁ ରହିଛନ୍ତି ଆପଣଙ୍କ ଆଡ଼େ । ଏମାନଙ୍କୁ ନିରାଶ କରି ଛାଡ଼ି ଯାଆନ୍ତୁ ନାହିଁ ବାବା । ଏ ଲକ୍ଷ ଲକ୍ଷ ଭୋକିଲା, ନଙ୍ଗଳା, ରୋଗୀ, ଅପାଠୁଆ ପୁଅମାନେ ଆପଣଙ୍କ ବିନା କଲବଲ ହୋଇ ଅଧାବଅସରେ ମରିବେ ସିନା ! ଗୋଡ଼ ଧରୁଛି, ଏଇ ଦରମଲା ଲୋକଙ୍କୁ ଛାଡ଼ି ନ ଯାଇଁ ବରଂ ଏମାନେ କେମିତି ବଂଚିବେ, ମଣିଷ ହେବେ—ତା'ର ବାଟ ଆମକୁ ବତେଇ ଦିଅନ୍ତୁ । ଖାଲି ରେଖା, ଜୟସୂର୍ଯ୍ୟ ନୁହଁନ୍ତି, ଆମେ ସମସ୍ତେ ଆପଣଙ୍କ ଚରଣଧୂଳି ନେଇ ଏଇମାନଙ୍କ ସେବାରେ ଲାଗିପଡ଼ିବୁ ।"

ବୁଢ଼ା ଆଶ୍ଚର୍ଯ୍ୟ ହୋଇ ମୁହଁ ଟେକିଲେ । ସବୁ ଭାବନା ତାଙ୍କର ଗୋଳମାଳ ହୋଇଗଲା କ୍ଷଣକେ । ମେରୀ ହସି କହିଲି

କହିଲେ-"ସେଇଆ କରନ୍ତୁ ଆଜ୍ଞା—**He prayth best who loveth best**"......ଚଇା କହିଲେ-"ହଁ, ବୁଢ଼ାଭାଇ ! ନର-ନାରାୟଣଙ୍କ ସେବାହିଁ ପ୍ରକୃତ ଭଗବତ୍ ସେବା ।"

ବୁଢ଼ା ପୁଣି ଚଳ୍ପଥରୁ ଲେଉଟିଲେ.....

ଉପସ୍ଥିତ ଜନତା ଧୀରସ୍ଥିର ହୋଇ ବସିଯିବା ପରେ ମେସ୍ଥ ଉଠି ବୁଢ଼ାଙ୍କୁ କହିଲେ—"ଆପଣ ଜନ୍ମଦାତା—ଝିଅ ଉପରେ ଆପଣଙ୍କର ପୂର୍ଣ୍ଣ ଅଧିକାର । ତଥାପି ମୁଁ ଗୋଟିଏ ପ୍ରସ୍ତାବ କରିବି, ଯଦି ଆପଣଙ୍କ ମନକୁ ଆସେ...ରେଖାକୁ ମୁଁ ପିଲାଟିଦିନୁ ପାଳିପୋଷି ବଡ଼େଇ ଆଣିଛି । ତା'ମନ ମୁଁ ଜାଣେ । ମୋର ଇଚ୍ଛା-ଉପାଧ୍ୟମାନ ତରୁଣ ଦିବାକର ସହିତ........"

"ମୋର ଏଥିରେ ଆପତ୍ତି ନାହିଁ । ଯାହା ଆପଣଙ୍କ ଖୁସି କରନ୍ତୁ—"

ଜୟସୂର୍ଯ୍ୟର ଭାବିବାକୁ ଆଉ କିଛି ନଥିଲା । ରେଖା ଯେ ତା'ର ନିଜ ଭଉଣୀ.....

ଦିବାକର ଡାକିଲା—"ଚଇା !"

ହସି ହସି ଚଇା କହିଲେ-"ଆଶୀର୍ବାଦ କରୁଛି ବାବା ! ସୁଖୀ ହୁଅ ।"

ମେସ୍ଥ ରେଖା ଓ ଦିବାକରର ହାତ ଏକାଠି କରି ଗୋଟିଏ ଚଳମାଳ ପିନ୍ଧାଇ ଦେଲେ ।

ଆରପାଖ ଘରେ ବସି ସ୍ପ୍ରେଟ ଛୁଆଟିକି ହାଲଦୀ ଦେଉଥିଲେ ଭାଉଜ ଆଉ ଗୋଡ଼ ହଲେଇ ହଲେଇ ଗୀତ ଗାଉଥିଲେ—

"ମୋର ବନ ଶାଶୁଘର ଆଳରେ,
ବନ ଭାତ ଖାଏ ସୁନା ଥାଳରେ ।
... ... ...
"ମୋର ବନ ଶାଶୁଘର କନ୍ଦରା ପାଡ଼,
ବାଇଦ ବାଜଇ ଧାଡ଼କ ଧାଡ଼ି ।"
... ... ...

ସମସ୍ତେ ହସି ଉଠିଲେ ଠୋ ଠୋ ହୋଇ । ଅଜାଣତରେ ହବାକର ପାଟିରୁ ବି ବାହାରି ପଡ଼ିଲା ହସ ।

ଟିକଏ ରହି ଚଉଧୁରୀ କହିଲେ — "ବୁଢ଼ାଭାଇ ! ମୋର ବ ଗୋଟିଏ ଅନୁରୋଧ ?"

"ଯାହା ଆପଣଙ୍କ ଇଚ୍ଛା, ତା' କରନ୍ତୁ ମୁନସୀଜି - କହିଲ ପରା, ମୋର କୌଣସିଥିରେ ଆପତ୍ତି ନାହିଁ ।"—

ଚଉଧୁରୀ ଡ଼ାକିଲେ - "କୁସୁମ ! କୁସୁମ ! ଆଣ ତ ମା' ଙ୍କୁ ରାଜକୁଳୀ ଲତାଟିକ ..."

ସତରେ ଏକା ସେ ଲତାଟି ଏକାବେଳକେ ଝାଉଁଳି ପଡ଼ିଥିଲା ସରମରେ । ହେଲେ ବାପ ମା' କେତାର ହେଲେ—"ଯା । ମୁଣ୍ଡରେ ଓଢ଼ଣା ଦେଇ ଧୀରେ ଧୀରେ ଯା' ସେଠିକି । ଚଉଧୁରୀ ପିତୃତୁଲ୍ୟ ଲୋକ । ତାଙ୍କ କଥା ଅମାନ୍ୟ କରନ୍ତି ?" ... କୁସୁମ ଘୋଷାରି ଘୋଷାରି ଜବରଦସ୍ତି ଆଣି ଚଉଧୁରୀଙ୍କ ସାମନାରେ ଠିଆକଲା ରାଜଲକ୍ଷ୍ମୀକି । ଚଉଧୁରୀ କଅଁଳେଇ ଡ଼ାକିଲେ ଜୟସୂର୍ଯ୍ୟଙ୍କୁ । ରାଜଲକ୍ଷ୍ମୀକି କହିଲେ "ମା' ! ପ୍ରଣାମ କର । ଏଇ ତୋର ଦେବତା ..."—ସୁକୁମାର ଲତାଟି ଧୀରେଧୀରେ ମୁଣ୍ଡ ନୁଆଁଇଲା ଦେବତାଙ୍କ ଚରଣ ତଳେ ।

ଦି' ବରଷର ଛୁଆ ଗୋବିନ୍ଦଟା କୋଉଠି ଖେଳୁଥିଲା, ସେଇକବେଳେ ଶଙ୍ଖଟାଏ ଧରି ଧାଇଁଆସିଲା ଚାଚାଙ୍କ ପାଖକୁ ! ତାଙ୍କ କୋଳରେ ବସି ଖୋଷ୍ଟଭଳି ପାକେଇ ଦାଢ଼ୀ ଟାଣୁଟାଣୁ କହିଲା—"ଛଙ୍କ ସୁଙ୍କ ଜେଜେ ··· "

ପୁଣିଥରେ ସମସ୍ତେ ହସି ଉଠିଲେ । କୁସୁମ ଆନନ୍ଦରେ ଦି' ଥର କୁରୁଳୁକାଳିଆ କରିଦେଲା ତା' ଆମ୍ବକସିକ ।

ଉପରେ ଫରଫର ହୋଇ ଉଡ଼ୁଥିବା ଜାତୀୟପତାକାକୁ ଚୁହିଁ ଚୁହିଁ ଚାଚା କହିଲେ –"ଆସ ! ଏଇ ପତାକାତଳେ ସମସ୍ତେ ଏକଜୁଟ ହେବା । ସମସ୍ତେ ଏକସ୍ୱରରେ କହିବା—ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିୟାନ—ସମସ୍ତେ ଆମେ ଏକ ଭାଇ । ଏଇ ଭାରତମାତାର ସେବା ଆମ ସଭିଙ୍କର ଏକମାତ୍ର ଲକ୍ଷ୍ୟ । ଆମେ ଧନୀ ଦରିଦ୍ର, ବ୍ରାହ୍ମଣ ଚଣ୍ଡାଳ, ଓଡ଼ିଆ ବଙ୍ଗାଳୀ ବା ହିନ୍ଦୁ ମୁସଲମାନ—ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଏବଂ ନିଜର କ୍ଷୁଦ୍ର କ୍ଷୁଦ୍ର ସଂକୀର୍ଣ୍ଣ ସ୍ୱାର୍ଥ ଭୁଲି ସଭିଙ୍କର ସମୂହ ହିତରେ ମନପ୍ରାଣ ଢାଳି ଦେବା । କୁହ ଭାଇ —

ଭାରତ ମାତାଙ୍କ ··· ··· ଜୟ
ଗାନ୍ଧୀ ମହାତ୍ମାଙ୍କ ··· ଜୟ
ଜାତୀୟ ପତାକାଙ୍କ ··· ଜୟ

କଟକ, ଓରିଏଣ୍ଟ ପ୍ରେସରେ ଶ୍ରୀ ସାଧୁଚରଣ ପଟ୍ଟନାୟକଙ୍କ ଦ୍ୱାରା ମୁଦ୍ରିତ

**ପଢନ୍ତୁ !** **ପଢାନ୍ତୁ**

ଲେଖକଙ୍କର ଅନ୍ୟାନ୍ୟ ସରଳ, ତରଳ, ସେବା-ମୂଳକ ଲେଖା

## —ମିନତି—

ସାଧାରଣ ଓଡ଼ିଆ ନାରୀର ଦୋଷ କେଉଁଠି ଓ ସେହି ... ଦୂର କରିବାର ଉପାୟ କ'ଣ, ଲେଖକ ଗଭୀର ଭାବେ ଆଲୋ... କରି ତଥ୍ୟ ସଂଗ୍ରହ କରି ପାରିଛନ୍ତି । ଲେଖା ଗୁଡ଼ିକର ସର... ଭାଷା, ସହଜ ପ୍ରକାଶଭଙ୍ଗୀ ଓ ସରଳ ଉଦାହରଣ ଯୋଗୁଁ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି ।······( କୁଙ୍କୁମ )

## —ଅଭିଯୋଗ—

ଏହି ଅଭିଯୋଗ ଗୁଡ଼ିକର ପ୍ରତିକାର ପ୍ରତି ବର୍ତ୍ତମାନର ଶିକ୍ଷିତ ସମାଜ ଟିକିଏ ସଜାଗ ହେଲେ ଦେଶର ସମସ୍ତ ଅଶାନ୍ତି, ଅନାସ୍ଥର ଦୂର ହୋଇ ପାରନ୍ତା । ପୁସ୍ତକର ଭାଷା, ଭାବ ଓ ପ୍ରକାଶ ଭଙ୍ଗୀ ଅତି ସାବଲୀଳ । ······ ( ସମାଜ )

## —ବଡ଼ଘରର ଝିଅ—

ଟୋପାଏ ଅଶ୍ରୁ ଚିନ୍ତାର ସଂଘର୍ଷ ଭିତର ଦେଇ କପଟ... ସାଗରରେ ପରିଣତ ହୁଏ, ତାହାହିଁ "ବଡ଼ ଘରର ଝିଅ" ର ... ବୈଶିଷ୍ଟ୍ୟ, ଲେଖକଙ୍କର ଖୋଲା ହୃଦୟର ଉଦାହରଣ । (କୃଷକ)

## —ସେବା-ସଦନ—

ପ୍ରାଣର ପ୍ରେମିକାକୁ ହରାଇ ତରୁଣ ପ୍ରେମିକ କପରି ଦେଶ ଜାତି ତଥା ମାନବସମାଜର ସେବାରେ ଶାନ୍ତି, ସନ୍ତୋଷ ପାଇପାରେ ତା'ର ଏକ କରୁଣ ଚିତ୍ର ଦିଆ ହୋଇଛି ବହିଟିରେ ।

## —ବିପ୍ଳବ—

ନରସିଂହର ପୂର୍ବ ପୂର୍ବ ସମସ୍ତ ଲେଖାଠାରୁ ଏହି ଲେଖାଟି ଅତି ହୃଦୟଦ୍ରାବକ ହୋଇଛି । ଆରମ୍ଭ କଲେ ଶେଷ ନ କରି ରହି ହୁଏ ନାହିଁ । ଭାଷା, ଭାବ ଓ ପରିବେଶ ଏହି ତିନୋଟିଯାକ ଏଥିରେ ମଧୁର ହୋଇଛି । ( ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ )

**ପ୍ରାପ୍ତିସ୍ଥାନ**—କଟକର ସମସ୍ତ ବଡ଼ବଡ଼ ବହିଦୋକାନ ।